# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୯/୨୦୨୨ (୨୦ ପୃଷ୍ଠା) | Bhubaneswar, Monday, December 19/2022 | Page 20 | ₹ 7.00 | ★★★★★★

୪୯ଶ ଭାଗ ୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 26 | ମୂଲ୍ୟ ₹୭/-





**କୁଲଦୀପ୍ ପ୍ଲେୟର ଅଫ୍ ଦି ମ୍ୟାଚ**
ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ କୁଲଦୀପ ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। **୨୦**

**୧୭** **‘କିନ୍ନର’ ନୱାଜୁଦ୍ଦିନ**
ବଲିଉଡ୍ ଅଭିନେତା ନୱାଜୁଦ୍ଦିନ୍ ସିଦ୍ଦିକି ଫିଲ୍ମ ‘ହଡ୍ଡି’ରେ ଜଣେ କିନ୍ନର ଚରିତ୍ରରେ ଅଭିନୟ କରୁଛନ୍ତି।




# ମେସିଙ୍କ ଆର୍ଜେଣ୍ଟିନା ବିଶ୍ୱ ବିଜୟୀ



ଲୁସେଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫିଫା ବିଶ୍ୱକପ୍ ଫାଇନାଲରେ ଚାମ୍ପିୟନ ଆର୍ଜେଣ୍ଟିନା ଦଳର ଖେଳାଳିମାନେ ଟ୍ରଫି ସହ।

**ଫିଫା ବିଶ୍ୱକପ୍ ୨୦୨୨**

ଦୋହା, ୧୮।୧୨

ତାରକା ଷ୍ଟ୍ରାଇକର ଲିଓନେଲ ମେସିଙ୍କ ମ୍ୟାଜିକ୍ ବଳରେ ଆର୍ଜେଣ୍ଟିନା ଜିତିଛି ଫିଫା ବିଶ୍ୱକପ୍। ଲୁସେଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ଫାଇନାଲରେ ଆର୍ଜେଣ୍ଟିନା ପେନାଲ୍ଟି ଶୁଟ୍‌ଆଉଟ ୪-୨ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ୨-୨ ଓ ଅତିରିକ୍ତ ସମୟ ଖେଳ ୧-୧ରେ ଶେଷହେବାରୁ ମ୍ୟାଚ୍ ୩-୩ ସ୍ଥିତିକୁ ଚାଲିଆସିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ଆର୍ଜେଣ୍ଟିନାର ମେସି, ପାଉଲୋ ଡିବାଲା, ଲିଆଣ୍ଡ୍ରୋ ପାରେଡେସ ଓ ଗୋଞ୍ଜାଲୋ ମୋଣ୍ଟେଲ ଗୋଲ ଦେଇଥିଲେ। ଫ୍ରାନ୍ସର ଏମ୍‌ବାପେ ଓ ରାଣ୍ଡାଲ କୋଲୋ ମୁଆନି ଗୋଲ ଦେଇଥିବାବେଳେ କିଙ୍ଗ୍ସଲେ କୋମାନ ଓ ଅରେଲିନ ଚୋଆମେନି ମିସ୍ କରିଥିଲେ। ଫଳରେ ମ୍ୟାଚ୍‌ର ହିରୋ ପାଲଟି ଯାଇଥିଲେ ଆର୍ଜେଣ୍ଟିନା ଗୋଲ୍‌କିପର ଏମିଲିଆନୋ ମାର୍ଟିନେଜ୍। ପ୍ରଥମାର୍ଦ୍ଧରେ ଲିଓନେଲ ମେସି ଓ ଆଞ୍ଜେଲ ଡି' ମାରିଆଙ୍କ ମାଧ୍ୟମରେ ଆର୍ଜେଣ୍ଟିନା ୨ଟି ଗୋଲ ଦେଇଥିବାବେଳେ ଦ୍ୱିତୀୟାର୍ଦ୍ଧର ୯୭ ସେକେଣ୍ଡ ମଧ୍ୟରେ ଫ୍ରାନ୍ସର କିଲିଆନ ଏମ୍‌ବାପେ ୨ଟିଯାକ ଗୋଲ ପରିଶୋଧ କରିଦେବାରୁ ମ୍ୟାଚ୍ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟରେ ମେସି ଓ ଏମ୍‌ବାପେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଆର୍ଜେଣ୍ଟିନା ଚାମ୍ପିୟନ ହେବାକୁ ମେସିଙ୍କ ବିଶ୍ୱକପ୍ ଜିତିବା ସ୍ୱପ୍ନ ସାକାର ହୋଇଛି। ପୂର୍ବରୁ ୧୯୭୮ ଓ ୧୯୮୬ରେ ଚାମ୍ପିୟନ ଆର୍ଜେଣ୍ଟିନା ଏହାକୁ ମିଶାଇ ତୃତୀୟଥର ପାଇଁ ବିଶ୍ୱକପ୍ ଟାଇଟଲ ହାସଲ କରିଛି। ଅନ୍ୟପକ୍ଷରେ ୧୯୯୮ ଓ ୨୦୧୮ ଚାମ୍ପିୟନ ଫ୍ରାନ୍ସ ୨୦୦୬ ପରେ ଦ୍ୱିତୀୟଥର ପାଇଁ ରନରଅପ୍ ହୋଇଛି।

**ପ୍ରଥମାର୍ଦ୍ଧରେ ମେସି, ଡି'ମାରିଆ**

ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା ଆର୍ଜେଣ୍ଟିନା। ଏହାର ଫାଇଦା ମଧ୍ୟ ଦଳକୁ ମିଳିଥିଲା। ଫ୍ରାନ୍ସ ଦଳରେ ତାରକା ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଆର୍ଜେଣ୍ଟିନା ଖେଳାଳିମାନେ ଅଧିକାଂଶ ସମୟ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ତେବେ ଫ୍ରାନ୍ସ ଯାହାକୁ ଡରୁଥିଲା ତାହା ହିଁ ହୋଇଥିଲା। ୨୧ତମ ମିନିଟରେ ଆଲ୍‌ଭାରେଜ ବାମପଟରୁ ଡି' ମାରିଆଙ୍କୁ ପାସ୍ ଦେଇଥିଲେ। ମାତ୍ର ମାରିଆଙ୍କୁ ରୋକିବାକୁ ଉଦ୍ୟମ କରିଥିଲେ ଡେମ୍ବଲେ। ତେବେ ସେ ଅସଫଳ ହେବାରୁ ବକ୍ସ ଏରିଆ ମଧ୍ୟରେ ଡି'ମାରିଆଙ୍କୁ ଠେଲି ତଳେ ପକାଇ ଦେଇଥିଲେ। ଏହା ରେଫରିଙ୍କ ନଜରକୁ ଆସିଥିଲା ଏବଂ ସେ ଆର୍ଜେଣ୍ଟିନାକୁ ପେନାଲ୍ଟି ସୁଯୋଗ ଦେଇଥିଲେ। ପେନାଲ୍ଟି ଶୁଟ୍ ପାଇଁ ଆସିଥିଲେ ଅଧିନାୟକ ମେସି। ସେ କିଛି ସମୟ ଦୀର୍ଘ ନିଃଶ୍ୱାସ ନେବାପରେ ନିଜ ଷ୍ଟାଇଲ୍‌ରେ ଶାନ୍ତ ମନରେ ଶଟ୍ ମାରିଥିଲେ। ଶର୍ଟ ରନଅପ୍ ନେଇଥିବା ମେସି ଶୁଟ୍ କରିବା ପୂର୍ବରୁ ବଲ୍ ନିକଟରେ କିଛି କ୍ଷଣ ରହିଯାଇଥିଲେ। ପ୍ରତିପକ୍ଷ ଗୋଲ୍‌କିପର ନିଜ ଡାହାଣକୁ ଡାଇଭ୍ ମାରିଥିବାବେଳେ ମେସି ଏହାର ବିପରୀତ ଦିଗରେ ଗୋଲ ସ୍କୋର କରିଥିଲେ। ଏହାପରେ ଆର୍ଜେଣ୍ଟିନା ଖେଳାଳିଙ୍କ ସେଲିବ୍ରେଶନ ଆରମ୍ଭ ହୋଇଯାଇଥିଲା। ଏଥିସହ ବିଶ୍ୱକପ୍ ଇତିହାସରେ ମେସି ଏକମାତ୍ର ଖେଳାଳିଭାବେ ଏକ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ, ରାଉଣ୍ଡ ଅଫ୍ ୧୬, କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଏବଂ ଫାଇନାଲରେ ଗୋଲ ଦେବାର ରେକର୍ଡ କଲେ। ଗୋଲ ପରିଶୋଧ ପାଇଁ ଫ୍ରାନ୍ସ ଖେଳାଳି ଜୋରଦାର ଉଦ୍ୟମ କରିଥିଲେ। କିଲିଆନେ ଏମ୍‌ବାପେ ବାମପଟରୁ ବଲ୍ ନେଇ ଆଗକୁ ଯିବାର ଏକାଧିକ ପ୍ରୟାସ କରିଥିଲେ। ମାତ୍ର ସବୁବେଳେ ତାଙ୍କୁ ନାହୁଏଲ ମୋଲିନା ବାଧା ଦେଇଥିଲେ। ଅନ୍ୟପକ୍ଷରେ ୨୬ତମ ମିନିଟ୍‌ରେ ଆଞ୍ଜେଲ ଡି' ମାରିଆ ☞ପୃଷ୍ଠା-୪

## ଟିକେଟ ବିକ୍ରି ଆଜିଠାରୁ

ଭୁବନେଶ୍ୱର, ୧୮।୧୨
(କ୍ରୀଡ଼ା ପ୍ରତିନିଧି)

**୨୦୨୩ ହକି ବିଶ୍ୱକପ୍**

ଭୁବନେଶ୍ୱର ଓ ରାଉରକେଲାରେ ୨୦୨୩ ଜାନୁୟାରୀ ୧୩ରୁ ଆରମ୍ଭ ହେବାକୁ ଯାଉଥିବା ହକି ବିଶ୍ୱକପ୍ ପାଇଁ ଉତ୍ସାହ କ୍ରମେ ବଢ଼ିବାରେ ଲାଗିଛି। ଅନ୍‌ଲାଇନ୍ ଟିକେଟ ପ୍ରତି ଦର୍ଶକ ଅହେତୁକ ଆଗ୍ରହ ଦେଖାଇଥିବାବେଳେ ବକ୍ସ ଅଫିସ ଟିକେଟ ବିକ୍ରି ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ଜାନୁୟାରୀ ୨୯ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଏହି ମେଗା ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ। ଓଡ଼ିଶାର ୨ଟି ଭେନ୍ୟୁରେ ମୋଟ ୪୪ଟି ମ୍ୟାଚ ଅନୁଷ୍ଠିତ ହେବ। ଭାରତୀୟ ହକିର ନୂଆ ଆକର୍ଷଣ ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମର ଦର୍ଶକ କ୍ଷମତା ୨୦,୦୦୦ରୁ ଅଧିକ ରହିଥିବାବେଳେ ଆଇକନିକ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ଦର୍ଶକ କ୍ଷମତା ୧୫,୦୦୦ରୁ ଊର୍ଦ୍ଧ୍ୱ। ☞ପୃଷ୍ଠା-୪









## ଭାଜପାକୁ ‘ବେଲାଗାଭି’ ଅଡୁଆ



ଡିସେମ୍ବର ୧୪ରେ ପାର୍ଲାମେଣ୍ଟ ଲାଇବ୍ରେରିରେ ବୈଠକ ଶେଷ ହେବା ପରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିବା ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା। ନିକଟରେ ଅଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଏବଂ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ।

**ପୁଣିଥରେ ମୁଣ୍ଡ ଟେକିଛି ୭ ଦଶନ୍ଧି ପୁରୁଣା ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ। ଉତ୍ତର କର୍ଣ୍ଣାଟକ ସୀମାରେ ଆସୁଥିବା ମରାଠୀ ଭାଷୀ ଅଞ୍ଚଳ ବେଲାଗାଭିକୁ ନେଇ ଦୁଇ ଭାଜପା ଶାସିତ ରାଜ୍ୟ ମୁହାଁମୁହିଁ ଉଭୟ ପକ୍ଷର ବାକ୍‌ଯୁଦ୍ଧ ଜାତୀୟ ରାଜନୀତିକୁ ସରଗରମ କରିଥିବାବେଳେ ସୋମବାର ଦୁଇରାଜ୍ୟର ବିଧାନସଭା ଅଧିବେଶନ ଆରମ୍ଭ ହେଉଛି। ଏଭଳି ସ୍ଥିତିରେ ବେଲାଗାଭି ବିବାଦ କେନ୍ଦ୍ରରେ କ୍ଷମତାସୀନ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ପାଇଁ ଅଡୁଆ ସାଜିଛି।**

- **ମହାରାଷ୍ଟ୍ର-କର୍ଣ୍ଣାଟକ ମୁହାଁମୁହିଁ**
- **ଶାହା ଛିଣ୍ଡାଇପାରିଲେନି ବିବାଦ**
- **ସୁପ୍ରିମକୋର୍ଟ ରାୟକୁ ଅପେକ୍ଷା**

ବେଙ୍ଗାଲୁରୁ/ମୁମ୍ବାଇ/ନୂଆଦିଲ୍ଲୀ, ୧୮।୧୨

ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ ବେଲାଗାଭିକୁ ନେଇ ଆନ୍ତଃ ରାଜ୍ୟ ସୀମା ବିବାଦ ତେଜିବାରେ ଲାଗିଛି। ମହାରାଷ୍ଟ୍ରର ଦାବି ବିରୋଧରେ କର୍ଣ୍ଣାଟକ ସରକାର ସୋମବାର ବେଲାଗାଭିସ୍ଥିତ ବିଧାନସଭାର ଦ୍ୱିତୀୟ ଗୃହରେ ପ୍ରତୀକାତ୍ମକ ଅଧିବେଶନ ଡାକିଛନ୍ତି। ସୁବର୍ଣ୍ଣ ବିଧାନସୌଧରେ ପୂର୍ବାହ୍ନ ୧୧ଟାରେ ଏହି ଅଧିବେଶନ ଆରମ୍ଭ ହେବ। ସେହିପରି ମହାରାଷ୍ଟ୍ର ବିଧାନସଭାର ଶୀତ ☞ପୃଷ୍ଠା-୪

**୭ ଦଶନ୍ଧିର ସୀମା ବିବାଦ**

- ବେଲଗାମ (ବେଲଗାଭି) ହେଉଛି କର୍ଣ୍ଣାଟକର ଏକ ଅଂଶ, ଯାହାକି ବ୍ରିଟିଶ ଇଣ୍ଡିଆର ବମ୍ବେ ପ୍ରେସିଡେନ୍ସି ଅଧୀନରେ ଥିଲା। ବମ୍ବେ ପ୍ରେସିଡେନ୍ସି ମଧ୍ୟରେ ବର୍ତ୍ତମାନର ଗୁଜରାଟ, ମହାରାଷ୍ଟ୍ର ଓ ଉତ୍ତର କର୍ଣ୍ଣାଟକର କେତେକ ଅଞ୍ଚଳ ରହିଥିଲା। ସ୍ୱାଧୀନତା ପରେ ବେଲଗାମ ଜିଲା ବମ୍ବେ ଷ୍ଟେଟ୍‌ର ଅଂଶ ହୋଇ ରହିଲା। ୧୯୫୬ରେ ଭାଷା ଭିତ୍ତିରେ ରାଜ୍ୟ ପୁନର୍ଗଠନ ଆଇନ ପ୍ରଣୟନ ହେବା ପରେ ବେଲଗାମ ଓ ବମ୍ବେ ଷ୍ଟେଟ୍‌ର ୧୦ ତାଲୁକାକୁ ନବଗଠିତ ମହୀଶୁର ଷ୍ଟେଟ୍ (ବର୍ତ୍ତମାନ କର୍ଣ୍ଣାଟକ)ରେ ସାମିଲ କରାଗଲା। ଫଳରେ ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ ସୀମା ବିବାଦ ଆରମ୍ଭ ହୋଇଥିଲା।
- ୧୮୮୧ରେ ବ୍ରିଟିଶମାନଙ୍କ ପକ୍ଷରୁ ପ୍ରକାଶିତ ‘ବେଲଗାମ ଗେଜେଟ୍’ ଅନୁସାରେ ସେତେବେଳେ ବେଲଗାମର ଜନସଂଖ୍ୟା ୮୬୪,୦୧୪ ଥିଲା। ଏଥିରୁ ୫୫୬,୩୯୭ ଅର୍ଥାତ୍ ୬୪.୩୯% କନ୍ନଡ ଭାଷୀ ଥିବାବେଳେ ମରାଠୀ ଭାଷା କହୁଥିବା ଲୋକସଂଖ୍ୟା ଥିଲା ୨୨୫,୦୦୮ ବା ୨୬.୦୪% । ମରାଠୀ ଭାଷୀ ଲୋକେ ଏହି ଅଞ୍ଚଳକୁ ମହାରାଷ୍ଟ୍ର ସହ ମିଶ୍ରଣ ନେଇ ବିଭିନ୍ନ ସମୟରେ ଦାବି କରିଥାନ୍ତି। ☞ପୃଷ୍ଠା-୪

## ଓଡ଼ିଆରେ ହେବ ବିଜ୍ଞାନ, ବାଣିଜ୍ୟ ସ୍ନାତକ ପାଠ୍ୟକ୍ରମ

- **୧୨ ଆଞ୍ଚଳିକ ଭାଷାରେ ଆସିବ ପାଠ୍ୟପୁସ୍ତକ**
- **ପ୍ରକ୍ରିୟା ଆରମ୍ଭ କଲା ୟୁଜିସି**

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ଏଣିକି ସ୍ନାତକ (ୟୁଜି) ଶିକ୍ଷାରେ ଭାଷା ଆଉ ପ୍ରତିବନ୍ଧକ ହେବ ନାହିଁ। ଓଡ଼ିଆ ଭାଷାରେ ସ୍ନାତକ ପଢ଼ିପାରିବେ ଛାତ୍ରୀଛାତ୍ର। ଏଥିସହିତ ଓଡ଼ିଆ ଭାଷାରେ ବି ହେବ ପରୀକ୍ଷା। ଏଥିପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଆ ସମେତ ୧୨ଟି ଆଞ୍ଚଳିକ ଭାଷାରେ ପାଠ୍ୟପୁସ୍ତକ ପ୍ରସ୍ତୁତ ହେବ। ଆଞ୍ଚଳିକ ଭାଷାରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ପାଇଁ ୟୁଜିସି ଭାରତୀୟ ଲେଖକଙ୍କୁ ଉତ୍ସାହିତ କରିଛି।

ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଆଧାରରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଅଣାଯାଉଛି। ଏହିକ୍ରମରେ ଦେଶବ୍ୟାପୀ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ବଡ଼ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ପିଇଲେ ମରିବ





ଶେଷ ହେବାକୁ ଯାଉଛି ୨୦୨୨ । ନୂଆ ଆଶା, ଆକାଂକ୍ଷା, ଉନ୍ମାଦନା ଓ ସମ୍ଭାବନା ନେଇ ଆସିବ ନୂତନ ବର୍ଷ । ବିଦାୟୀ ବର୍ଷ ଗଞ୍ଜାମ-ଗଜପତି-କନ୍ଧମାଳ ପାଇଁ ଥିଲା ଅତୀବ ଘଟଣାବହୁଳ। ନକଲି ମଦ ଓ ବ୍ରାଉନ ସୁଗାର କାରବାର, ନିଶା ଓ ରାଜନୈତିକ ହିଂସାକୁ କେନ୍ଦ୍ରକରି ହତ୍ୟା, ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଗିଂକୁ ନେଇ ଛାତ୍ରୀଙ୍କ ଆତ୍ମହତ୍ୟା, ଏସ୍‌ଡିଜେଏମ୍‌ଙ୍କୁ ଛୁରିରେ ଆକ୍ରମଣ, ମାଓବାଦୀ ବିବାହ ଓ କେତେକ ହିଂସାତ୍ମକ କାର୍ଯ୍ୟକଳାପକୁ ନେଇ ଏହି ଜିଲା ଚର୍ଚ୍ଚାରେ ରହିଥିଲା। ୨୦୨୨ର କେତେକ ଚର୍ଚ୍ଚିତ ଖବରକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...




# ବଡ଼ ମେଡିକାଲ



## ଗୋଟିଏ ସିଲିଣ୍ଡରରୁ ୩ ଶିଶୁଙ୍କୁ ଅକ୍ସିଜେନ

ଦକ୍ଷିଣ ଓଡ଼ିଶାର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଏମ୍‌କେସିଜିରେ ରୋଗୀସେବାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ପାଣି ଭଳି ଟଙ୍କା ଖର୍ଚ୍ଚ କରୁଛନ୍ତି। ତଥାପି ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିପାରୁ ନାହିଁ। ଏପରିକି ଅକ୍ସିଜେନ୍ ସିଲିଣ୍ଡର୍ ମଧ୍ୟ ରୋଗୀଙ୍କୁ ମିଳିବା କଷ୍ଟକର ହୋଇପଡ଼ିଛି। ପରିସ୍ଥିତି ଏମିତି ହୋଇଛି ଅକ୍ଟୋବର ୧୫ରେ ଗୋଟିଏ ସିଲିଣ୍ଡରରୁ ୩ଜଣ ଶିଶୁଙ୍କୁ ଅକ୍ସିଜେନ୍ ଯୋଗାଣ କରାଯାଉଥିବା ଭଳି ବିକଳ ଚିତ୍ର ଦେଖିବାକୁ ମିଳିଥିଲା। ଶିଶୁମାନଙ୍କୁ ମା'ମାନେ କୋଳେଇ ଧରି ଯାଉଥିବା ବେଳେ ଜଣେ ଆଟେଣ୍ଡାଣ୍ଟ ଅକ୍ସିଜେନ୍ ସିଲିଣ୍ଡର୍ ଟାଣି ଟାଣି ନେଉଥିଲେ। ବଡ଼ ଡାକ୍ତରଖାନାରେ ରୋଗୀଙ୍କୁ ଏତେ ଦୟନୀୟ ଚିକିତ୍ସାସେବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା।



## ଏମ୍‌କେସିଜି ଏସ୍‌ଏସ୍ କୋଠାରେ ଅଗ୍ନିକାଣ୍ଡ

ଅଗଷ୍ଟ ୨୬ରେ ବଡ ମେଡିକାଲ ଓଟି କମ୍ପ୍ଲେକ୍ସ ୟୁରୋଲୋଜି ବିଭାଗରେ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ଏହି ଘଟଣାରୁ ରୋଗୀ ଅଳ୍ପକେ ରକ୍ଷା ପାଇ ଯାଇଥିବା ବେଳେ ତାରଗୁଡ଼ିକ ପୋଡ଼ି ଯାଇଥିଲା। ଏହା ସହିତ ଓଟିର ବିଭିନ୍ନ ପ୍ରକାର ଯନ୍ତ୍ରପାତିରେ ମଧ୍ୟ ନିଆଁ ଲାଗି ନଷ୍ଟ ହୋଇଯାଇଥିଲା।

## ଦୁର୍ଘଟଣା/ଅପରାଧ

### ଟ୍ରକ୍ ପଛରେ ଭ୍ୟାନ୍ ପିଟି ହୋଇ ୪ ମୃତ

ଫେବୃୟାରୀ ୧୩ରେ ଭୋଜି ଖାଇ ଏକ ମାରୁତି ଭ୍ୟାନରେ ଫେରୁଥିବା ବେଳେ ଫୁଲବାଣୀ-ବ୍ରହ୍ମପୁର ରାସ୍ତା ବଇଡା ଲାହାବାଡିଠାରେ ଡ୍ରାଇଭର ଭାରସାମ୍ୟ ହରାଇ ଆଗରେ ଥିବା ଟ୍ରକରେ ପିଟି ଦେବାରୁ ଘଟଣାସ୍ଥଳରେ ଜଣେ ଏବଂ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ତିନି ଜଣଙ୍କୁ ମିଶାଇ ଚାରି ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକ ହେଲେ ଗୁମାଗଡ ଗାଡିଶୁଗା ଗ୍ରାମର ରୋଜାଲିନ ଦିଗାଲ, ଭାଇ ଭଗିଆ ଦିଗାଲ, ଶଙ୍କରାଖୋଲର ବବି ପ୍ରଧାନ(ଡ୍ରାଇଭର) ଓ ତାଙ୍କ ସାଙ୍ଗ ପୂର୍ଣ୍ଣ ଚନ୍ଦ୍ର ମିଶ୍ର।

### ଚାଓମିନ ଫ୍ୟାକ୍ଟ୍ରିରେ ୩ ଜୀବନ ଗଲା

ଗଜପତି ଜିଲା ମୋହନା ଥାନାଠାରୁ ଅଳ୍ପଦୂର ଢେପସାହି ନାରାୟଣନଗରରେ ଥିବା ଏକ ଚାଓମିନ ଫ୍ୟାକ୍ଟ୍ରିରେ ଜୁଲାଇ ୬ ରାତିରେ ଗ୍ୟାସ ଲିକ୍‌ରୁ ଶୋଇଥିବା ଅବସ୍ଥାରେ ଶ୍ୱାସରୁଦ୍ଧ ହୋଇ ୩ଜଣଙ୍କ ଜୀବନ ଯାଇଥିଲା। ମୃତକମାନେ ସେହି ଫ୍ୟାକ୍ଟ୍ରିର କାମ କରୁଥିଲେ।

### ରାଗିଂରୁ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଲାଞ୍ଜିପଲ୍ଲୀ ବାଇପାସ୍‌ରେ ଥିବା ଏକ ଘରୋଇ କଲେଜରେ ଯୁକ୍ତ ୨ ରେ ପଢୁଥିବା ଛାତ୍ରୀ ଦୀପ୍ତିଲତା ଦାସ(୧୭)ଙ୍କର ନଭେମ୍ବର ୧୪ରେ ମୃତ୍ୟୁ ଘଟିଥିଲା। ମୃତା ଛାତ୍ରୀଙ୍କ ମା' ରାଗିଂରୁ ଝିଅ ଆତ୍ମହତ୍ୟା କରିଥିବା ନେଇ କଲେଜ କର୍ତ୍ତୃପକ୍ଷ ଓ କେତେକ ଛାତ୍ରଙ୍କୁ ଦାୟୀ କରି ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।



### ବିବାହ ବନ୍ଧନରେ ଦୁଇ ମହିଳା ମାଓବାଦୀ

ଆତ୍ମସମର୍ପଣ କରିଥିବା ଦୁଇ ଜଣ ମହିଳା ମାଓବାଦୀ ନିଜ ଜୀବନ ସାଥୀ ଖୋଜି ପାଇ ବିବାହ କରିଥିଲେ । ଡିସେମ୍ବର ୪ ରେ ଜିଲା ପୋଲିସ ରିଜର୍ଭ କାର୍ଯ୍ୟାଳୟ ରାଧା କୃଷ୍ଣ ମନ୍ଦିରରେ ସେମାନଙ୍କ ବିବାହ ସମ୍ପନ୍ନ ହୋଇଥିଲା । ମହିଳା ମାଓବାଦୀ ହେଲେ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ସିର୍ଲା ପଞ୍ଚାୟତ ଗୁଡ଼ି ଗ୍ରାମର ସ୍ୱପ୍ନିତା ପାଟମାଝି(ନନ୍ଦିନୀ) ଓ ଛତିଶଗଡ ରାଜ୍ୟ କଙ୍କେର ଜିଲା ଗୁମୁଡି ଗ୍ରାମର ଫୁଲବତୀ ଉଶେଣ୍ଡି(କରୁଣା)। ନନ୍ଦିନୀ ଦାରିଙ୍ଗବାଡିର ବିନୋଦଙ୍କୁ ଏବଂ କରୁଣା ଜି. ଉଦୟଗିରି ଅଞ୍ଚଳର ସ୍ୱପ୍ନେଶ୍ୱରଙ୍କୁ ବିବାହ କରିଛନ୍ତି ।

### ବିଧାୟକ ପ୍ରଦୀପଙ୍କୁ ବିଜେଡିର କଳାପତାକା

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ତାଙ୍କ ନିର୍ବାଚନ ମଣ୍ଡଳୀ କମଳାପୁରକୁ ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ ପାଇଁ ଆସିଥିବା ବେଳେ ତାଙ୍କୁ ଅଞ୍ଚଳର ବିଜେଡି କର୍ମୀ ବିରୋଧ କରିବା ସହ ନାରାବାଜି କରି ଗଣ୍ଡଗୋଳ ଏବଂ ଠେଲାପେଲା ସହ କଳାପତାକା ଦେଖାଇଥିଲେ। ସେ ମଧ୍ୟ ଏହାର କାଉଣ୍ଟର କରିଥିଲେ।

### ଜିଲ୍ଲା ଦୌରାଜଜ୍ କୋର୍ଟ ପେପରଲେସ୍

ଗଞ୍ଜାମ ଜିଲା ଦୌରାଜଜ୍‌ଙ୍କ କୋର୍ଟ ସେପ୍ଟେମ୍ବର ୧୭ରେ ପେପରଲେସ୍ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟର ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ୍ ଉଦୟ ଉମେଶ ଲଳିତ ଅନ୍‌ଲାଇନ୍‌ରେ ଏହାକୁ ଉଦ୍‌ଘାଟନ କରିଥିଲେ।

### ଫୁଲବାଣୀ ବିଧାୟକଙ୍କ ମାଟ୍ରିକରେ ଫାଷ୍ଟ ଡିଭିଜନ

ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଜୁଲାଇ ୬ରେ ମାଟ୍ରିକ ପରୀକ୍ଷା ଦେଇ ଫାଷ୍ଟ ଡିଭିଜନରେ ପାସ୍ କଲେ । ମନରେ ପାଠ ପଢ଼ିବାର ଇଚ୍ଛା ଥିଲେ ବୟସ କେବେ ବାଧକ ସାଜେନା ତାହା ବିଧାୟକ ପ୍ରମାଣିତ କରି ଦେଖାଇଲେ। ୫୮ ବର୍ଷରେ ସେ ମାଟ୍ରିକ ପରୀକ୍ଷା ଦେଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଲେ ।



### କମେଣ୍ଟମରାରୁ ୪ ଭାଇଙ୍କୁ ହତ୍ୟା

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଥାନା ତଥା ଶେରଗଡ଼ ବ୍ଲକ ଅନ୍ତର୍ଗତ ପିତଳ ଛକ ମାର୍ଚ୍ଚ ୨୨ ବିଳମ୍ବିତ ରାତିରେ ରକ୍ତରଞ୍ଜିତ ହୋଇଥିଲା। ସନ୍ଧ୍ୟାରେ ଏକ ଫାଷ୍ଟଫୁଡ ଦୋକାନରେ ଖାଦ୍ୟକୁ ନେଇ ଦୋକାନୀଙ୍କ ସହ ଯୁକ୍ତିତର୍କ ଓ ପରେ କମେଣ୍ଟମରାକୁ ନେଇ ରାତି ପ୍ରାୟ ସାଢ଼େ ୧୨ଟାରେ ସେହି ଦୋକାନ ନିକଟରେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଏଥିରେ ଗୋଟିଏ ପରିବାରର ୩ ଭାଇ ଓ ଜଣେ ସମ୍ପର୍କୀୟ ନାବାଳକ ଭାଇଙ୍କ ମୃତ୍ୟୁ ଘଟିଥିଲା।




### ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ଆଇଟିଆଇର ଗିଟାର

ନଷ୍ଟରୁ ଶ୍ରେଷ୍ଠ ଲକ୍ଷ୍ୟ ନେଇ ବ୍ରହ୍ମପୁର ଆଇଟିଆଇ ବିଭିନ୍ନ ବର୍ଷ ଶେଷ ସୁଦ୍ଧା ଲୁହା ସ୍କ୍ରାପ୍, ଗ୍ରାସ ମେଟେରିଆଲ, ଇ-ବର୍ଜ୍ୟ ବସ୍ତୁ ଓ ଟାୟାର ଓ ଫ୍ୟାନ ବେରିଂ ମାଧ୍ୟମରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଛନ୍ତି। ସେହିପରି ମୁକ୍ତାକାଶ ସ୍କ୍ରାପ୍ ପାର୍କରେ ୭୦ ଫୁଟ ଉଚ୍ଚତାର ଗିଟାର ଅକ୍ଟୋବର ୧୨ ତାରିଖରେ ଲିମକା ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିଲା।

### ଏମ୍‌କେସିଜି ସୁପରସ୍ପେଶାଲିଟି ବ୍ଲକରୁ ଖସିଲା ସିଲିଂ



ବ୍ରହ୍ମପୁର ବଡ ମେଡିକାଲ ପରିସରରେ ନିର୍ମିତ ଅତ୍ୟାଧୁନିକ ସୁପରସ୍ପେଶାଲିଟି ବ୍ଲକରୁ ଅକ୍ଟୋବର ୧୪ରେ ତୃତୀୟ ମହଲାରେ ଥିବା ଏଣ୍ଡୋକ୍ରିନୋଲୋଜି ବିଭାଗରୁ ସିଲିଂ ଖସିଛି। ସୌଭାଗ୍ୟକ୍ରମେ ସେହି ସ୍ଥାନରେ କୌଣସି ରୋଗୀ ନ ଥିଲେ। ଫଳରେ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ।

### ପ୍ରେମିକ ଘର ସମ୍ମୁଖରେ ଧାରଣା

ବ୍ରହ୍ମପୁର ଦେଶୀ ବେହେରା ସାହି ସ୍ଥିତ କେ.ଦିନେଶଙ୍କ ଘର ସମ୍ମୁଖରେ ଅଗଷ୍ଟ ୨ରୁ ଧାରଣା ଦେଇଥିଲେ ପ୍ରେମିକା। ଦିନେଶଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ରହିଥିଲା। ବିବାହ କଥା କହି ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବା ପରେ ବିବାହ କରିବାକୁ ରାଜି ହୋଇ ନ ଥିଲେ। ପରେ ଦୀପିକା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଶିଶୁପୁତ୍ରକୁ ନ୍ୟାୟ ଦାବିରେ ସେ ଦୀନେଶଙ୍କ ଘର ଆଗରେ ଧାରଣା ଦେଇଥିଲେ।

### ତାମିଲନାଡୁରୁ ବ୍ରହ୍ମପୁର ସ୍ମଗ୍ଲିଂ ସୁନା

ବ୍ରହ୍ମପୁର ସହରକୁ ତାମିଲନାଡୁରୁ ସ୍ମଗ୍ଲିଂ ସୁନା ଆସୁଥିବା ବେଳେ ଅକ୍ଟୋବର ୨ରେ ଚେକିଂ ସମୟରେ ଗୋଳନ୍ଥରା ପୋଲିସ ଧରିଥିଲା। ସେମାନଙ୍କ ନିକଟରୁ ୩କୋଟି ୧୦ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଜବତ କରିଥିଲା।

### ଯାତ୍ରୀବାହୀ ବସ୍‌ରୁ ମିଳିଲା ୩୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ବ୍ରହ୍ମପୁର ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରେ ଅବକାରୀ ଧରପଗଡ଼ ବେଳେ ସେପ୍ଟେମ୍ବର ୧୩ରେ ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ଥିବା ଜଣେ ବ୍ୟକ୍ତିଙ୍କ ନିକଟରୁ ୩୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମିଳିଥିଲା। ତାଙ୍କ ଘର ମେଦିନିପୁର ହୋଇଥିବା ବେଳେ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ସେ କଟକ ଯାଉଥିବା କହିଥିଲେ। ଅବକାରୀ କର୍ମଚାରୀମାନେ ବୈଦ୍ୟନାଥପୁର ଥାନାକୁ ଜଣାଇଥିଲେ। ପୋଲିସ ସେହି ବ୍ୟକ୍ତିଙ୍କୁ ଥାନାକୁ ନେଇ ଜେରା କରିଥିଲା।

### କୋମ୍ବିଂ: ୩ ମହିଳା ମାଓବାଦୀଙ୍କ ମୃତ୍ୟୁ



ଅକ୍ଟୋବର ୧୧ରେ ବାଲିଗୁଡା ଥାନା ପୋଖରୀବନ୍ଧ ସଂରକ୍ଷିତ ଜଙ୍ଗଲରେ ଏସ୍‌ଓଜି ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ବେଳେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା । ଡିସେମ୍ବର ୬ରେ କନ୍ଧମାଳ-ବୌଦ୍ଧ ସୀମାନ୍ତ ଗୋଚ୍ଛାପଡା ଥାନା ଲୁଇସିଂ ପଞ୍ଚାୟତ ମାଟାକୁପା ସଂରକ୍ଷିତ ଜଙ୍ଗଲରେ କୋମ୍ବିଂ ବେଳେ ଯବାନଙ୍କ ଗୁଳିରେ ୨ ମାଓବାଦୀ ପ୍ରାଣ ହରାଇଥିଲେ।

# ପ୍ରତିଶୋଧ ପରାୟଣ ହୋଇ ଷଡ଼ଯନ୍ତ୍ର

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ପ୍ରସଙ୍ଗ

- ୧୦ ବର୍ଷ ତଳର ଘଟଣାରେ ଓକିଲଙ୍କୁ ଅଭିଯୁକ୍ତ ଦର୍ଶାଇଲା କ୍ରାଇମ୍‌ବ୍ରାଞ୍ଚ
- ନିଃସର୍ତ୍ତ ଜାମିନ ପରେ କୋର୍ଟରେ ଯୋଗଦେବେ ଆଇନଜୀବୀ
- ୩ ଓକିଲ କୋର୍ଟ ଚାଲାଣ, ଜଣେ କଲେ ଆତ୍ମସମର୍ପଣ

ସମ୍ବଲପୁର,୧୮।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିନେଇ ଆନ୍ଦୋଳନ ସମୟରେ କୋର୍ଟ ଭଙ୍ଗାରୁଜା ଓ ବିଚାରପତିଙ୍କୁ କାର୍ଯ୍ୟରେ ଯୋଗ ଦେବାରୁ ବଞ୍ଚିତ କରି ବାହାର କରିଦେବା ଘଟଣାରେ ପୋଲିସ ଗିରଫଦାରି ଜାରି ରଖିଛି। ଅଦ୍ୟାବଧି ଏହି ଘଟଣାରେ ଗିରଫ ସଂଖ୍ୟା ୩୬ରେ ପହଞ୍ଚିଛି। ଏହି ଘଟଣାରେ ଗିରଫଦାରି ଚାଲିଥିବା ବେଳେ ୨୦୧୨ରେ ଘଟିଥିବା ତତ୍କାଳୀନ ସମ୍ବଲପୁର ଜିଲାପାଳ ଡ. ମୃଣାଳିନୀ ଦରସ୍ୱାଲଙ୍କୁ ଓକିଲଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ ଓ ସବ୍‌ରେଜିଷ୍ଟ୍ରାର ଅଫିସ ଭଙ୍ଗାରୁଜା, ମାରପିଟ ଘଟଣାର କ୍ରାଇମବ୍ରାଞ୍ଚ ପୁଣି ତନାଘନା ଆରମ୍ଭ କରିଛି। ସଦ୍ୟ କୋର୍ଟ ଭଙ୍ଗାରୁଜା ଘଟଣାରେ ଜେଲରେ ଥିବା ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ରଙ୍କୁ କ୍ରାଇମବ୍ରାଞ୍ଚ ପୁରୁଣା ମାମଲରେ ଅଭିଯୁକ୍ତ ଦର୍ଶାଇ ରିମାଣ୍ଡ ନେଇଛି। ୧୦ ବର୍ଷ ତଳର ଘଟଣାକୁ ଏବେ ତନାଘନା କରିବା ଘଟଣା ଆଇନଜୀବୀଙ୍କ ପ୍ରତି ରାଜ୍ୟ ପୋଲିସ ପ୍ରତିଶୋଧ ପରାୟଣ ହୋଇଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ପୋଲିସ ଓ କ୍ରାଇମବ୍ରାଞ୍ଚର ଏଭଳି କାର୍ଯ୍ୟକୁ ସମ୍ବଲପୁରବାସୀ ସମାଲୋଚନା କରିଛନ୍ତି। ୨୦୧୨ରେ ଜିଲାପାଳଙ୍କୁ ଓକିଲଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ ଏବଂ ସବ୍‌ରେଜିଷ୍ଟ୍ରାର ଭଙ୍ଗାରୁଜୁ ଘଟଣାରେ ପୋଲିସ ଟାଉନ ଥାନାରେ ୨ଟି ମାମଲା(ନଂ.୬୪/୧୨ ଓ ନଂ.୬୫/୧୨) ରୁଜୁ କରିଥିଲା। ଓକିଲ ସଂଘ ପକ୍ଷରୁ ମଧ ଜିଲାପାଳଙ୍କ ନାମରେ ମଧ ଏକ ମାମଲା ରୁଜୁ ହୋଇଥିଲା। ଜିଲାପାଳଙ୍କ ଅଭିଯୋଗକ୍ରମେ ସେତେବେଳେ ୧୮ଜଣ ଓକିଲ ଗିରଫ ହୋଇଥିଲେ ଓ ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ପାଇଥିଲେ। ପରବର୍ତ୍ତୀ ସମୟରେ ଅଧିକ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ମାମଲା ହସ୍ତାନ୍ତର ହୋଇଥିଲା। ଏହି ଘଟଣାରେ ତତ୍କାଳୀନ ଆରଡିସି, ପୋଲିସ ଆଇଜି, ଏସ୍‌ପି, ଓକିଲ ସଂଘର ସଦସ୍ୟ, ଜିଲାପାଳଙ୍କୁ ନେଇ ଆରଡିସି ଅଫିସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଉଭୟ ପକ୍ଷଙ୍କ ସହମତିରେ ଏକପ୍ରକାର ଆପୋସ ବୁଝାମଣା ହୋଇଥିଲା। କ୍ରାଇମବ୍ରାଞ୍ଚ ୧୦ ବର୍ଷ ଧରି ଚୁପ୍ ବସିଥିଲା। ଏପରି କି ଉକ୍ତ ମାମଲାରେ ଏଯାବତ୍ ଚାର୍ଜଶିଟ ମଧ ଦାଖଲ ହୋଇନାହିଁ। ଏହି ଘଟଣାରେ ଗିରଫ ହୋଇ ଜାମିନରେ ଆସିଥିବା ଓକିଲମାନଙ୍କୁ ନୋଟିସ ବି ଆସି ନାହିଁ। ହଠାତ୍ ବର୍ତ୍ତମାନର ସ୍ଥିତି ଦେଖି କ୍ରାଇମବ୍ରାଞ୍ଚ ଶନିବାରଠାରୁ ସମ୍ବଲପୁରରେ ପହଞ୍ଚି ପୁରୁଣା ମାମଲାର ତଦନ୍ତ ଆରମ୍ଭ କରିଛି। ବର୍ତ୍ତମାନ ଜିଲା ଓକିଲ ସଂଘ ସଭାପତି ଥିବା ସୁରେଶ୍ୱର ମିଶ୍ରଙ୍କ ନାମରେ ସେତେବେଳେ କୌଣସି ଅଭିଯୋଗ ନ ଥିଲା। ବରଂ ମିଶ୍ର ଗିରଫ ଅଭିଯୁକ୍ତ ୧୮ ଓକିଲଙ୍କ ଜାମିନ କରାଇଥିଲେ। ତେବେ ଓକିଲ ମିଶ୍ରଙ୍କୁ ଏବେ ୧୦ ବର୍ଷ ପରେ ସେହି ପୁରୁଣା ମାମଲାରେ କ୍ରାଇମବ୍ରାଞ୍ଚ ଶନିବାର ଅଭିଯୁକ୍ତ ଦର୍ଶାଇଛି। ଜାଣିଶୁଣି ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ସରକାରୀସ୍ତରରେ ଯୋଜନା କରାଯାଉଥିବା ଅଭିଯୋଗ ହେଉଛି। ଏଭଳି ଭୟଭୀତ ଓ ଦମନଲୀଳା ନ କରି ସମ୍ବଲପୁରରେ ଶାନ୍ତି ଫେରାଇ ଆଣିବାକୁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ଦାବି ହେଉଛି। ଅନ୍ୟପଟେ ଗତ ୧୨ତାରିଖରେ କୋର୍ଟ ଭଙ୍ଗାରୁଜା ଘଟଣାରେ ବାର୍ କାଉନସିଲ ଅଫ୍ ଇଣ୍ଡିଆ ସମ୍ବଲପୁର ଜିଲା ଓକିଲ ସଂଘର ୫୪ ଓକିଲଙ୍କୁ ବାଦ୍ ଦେଇ ସମସ୍ତ ଓକିଲଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରିଛନ୍ତି। ହେଲେ ଆଇନଜୀବୀମାନେ କୋର୍ଟ କାର୍ଯ୍ୟରେ ଯୋଗ ଦେବାକୁ ରୋକଠୋକ ମନା କରି ଦେଇଛନ୍ତି। ସେମାନେ କହିଛନ୍ତି ଯେ, ନିଜର ହକ୍ ପାଇଁ ଆନ୍ଦୋଳନ ଚାଲିଥିଲା। ଏହି ସମୟରେ ଏକ ଅଭାବନୀୟ ଘଟଣା ଘଟିଯାଇଥିଲା। ଏହି ଘଟଣାରେ ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଗିରଫ ଓକିଲମାନଙ୍କୁ ନିଃସର୍ତ୍ତ ଜାମିନ ମିଳିବା ପରେ କୋର୍ଟ କାର୍ଯ୍ୟରେ ଯୋଗଦାନ କରିବେ ବୋଲି କହିଛନ୍ତି। ଅପରପକ୍ଷରେ କୋର୍ଟ ଓ ଜିଲା ପ୍ରଶାସନ ପକ୍ଷରୁ ମଧ କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବାକୁ ପ୍ରୟାସ କରାଯାଉଛି। ହେଲେ ଓକିଲ ନ ଥିବାରୁ ମହକିଲମାନଙ୍କ କାମ ହୋଇ ପାରୁନାହିଁ। ଜିଲାର ବିଭିନ୍ନ କୋର୍ଟରେ ଆପରାଧିକ, ଜମିବାଡ଼ି ଓ ଅନ୍ୟାନ୍ୟକୁ ମିଶାଇ ହଜାର ହଜାର ସଂଖ୍ୟାରେ ମାମଲା ପଡ଼ିରହିଛି। ସ୍ଥିତି ଏଭଳି ରହିଲେ ଆଗକୁ ପରିସ୍ଥିତି ଭୟଙ୍କର ହେବା ଆଶଙ୍କା କରାଯାଉଛି। ହୀରାକୁଦ ନିବାସୀ ସୋନୁ ଅଗ୍ରୱାଲ କହିଛନ୍ତି, ମୋର ଓକିଲ ଏବେ ଜେଲ ହାଜତରେ ଅଛନ୍ତି। ଚେକ୍ ବାଉନ୍ସ ଓ ଜମି ସଂକ୍ରାନ୍ତ ମାମଲା ରହିଛି। ହେଲେ ମାମଲା ଆଗକୁ ବଢ଼ିବାର ଆଶା ଦିଶୁନାହିଁ। ସରକାରୀସ୍ତରରେ ଏହାର ସମାଧାନ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି। ଅନ୍ୟପଟେ କୋର୍ଟ ଭଙ୍ଗାରୁଜା ମାମଲାରେ ପୋଲିସ ଆଉ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଓକିଲ ମିଳନ ମହାରଣା, ବିଷ୍ଣୁପ୍ରିୟା ଭୋଇ, ସେବତୀ ବନଛୋର। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଆଇନଜୀବୀ ବିଷ୍ଣୁପ୍ରସାଦ ପାଢୀ ରବିବାର ଅପରାହ୍ନରେ ଟାଉନ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି।



୨୦୧୨ ମସିହାରେ ଜିଲାପାଳଙ୍କୁ ଦୁର୍ବ୍ୟବହାର ଘଟଣାରେ ଅନୁଷ୍ଠିତ ବୁଝାମଣା ବୈଠକରେ ଉପସ୍ଥିତ ଅଧିକାରୀଙ୍କ ତାଲିକା।




# ସ୍କୁଲ ପରିସରରୁ ୧୦ମ ଶ୍ରେଣୀ ଛାତ୍ରୀଙ୍କ ମୃତଦେହ ଜବତ

- ହତ୍ୟା ଅଭିଯୋଗ ଆଣିଲେ ବାପା
- ପ୍ରେମ ପାଇଁ ଘର ଛାଡ଼ିଥିଲେ ଛାତ୍ରୀ

ଚଣ୍ଡିଖୋଲ,୧୮।୧୨(ଡି.ଏନ.ଏ.)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବଡ଼ବାଲିକୁଦା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ପଙ୍କଜ ରାଉତଙ୍କ ଝିଅ ସାଇସ୍ୱରୂପା ରାଉତ(୧୫)ଙ୍କ ମୃତଦେହକୁ ବଡ଼ବାଲିକୁଦା ବାଞ୍ଛାବଟ ନୋଡାଲ ସ୍କୁଲ୍ ପରିସରରୁ ରବିବାର ବାଲିଚନ୍ଦ୍ରପୁର ପୋଲିସ ଜବତ କରିଛି। ତେବେ ଏନେଇ ପଙ୍କଜ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଦଶମ ଶ୍ରେଣୀରେ ପଢୁଥିବା ସାଇସ୍ୱରୂପା ଶନିବାର ସନ୍ଧ୍ୟାରେ ଘରୁ କେଉଁଆଡ଼େ ପଳାଇ ଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ତେବେ ଗ୍ରାମର ଯୁବକ ସାଗର ବିଶ୍ୱାଳ(୨୦)ଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିଲା, ସେଥିପାଇଁ ଝିଅ ଘରୁ ୩୦ ହଜାର ଟଙ୍କା ଓ ସୁନା ଗହଣା ନେଇ ଫେରାର ହୋଇଯାଇଥିଲା। ତେଣୁ ସାଗର ଝିଅକୁ ହତ୍ୟା କରି ଟଙ୍ଗାଇ ଦେଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ପୋଲିସ ସୂଚନା ମୁତାବକ, ସାଗରଙ୍କ ସହିତ ସାଇସ୍ୱରୂପାଙ୍କ ପ୍ରେମ ସମ୍ପର୍କ ରହିଥିଲା। ଏହାକୁ ଛାତ୍ରୀଙ୍କ ପରିବାର ତରଫରୁ ବାରଣ କରାଯାଇଥିଲା। ସେଥିପାଇଁ ଉଭୟ ଘରୁ ଲୁଚି ପଳାଇଥିଲେ ଏବଂ ଆତ୍ମହତ୍ୟା କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଶନିବାର ରାତି ପ୍ରାୟ ୨ଟାରେ ସାଗର ଫୋନ୍ କରି ୧୦୮ ଆମ୍ବୁଲାନ୍ସକୁ ଡାକିଥିଲେ। ଆମ୍ବୁଲାନ୍ସ ତରଫରୁ ବାଲିଚନ୍ଦ୍ରପୁର ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ସାଇସ୍ୱରୂପାଙ୍କ ପରିବାରକୁ ଖବର ଦେଇଥିଲା। ପରେ ପୋଲିସ ସାଗରଙ୍କୁ ଅଟକ ରଖିବା ସହ ସାଇସ୍ୱରୂପାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସାଗରଙ୍କ କହିବା ଅନୁଯାୟୀ, ଉଭୟ ଉଭୟଙ୍କୁ ପ୍ରେମ କରୁଥିଲେ। ଶନିବାର ସନ୍ଧ୍ୟାରେ ସେମାନେ ଘର ଛାଡ଼ି ପଳାଇ ଆସିଥିଲେ। ତେବେ କେଉଁଠିକୁ ଯିବାକୁ ସିଦ୍ଧାନ୍ତ କରି ନ ପାରି ଶେଷରେ ଆତ୍ମହତ୍ୟା କରିବେ ବୋଲି ସ୍ଥିର କରି ବିଦ୍ୟାଳୟ ମଧରେ ଥିବା ଏକ ପରିତ୍ୟକ୍ତ ଗୃହକୁ ବାଛି ନେଇଥିଲେ। ଏକ ରଶିର ଦୁଇପଟେ ଦୁଇଜଣ ଫାଶ ଲଗାଇ ଝୁଲିପଡ଼ିଥିଲେ। ମାତ୍ର ସାଗରଙ୍କ ଓଜନ ଅଧିକ ହେବାରୁ ସେ ତଳକୁ ରହିଯାଇଥିଲେ। ସାଇସ୍ୱରୂପାଙ୍କ ମୃତ୍ୟୁ ହୋଇଥିଲା ବୋଲି ସାଗର ପ୍ରକାଶ କରିଛନ୍ତି। ଏନେଇ ଥାନାରେ ନଂ. ୪୨୪/୨୨ରେ ଏକ ମାମଲା ରୁଜୁ ହୋଇଛି।



ସାଇସ୍ୱରୂପା ରାଉତ

# ଘରୁ ଏଏସ୍‌ଆଇଙ୍କ ଝୁଲନ୍ତା ମୃତଦେହ ଜବତ

- ମୃତ୍ୟୁର କାରଣ ଅସ୍ପଷ୍ଟ
- ବାରଙ୍ଗ ଥାନାରେ କାର୍ଯ୍ୟରତ ଥିଲେ

ବାରଙ୍ଗ,୧୮।୧୨(ଡି.ଏନ୍.ଏ.)

ନନ୍ଦନକାନନ ଥାନା ଅଧୀନ ପଦାସାହି ଗ୍ରାମସ୍ଥିତ ନିଜ ଘରୁ ଶନିବାର ବିଳମ୍ବିତ ରାତିରେ ଜଣେ ଏଏସ୍‌ଆଇଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଅଶୋକ ପ୍ରଧାନ। କଟକ ଜିଲା ବାରଙ୍ଗ ଥାନାରେ ଅଶୋକ କାର୍ଯ୍ୟରତ ଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ମୁତାବକ, ବାରଙ୍ଗ ଥାନାରୁ ଅଶୋକ ଶନିବାର ରାତି ପ୍ରାୟ ୧୦ଟା ୩୦ରେ ଆସି ଘରେ ପହଞ୍ଚିଥିଲେ। ଏହାପରେ ସେ ଶୌଚ ହୋଇ ଏକ ରୁମ୍‌ରେ କିଛି ସମୟ ବସିବା ପରେ ପିଲାମାନଙ୍କ ପାଠପଢ଼ା କଥା ପଚାରି ବୁଝିଥିଲେ। ପରେ ନିଜ ରୁମ୍‌କୁ ଯାଇ କବାଟ ଦେଇ ଶୋଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅଶୋକ ଖାଇବାକୁ ନ ଆସିବାରୁ ତାଙ୍କ ସ୍ତ୍ରୀ କବାଟ ବାଡ଼େଇଥିଲେ ମଧ ସେ ଖୋଲି ନ ଥିଲେ। ଏହାପରେ ପରିବାର ଲୋକେ କବାଟ ଭାଙ୍ଗିବାରୁ ଫ୍ୟାନରେ ଅଶୋକଙ୍କୁ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏନେଇ ପରିବାରଲୋକେ ବାରଙ୍ଗ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣାଙ୍କୁ ଫୋନ ମାଧମରେ ଜଣାଇଥିଲେ। ଥାନା ଅଧିକାରୀ ରଣା ନନ୍ଦନକାନନ ଥାନା ପୋଲିସକୁ ସାଙ୍ଗରେ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ଝୁଲନ୍ତା ଅବସ୍ଥାରେ ଥିବା ଅଶୋକଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ମଙ୍ଗଳାବାଗ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୭୩୪/୨୨)ରୁଜୁ ହୋଇଛି। ଅନ୍ୟପଟେ ନନ୍ଦନକାନନ ଥାନା ପୋଲିସ ମୃତ ଅଶୋକଙ୍କ ଘରେ ପହଞ୍ଚି ତଦନ୍ତ କରିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ନନ୍ଦନକାନନ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୧୯୯୫ ମସିହାରେ ଅଶୋକ ଓଡ଼ିଶା ପୋଲିସରେ କନ୍‌ଷ୍ଟେବଲ ଭାବେ ଯୋଗଦେଇଥିଲେ। ପରେ ହାବିଲଦାରକୁ ପଦୋନ୍ନତି ପାଇ ୨୦୨୦-୨୧ ମସିହାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ପିଏସ୍‌ଓ ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଏଏସ୍‌ଆଇ ଭାବେ ପଦୋନ୍ନତି ପାଇ ନନ୍ଦନକାନନ ଥାନାରେ ପ୍ରଶିକ୍ଷଣ ନେବା ପରେ ୨୦୨୧ରେ ବାରଙ୍ଗ ଥାନାରେ ଏଏସ୍‌ଆଇ ଭାବେ ଯୋଗଦେଇଥିଲେ। ମୃତ ଅଶୋକଙ୍କ ଗୋଟିଏ ପୁଅ ଓ ଝିଅ ଅଛନ୍ତି। ଖବରପାଇ ରବିବାର ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ସମେତ ବହୁ ପୋଲିସ କର୍ମଚାରୀ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ମୃତଦେହ ସତ୍କାର କରାଯାଇଛି।



ଅଶୋକ ପ୍ରଧାନ

# କୋଦାଳ ବେଣ୍ଟରେ ବାପାଙ୍କୁ ପିଟି ହତ୍ୟା

ପଦ୍ମପୁର,୧୮।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ସାବରଙ୍ଗ ଥାନା ଅଧୀନ ପଗଡ଼ ଗ୍ରାମରେ ରବିବାର ଅପରାହ୍ନରେ କୋଦାଳ ବେଣ୍ଟରେ ବାପାଙ୍କୁ ପିଟି ହତ୍ୟା କରିଛନ୍ତି ପୁଅ। ମୃତକ ହେଲେ ବୁରୀ ମୁଣ୍ଡା। ସୂଚନା ଅନୁଯାୟୀ, ପାରିବାରିକ କଳହକୁ ନେଇ ବାପପୁଅଙ୍କ ମଧରେ ବଚସା ହୋଇଥିଲା। ଏଥିରେ ସାନପୁଅ ଚୁକି ଉତ୍ତ୍ୟକ୍ତ ହୋଇ କୋଦାଳ ବେଣ୍ଟରେ ବୁରୀଙ୍କ ମୁଣ୍ଡକୁ ପିଟିଥିଲେ। ଘଟଣାସ୍ଥଳରେ ବୁରୀଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ସାବରଙ୍ଗ ଥାନାଧିକାରୀ ଶୋଭେନ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏଥିସହ ଅଭିଯୁକ୍ତ ଚୁକିଙ୍କୁ ପୋଲିସ ଗିରଫ କରିଛି।

# ୯.୨ ଡିଗ୍ରୀରେ ଥରୁଛି ଝାରସୁଗୁଡ଼ା

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ପାରଦ ତଳମୁହାଁ ହେବାରୁ ଦୁଇଦିନ ହେଲା ଥଣ୍ଡା ଅନୁଭୂତ ହେଉଛି। ରବିବାର ଝାରସୁଗୁଡ଼ାରେ ସର୍ବନିମ୍ନ ୯.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି କେନ୍ଦୁଝରଗଡ଼ରେ ୯.୮, ସୁନ୍ଦରଗଡ଼ରେ ୧୦, ଫୁଲବାଣୀ ୧୦, କୋରାପୁଟ ୧୧, ବାଲେଶ୍ୱର ୧୨.୬, ଚାନ୍ଦବାଲି ୧୩.୯, କଟକ ୧୩.୪, ଭୁବନେଶ୍ୱର ୧୩.୬, ଅନୁଗୋଳ ୧୨.୬, ବାରିପଦା ୧୨, ସମ୍ବଲପୁର ୧୨.୯, ଭବାନିପାଟଣା ୧୨, ସୋନପୁର ୧୩, ଭଦ୍ରକ ୧୨.୫, ବରଗଡ଼ ୧୨.୮, ଦେବଗଡ଼ ୧୨.୬ ଓ କେନ୍ଦ୍ରାପଡ଼ା ୧୩.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ୨୪ ଘଣ୍ଟା ମଧରେ କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ଗଜପତି, କୋରାପୁଟ ଓ ମାଲକାନଗିରିରେ କୁହୁଡ଼ି ଦେଖାଯିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ମଶା ଦମନରେ 'ବିନାଶ'

## ରାଜ୍ୟରେ ଡ୍ରୋନ୍‌ର ପ୍ରଥମ ବ୍ୟବହାର



- ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କଲା ବିଏମ୍‌ସି
- ଅହମ୍ମଦାବାଦ, ହାଇଦ୍ରାବାଦ, ପଶ୍ଚିମବଙ୍ଗ ଢାଞ୍ଚାରେ ପଦକ୍ଷେପ

ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)

ରାଜ୍ୟରେ ମଶା ଉପଦ୍ରବ ଲୋକଙ୍କୁ ଅତିଷ୍ଠ କରି ପକାଉଛି। ଘରେ, ବାହାରେ ରହିବା କଷ୍ଟକର ହୋଇପଡୁଛି। ମଶା ଉତ୍ପାତକୁ ରୋଗ ଭୟ ଚିନ୍ତା ବଢ଼ାଉଛି। ବିଶେଷକରି ସ୍ମାର୍ଟସିଟି ଭୁବନେଶ୍ୱର, କଟକ ଆଦି ସହରାଞ୍ଚଳରେ ସ୍ଥିତି ଅଧିକ ବିଗିଡିବାରେ ଲାଗିଛି। ସବୁ ଉଦ୍ୟମ ବିଫଳ ହେବା ପରେ ଶେଷରେ ମଶା ଦମନ ପାଇଁ ଡ୍ରୋନ୍‌ର ସହାୟତା ନିଆଯାଇଛି। ରାଜ୍ୟରେ ପ୍ରଥମକରି ପଶ୍ଚିମବଙ୍ଗ ଢାଞ୍ଚାକୁ ଆପଣାଇ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ମଶାଙ୍କ ଉତ୍ପତ୍ତିସ୍ଥଳ ଚିହ୍ନଟ ସହ ନଷ୍ଟ କରୁଛି ଡ୍ରୋନ୍ 'ବିନାଶ'। ଶନିବାର ବିଏମ୍‌ସିର ୱାର୍ଡ ନଂ.୧୪ ଅନ୍ତର୍ଗତ ନୀଳାଦ୍ରିବିହାର ୱାର୍ଡ କାର୍ଯ୍ୟାଳୟରୁ ଏହାର ଶୁଭାରମ୍ଭ କରାଯାଇଥିଲା। ଡ୍ରୋନ୍ ଦ୍ୱାରା ମଶାଙ୍କ ଉତ୍ପତ୍ତିସ୍ଥଳକୁ ଚିହ୍ନଟ କରାଯିବା ପରେ ରବିବାର ସେକ୍ଟର ୩, ୪, ୫, ଜିଏ ପ୍ଲଟ୍, ଲୁମ୍ବିନୀ ବିହାର ସମେତ ବିଭିନ୍ନ ବସ୍ତି ଅଞ୍ଚଳରେ ମଶା ଲାର୍ଭା ନଷ୍ଟକାରୀ ତୈଳ ସିଞ୍ଚନ କରାଯାଇଛି। ଏହି ଡ୍ରୋନ୍‌ରେ ୧୦ ଲିଟର କ୍ଷମତା ବିଶିଷ୍ଟ ଏକ ଟାଙ୍କି ରହିଛି, ଯେଉଁଥିରେ ରାସାୟନିକ ତରଳ ପଦାର୍ଥ (ମସ୍କିଟୋ ଲାର୍ଭିସିଡାଲ୍ ଅଏଲ୍) ଭର୍ତ୍ତି କରାଯାଇ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଡ୍ରୋନ୍ ମାଧମରେ ସିଞ୍ଚନର ବ୍ୟବସ୍ଥା ରହିଛି। ଦିନକୁ ୧୦ଟି ଅଞ୍ଚଳରୁ ମଶା ଲାର୍ଭା ନଷ୍ଟ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ବିଏମ୍‌ସି କୋଲକାତାର ବେଇଟ୍ ଲଜିଟେକ ଆଣ୍ଡ୍ ସ୍ମାଯୁ ହେଲ୍‌ଥ କେୟାର କଂସର୍ଟିୟମ ନାମକ ଏକ ଘରୋଇ ସଂସ୍ଥା ସହ ଏମ୍‌ଓୟୁ ସ୍ୱାକ୍ଷର କରିଛି। ପର୍ଯ୍ୟାୟକ୍ରମେ ଏହା ସହରର ଅନ୍ୟ ଅଞ୍ଚଳରେ କାର୍ଯ୍ୟକାରୀ କରାଯିବ। ପୂର୍ବରୁ ୨୦୧୭ରେ ଅହମ୍ମଦାବାଦ୍ ମ୍ୟୁନିସିପାଲ କର୍ପୋରେଶନ୍ (ଏଏମ୍‌ସି) ଏହି ପ୍ରକ୍ରିୟା ଗ୍ରହଣ କରି ମଶା ଉତ୍ପତ୍ତି ରୋକ୍ ଲଗାଇବାରେ ସଫଳ ହୋଇଥିଲା। ଏହାପରେ ୨୦୧୯ରୁ ହାଇଦ୍ରାବାଦ୍ ମ୍ୟୁନିସିପାଲ କର୍ପୋରେଶନ (ଏଚ୍‌ଏମ୍‌ସି) ଏବଂ କୋଲକାତା ମ୍ୟୁନିସିପାଲ୍ କର୍ପୋରେଶନ୍ (କେଏମ୍‌ସି) ମଧ ଡ୍ରୋନ୍ ସାହାଯ୍ୟରେ ମଶା ଦମନ କରୁଛି। ତେବେ ବିଏମ୍‌ସିରେ ସହାୟତା କରୁଥିବା ସମ୍ପୃକ୍ତ ଘରୋଇ ସଂସ୍ଥା କୋଲକାତାରେ କାମ କରି ସଫଳତା ପାଇଛି। ତେଣୁ ପ୍ରଥମକରି ଏହି ପଦକ୍ଷେପ ଆପଣାଇଥିବା ବିଏମ୍‌ସି ଏଥିରେ ମଧ ସଫଳ ହେବ ବୋଲି ଆଶା କରାଯାଉଛି।

ଏ ସମ୍ପର୍କରେ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ମଶାଙ୍କ ଉତ୍ପତ୍ତିସ୍ଥଳ ଚିହ୍ନଟ କରିବା ଏବଂ ଔଷଧ ସିଞ୍ଚନ କରିବା ପାଇଁ ଏବେ ଗୋଟିଏ ଡ୍ରୋନ୍ ରହିଛି। ଯେଉଁ ଅଞ୍ଚଳରେ ଔଷଧ ସିଞ୍ଚନ କରାଯାଇଛି ୨/୩ ଦିନ ପରେ ସେଠାକାର ଲୋକଙ୍କ ପ୍ରତିକ୍ରିୟା ନିଆଯିବ ଏବଂ ଖୁବ୍‌ଶୀଘ୍ର ଆଉ ଏକ ଡ୍ରୋନ୍ ଏହି କାର୍ଯ୍ୟରେ ଲାଗିବ। ଡ୍ରୋନ୍ ବ୍ୟତୀତ ୧୦ଟି ଫଗିଂ ଟିମ୍ ସାହାଯ୍ୟରେ ସହରର ବିଭିନ୍ନ ୱାର୍ଡରେ ମଶାଧୂଆଁଦିଆଯିବା ସହ ଜଳଉତ୍ସଗୁଡ଼ିକରେ ମଶାତେଲ ସିଞ୍ଚନ କରିବା, ଅନାବନା ଗଛ ଏବଂ ଘାସ କାଟିବା, ସାମୂହିକ ସଫେଇ ଆଦି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛୁ। ଖୁବ୍‌ଶୀଘ୍ର ମଶାଙ୍କ ବଂଶବୃଦ୍ଧିରେ ରୋକ୍ ଲଗାଯିବା ସହ ସ୍ଥିତିକୁ ସ୍ୱାଭାବିକ କରାଯିବ ବୋଲି କମିଶନର କହିଛନ୍ତି।

# ହାତୀ ଆକ୍ରମଣରେ ଯୁବକ ମୃତ

ଦେବଗଡ଼/ରିଆମାଳ,୧୮।୧୨(ଡି.ଏନ୍.ଏ.): ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ ଚିରଗୁଣିକୁଦର ଗ୍ରାମରେ ହାତୀ ଆକ୍ରମଣରେ ଭାଗ୍ୟ କିଷାନ (୩୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ଶନିବାର ରାତିରେ ଘର ନିକଟରେ ଥିବା ଖଳାରେ ଅମଳ ହୋଇସାରିଥିବା ଧାନ ଜଗିଥିଲେ। ତେବେ ଅଞ୍ଚଳରେ ଘୁରିବୁଲୁଥିବା ହାତୀ ଧାନ ଖାଇବାକୁ ଆସି ଭାଗ୍ୟଙ୍କୁ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ସକାଳେ ଖବରପାଇ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତାଙ୍କ ପରିବାରକୁ ସରକାରଙ୍କ ନିୟମଅନୁଯାୟୀ କ୍ଷତିପୂରଣ ମିଳିବ ବୋଲି ବନବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।






**ଆଜିର ମନ୍ତବ୍ୟ**

"ଉଗ୍ରବାଦ ପ୍ରଭାବିତ ଉତ୍ତର-ପୂର୍ବରେ ମୋଦି ସରକାର ଶାନ୍ତି ପ୍ରତିଷ୍ଠା କରିଛନ୍ତି। ବିଗତ ୮ ବର୍ଷରେ ଏହି ଅଞ୍ଚଳର ପ୍ରକୃତ ବିକାଶ ହୋଇପାରିଛି।
-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାପ ନ ମରୁ ବାଡ଼ି ନ ଭାଙ୍ଗୁ।**

ବେଳେବେଳେ ଦୁଇପଟକୁ ରକ୍ଷା କରିବା ପାଇଁ କିଛି ବ୍ୟକ୍ତି ସୁହାଇଲା ଭଳି କଥା କହୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ କୌଣସି ଦୃଢ଼ ନିଷ୍ପତ୍ତି ନିଆ ନ ଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ସୁଖର ଦିନ ଘୋଡ଼ାରେ ଧାଏଁ, ଦୁଃଖର ଦିନ ହାତୀ ଚଢ଼ି ଯାଏ।**

ସୁଖର ଦିନ ଜଣାପଡ଼େ ନାହିଁ। ମଜା ମଜଲିସର ଦିନଗୁଡ଼ିକ ଅତି ଶୀଘ୍ର ସରିଯାଏ। କିନ୍ତୁ ଦୁଃଖର ଦିନ ଦୀର୍ଘ ଜଣାଯାଏ। ଏହାହିଁ ସୁଖ ତଥା ଦୁଃଖର ଗତି ଏବଂ ଧର୍ମ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମାଷ୍ଟରମାଇଣ୍ଡଙ୍କ ସମେତ ୨ ଗିରଫ

**ଜାଲ୍‌ନୋଟ ଜବତ ମାମଲା**

ଢେଙ୍କାନାଳ ଅଫିସ/ ଦେବଗଡ଼(ଡି.ଏନ୍.ଏ.), ୧୮।୧୨

ଓଡ଼ିଶାରେ ବଡ଼ଧରଣର ଜାଲନୋଟ ରାକେଟ୍ ଚାଲିଛି। ପଶ୍ଚିମରୁ କେନ୍ଦ୍ର ଓଡ଼ିଶା ଯାଏ ଲମ୍ବିଛି ଏହାର ଚେର। ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ରଥପଦା ଗ୍ରାମ ନିକଟରୁ ଶୁକ୍ରବାର ବିଳମ୍ବିତ ରାତିରେ ୧ ଲକ୍ଷ ୯୦ ହଜାର ୬୦୦ ଟଙ୍କାର ନକଲି ନୋଟ ଜବତ ଘଟଣାର ଖୋଳତାଡ଼ ବେଳେ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଏବଂ ପୋଲିସ ହାତରେ ଲାଗିଛି ବହୁ ଚାଞ୍ଚଲ୍ୟକର ତଥ୍ୟ। ଏହି ଘଟଣାରେ ଦେବଗଡ଼ କଚେରିସାହିର ତୁଷାର କୁମାର ବିଶ୍ୱାଳ ଗିରଫ ହୋଇଥିଲେ। ଖୋଳତାଡ଼ ପରେ ଜାଲ ନୋଟ କାରବାରର ମାଷ୍ଟରମାଇଣ୍ଡ ତଥା ଦେବଗଡ଼ ଗୁରୁସାହିର ତ୍ରିନାଥ ଦାସ ଏବଂ ତାଙ୍କର ଅନ୍ୟତମ ସହଯୋଗୀ ବରପାଲି ସାହିର ବିଶ୍ୱନାଥ ଆଚାର୍ଯ୍ୟ ଓରଫ୍ କାଳିଆ ବନ୍ଧା ହୋଇଛନ୍ତି। ଏହାପରେ ମୋଟ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୩ରେ ପହଞ୍ଚିଛି।

ତ୍ରିନାଥଙ୍କ ନିକଟରୁ ଗୋଟିଏ ଲାପଟପ୍, ପ୍ରିଣ୍ଟର ଜବତ କରାଯାଇଛି। ସେ ଦେବଗଡ଼ ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟରେ ଜଣେ ଦଲାଲ ଭାବେ କାର୍ଯ୍ୟ କରୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ସୂଚନାଯୋଗ୍ୟ, ଦେବଗଡ଼, ଅନୁଗୋଳ ଜିଲାର ଆଠମଲ୍ଲିକ ଏବଂ ଢେଙ୍କାନାଳ ଜିଲାରେ ଏକ ବଡ଼ଧରଣର ଜାଲ ନୋଟ୍ ରାକେଟ ଚାଲିଥିବା ସୂଚନା ପାଇବା ପରେ ସତର୍କ ହୋଇଉଠିଥିଲା ଏସ୍‌ଟିଏଫ୍। ତେବେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ସହଜ ନ ଥିଲା। ଏଥିଲାଗି ଏସ୍‌ଟିଏଫ୍ ଟିମ୍ ବିଛାଇଥିଲା ଜାଲ। ବିଭାଗୀୟ କର୍ମଚାରୀ ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ଏହାପରେ ସବୁ ଘଟଣାର ରହସ୍ୟ ଉନ୍ମୋଚିତ ହୋଇଥିଲା। ତେବେ ଏଥିରେ ଆଉ କାହାରି ସମ୍ପୃକ୍ତି ଅଛି ସେ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

# ଇନଫର୍ମର ସନ୍ଦେହରେ ଠିକାଦାରଙ୍କୁ ହତ୍ୟା

ଫୁଲବାଣୀ ଅଫିସ/କୋଟଗଡ,୧୮।୧୨

କନ୍ଧମାଳ ଜିଲାରେ ବିଗତ ଦିନରେ ପୋଲିସ ଗୁଳିରେ ମାଓବାଦୀଙ୍କ ମୃତ୍ୟୁ ଘଟିବା ଏବଂ ସଙ୍ଗଠନ ଛାଡ଼ି ଆତ୍ମ ସମର୍ପଣ କରିଥିବା ୨ ମହିଳାଙ୍କୁ ବିବାହ ବନ୍ଧନରେ ବାନ୍ଧିବା ଘଟଣାକୁ ସହଜରେ ନେଇନାହାନ୍ତି ମାଓବାଦୀ। ସେମାନେ ରବିବାର ସ୍ପଷ୍ଟ ଦିବା ଲୋକରେ ସର୍ବ ସମ୍ମୁଖରେ ଜଣେ ଠିକାଦାରଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ମୃତ ଠିକାଦାର ଜଣକ ହେଲେ କଳାହାଣ୍ଡି ଜିଲା ଆଣ୍ଡ୍ରି ଗ୍ରାମର ରମେଶ ନାୟକ। ପୋଲିସକୁ ସୂଚନା ଦେଉଥିବାରୁ ରମେଶଙ୍କ ଭଳି ଆଉ ୫ଜଣଙ୍କୁ ହତ୍ୟା କରିବେ ବୋଲି ଘଟଣାସ୍ଥଳରେ ପୋଷ୍ଟର ମାରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସନ୍ଧ୍ୟା ସୁଦ୍ଧା ପୋଲିସ ସେଠାରେ ପହଞ୍ଚିନାହିଁ।

କୋଟଗଡ ବ୍ଲକ ଦୁର୍ଗାପାଙ୍ଗା ପଞ୍ଚାୟତ ବଣ୍ଡାପିପିଲି ଗ୍ରାମରେ ରବିବାର ଜନଜାତି ସାପ୍ତାହିକୀ ହାଟ ବସିଥିଲା। ହାଟ ବସୁଥିବା ଜାଗା ସମ୍ମୁଖରେ ରମେଶଙ୍କ ଘର। ଗତ ୧୦ ବର୍ଷ ହେବ ସେ କଳାହାଣ୍ଡିରୁ ଆସି ଏଠାରେ ଠିକାଦାରି କରିବା ସହ କାଠ କାମ ମଧ୍ୟ କରୁଥିଲେ। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ୨ଜଣ ବନ୍ଧୁକଧାରୀ ହାଟକୁ ଆସି ରମେଶଙ୍କୁ ଖୋଜିଥିଲେ। ସେମାନଙ୍କୁ ଦେଖି ରମେଶ ଦୌଡ଼ି ପଳାଉଥିଲେ। ମାଓବାଦୀମାନେ ତାଙ୍କ ପିଛା କରି ମାତ୍ର ୩୦ ମିଟର ଦୂରରୁ ରମେଶଙ୍କୁ ଗୁଳି କରି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ସ୍ଥାନରେଏକ ପୋଷ୍ଟର ଛାଡ଼ି ଯାଇଥିଲେ। ସେଥିରେ ପୋଲିସ ଇନଫର୍ମର ସାଜିଥିବା ଆଉ ୫ଜଣ କ୍ଲାର୍କ ବିଭୂତି ମଣ୍ଡଳ, ଚୌକିଦାର ଟିକି, କପିଳ, ପଙ୍କଜ ମୁଣ୍ଡା, ଯୁଗେନ୍ଦ୍ର ମୁଣ୍ଡାଙ୍କୁ ମଧ୍ୟ ହତ୍ୟା କରାଯିବ ବୋଲି ଲେଖାଯାଇଛି। ଏମାନେ ସାଧାରଣ କୁଟିଆ ଆଦିବାସୀଙ୍କୁ କିଛି ଟଙ୍କା, ମୋବାଇଲ ଲୋଭ ଦେଖାଇ ପୋଲିସକୁ ଖବର ଦେଉଛନ୍ତି। ତେଣୁ ରମେଶଙ୍କ ଭଳି ମୃତ୍ୟୁଦଣ୍ଡ ପାଇବେ ବୋଲି ଚେତାବନୀ ଦେଇଛନ୍ତି। ପୋଷ୍ଟର ତଳେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବଂଶଧାରା ଡିଭିଜନ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ରମେଶଙ୍କ ଦୁଇ ସ୍ତ୍ରୀ ଅଛନ୍ତି। ପ୍ରଥମ ସ୍ତ୍ରୀଙ୍କର ଦୁଇଟି ପୁଅ ଥିବା ବେଳେ ଦ୍ୱିତୀୟ ସ୍ତ୍ରୀଙ୍କ ଗୋଟିଏ ପୁଅ ରହିଛନ୍ତି। ସୂଚନାଯୋଗ୍ୟ, ମାଓବାଦୀମାନେ ଗତ କିଛିଦିନ ହେବ କନ୍ଧମାଳ ଜିଲାର ପରିବେଶକୁ ଅଶାନ୍ତ କରି ରଖିଛନ୍ତି। ସେମାନେ ପ୍ରତିଶୋଧ ପରାୟଣ ହୋଇ ଗୋଟିଏ ପରେ ଗୋଟିଏ କାଣ୍ଡ ଭିଆଉଛନ୍ତି। ଗତ ଫେବୃୟାରୀ ୧୫ରେ ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ବେଲଘର ଥାନା ଭଣ୍ଡରଙ୍ଗି ପଞ୍ଚାୟତ ଗୁମି ଗ୍ରାମରେ ପୋଲିସ ଇନଫର୍ମର ସନ୍ଦେହରେ ଜଣଙ୍କୁ ହତ୍ୟା କରିଥିଲେ। ଏହାପରେ ବିଭିନ୍ନ ସମୟରେ ଅନ୍ୟାନ୍ୟ ହିଂସାକାଣ୍ଡ ମଧ୍ୟ ଘଟାଇଛନ୍ତି।

# ଆଉଥରେ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

**ପାଣିଭର୍ତ୍ତି ଗାତରେ ବୁଡ଼ି ୪ ଶିଶୁଙ୍କ ମୃତ୍ୟୁ ଘଟଣା**

- **କୋରାପୁଟ ଜିଲାପାଳଙ୍କ ଦାୟିତ୍ୱହୀନତାକୁ ନେଇ ଉଦ୍‌ବେଗ ପ୍ରକାଶ କଲେ**
- **କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ୪ ସପ୍ତାହ ଦେଲେ କମିଶନ**

ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)

କୋରାପୁଟ ସଦର ଥାନା ଅନ୍ତର୍ଗତ ମାଝିଗୁଡ଼ା ଗ୍ରାମ ରାସ୍ତାରେ ଭାରତମାଳା ଯୋଜନାରେ ଖୋଳାଯାଇଥିବା ଗାତରେ ପଡ଼ି ୪ଜଣ ଶିଶୁଙ୍କ ମୃତ୍ୟୁ ଘଟଣାକୁ ୫ ମାସରୁ ଊର୍ଦ୍ଧ୍ୱ ସମୟ ବିତିଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକଙ୍କ ଅଭିଯୋଗ ଆଧାରରେ କମିଶନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଗତ ଜୁଲାଇ ୧୪ରେ କୋରାପୁଟ ଜିଲାପାଳଙ୍କୁ ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏପରି ଏକ ସମ୍ବେଦନଶୀଳ ଘଟଣାରେ ଜିଲାପାଳ ଏପର୍ଯ୍ୟନ୍ତ କମିଶନଙ୍କ ନିକଟରେ ରିପୋର୍ଟ ଦାଖଲ କରିନାହାନ୍ତି। ତେଣୁ କମିଶନ ଉଦ୍‌ବେଗ ପ୍ରକାଶ କରିବା ସହ ଏହି ମାମଲାରେ ଆଗାମୀ ୪ ସପ୍ତାହ ମଧ୍ୟରେ ପୁଣିଥରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ଜାନୁୟାରୀ ୨୩ ସୁଦ୍ଧା ଏହି ରିପୋର୍ଟ ଦାଖଲ କରିବାକୁ କମିଶନ ସମୟ ଦେଇଛନ୍ତି।

ସୂଚନା ଅନୁଯାୟୀ, ମାଝିଗୁଡ଼ା ଗ୍ରାମ ରାସ୍ତା କଡ଼ରେ ଭାରତମାଳା ଯୋଜନାରେ ରାସ୍ତାରେ ବିରାଟକାୟ ଗାତ ଖୋଳାଯାଇଥିଲା। ବର୍ଷା ହେବାରୁ ଉକ୍ତ ଗାତରେ ପାଣି ଜମି ରହିଥିଲା। ଗତ ଜୁନ ୨୩ରେ ସମ୍ପୃକ୍ତ ୪ ଶିଶୁ ଗାଧୋଇବାକୁ ଯାଇଥିବାବେଳେ ସେଥିରେ ପଡ଼ିଯିବାରୁ ସେମାନଙ୍କର ମୃତ୍ୟୁ ହୋଇଥିଲା। ମୃତ ଶିଶୁଙ୍କ ମଧ୍ୟରୁ ୩ ନାବାଳକ ଓ ଜଣେ ନାବାଳିକା ଥିଲେ। ଭାରତମାଳା ଯୋଜନାରେ ରାସ୍ତା କାର୍ଯ୍ୟ ଠିକା ନେଇଥିବା ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁ ଘଟିଥିବା ଏହି ଦୁଃଖଦ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା। ଏନେଇ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ମାନବାଧିକାର କର୍ମୀ ହିମାଂଶୁ ଅଭିଯୋଗ କରିଥିଲେ। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପ୍ରତି ଶିଶୁଙ୍କ ପାଇଁ ୪୦ ହଜାର ଟଙ୍କା କ୍ଷତିପୂରଣ ରାଶି ଦିଆଯାଉ ବୋଲି ସେ ଦାବି ରଖିଥିଲେ।

ପ୍ରଥମ ପୃଷ୍ଠାରୁ...

## ଟିକେଟ ବିକ୍ରି ...

ରାଉରକେଲାରେ ୨୦ଟି ମ୍ୟାଚ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ କ୍ରସ୍ ଓଭର୍ସ, କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ମେଗା ଫାଇନାଲକୁ ମିଶାଇ ମୋଟ ୨୪ଟି ମ୍ୟାଚ ଖେଳାଯିବ। ଭୁବନେଶ୍ୱରରେ କଳିଙ୍ଗ ହକି ଷ୍ଟାଡିୟମର ୮ ନମ୍ବର ଗେଟ୍‌ସ୍ଥିତ ରିଜର୍ଭ ପୋଲିସ ଲାଇନ୍ ଗ୍ରାଉଣ୍ଡ ଏବଂ ରାଉରକେଲାରେ ବିର୍ସାମୁଣ୍ଡା ହକି ଷ୍ଟାଡିୟମର ୬ ନମ୍ବର ଗେଟ୍ (ଇଷ୍ଟ ଓ ସାଉଥ୍ ଷ୍ଟାଣ୍ଡ) ଏବଂ ୨ ନମ୍ବର ଗେଟ୍ (ନର୍ଥ ଓ ୱେଷ୍ଟ ଷ୍ଟାଣ୍ଡ) ନିକଟରେ ବକ୍ସ ଅଫିସ ଉପଲବ୍ଧ ହେବ। ବକ୍ସ ଅଫିସଗୁଡ଼ିକ ପୂର୍ବାହ୍ନ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ଦର୍ଶକମାନେ ଏଠାରେ ଟିକେଟ କିଣିବା ସହିତ ଅନ୍‌ଲାଇନ୍ ଟିକେଟ ରିଡେମ୍ପଶନ କରିପାରିବେ। ''ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍‌କୁ ଆମେ ପୁଣିଥରେ ଦର୍ଶକଙ୍କୁ ସ୍ୱାଗତ କରୁଛୁ। ବିଶ୍ୱର ଶ୍ରେଷ୍ଠ ଦଳର ଆକ୍ସନ ଏହି ଟୁର୍ନାମେଣ୍ଟରେ ଦେଖିବାକୁ ମିଳିବ। ତେଣୁ ଦର୍ଶକମାନେ ବହୁସଂଖ୍ୟାରେ ଷ୍ଟାଡିୟମ ଆସି ସେମାନଙ୍କ ପ୍ରିୟ ଖେଳାଳିଙ୍କ ଖେଳ ଉପଭୋଗ କରିବାକୁ ମୁଁ ଆମନ୍ତ୍ରଣ କରୁଛି। ଆମେ ଭୁବନେଶ୍ୱରରେ ୨୦୧୮ ବିଶ୍ୱକପ୍ ସମେତ ହକିର ଅନେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରିସାରିଛୁ। ଏବେ ହକି ଆକ୍ସନ ରାଉରକେଲାରେ ନବନିର୍ମିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଛି। ଉଭୟ ଷ୍ଟାଡିୟମରେ ଦର୍ଶକ ଭରପୂର ସଂଖ୍ୟାରେ ଉପସ୍ଥିତ ରହି ହକି ପ୍ରତି ସେମାନଙ୍କ ଭଲପାଇବାକୁ ପ୍ରଦର୍ଶନ କରିବା ଆଶା ରହିଛି'' ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଆୟୋଜକ ଭାରତ ବ୍ୟତୀତ ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ଅନ୍ୟ ୧୫ଟି ଦଳ ହେଲେ ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ନେଦରଲାଣ୍ଡ୍ସ, ଆର୍ଜେଣ୍ଟିନା, ଜର୍ମାନୀ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଫ୍ରାନ୍ସ, କୋରିଆ, ମାଲେସିଆ, ସ୍ପେନ୍, ଦକ୍ଷିଣ ଆଫ୍ରିକା, ଜାପାନ, ଚିଲି ଓ ୱେଲ୍ସ। ଭାରତ ଗ୍ରୁପ୍ 'ଡି'ରେ ସ୍ପେନ୍, ଇଂଲଣ୍ଡ ଓ ୱେଲ୍ସ ସହିତ ସ୍ଥାନ ପାଇଛି। ରାଉରକେଲାରେ ଜାନୁୟାରୀ ୧୩ରେ ସ୍ପେନ୍ ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ୧୫ରେ ଇଂଲଣ୍ଡ ଏବଂ ୧୯ରେ ୱେଲ୍ସ ବିପକ୍ଷରେ ମୁକାବିଲା କରିବ। ଭାରତର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ରାତି ୭ଟାରେ ଆରମ୍ଭ ହେବ।

### ଟିକେଟ ମୂଲ୍ୟ

ଭାରତ ସମ୍ପୃକ୍ତ ଥିବା ମ୍ୟାଚ୍: ୱେଷ୍ଟ ଷ୍ଟାଣ୍ଡ ୫୦୦, ଇଷ୍ଟ ଷ୍ଟାଣ୍ଡ ୪୦୦, ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ୨୦୦ ଟଙ୍କା। ଭାରତ ସମ୍ପୃକ୍ତ ନ ଥିବା ମ୍ୟାଚ୍: ୱେଷ୍ଟ ଷ୍ଟାଣ୍ଡ ୫୦୦, ଇଷ୍ଟ ଷ୍ଟାଣ୍ଡ ୨୦୦, ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ୧୦୦ ଟଙ୍କା। ଭୁବନେଶ୍ୱରରେ କ୍ୱାଲିଫାୟର୍ସଠାରୁ ଆରମ୍ଭ କରି ଫାଇନାଲ ପର୍ଯ୍ୟନ୍ତ ୱେଷ୍ଟ ଷ୍ଟାଣ୍ଡ ୫୦୦, ଇଷ୍ଟ ଷ୍ଟାଣ୍ଡ ୪୦୦, ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ୨୦୦ ଟଙ୍କା। ରାଉରକେଲାରେ ୯ରୁ ୧୬ ପର୍ଯ୍ୟନ୍ତ ପୋଜିଶନିଂ ମ୍ୟାଚ୍ ପାଇଁ ୱେଷ୍ଟ ଷ୍ଟାଣ୍ଡ ୫୦୦, ଇଷ୍ଟ ଷ୍ଟାଣ୍ଡ ୨୦୦, ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ୧୦୦ ଟଙ୍କା। ଟିକେଟ୍ କିଣିଥିବା ଦର୍ଶକ ସମ୍ପୃକ୍ତ ଭେନ୍ୟୁରେ ପୂରା ଦିନର ମ୍ୟାଚ୍ ଉପଭୋଗ କରିପାରିବେ।

ପ୍ରଥମ ପୃଷ୍ଠାରୁ...

## ଭାଜପାକୁ 'ବେଲାଗାଭି' ...

ଅଧିବେଶନ ମଧ୍ୟ ସୋମବାର ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଉଭୟ ରାଜ୍ୟର ବିଧାନସଭାରେ ବେଲାଗାଭି ପ୍ରସଙ୍ଗକୁ ନେଇ ଜୋରଦାର ବିତର୍କ ହେବ। ମହାରାଷ୍ଟ୍ର ଓ କର୍ଣ୍ଣାଟକର ବିବାଦୀୟ ସୀମାରେ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ କେନ୍ଦ୍ର ସରକାର ଉଦ୍ୟମ ଚଳାଇଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। କାରଣ ଉଭୟ ବାସବରାଜ ବୋମାଇ ଓ ଏକନାଥ ଶିନ୍ଦେଙ୍କୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବୈଠକରୁ କୌଣସି ସକାରାତ୍ମକ ନିଷ୍କର୍ଷ ବାହାରିପାରି ନାହିଁ। ଗତ ବୁଧବାର ବୈଠକ ପରେ ଗଣମାଧ୍ୟମକୁ ଶାହା କହିଥିଲେ, ଦୁଇ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଛି। ସୁପ୍ରିମକୋର୍ଟ ରାୟ ନ ଆସିବା ଯାଏ କେହି ଉକ୍ତ ବିବାଦୀୟ ଅଞ୍ଚଳକୁ ନେଇ ନିଜ ପକ୍ଷରୁ କୌଣସି ଦାବି କରିବେ ନାହିଁ। ଆଲୋଚନା ଜରିଆରେ ଏହାର ସମାଧାନ କରାଯିବ। ଦୁଇ ରାଜ୍ୟର ୩ ଜଣ ଲେଖାଏ ମନ୍ତ୍ରୀଙ୍କୁ ନେଇ ଏକ କମିଟି ଗଠନ କରାଯିବ। ଇତିମଧ୍ୟରେ ମହାରାଷ୍ଟ୍ରର ଏକୀକରଣ ସମିତି ଅଧିବେଶନର ପ୍ରଥମ ଦିନ ଅର୍ଥାତ୍ ସୋମବାର ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଘୋଷଣା କରିଛି। ଦୁଇ ରାଜ୍ୟର ଭାଜପା ସରକାରଙ୍କୁ ଘେରିବା ପାଇଁ କଂଗ୍ରେସ ମଧ୍ୟ ଯଥାସାଧ୍ୟ ଉଦ୍ୟମ କରିଛି।

୨୦୦୪ରୁ ସୁପ୍ରିମକୋର୍ଟରେ ବେଲାଗାଭି ବିବାଦ ବିଚାରାଧୀନ ଥିବାବେଳେ ମହାରାଷ୍ଟ୍ର ସରକାରଙ୍କ ଆବେଦନ ଉପରେ ଗତ ନଭେମ୍ବର ୩୦ରେ ଶୁଣାଣି ପାଇଁ ସର୍ବୋଚ୍ଚ ଅଦାଲତ ରାଜି ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଦୁଇ ରାଜ୍ୟର ସରକାରଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ବାକ୍‌ଯୁଦ୍ଧ ଥମିବାର ନାଁ ନେଉନାହିଁ। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ମତରେ ତାଙ୍କ ରାଜ୍ୟର ଗୋଟିଏ ହେଲେ ଗାଁ କର୍ଣ୍ଣାଟକକୁ ଯିବ ନାହିଁ। ଏହାର ଜବାବରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବୋମାଇ କହିଛନ୍ତି, ମହାରାଷ୍ଟ୍ରର ସବୁ ଦଳ ସୀମା ବିବାଦକୁ ଏକ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ଏହି ଦୀର୍ଘ ଆଇନଗତ ଲଢ଼େଇରେ ମହାରାଷ୍ଟ୍ର କେବେହେଲେ ସଫଳ ହେବ ନାହିଁ। ଡିସେମ୍ବର ୧ରେ କର୍ଣ୍ଣାଟକ ରକ୍ଷଣ ବେଦିକା(କନ୍ନଡ ଜାତୀୟତାବାଦୀ ସଙ୍ଗଠନ)ର ସଦସ୍ୟମାନେ ମହାରାଷ୍ଟ୍ରରୁ ବେଲାଗାଭିକୁ ଯାଉଥିବା ବସ୍ ଯାତ୍ରୀମାନଙ୍କୁ ଟେକାମାଡ଼ କରିଥିଲେ। ସେମାନେ ୬ ତାରିଖରେ ମହାରାଷ୍ଟ୍ରର କ୍ୟାବିନେଟ୍ ମନ୍ତ୍ରୀ ଶମ୍ଭୁରାଜ ଦେଶାଇ ଏବଂ ଚନ୍ଦ୍ରକାନ୍ତ ପାଟିଲଙ୍କ ପ୍ରସ୍ତାବିତ ଗସ୍ତ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଦୁଇ ମନ୍ତ୍ରୀ ଗସ୍ତ ବାତିଲ କରିଦେଇଥିଲେ। ଏହାର ପ୍ରତିବାଦରେ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀ କର୍ଣ୍ଣାଟକ ରାଜ୍ୟ ପରିବହନ ନିଗମର ବସ୍‌ଗୁଡ଼ିକୁ ପୁଣେରେ ଆକ୍ରମଣ କରିଥିଲେ। ଇତିମଧ୍ୟରେ ମହାରାଷ୍ଟ୍ର ସରକାର କର୍ଣ୍ଣାଟକକୁ ବସ୍ ଚଳାଚଳ ବନ୍ଦ କରିଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ନେତୃତ୍ୱାଧୀନ ଧର୍ମନିରପେକ୍ଷ ଜନତା ଦଳ (ଜେଡିୟୁ) ମଧ୍ୟ ବେଲାଗାଭି ଉପରେ ମହାରାଷ୍ଟ୍ରର ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ଉଦ୍ଧବ ଗୋଷ୍ଠୀ ନେତା ତଥା ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ୍ କହିଛନ୍ତି, ମହାରାଷ୍ଟ୍ରରେ ଏବେ ଭୀରୁ ସରକାର ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ-ୟୁକ୍ରେନ୍ ଯୁଦ୍ଧାବସାନ ପାଇଁ ମଧ୍ୟସ୍ଥତା କରିପାରୁଛନ୍ତି। କିନ୍ତୁ ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦର ସମାଧାନ ଲାଗି ତାଙ୍କ ପାଖରେ ସମୟ ନାହିଁ। ଏହା ଜଣେ ଭଲ ରାଜନେତାଙ୍କ ଲକ୍ଷଣ ନୁହେଁ ବୋଲି ଶିବସେନା ମୁଖପତ୍ର 'ସାମ୍‌ନା' ସମ୍ପାଦକୀୟରେ ସଞ୍ଜୟ ଉଲ୍ଲେଖ କରିଛନ୍ତି।

## ୬ ଦଶନ୍ଧିର ...

- ୧୯୫୭ ସେପ୍ଟେମ୍ବରରେ ତତ୍କାଳୀନ ବମ୍ବେ ପ୍ରେସିଡେନ୍ସିର ସରକାର କେନ୍ଦ୍ର ସରକାରଙ୍କ ନିକଟରେ ନିଜ ଆପତ୍ତି ଜଣାଇଥିଲେ। ଏହି ବିବାଦର ସମାଧାନ ଲାଗି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ମେହର ଚାନ୍ଦ ମହାଜନଙ୍କ ଅଧ୍ୟକ୍ଷତାରେ ୧୯୬୬ ଅକ୍ଟୋବରରେ ଏକ କମିଶନ ଗଠନ କରାଯାଇଥିଲା। ୧୯୬୭ ଅଗଷ୍ଟରେ ମହାରାଷ୍ଟ୍ରକୁ ୨୬୪ ଗ୍ରାମ ସ୍ଥାନାନ୍ତର କରିବାକୁ ମହାଜନ କମିଶନ ସୁପାରିସ କରିଥିଲେ। ଅନ୍ୟପକ୍ଷେ ବେଲଗାମ ସମେତ ୨୪୭ ଗ୍ରାମ କର୍ଣ୍ଣାଟକରେ ରହୁ ବୋଲି କମିଶନ କହିଥିଲେ। ଉକ୍ତ ରିପୋର୍ଟକୁ କର୍ଣ୍ଣାଟକ ସ୍ୱାଗତ କରିଥିବାବେଳେ ମହାରାଷ୍ଟ୍ର ଏହାକୁ ଅଯୌକ୍ତିକ ଦର୍ଶାଇ ପ୍ରତ୍ୟାଖ୍ୟାନ କରିଥିଲା। ତେବେ କେନ୍ଦ୍ର ସରକାର ଆନୁଷ୍ଠାନିକ ଭାବେ ଅଦ୍ୟାବଧି ଏହାକୁ ଲାଗୁ କରିନାହାନ୍ତି। -୨୦୦୫ ଡିସେମ୍ବରରେ ତତ୍କାଳୀନ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ସୀମା ବିବାଦର ସମାଧାନ ଉଦ୍ୟମ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଏହି ଉଦ୍ୟମ ବିଫଳ ହେବା ପରେ ବେଲଗାମ ସହର ଓ କର୍ଣ୍ଣାଟକର ଅନ୍ୟ କେତେକ ଅଂଶ ଉପରେ ମହାରାଷ୍ଟ୍ର ନିଜ ଦାବି ଦୋହରାଇଥିଲା।
- ୨୦୦୬ରେ ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। କର୍ଣ୍ଣାଟକରେ ରହୁଥିବା ମରାଠୀ ଭାଷୀ ଲୋକ ନିଜକୁ ଅସୁରକ୍ଷିତ ମନେକରୁଥିବାରୁ ଏହାକୁ ମହାରାଷ୍ଟ୍ରରେ ମିଶ୍ରଣ କରାଯାଉ ବୋଲି ଦାବି କରିଥିଲେ।
- ୨୦୧୪ରେ ମହାରାଷ୍ଟ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୧୩୧ (ଖ) ଅନୁସାରେ ସୀମା ବିବାଦର ସମାଧାନ କରାଯାଉ ବୋଲି ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ, ଯାହାକି ଅଦ୍ୟାବଧି ବିଚାରାଧୀନ ଅଛି।
- ମହାରାଷ୍ଟ୍ରର ଦାବିକୁ ବିରୋଧ କରି କର୍ଣ୍ଣାଟକ ସରକାର ବେଲାଗାଭିରେ ୪୫୦ କୋଟି ଟଙ୍କା ବ୍ୟୟରେ ଦ୍ୱିତୀୟ ବିଧାନସଭା ନିର୍ମାଣ କରିଛନ୍ତି। ୨୦୧୨ରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଏହାକୁ ଉଦ୍‌ଘାଟନ କରିଥିଲେ। ଗତ ଅକ୍ଟୋବର ୧୧ରେ ଏହି ସୁବର୍ଣ୍ଣ ବିଧାନସୌଧକୁ ୧୦ ବର୍ଷ ପୂରିଛି। ୧ ଦଶନ୍ଧି ମଧ୍ୟରେ ୮ଟି ଅଧିବେଶନ ବସିଥିବାବେଳେ କାର୍ଯ୍ୟଦିବସ ସଂଖ୍ୟା ଥିଲା ୮୦।
- ୨୦୧୯ରେ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର କ୍ଷମତାକୁ ଆସିବା ପରେ ସୁପ୍ରିମକୋର୍ଟରେ ରାଜ୍ୟର ଉଦ୍ୟମକୁ ତ୍ୱରାନ୍ୱିତ କରିବା ଲାଗି ମନ୍ତ୍ରୀ ଛଗନ ଭୁଜବଳ ଓ ଏକନାଥ ଶିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଦାୟିତ୍ୱ ଦେଇଥିଲେ।
- ୨୦୧୯ ନଭେମ୍ବରରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ମହାଜନ କମିଶନ ରିପୋର୍ଟକୁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ଏକନାଥ ଶିନ୍ଦେ ଶିବସେନାରେ ବିଦ୍ରୋହ କରି ଭାଜପା ସମର୍ଥନରେ ମହାରାଷ୍ଟ୍ରରେ ସରକାର ଚଳାଉଛନ୍ତି। ସେପଟେ କର୍ଣ୍ଣାଟକରେ ୟେଦୁରପ୍ପାଙ୍କ ପରେ ବାସବରାଜ ବୋମାଇ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଛନ୍ତି। ତେଣୁ ଉଦ୍ଧବଙ୍କ ଶିବସେନା ଏବେ କେନ୍ଦ୍ରର ଭାଜପା ସମେତ ରାଜ୍ୟର ଶିନ୍ଦେ ସରକାରଙ୍କୁ ଟାର୍ଗେଟ କରିବା ପାଇଁ ସୁଯୋଗ ପାଇଛି। ସର୍ବୋଚ୍ଚ ଅଦାଲତରେ ଉକ୍ତ ପ୍ରସଙ୍ଗ ବିଚାରାଧୀନ ଥିବାବେଳେ ଉଭୟ ରାଜ୍ୟର ସରକାର ନିଜ ସପକ୍ଷରେ ରାୟକୁ ଅପେକ୍ଷା କରିଛନ୍ତି।

## ମେସିଙ୍କ ଆର୍ଜେଣ୍ଟିନା ...

ଗୋଲ ଦେବା ସହ ଆର୍ଜେଣ୍ଟିନାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ଫ୍ରାନ୍ସର ଉମାମେକାନୋ ବଲ୍ ନେଇ ଆଗକୁ ଯାଉଥିବାବେଳେ ନିୟନ୍ତ୍ରଣ ହରାଇଥିଲେ। ଏହାର ସୁଯୋଗ ନେଇଥିଲେ ମେସି। ସେ କାଉଣ୍ଟର ଆକ୍ରମଣ କରି ବଲ୍ ନେଇ ଫ୍ରାନ୍ସ ଗୋଲପୋଷ୍ଟର ନିକଟତର ହୋଇଥିଲେ। ତାଙ୍କ ସହ ତାଳଦେଇ ରନିଂ ପୋଜିଶନରେ ଥିବା ମ୍ୟାକ୍ ଆଲିଷ୍ଟରଙ୍କୁ ସେ ପାସ୍ ଦେଇଥିଲେ। ଆଲିଷ୍ଟର ବକ୍ସ ମଧ୍ୟରେ ଥିବା ଡି' ମାରିଆଙ୍କ ନିକଟକୁ ବଲ୍ ପଠାଇ ଦେଇଥିଲେ। ଫ୍ରାନ୍ସ ଗୋଲକିପର ଲୋରିସ ବଲ୍ ଧରିବାକୁ ଦୌଡ଼ି ଆସିଥିବାବେଳେ ଡି' ମାରିଆ ଚତୁରତାର ସହ ତାଙ୍କୁ ଅତିକ୍ରମ କରି ବଲ୍‌କୁ ଗୋଲପୋଷ୍ଟର ବଟମ କର୍ନର ନେଟ୍ ସ୍ପର୍ଶ କରାଇଥିଲେ।

### ୯୭ ସେକେଣ୍ଡରେ ୨ ଗୋଲ

ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ସ୍ୱାଭାବିକ ଭାବେ ଉତ୍ତେଜନାପୂର୍ଣ୍ଣ ରହିଥିଲା। ଗୋଲ ପରିଶୋଧ ପାଇଁ କାଉଣ୍ଟର ଆକ୍ରମଣ କରିଥିଲା ଫ୍ରାନ୍ସ। ୫୫ତମ ମିନିଟରେ ଫାଉଲ୍ ପାଇଁ ଆର୍ଜେଣ୍ଟିନାର ଆଡ୍ରିଏନ ରାବିଅଟ ୟେଲୋ କାର୍ଡ ପାଇଥିଲେ। ଶେଷ ୧୦ ମିନିଟରେ ଖେଳ କଡ଼ ଲେଉଟାଇଥିଲା। ଫ୍ରାନ୍ସ ଆକ୍ରମଣର ନେତୃତ୍ୱ ନେଇଥିଲେ ତାରକା ଷ୍ଟ୍ରାଇକର କିଲିଆନ ଏମ୍‌ବାପେ। ୭୯ତମ ମିନିଟରେ ଆର୍ଜେଣ୍ଟିନାର ନିକୋଲାସ ଓଟାମେଣ୍ଡିଙ୍କ ଫାଉଲ୍ ଯୋଗୁ ଫ୍ରାନ୍ସକୁ ପେନାଲ୍ଟି ମିଳିଥିଲା। ୮୦ତମ ମିନିଟରେ ଏମ୍‌ବାପେ ପେନାଲ୍ଟିରୁ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ଏହାର ୯୭ ସେକେଣ୍ଡ ମଧ୍ୟରେ ଏମ୍‌ବାପେ ଦ୍ୱିତୀୟ ଗୋଲ ଦେଇ ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲେ। ମ୍ୟାଚ୍ ୨-୨ ସ୍ଥିତିକୁ ଚାଲିଆସିଥିଲା। ଏମ୍. ଥୁରାମଙ୍କଠାରୁ ପାଇଥିବା ପାସ୍‌କୁ ସେ ଶକ୍ତିଶାଳୀ ଶଟ୍ ମାଧ୍ୟମରେ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଏମ୍‌ବାପେଙ୍କ ଶଟ୍ ଏତେ ତୀବ୍ର ଥିଲା ଯେ ଆର୍ଜେଣ୍ଟିନା ଗୋଲ୍‌କିପର ଏମିଲିଆନୋ ମାର୍ଟିନେଜ୍‌ଙ୍କ ହାତରେ ବଲ୍ ବାଜି ଗୁଳି ବେଗରେ ନେଟ୍ ସ୍ପର୍ଶ କରିଥିଲା। ଫାଉଲ ପାଇଁ ଫ୍ରାନ୍ସର ମାର୍କୁସ ଥୁରାମ ୮୭ ଓ ୯୦+୫ ମିନିଟରେ ଓଲିଭର ଗିରୁଡ଼ ୟେଲୋ କାର୍ଡ ପାଇଥିଲେ।

### ଏମ୍‌ବାପେଙ୍କ ହାଟ୍ରିକ

ଅତିରିକ୍ତ ସମୟ ଅର୍ଥାତ୍ ମ୍ୟାଚ୍‌ର ୧୦୮ତମ ମିନିଟ୍‌ରେ ମେସି ଗୋଲ ଦେଇ ଆର୍ଜେଣ୍ଟିନାକୁ ପୁଣି ଅଗ୍ରଣୀ କରାଇଥିଲେ। ମାତ୍ର ୧୧୬ତମ ମିନିଟରେ ବକ୍ସ ଏରିଆ ମଧ୍ୟରେ ଆର୍ଜେଣ୍ଟିନାର ଗୋଞ୍ଜାଲୋ ମଣ୍ଟେଲଙ୍କ ହ୍ୟାଣ୍ଡବଲ ଯୋଗୁ ଫ୍ରାନ୍ସକୁ ପେନାଲ୍ଟି ମିଳିଥିଲା। ଏମ୍‌ବାପେ ଏହାକୁ ଗୋଲରେ ପରିଣତ କରି ହାଟ୍ରିକ ଅର୍ଜନ ସହ ମ୍ୟାଚ୍‌କୁ ୩-୩ ସ୍ଥିତିକୁ ନେଇଆସିଥିଲେ। ଫିଫା ବିଶ୍ୱକପ୍ ଫାଇନାଲ ଇତିହାସରେ ଏହା ଥିଲା ଦ୍ୱିତୀୟ ହାଟ୍ରିକ। ପୂର୍ବରୁ ଇଂଲଣ୍ଡର ଜିଓଫ ହର୍ଷ୍ଟ ୧୯୬୬ ବିଶ୍ୱକପ ଫାଇନାଲରେ ପଶ୍ଚିମ ଜର୍ମାନୀ ବିପକ୍ଷରେ ୩ ଗୋଲ ଦେଇ ହାଟ୍ରିକ ଅର୍ଜନ କରିଥିଲେ।

## ଓଡ଼ିଆରେ ହେବ ବିଜ୍ଞାନ, ...

ପରିବର୍ତ୍ତନ ହେବାକୁ ଯାଉଛି। ସ୍ନାତକରେ ଅନର୍ସ ଡିଗ୍ରୀ ୩ ବର୍ଷ ବଦଳରେ ୪ ବର୍ଷିଆ ହେବା ନେଇ ନିକଟରେ ୟୁଜିସି ପକ୍ଷରୁ ଘୋଷଣା ହୋଇଛି। ଏବେ ମାତୃଭାଷାରେ ସ୍ନାତକ ଶିକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମାତୃଭାଷାରେ ପାଠ୍ୟକ୍ରମ ଏବଂ ପରୀକ୍ଷା ହେବ। ପୂର୍ବରୁ ଓଡ଼ିଶାରେ ସ୍ନାତକ କଳା (ବି.ଏ.) ପାଠ୍ୟକ୍ରମ ଓଡ଼ିଆ ସହ ଇଂଲିଶ ରହିଥିଲା, ଏବେ ବାଣିଜ୍ୟ (ବି.କମ୍) ଏବଂ ବିଜ୍ଞାନ (ବି.ଏସ୍‌ସି.) ପାଠ୍ୟକ୍ରମକୁ ମଧ୍ୟ ଓଡ଼ିଆ ଭାଷାରେ ପଢ଼ିହେବ। ଏଥିପାଇଁ ୟୁଜିସି ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଓଡ଼ିଆ ସମେତ ବଙ୍ଗଳା, ଆସାମିଜ୍, ହିନ୍ଦୀ, ଗୁଜରାଟୀ, କନ୍ନଡ଼, ମାଲାୟଲମ, ମରାଠୀ, ପଞ୍ଜାବୀ, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁ ଭଳି ୧୨ଟି ଭାଷାରେ ପାଠ୍ୟପୁସ୍ତକ ଉପଲବ୍ଧ ହେବ। ଇଂଲିଶ ପାଠ୍ୟପୁସ୍ତକକୁ ବିଭିନ୍ନ ଭାରତୀୟ ଆଞ୍ଚଳିକ ଭାଷାରେ ଅନୁବାଦ କରିବାକୁ ପ୍ରକାଶକଙ୍କ ସହ ୟୁଜିସି ବିଚାରବିମର୍ଶ ଚଳାଇଛି। ଏହି ପ୍ରକ୍ରିୟାରେ ପିୟରସନ ଇଣ୍ଡିଆ, ନାରୋସା ପବ୍ଲିସର୍ସ, ଭିଭା ବୁକ୍ସ, ଏସ୍. ଚାନ୍ଦ ପବ୍ଲିସର୍ସ, ବିକାଶ ପବ୍ଲିସିଂ, ନ୍ୟୁ ଏଜ୍ ପବ୍ଲିସର୍ସ, ମହାବୀର ପବ୍ଲିକେଶନ୍‌ସ, ୟୁନିଭର୍ସିଟିଜ୍ ପ୍ରେସ୍ ଏବଂ ଟ୍ୟାକ୍ସମ୍ୟାନ୍ ପବ୍ଲିକେଶନ୍‌ସ ଭଳି ସଂସ୍ଥା ରହିଛନ୍ତି। ୟୁଜିସି ଅଧ୍ୟକ୍ଷ ପ୍ରଫେସର ଏମ୍. ଜଗଦେଶ କୁମାରଙ୍କ ସୂଚନାନୁସାରେ, ୟୁଜିସି ନୋଡାଲ ଏଜେନ୍ସି ଭାବେ ପାଠ୍ୟପୁସ୍ତକ ଚିହ୍ନଟ, ଅନୁବାଦ ଉପକରଣ, ସମ୍ପାଦନା ବିଶେଷଜ୍ଞ ଆଦି କ୍ଷେତ୍ରରେ ପ୍ରକାଶକଙ୍କୁ ସାହାଯ୍ୟ ଓ ସହାୟତା ଯୋଗାଇବ। ପାଠ୍ୟପୁସ୍ତକ ଚିହ୍ନଟ ଓ ଅନୁବାଦ ସହ ଏକକାଳୀନ ଭାବେ ଅଣ-ବୈଷୟିକ ବିଷୟ ଲାଗି ଭାରତୀୟ ଭାଷାରେ ପାଠ୍ୟପୁସ୍ତକ ଲେଖିବାକୁ ଲେଖକଙ୍କୁ ଉତ୍ସାହିତ କରାଯିବ। ଏହି ମିଶନରେ ସାମିଲ ହୋଇଥିବା ପ୍ରକାଶକଙ୍କୁ ପ୍ରଶଂସା କରାଯିବା ସହ ୬ରୁ ୧୨ ମାସ ମଧ୍ୟରେ ଅନେକ ପୁସ୍ତକ ଅନୁବାଦ କରିବା ପାଇଁ ୟୁଜିସି ଚାହୁଁଥିବା ଜଗଦେଶ କୁମାର କହିଛନ୍ତି। ଏଥିପାଇଁ ଏକ ଖସଡ଼ା ପ୍ରସ୍ତୁତ କରି ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବାକୁ ଏକ ସର୍ବୋଚ୍ଚ (ଆପେକ୍ସ) କମିଟି ଗଠନ କରାଯାଇଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ନିକଟରେ ୟୁଜିସି ପକ୍ଷରୁ ୪ ବର୍ଷିଆ ୟୁଜି ପାଠ୍ୟକ୍ରମ ଘୋଷଣା କରାଯାଇଥିଲା। ଏଣିକି ୩ ବର୍ଷ ପରିବର୍ତ୍ତେ ୪ ବର୍ଷ ୟୁଜି ପାଠ୍ୟକ୍ରମ ଶେଷ କରିବା ପରେ ଛାତ୍ରୀଛାତ୍ର ଅନର୍ସ ଡିଗ୍ରୀ ସାର୍ଟିଫିକେଟ ପାଇପାରିବେ। ସ୍ନାତକ ଡିଗ୍ରୀ ସାର୍ଟିଫିକେଟ୍ ପାଇବା ପାଇଁ ପୂର୍ବପରି ତିନିବର୍ଷ ପଢ଼ିବାକୁ ପଡ଼ିବ। ସ୍ନାତକ ଅନର୍ସ ଡିଗ୍ରୀ ପାଇଁ ୪ବର୍ଷ ରଖାଯାଇଛି। ସେହିଭଳି ଯେଉଁ ଛାତ୍ରୀଛାତ୍ର ପ୍ରାରମ୍ଭିକ ୬ଟି ସେମିଷ୍ଟରରେ ୭୫ ପ୍ରତିଶତରୁ ଅଧିକ ନମ୍ବର ରଖିବେ ଏବଂ ଗ୍ରାଜୁଏଶନ ସ୍ତରରେ ରିସର୍ଚ୍ଚ କରିବାକୁ ଚାହିଁବେ, ସେମାନଙ୍କୁ ଚତୁର୍ଥ ବର୍ଷରେ ରିସର୍ଚ୍ଚ ବିଷୟ ବାଛିବା ପାଇଁ ସୁଯୋଗ ଦିଆଯିବ। ଆଉ ଏହା ପରେ ତାଙ୍କୁ ରିସର୍ଚ୍ଚସହିତ ଅନର୍ସ ଡିଗ୍ରୀ ପ୍ରଦାନ କରାଯିବ। ସ୍ନାତକରେ ଏକବର୍ଷ ସମ୍ପୂର୍ଣ୍ଣ ହେବା ପରେ ବର୍ଷିକିଆ ସାର୍ଟିଫିକେଟ୍ ମିଳିବ, ଦୁଇବର୍ଷ ପରେ ଡିପ୍ଲୋମା ଓ ତିନି ବର୍ଷ ପରେ ସ୍ନାତକ ସାର୍ଟିଫିକେଟ୍ ଦିଆଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପରିସ୍ଥିତିକୁ ଲାଘବ କରିବା ଉଦ୍ଦେଶ୍ୟରେ ଅଳ୍ପ ଖର୍ଚ୍ଚରେ ଆବଶ୍ୟକତା ଚଳାଇ ନେବାକୁ ଚିନ୍ତା କରିପାରନ୍ତି। ସହକର୍ମୀଙ୍କୁ ସୁପରାମର୍ଶ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପାରିବାରିକ ଅସହଯୋଗରୁ ଶେଷ ପର୍ଯ୍ୟାୟରେ କାମଗୁଡ଼ିକ ଅଧାରେ ଅଟକିଯିବ। ଉପରିସ୍ଥଙ୍କ ଚାପ ଦୃଷ୍ଟିରୁ ମାନସିକ ସ୍ତରରେ କଷ୍ଟ ସ୍ୱୀକାର କରିବେ।

**ବୃଷ** ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ଅସୁବିଧା ମନେକରିବେ। କର୍ମକ୍ଷେତ୍ରରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ଅଫିସ୍‌ରେ ସାଧାରଣ ବଚସାରୁ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

**ମିଥୁନ** ବହୁତ ଦିନଧରି ଭାଙ୍ଗି ପଡ଼ିଥିବା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ। ସହକର୍ମୀଙ୍କ କାର୍ଯ୍ୟାବଳୀରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ନିକଟ ସମ୍ପର୍କୀୟଙ୍କ ମୁଖରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଯେତେ ଚେଷ୍ଟାକଲେ ମଧ୍ୟ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** ପରିସ୍ଥିତିରେ ପଡ଼ି କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇ ପାରନ୍ତି। ମରୀଚିକା ପଛରେ ଦୌଡ଼ି ପରିଶେଷରେ ଅନୁତାପ କରିପାରନ୍ତି। ବନ୍ଧୁଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିଭିନ୍ନ ପ୍ରକାରର ଆଶା ଓ ଆଶଙ୍କାରେ ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି।

**ସିଂହ** କାମର ଚାପ ବୃଦ୍ଧି ପାଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ଅବିଚାର କରିବା ଠିକ୍ ହେବନାହିଁ। ବନ୍ଧୁଙ୍କ ସାହାଯ୍ୟରେ ନିକଟ ଅତୀତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ ଅଯଥା ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବାରୁ ସାମୟିକ ଖୁସି ରହିବେ।

**କନ୍ୟା** କର୍ମକ୍ଷେତ୍ର ସମସ୍ୟା ବିଜଡ଼ିତ ରହୁଥିବା କାରଣରୁ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଆଲୋଚନା କାଳରେ ମତପାର୍ଥକ୍ୟ ଦେଖାଦେଇପାରେ। ଶେଷ ସମୟରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ଦକ୍ଷତାଭିତ୍ତିକ ସାହିତ୍ୟ, କଳା, କ୍ଷେତ୍ରରୁ ପ୍ରଶଂସିତ ହେବେ।

**ତୁଳା** ଆଜି ସକାଳୁ ସକାଳୁ ପରିବାର ମଧ୍ୟରେ ସାଧାରଣ କଥାରୁ କଳହ ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କାମରେ, ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପ୍ରତ୍ୟୁଷ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** ପ୍ରତିକୂଳ ପରିସ୍ଥିତି ବଦଳି ଯାଇଥିଲେ ମଧ୍ୟ ବନ୍ଧୁଙ୍କ ପୂର୍ବର ସେହି ଅନୁରାଗ ରହିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହେବ। ସଭାସମିତିରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ସମ୍ଭାବନା ରହିଛି। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ପଡ଼ୋଶୀଙ୍କ ଅବଦାନ ସ୍ମରଣୀୟ ରହିବ।

**ଧନୁ** ମାନସିକ ଅସୁସ୍ଥତା ଲାଗି ରହୁଥିବାରୁ ଆଜି ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ପ୍ରିୟଜନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତିତ ହେବାକୁ ପଡ଼ିବ। ଘରେ ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। କେତେକ କ୍ଷେତ୍ରରେ ଘଟଣାର ଗୁରୁତ୍ୱ ନ ବୁଝି ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି।

**ମକର** ବନ୍ଧୁଙ୍କ ପରାମର୍ଶକୁ ନିର୍ବିବାଦରେ ଗ୍ରହଣ କରିନେବା ଭଲ ହେବ, ଅନ୍ୟଥା ବିବାଦୀୟ ହେବାର ଆଶଙ୍କା ଦେଖାଦେଇପାରେ। ଉପରିସ୍ଥଙ୍କ ସାହାଯ୍ୟ ଲାଭକରି ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବେ।

**କୁମ୍ଭ** ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ପଶ୍ଚାତେ ଅନୁତାପ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରେଇବାର ପ୍ରଯତ୍ନ କରିପାରନ୍ତି। ସରଳ ଭାବରେ କୌଣସି କଥାକୁ ଗ୍ରହଣ ନ କରି ପରୀକ୍ଷା କରି କାମରେ ଲଗାଇ ପାରନ୍ତି। ଅଫିସରେ ବାଦବିବାଦ କ୍ରମେ ଜଟିଳ ହେବ, କିନ୍ତୁ ଆପଣ ଅବଶ୍ୟ ସଫଳତା ହାସଲ କରିବେ।

**ମୀନ** ଆଜିର ଯାତ୍ରାରେ ବନ୍ଧୁ କଥାରେ ପ୍ରଭାବିତ ହୋଇ ଭୁଲ କରିପାରନ୍ତି। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ଅଶାନ୍ତି ପରିପ୍ରେକ୍ଷୀରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଇବା ଯୋଗୁ ଚିନ୍ତାପ୍ରକଟ କରିବେ।

ଆଜି ଡିସେମ୍ବର ୧୯ ତାରିଖ, ପୌଷ କୃଷ୍ଣପକ୍ଷର ସର୍ବସମ୍ମତ ସଫଳା ଏକାଦଶୀ ସୋମବାର, ରାଶି ନକ୍ଷତ୍ର- ଦିବା ଘ.୧୦/୨୯ ପର୍ଯ୍ୟନ୍ତ ଚିତ୍ରା/ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬/୧୯ ଗତେ, ଘ.୦୭/୪୦ ମଧ୍ୟେ, ଘ.୦୯/୧୨ ଗତେ, ଘ.୧୧/୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭/୪୦ ଗତେ, ଘ.୦୯/୦୧ ମଧ୍ୟେ ରାହୁ କାଳ।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୯ ଡିସେମ୍ବର, ୨୦୨୨

## ଫୁଟ୍‌ପାଥକୁ ମାଡ଼ିଗଲା କାର୍ ୩ ପିଲାଙ୍କ ମୃତ୍ୟୁ

ଦିଲ୍ଲୀ ଗୁଲାବୀ ବାଗ୍‌ସ୍ଥିତ ଲୀଲାବତୀ ସ୍କୁଲ୍ ନିକଟ ଫୁଟ୍‌ପାଥ ଉପରକୁ ଏକ କାର୍ ମାଡ଼ିଯିବାରୁ ସେଠାରେ ଖରା ପୋଉଥିବା ୩ ଜଣ ପିଲାଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ସମୟର ଫଟୋ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଜଣେ ୩୦ ବର୍ଷୀୟ ଯୁବକ ତାଙ୍କ କାର୍ ଉପରୁ ନିୟନ୍ତ୍ରଣ ହରାଇବାରୁ ଏହା ହଠାତ୍ ଫୁଟ୍‌ପାଥକୁ ମାଡ଼ିଯାଇ ୩ ପିଲାଙ୍କୁ ଧକ୍କା ଦେଇଥିଲା।



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ୫୦ ଖଣ୍ଡ କଲେ ସ୍ୱାମୀ

**ରାଞ୍ଚି, ୧୮।୧୨:** ଦିଲ୍ଲୀର ବହୁଚର୍ଚ୍ଚିତ ଶ୍ରଦ୍ଧା ୱାଲକର ହତ୍ୟାକାଣ୍ଡ ଭଳି ସମାନ ଘଟଣା ଝାଡ଼ଖଣ୍ଡର ସାହିବଗଞ୍ଜ ଜିଲାରେ ଘଟିଛି। ଦିଲଦାର ଅନ୍‌ସାରି ନାମକ ଯୁବକ ତାଙ୍କ ସ୍ତ୍ରୀ ରୁବିକା ପାହାଦିନଙ୍କ ହତ୍ୟା କରି ମୃତଦେହକୁ ୫୦ ଖଣ୍ଡ କରିଥିବା ପୋଲିସ କହିଛି। ପୋଲିସ ସ୍ୱାମୀ ଦିଲନାରଙ୍କୁ ଗିରଫ କରିଛି। ମୃତା ମହିଳା ଜଣକ ଦିଲଦାରଙ୍କର ଦ୍ୱିତୀୟ ସ୍ତ୍ରୀ ହୋଇଥିବାବେଳେ ଦୁହିଁଙ୍କ ମଧ୍ୟରେ କଳିକଜିଆ ରୀତିମତ ଲାଗି ରହୁଥିଲା। ହତ୍ୟା ପରେ ରୁବିନ ନିଖୋଜ ଥିବା ନେଇ ଦିଲଦାର ଥାନାରେ ଅଭିଯୋଗ କରିଥିଲେ। ଶନିବାର ବୋରିଓ ସାନ୍ତାଲି ଅଞ୍ଚଳରେ ଥିବା ଅଧାତିଆରି ଅଙ୍ଗନୱାଡି ସେଣ୍ଟରରୁ ପୋଲିସକୁ ଏକ କଟା ଗୋଡ଼ ମିଳିଥିଲା। ଏହାକୁ ଆଧାର କରି ପୋଲିସ ଟିମ୍ ଯାଞ୍ଚ ଆରମ୍ଭ କରିଥିଲା। ରୁବିକାଙ୍କ ଶରୀରର କଟା ମାଂସକୁ ବାହାରେ ଫୋପାଡ଼ିଥିବା ଦିଲଦାର ସ୍ୱୀକାର କରିଛନ୍ତି। ତାଙ୍କ ଘରୁ ଗୋଟିଏ ଅଖାରେ ପୋଲିସ କଟା ମାଂସ ଥିବା କିଛି ପୁଡ଼ିଆ ଜବତ କରିଛି।

### ପ୍ରଧାନମନ୍ତ୍ରୀ ହେବାକୁ ପ୍ରଚଣ୍ଡ ଆଗ୍ରହୀ

**କାଠମାଣ୍ଡୁ ,୧୮।୧୨:** ସିପିଏନ୍-ମାଓବାଦୀ ସେଣ୍ଟରର ଅଧ୍ୟକ୍ଷ ପୁଷ୍ପ କୁମାର ଦହଲ 'ପ୍ରଚଣ୍ଡ' ରବିବାର ନେପାଳ ପ୍ରଧାନମନ୍ତ୍ରୀ ଶେର ବାହାଦୁର ଦେଉବାଙ୍କୁ ଭେଟିଛନ୍ତି। ସେ ନୂଆ ସରକାରରେ ପ୍ରଧାନମନ୍ତ୍ରୀ ହେବାକୁ ଆଗ୍ରହ ବ୍ୟକ୍ତ କରିଥିବା ଜଣାପଡ଼ିଛି। ଶାସକ ମେଣ୍ଟକୁ ନେଇ କିପରି ପରବର୍ତ୍ତୀ ସରକାର ଗଢ଼ାଯିବ, ସେନେଇ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ରାଷ୍ଟ୍ରପତି



ବିଦ୍ୟାଦେବୀ ଭଣ୍ଡାରୀ ସରକାର ଗଢ଼ିବା ଲାଗି ଦାବି ଜଣାଇବା ପାଇଁ ରାଜନୈତିକ ଦଳଗୁଡ଼ିକୁ ଖୁବ୍‌ଶୀଘ୍ର ଡାକିବାକୁ ଯାଉଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ପ୍ରଚଣ୍ଡ ଭେଟିବା ଗୁରୁତ୍ୱପୂର୍ଣ୍ଣ। ସୂଚନାଯୋଗ୍ୟ, ଗତ ନଭେମ୍ବର ୨୦ରେ ୨୭୫ ସଦସ୍ୟ ବିଶିଷ୍ଟ ନେପାଳ ପ୍ରତିନିଧି ସଭା ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତେବେ ସରକାର ଗଢ଼ିବା ଲାଗି କୌଣସି ଦଳକୁ ଆବଶ୍ୟକ ସଂଖ୍ୟା ମିଳିନାହିଁ। ଶାସକ ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିବାରୁ କିଏ ପ୍ରଧାନମନ୍ତ୍ରୀ ହେବେ ତାହା ଅସମାହିତ ହୋଇ ରହିଛି। ଦେଉବାଙ୍କ ନେତୃତ୍ୱାଧୀନ ନେପାଳୀ କଂଗ୍ରେସ ୮୯ ଆସନରେ ଜିତି ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିବାବେଳେ ଏହାର ସହଯୋଗୀ ସିପିଏନ୍-ମାଓବାଦୀ ସେଣ୍ଟରକୁ ୩୨, ସିପିଏନ୍-ୟୁନାଇଟେଡ୍ ସୋସିଆଲିଷ୍ଟକୁ ୧୦, ଲୋକତାନ୍ତ୍ରିକ ସମାଜବାଦୀ ପାର୍ଟିକୁ ୪ ଏବଂ ରାଷ୍ଟ୍ରୀୟ ଜନମୋର୍ଚ୍ଚାକୁ ଗୋଟିଏ ଆସନ ମିଳିଛି।

### ଟ୍ୟାଙ୍କର ବିସ୍ଫୋରଣ:୧୯ ମୃତ

**କାବୁଲ ,୧୮।୧୨:** ଆଫଗାନିସ୍ତାନ ରାଜଧାନୀ କାବୁଲର ଉତ୍ତରରେ ଥିବା ସଲଙ୍ଗ ଟନେଲ୍‌ରେ ଏକ ଇନ୍ଧନ ଟ୍ୟାଙ୍କର ଶନିବାର ରାତିରେ ବିସ୍ଫୋରଣ ହେବାରୁ ୧୯ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୩୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ମହିଳା ଓ ଶିଶୁ ଅଛନ୍ତି। କେତେଜଣ ଭଗ୍ନାବଶେଷ ତଳେ ପୋତିହୋଇପଡ଼ିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ୬୦ ଦଶକରେ ସୋଭିଏଟ୍ ଆକ୍ରମଣକୁ ସହାୟତା ପାଇଁ କାବୁଲଠାରୁ ୮୦ ମାଇଲ ଦୂରରେ ଏହି ଟନେଲ ନିର୍ମାଣ ହୋଇଥିଲା।

### ୧୬ ବର୍ଷୀୟାଙ୍କୁ ୧୨ ଘଣ୍ଟା ଗଣବଳାତ୍କାର

**ମୁମ୍ବାଇ ,୧୮।୧୨:** ମହାରାଷ୍ଟ୍ରର ପାଲଘର ଅଞ୍ଚଳରେ ଜଣେ ୧୬ ବର୍ଷୀୟା ବାଳିକାଙ୍କୁ ୮ ଜଣ ୧୨ ଘଣ୍ଟା ଧରି ଗଣବଳାତ୍କାର କରିଥିବା ରବିବାର ପୋଲିସ କହିଛି। ଶୁକ୍ରବାର ସନ୍ଧ୍ୟାରେ ନାବାଳିକାଙ୍କୁ ଜଣେ ବ୍ୟକ୍ତି ପ୍ରଲୋଭନ ଦେଖାଇ ଡାକିନେଇଥିଲେ। ପରେ ଆଉ ୭ ଜଣ ମିଶି ତାଙ୍କୁ ସମୁଦ୍ର କୂଳର ଏକ ଗାଁରେ ଥିବା ଖାଲି ବଙ୍ଗଳାକୁ ଟେକିନେଇଥିଲେ। ନାବାଳିକାଙ୍କୁ ସକାଳ ହେବା ଯାଏ ଜଣେ ପରେ ଜଣେ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଆତଙ୍କବାଦୀ ଆକ୍ରମଣରେ ୪ ପୋଲିସ ନିହତ

**ଇସ୍‌ଲାମାବାଦ୍, ୧୮।୧୨:** ପାକିସ୍ତାନର ଖାଇବର ପାଖଟୁନଖୱା ପ୍ରଦେଶରେ ରବିବାର ନବନିର୍ମିତ ପୋଲିସ ଷ୍ଟେଶନ୍‌କୁ ଆତଙ୍କବାଦୀଙ୍କ ଆକ୍ରମଣରେ ୪ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣରେ ଏକାଧିକ ଲୋକ ଆହତ ହୋଇଥିବା ଜଣାପଡ଼ିଛି। ଆତଙ୍କବାଦୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ପୋଲିସ ଘଟଣାର ଯାଞ୍ଚ କରୁଛି।



## ପାର୍ଲାମେଣ୍ଟରେ 'ଏମର୍ଜେନ୍ସି' ଶୁଟିଂ ପାଇଁ ଅନୁମତି ଲୋଡ଼ିଲେ କଙ୍ଗନା

ଅଭିନେତ୍ରୀ କଙ୍ଗନା ରାଣାୱତ୍ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଏମର୍ଜେନ୍ସି'ର ଶୁଟିଂ ପାର୍ଲାମେଣ୍ଟ ପରିସରରେ କରିବା ଲାଗି ଲୋକ ସଭା ସଚିବାଳୟର ଅନୁମତି ଲୋଡ଼ିଛନ୍ତି। ତାଙ୍କ ପତ୍ର ବିଚାରାଧୀନ ରହିଛି। ତେବେ ପାର୍ଲାମେଣ୍ଟ ଭିତରେ ଫିଲ୍ମ ଶୁଟିଂକୁ ଅନୁମତି ମିଳି ନ ପାରେ ବୋଲି ଏକ ସୂତ୍ରରୁ କୁହାଯାଇଛି।। ସାଧାରଣତଃ ପାର୍ଲାମେଣ୍ଟ ପରିସରରେ ଘରୋଇ ସଂସ୍ଥାକୁ ଶୁଟିଂ କିମ୍ବା ଭିଡିଓଗ୍ରାଫି ପାଇଁ ଅନୁମତି ଦିଆଯାଇ ନ ଥାଏ। ଯଦି ଶୁଟିଂ କୌଣସି ସରକାରୀ କାର୍ଯ୍ୟ ପାଇଁ ହୋଇଥାଏ, ତେବେ ଅଲଗା କଥା। ମୁଖ୍ୟତଃ ସରକାରୀ ପ୍ରସାରଣ ସଂସ୍ଥା ଦୂରଦର୍ଶନ ଏବଂ ସଂସଦ ଟିଭିକୁ ପାର୍ଲାମେଣ୍ଟ ଭିତରେ ବିଭିନ୍ନ କାର୍ଯ୍ୟକ୍ରମ ଓ ଘଟଣାର ଶୁଟିଂ ପାଇଁ ଅନୁମତି ମିଳିଥାଏ। ପୂର୍ବରୁ କୌଣସି ଘରୋଇ ସଂସ୍ଥାକୁ ଘରୋଇ କାର୍ଯ୍ୟ ପାଇଁ ଅନୁମତି ମିଳିଥିବାର ନଜିର ନାହିଁ। କଙ୍ଗନାଙ୍କ ଦ୍ୱାରା ଲିଖିତ ନିର୍ଦ୍ଦେଶିତ ତଥା ପ୍ରଯୋଜିତ ଚଳଚ୍ଚିତ୍ର 'ଏମର୍ଜେନ୍ସି'ର ଶୁଟିଂ ଜୁନ୍‌ରୁ ଆରମ୍ଭ ହୋଇଛି। ଏଥିରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକା ନେଇଛନ୍ତି। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ୧୯୭୫ ଜୁନ୍ ୨୫ରେ ଦେଶରେ ଜରୁରୀ ପରିସ୍ଥିତି ଜାରି କରିଥିଲେ।

## ମିସେସ୍ ୱାର୍ଲ୍ଡ ସରଗମ କୌଶଲ



ଭାରତର ସରଗମ କୌଶଲ ଚଳିତବର୍ଷର ମିସେସ୍ ୱାର୍ଲ୍ଡ ଟାଇଟଲ୍ ନିଜ ନାମରେ କରିଛନ୍ତି। ୨୧ ବର୍ଷ ପରେ ଏହି ଟାଇଟଲ୍ ପୁଣି ଭାରତକୁ ଫେରିଛି। ଶନିବାର ଲସ୍‌ଭାଗସର ଗାଲା ଇଭେଣ୍ଟରେ ୨୦୨୨ ମିସେସ୍ ୱାର୍ଲ୍ଡ ପ୍ରତିଯୋଗିତାର ଆୟୋଜନ କରାଯାଇଥିବାବେଳେ ୬୩ ଦେଶର ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଗତବର୍ଷର ମିସେସ୍ ୱାର୍ଲ୍ଡ ୱିନର୍ ଶାଇଲିନ୍ ଫୋର୍ଡ ସରଗମଙ୍କୁ ବିଜୟ ମୁକୁଟ ପିନ୍ଧାଇଥିଲେ। ଦୀର୍ଘ ୨୧ ବର୍ଷର ଅପେକ୍ଷା ପରେ ଭାରତ ଏହି ସୁନ୍ଦରୀ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଜମ୍ମୁର ସରଗମ କାର୍ଯ୍ୟକ୍ରମର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

**୨୧ ବର୍ଷ ପରେ ଭାରତକୁ ଫେରିଲା ଟାଇଟଲ୍**

ସଫଳତାର ଶ୍ରେୟ ସରଗମ ନିଜ ପରିବାର ସମେତ ଦେଶବାସୀଙ୍କୁ ଦେଇଛନ୍ତି। ପ୍ରତିଯୋଗିତାରେ ବିଜୟ ହାସଲ ନେଇ ସେ ଖୁବ୍ ଖୁସି ଥିବା କହିଛନ୍ତି। ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ସରଗମଙ୍କ ସ୍ୱାମୀ ଭାରତୀୟ ନୌସେନାରେ କାର୍ଯ୍ୟ କରନ୍ତି। ୨୦୦୧ରେ ଭାରତର ଡା. ଆଦିତୀ ଗୋଭିତ୍ରିକର ମିସେସ୍ ୱାର୍ଲ୍ଡ ମୁକୁଟ ଜିତିଥିଲେ।

# ଚାଇନା ମାଲ୍ ଚାହିଦା କମୁଛି

**ନୂଆଦିଲ୍ଲୀ ,୧୮।୧୨ (ଆଇଏଏନ୍‌ଏସ୍)**



- କିଣା କମାଇଲେଣି ୫୮% ଭାରତୀୟ
- ଦ୍ୱିପାକ୍ଷିକ ବାଣିଜ୍ୟ ଉପରେ ଭୂରାଜନୈତିକ ପ୍ରଭାବ
- ଲୋକାଲ ସର୍କଲ୍ସ ସର୍ଭେ

ସାମ୍ପ୍ରତିକ ଭୂରାଜନୈତିକ ସ୍ଥିତିକୁ ନେଇ ଚଳିତ ବର୍ଷ ୫୮ ପ୍ରତିଶତ ଭାରତୀୟ 'ମେକ୍ ଇନ୍ ଚାଇନା' ସାମଗ୍ରୀ କିଣା ହ୍ରାସ କରିଛନ୍ତି। ଫେଶନ, ପୋଷାକ, ଯାନ ଉପକରଣ ଏବଂ ଯନ୍ତ୍ରାଂଶ ବର୍ଗରେ ଭାରତୀୟ ବିକଳ୍ପ ଭଲ ଦାମ୍ ଏବଂ ଉତ୍ତମ ମାନରେ ମିଳୁଥିବା ୨୬ ପ୍ରତିଶତ ଭାରତୀୟ କହିଛନ୍ତି। ୫୯ ପ୍ରତିଶତ ଭାରତୀୟ ସେମାନଙ୍କ ମୋବାଇଲ ଫୋନ୍‌ରେ କୌଣସି ଚାଇନା ଆପ୍ ରଖି ନ ଥିବା ସର୍ଭେରୁ ଜଣାପଡ଼ିଛି। ତେବେ ୨୯ ପ୍ରତିଶତ ସେମାନଙ୍କ ଫୋନ୍‌ରେ ଗୋଟିଏ କିମ୍ବା ଅଧିକ ଚାଇନା ଆପ୍ ରଖିଥିବା ସ୍ୱୀକାର କରିଛନ୍ତି। ସୋସିଆଲ କମ୍ୟୁନିଟି ଏନ୍‌ଗେଜ୍‌ମେଣ୍ଟ ପ୍ଲାଟ୍‌ଫର୍ମ 'ଲୋକାଲ ସର୍କଲ୍ସ' ଏହି ତଥ୍ୟ ଦେଇଛି। ମୋଟ ୩୧୯ ଜିଲାର ୪୦ ହଜାରରୁ ଊର୍ଦ୍ଧ୍ୱ ସର୍ଭେରେ ଭାଗ ନେଇଥିଲେ।

ସର୍ଭେ ଅନୁଯାୟୀ ଚାଇନା ସାମଗ୍ରୀ ତୁଳନାରେ ଏହାର ଭାରତୀୟ ବିକଳ୍ପ ମୂଲ୍ୟ ଏବଂ ମାନ ଦୃଷ୍ଟିରୁ ଭଲ ହୋଇଥିବାବେଳେ ଉତ୍ତମ ଗ୍ରାହକ ସେବା ମିଳୁଥିବା ୨୮ ପ୍ରତିଶତ କହିଛନ୍ତି। ୧୧ ପ୍ରତିଶତ ଉତ୍ତମ ମାନର ଭାରତୀୟ ସାମଗ୍ରୀ କିଣିବାକୁ ଚାହୁଁଥିବାବେଳେ ୮ ପ୍ରତିଶତ ବିଦେଶୀ ବିକଳ୍ପ ଚାହିଁଛନ୍ତି। ବଜାର, ଷ୍ଟୋର ଏବଂ ଅନ୍‌ଲାଇନରେ ମେକ୍ ଇନ୍ ଚାଇନା ସାମଗ୍ରୀ ନ ପାଇ ୮ ପ୍ରତିଶତ ଅନ୍ୟ ଦେଶର ସାମଗ୍ରୀ କିଣିବାକୁ ଆଗ୍ରହ ପ୍ରକାଶ କରୁଥିବା କହିଛନ୍ତି। ଗତ ୧୨ ମାସରେ ଚାଇନାର ବୈଦ୍ୟୁତିକ ଉପକରଣ ସର୍ବାଧିକ ୩୫ ପ୍ରତିଶତ କିଣିଥିବାବେଳେ ୧୪ ପ୍ରତିଶତ କେବଳ ପାର୍ବଣ ଋତୁରେ ବିଦ୍ୟୁତ୍ ଲାଇଟିଂ ଓ ଲ୍ୟାମ୍ପ ଆଦି ସାମଗ୍ରୀ କିଣିଛନ୍ତି। ଚାଇନା ଖେଳନା ଏବଂ ମନୋହରି ସାମଗ୍ରୀ ମାତ୍ର ୫ ପ୍ରତିଶତ କିଣୁଥିବାବେଳେ ୫ ପ୍ରତିଶତ ଚାଇନା ଗିଫ୍ଟ କିଣୁଥିବା କହିଛନ୍ତି। ଚଳିତ ବର୍ଷ ମାତ୍ର ୩ ପ୍ରତିଶତ ଚାଇନା ପ୍ରସ୍ତୁତ ବ୍ୟାଗ, ପୋଷାକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ କିଣିଛନ୍ତି, ଯାହା ଗତବର୍ଷ ୧୧ ପ୍ରତିଶତ ଥିଲା।

ଭାରତ ଓ ଚାଇନା ମଧ୍ୟରେ ବାଣିଜ୍ୟ ନିଅଣ୍ଟ ବଢ଼ୁଥିବାବେଳେ ଏହି ସର୍ଭେ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ବାଣିଜ୍ୟିକ ନିଅଣ୍ଟ ୫୧.୧ ବିଲିୟନ ଡଲାର ହୋଇଛି, ଯାହା ଗତବର୍ଷ ଏହି ସମୟରେ ୭୩.୩୧ ବିଲିୟନ ଡଲାର ଏବଂ ୨୦୨୦-୨୧ରେ ୪୪.୦୩ ବିଲିୟନ ଡଲାର ଥିଲା।

ସୂଚନାଯୋଗ୍ୟ, ଭାରତ ଓ ଚାଇନା ମଧ୍ୟରେ ସୀମା ବିବାଦ ବଢ଼ିବା ପରେ ଦ୍ୱିପାକ୍ଷିକ ବାଣିଜ୍ୟ ଉପରେ ଏହାର ପ୍ରଭାବ ପଡ଼ିଛି। ୨୦୨୦ ଜୁନ୍‌ରେ ଦୁଇ ଦେଶର ସେନା ମଧ୍ୟରେ ଗଲୱାନ୍ ଉପତ୍ୟକାରେ ରକ୍ତାକ୍ତ ସଂଘର୍ଷ ହୋଇଥିବାବେଳେ ଗତ ୯ ତାରିଖରେ ଅରୁଣାଚଳ ପ୍ରଦେଶ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖାରେ ଦୁଇ ପକ୍ଷର ଯବାନ ମୁହାଁମୁହିଁ ହୋଇଥିଲେ। ଆଗାମୀ ଦିନରେ ଅଧିକ ଭାରତୀୟ ମେକ୍ ଇନ୍ ଚାଇନା ସାମଗ୍ରୀ ବର୍ଜନ କରିପାରନ୍ତି ବୋଲି ସର୍ଭେରେ କୁହାଯାଇଛି।

## ଭାରତ ଯୋଡ଼ୋ ଯାତ୍ରାରେ ଯୋଗଦେବେ କମଲ ହାସନ



**ନୂଆଦିଲ୍ଲୀ ,୧୮।୧୨**

ଅଭିନେତାରୁ ରାଜନେତା ହୋଇଥିବା କମଲ ହାସନ ଆସନ୍ତା ୨୪ ତାରିଖରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଭାରତ ଯୋଡ଼ୋ ଯାତ୍ରାରେ ଯୋଗଦେବେ। ଭାରତ ଯୋଡ଼ୋ ଯାତ୍ରା ୨୪ରେ ନୂଆଦିଲ୍ଲୀରେ ପ୍ରବେଶ କରିବ। ଏଥିରେ ସାମିଲ ହେବା ଲାଗି ରାହୁଲ ହାସନଙ୍କୁ ଆମନ୍ତ୍ରଣ କରିଥିଲେ ବୋଲି ତାଙ୍କ ଦଳ ମକ୍କଲ ନିଦି ମୈୟମ୍ ପକ୍ଷରୁ କୁହାଯାଇଛି। ଦିଲ୍ଲୀ ପରେ ପଦଯାତ୍ରା ଉତ୍ତରପ୍ରଦେଶ, ହରିୟାଣା, ପଞ୍ଜାବ ଅତିକ୍ରମ କରି ଜମ୍ମୁ-କଶ୍ମୀରରେ ଶେଷ ହେବ।

## ନୌସେନାରେ ଆଇଏନ୍‌ଏସ୍ ମୋର୍ମୁଗାଓ



**ନୂଆଦିଲ୍ଲୀ ,୧୮।୧୨**

ଭାରତ ମହାସାଗରରେ ଚାଇନା ଆଧିପତ୍ୟ ବିସ୍ତାର ଉଦ୍ୟମ ଚଳାଇଥିବାବେଳେ ସାମୁଦ୍ରିକ ସାମର୍ଥ୍ୟ ବୃଦ୍ଧି ଲାଗି ରବିବାର ଭାରତୀୟ ନୌସେନା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମିଶାଇଲ ଡେଷ୍ଟ୍ରୟର ଆଇଏନ୍‌ଏସ୍ ମୋର୍ମୁଗାଓକୁ ସାମିଲ କରିଛି। ମୁମ୍ବାଇରେ ଅନୁଷ୍ଠିତ ଏହି କମିଶନ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ନୌସେନା ମୁଖ୍ୟ ଅଡମିରାଲ ଆର୍. ହରିକୁମାର ଏବଂ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଉପସ୍ଥିତ ଥିଲେ। ଆଇଏନ୍‌ଏସ୍ ମୋର୍ମୁଗାଓରେ ଥିବା ବ୍ୟବସ୍ଥା କେବଳ ବର୍ତ୍ତମାନ ଆବଶ୍ୟକତା ନୁହେଁ, ଭବିଷ୍ୟତର ଆବଶ୍ୟକତାକୁ ମଧ୍ୟ ପୂରଣ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ଏହା ଆମ ପ୍ରତିରକ୍ଷା ସରଞ୍ଜାମ ପ୍ରସ୍ତୁତି ସାମର୍ଥ୍ୟର ଉଦାହରଣ ଏବଂ ଆଗାମୀ ଦିନରେ ଆମେ ବିଶ୍ୱ ପାଇଁ ଜାହାଜ ନିର୍ମାଣ କରିବୁ ବୋଲି ରାଜନାଥ କହିଥିଲେ। ବର୍ଷକ ପୂର୍ବରୁ ଯୁଦ୍ଧଜାହାଜ ବିଶାଖାପଟନମ୍ ନୌସେନାରେ ସାମିଲ ହୋଇଥିବାବେଳେ ଡେଷ୍ଟ୍ରୟର ମୋର୍ମୁଗାଓ ସାମିଲ ହେବା ନୌସେନା ଇତିହାସରେ ଏକ ମାଇଲଖୁଣ୍ଟ ବୋଲି ଆଡମିରାଲ ହରିକୁମାର କହିଛନ୍ତି।

ଆଇଏନ୍‌ଏସ୍ ମୋର୍ମୁଗାଓର ବିଶେଷତ୍ୱ ହେଲା ଏଥିରେ ପ୍ରଭାବଶାଳୀ ସେନ୍‌ସର, ଅତ୍ୟାଧୁନିକ ରାଡାର, ଭୂପୃଷ୍ଠରୁ ଭୂପୃଷ୍ଠ ଏବଂ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇପାରୁଥିବା ବ୍ରହ୍ମୋସ ସୁପରସୋନିକ୍ କ୍ରୁଜ୍ ମିଶାଇଲ ଖଞ୍ଜାଯାଇଛି। ଏହା ବ୍ୟତୀତ ଏଥିରେ ମଧ୍ୟମ ଦୂରଗାମୀ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଉଥିବା ସିଷ୍ଟମ, ଟର୍ପେଡୋ, ରକେଟ ଲଞ୍ଚର, ବିଭିନ୍ନ ଗନ୍ ସିଷ୍ଟମ ରହିଛି। ଯୁଦ୍ଧଜାହାଜର ଲମ୍ବ ୧୬୩ ମିଟର ହୋଇଥିବାବେଳେ ଓସାର ୧୭ ମିଟର ଏବଂ ଏହାର ଓଜନ ୭,୪୦୦ ଟନ୍। ଗୋଆର ବନ୍ଦର ସହର ମୋର୍ମୁଗାଓ ଅନୁଯାୟୀ ଯୁଦ୍ଧଜାହାଜର ନାମକରଣ କରାଯାଇଛି।

## ନାବାଳିକାଙ୍କୁ ନିଶା ଦେଇ ବଳାତ୍କାର

**ଭୋପାଳ,୧୮।୧୨**

ଭୋପାଳର ଐଶବାଗ ଅଞ୍ଚଳରେ ଥିବା ରେଲୱେ କ୍ରସିଂ ନିକଟରୁ ଜଣେ ୧୬ ବର୍ଷୀୟା ବାଳିକାଙ୍କୁ ତାଙ୍କର ଜଣେ ପଡ଼ୋଶୀ ଅଟୋରେ ଉଠାଇ ଆନନ୍ଦ ନଗରରେ ଥିବା ଏକ ହୋଟେଲକୁ ନେଇଯାଇଥିଲେ। ସେଠାରେ ସେ ତାଙ୍କୁ ନିଶା ଦେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ସେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ରେକର୍ଡ କରିଥିଲେ। ସେ ବଳାତ୍କାର ସମ୍ପର୍କରେ କାହାକୁ ଜଣାଇଲେ ଉକ୍ତ ଭିଡିଓକୁ ସୋସିଆଲ ମିଡିଆରେ ପୋଷ୍ଟ କରିବାକୁ ଧମକ ଦେଇଥିଲେ। ପୀଡ଼ିତା ଜଣକ ୪ ମାସ ନୀରବ ରହିବା ପରେ ତାଙ୍କ ମାଆଙ୍କୁ ଜଣାଇଥିଲେ। ସେମାନେ ଐଶବାଗ ଥାନାରେ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରା ସମେତ ପୋକ୍ସୋ ଆଇନରେ ମାମଲା ରୁଜୁ କରିଛି।

## ଇସ୍ତଫାପତ୍ର ଲେଖିଛନ୍ତି ପୋପ୍

**ରୋମ୍,୧୮।୧୨**

୨୦୧୩ରେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ଦାୟିତ୍ୱ ଗ୍ରହଣ କରିବା ପରେ ଏକ ଇସ୍ତଫା ପତ୍ର ଲେଖି ରଖିଥିବା ସଦ୍ୟ ସାକ୍ଷାତ୍‌କାରରେ କହିଛନ୍ତି। ଆଗାମୀ ଦିନରେ ଯେତେବେଳେ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ସେ କାର୍ଯ୍ୟ କରିବାକୁ ଅକ୍ଷମ ବୋଧ କରିବେ, ସେତିକିବେଳେ ସେ ନିଜ ପଦରୁ ଓହରି ପାରିବେ ବୋଲି ଉକ୍ତ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ସ୍ପେନ୍‌ର ଖବରକାଗଜ ଏବିସିକୁ ଦେଇଥିବା ସାକ୍ଷାତ୍‌କାରରେ ପୋପ୍ କହିଛନ୍ତି, ଏ ପ୍ରକାର ସ୍ଥିତି ଉପୁଜିଲେ ସେ ଉକ୍ତ ଇସ୍ତଫା ପତ୍ରକୁ କାର୍ଡିନାଲ ଟାର୍କିସିଓ ବେର୍ଟୋନ୍‌ଙ୍କୁ ହସ୍ତାନ୍ତର କରିବା ପରେ ସେ ଏହାକୁ ଷ୍ଟେଟ୍‌ର ଭର୍ଟିକାଲ ସେକ୍ରେଟାରୀଙ୍କୁ ପ୍ରଦାନ କରିବେ।

ଗତ ଶନିବାର ଫ୍ରାନ୍ସିସ୍ ୮୬ ବର୍ଷରେ ପଦାର୍ପଣ କରିଛନ୍ତି। ପେଟଜନିତ ସମସ୍ୟା ଭୋଗୁଥିବା ଫ୍ରାନ୍ସିସ୍‌ଙ୍କର ୨୦୨୧ରେ ଏକ ଅସ୍ତ୍ରୋପଚାର କରାଯାଇଥିଲା, ଯାହାପରେ ସେ ପୂରା ସୁସ୍ଥ ହୋଇଥିଲେ। ଏହାପରେ ଆଣ୍ଠୁ ସମସ୍ୟା ପାଇଁ ଚାଲିବାରେ କଷ୍ଟ ଅନୁଭୂତ ହେବା ଯୋଗୁ କିଛିଦିନ ସେ ହ୍ୱିଲ୍ ଚେୟାରରେ ବସି ରହୁଥିବା ଦେଖିବାକୁ ମିଳିଥିଲା। ଫ୍ରାନ୍ସିସ୍‌ଙ୍କ ପୂର୍ବରୁ ବେନେଡିକ୍ଟ ଚତୁର୍ଦ୍ଦଶ ପୋପ୍ ଦାୟିତ୍ୱରେ ଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ସେ ନିଜ ପଦରୁ ଇସ୍ତଫା ଦେବା ପରେ ଫ୍ରାନ୍ସିସ୍‌ଙ୍କୁ ପରବର୍ତ୍ତୀ ପୋପ୍ ଭାବେ ଚୟନ କରାଯାଇଥିଲା। ଫ୍ରାନ୍ସିସ୍ ଥିଲେ ପ୍ରଥମ ଦକ୍ଷିଣ ଆମେରିକୀୟ, ଯେ ଏହି ଗୁରୁଦାୟିତ୍ୱ ବହନ କରିଛନ୍ତି। ୬୦୦ ବର୍ଷର ଇତିହାସରେ ବେନେଡିକ୍ଟ ଚତୁର୍ଦ୍ଦଶ ପ୍ରଥମ ପୋପ୍ ଯେ ନିଜ ପଦରୁ ଇସ୍ତଫା ଦେଇଥିଲେ।



**ସ୍ୱାସ୍ଥ୍ୟ ବିଗିଡ଼ିଲେ ନୂଆ ଧର୍ମଗୁରୁ ଚୟନ ପରାମର୍ଶ**

## ଅଭିନେତ୍ରୀଙ୍କୁ ଗିରଫ କଲା ଇରାନ

**କାଇରୋ,୧୮।୧୨:** ଇରାନ ସରକାରଙ୍କ ବିରୋଧରେ ଦେଶବ୍ୟାପୀ ବିକ୍ଷୋଭ ଚାଲିଥିବାବେଳେ ମିଥ୍ୟାର ପ୍ରସାର କରୁଥିବା ଅଭିଯୋଗରେ ଦେଶର ଖ୍ୟାତନାମା ଅଭିନେତ୍ରୀ ତାରାନେହ ଆଲିଦୁସ୍ତିଙ୍କୁ ଗିରଫ କରାଯାଇଛି। ଓସ୍କାର ବିଜୟୀ ଚଳଚ୍ଚିତ୍ର ' ଦି ସେଲ୍ସମ୍ୟାନ୍'ରେ ଆଲିଦୁସ୍ତି ଅଭିନୟ କରିଛନ୍ତି। ବିକ୍ଷୋଭ ବେଳେ ଅପରାଧରେ ସମ୍ପୃକ୍ତି ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଇରାନ କର୍ତ୍ତୃପକ୍ଷ ନିକଟରେ ଫାଶୀ ଦେଇଥିଲେ। ସପ୍ତାହେ ପୂର୍ବରୁ ଅଭିନେତ୍ରୀ ଆଲିଦୁସ୍ତି ତାଙ୍କୁ ସମର୍ଥନ କରି ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିଲେ। ଏଥିପାଇଁ ଶନିବାର ଇରାନ ପୋଲିସ ତାଙ୍କୁ ଗିରଫ କରିଥିଲା। ପୂର୍ବରୁ ସରକାର ବିରୋଧୀ ଆନ୍ଦୋଳନକୁ ସମର୍ଥନ କରିବା ଅଭିଯୋଗରେ ଫୁଟବଲ୍ ଖେଳାଳି, ଅଭିନେତା ଏବଂ ଲୋକଙ୍କୁ ପ୍ରଭାବିତ କରୁଥିବା ସେଲିବ୍ରିଟିଙ୍କୁ ଗିରଫ କରାଯାଇଥିଲା। ଆଲିଦୁସ୍ତି ତାଙ୍କ ଦାବି ସମ୍ପର୍କିତ ଦସ୍ତାବିଜ ଦେଖାଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଥିବା ସରକାରୀ ଗଣମାଧ୍ୟମ ଟେଲିଗ୍ରାମ ଚ୍ୟାନେଲ ପକ୍ଷରୁ କୁହାଯାଇଛି।



ତାରାନେହ ଆଲିଦୁସ୍ତି

## ୨୦୨୧ରେ ୧୩ ହଜାର ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି

**ନୂଆଦିଲ୍ଲୀ ,୧୮।୧୨(ଆଇଏଏନ୍‌ଏସ୍)**

ରାଜସ୍ଥାନର କୋଟାସ୍ଥିତ କୋଚିଂ ସେଣ୍ଟରର ୩ ଜଣ ମେଡିକାଲ ଓ ଇଞ୍ଜିନିୟରିଂ କ୍ୟାରିୟର ଆଶାୟୀଙ୍କ ଆତ୍ମହତ୍ୟା ଘଟଣା ବିତର୍କର ବିଷୟ ହୋଇଛି। ଜଟିଳ ପ୍ରତିଯୋଗିତା ଏବଂ ଅତ୍ୟଧିକ ଚାପକୁ ଏଥିପାଇଁ ଦାୟୀ କରାଯାଉଥିବା ବେଳେ ଦେଶରେ ପ୍ରତିବର୍ଷ ଏଭଳି ଅନେକ ଆତ୍ମହତ୍ୟା ଘଟୁଛି। ଶିକ୍ଷା କ୍ୟାରିୟରରେ ବିଫଳ ହେବା ଭୟରେ ଗତବର୍ଷ ୧୩,୦୮୯ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟରୁ ଜଣାପଡ଼ିଛି। ଏଥିରେ ମହାରାଷ୍ଟ୍ର ଶୀର୍ଷରେ ରହିଛି।

ଗତ କିଛିବର୍ଷ ହେବ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ୨୦୨୦ ତୁଳନାରେ



୨୦୨୧ରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ପାଖାପାଖି ୪.୫ ପ୍ରତିଶତ ବଢ଼ିଛି। ମୋଟ ଆତ୍ମହତ୍ୟାର ପ୍ରାୟ ୫୦ ପ୍ରତିଶତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଏବଂ ଓଡ଼ିଶାରେ ଘଟିଥିଲା। ତଥ୍ୟ ଅନୁଯାୟୀ ମୋଟ ଛାତ୍ରୀଛାତ୍ର ଆତ୍ମହତ୍ୟା ମଧ୍ୟରୁ ୧,୮୩୪ (୧୪%) ମହାରାଷ୍ଟ୍ରରେ ଘଟିଥିବାବେଳେ ମଧ୍ୟପ୍ରଦେଶରେ ୧,୩୦୮(୧୦%), ତାମିଲନାଡୁରେ ୧,୨୪୫ (୯.୫%) ଏବଂ କର୍ଣ୍ଣାଟକରେ ୮୫୫ (୬.୫%) ଘଟିଛି।

### ବିଫଳତା ଭୟ

ଆତ୍ମହତ୍ୟାର କାରଣ ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ ନ ଥିଲେ ହେଁ ପରୀକ୍ଷାରେ ବିଫଳତା ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଇଛି। ଏନ୍‌ଇଇଟି-ୟୁଜି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ପାରିବାରୁ ଗତ ସେପ୍ଟେମ୍ବର ୮ରେ ଗ୍ରେଟର ନୋଏଡା ଜେପି ଅମନ ସୋସାଇଟିର ଜଣେ ୨୨ ବର୍ଷୀୟ ଛାତ୍ରୀ ୯ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏନ୍‌ଇଇଟିରେ ଫେଲ୍ ହୋଇଥିବା ଚେନ୍ନାଇର ଜଣେ ଛାତ୍ରୀ ଜୁନ୍ ୩୦ରେ ଆତ୍ମହତ୍ୟା କରିଥିଲେ। ମଧ୍ୟପ୍ରଦେଶର ୨ ଜଣ ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଏପ୍ରିଲ ୩୦ରେ ଅନୁରୂପ କାରଣରୁ ଜୀବନ ଦେଇଥିଲେ।

ଛାତ୍ରୀଛାତ୍ରଙ୍କ ଦୁଶ୍ଚିନ୍ତା ଓ ଭେଦଭାବ ଦୂର ଲାଗି ସରକାର ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ବିଭିନ୍ନ ପଦକ୍ଷେପ ନେଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ କହିଛି। ସେମାନଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ୟୁଜିସି (ଅଭିଯୋଗ ସମାଧାନ)ନିୟମାବଳୀ, ୨୦୧୯ ପ୍ରଣୟନ ହୋଇଛି। ଉଚ୍ଚ ଶିକ୍ଷାନୁଷ୍ଠାନରେ ରାଗିଂ ବନ୍ଦ ଲାଗି ୨୦୦୯ରେ ୟୁଜିସି ନିୟମାବଳୀ ଆଣିଥିଲା। ଏହା ବ୍ୟତୀତ ଶିକ୍ଷା ଚାପ କମାଇବା ପାଇଁ ସହକର୍ମୀଙ୍କ ସହାୟତାରେ ଶିକ୍ଷା, ପିଲାଙ୍କ ପାଇଁ ଆଞ୍ଚଳିକ ଭାଷାରେ ବୈଷୟିକ ଶିକ୍ଷାଦାନ ଆଦି ପଦକ୍ଷେପ ନିଆଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୯ ଡିସେମ୍ବର, ୨୦୨୨

ଯୀଶୁଖ୍ରୀଷ୍ଟଙ୍କର କ୍ରୁସ ଚିହ୍ନ ହେଲା- ଯୋଗ ସାଧନାରେ ପୁରୁଷ ଓ ପ୍ରକୃତିର ଦୃଢ ଓ ପୂର୍ଣ୍ଣ ମିଳନର ପ୍ରତୀକ। କିନ୍ତୁ ଅଜ୍ଞାନର ସର୍ବବିଧ ଆବର୍ଜନା ମଧ୍ୟରେ ଆମର ପତନ ହେବା ହେତୁ- ସେହି ଚିହ୍ନଟି ହେଲା ଦୁଃଖକଷ୍ଟ ଓ ଚିତ୍ତଶୁଦ୍ଧିର ପ୍ରତୀକ। **-ଶ୍ରୀଅରବିନ୍ଦ**



# ପିଇଲେ ମରିବ

ଗୁଜରାଟ ଭଳି ବିହାର ଏକ ମଦବିହୀନ ରାଜ୍ୟ ବା 'ଡ୍ରାଏ ଷ୍ଟେଟ୍'। ଚଳିତବର୍ଷ ଜୁଲାଇ ୨୫ରେ ଗୁଜରାଟର ବୋଟାଡ୍ ଜିଲାରେ ବିଷାକ୍ତ ମଦ ପିଇ ୪୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଏବେ ବିହାରର ସରନ୍ ଜିଲା ଅନ୍ତର୍ଗତ ଛାପ୍ରାରେ ମଧ୍ୟ ବିଷାକ୍ତ ମଦ ପିଇ ୮୦ ଜଣଙ୍କ ଜୀବନ ଗଲାଣି। ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ଘଟିବା ପରେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ସମ୍ପୃକ୍ତ ଅଞ୍ଚଳକୁ ନିଜ ଟିମ୍ ପଠାଇ ତଦନ୍ତ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅତ୍ୟନ୍ତ ରୁକ୍ଷ ହୋଇ ମତ ଦେଇଛନ୍ତି, 'ଯିଏ ପିଇବ ସେ ମରିବ'। ଏଭଳି ମନ୍ତବ୍ୟ ଦେଇ ନୀତୀଶ ତାଙ୍କର ମଦ ବିରୋଧୀ ଆଭିମୁଖ୍ୟ ଅତ୍ୟନ୍ତ କଠୋର ବୋଲି ପ୍ରମାଣ କରିଛନ୍ତି।

ଡ୍ରାଏ ଷ୍ଟେଟ୍‌ରେ ମଦର ଉପଲବ୍ଧତା ନେଇ ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ରାଜନୈତିକ ସମର୍ଥନ ଓ ପୋଲିସର ବିନା ସାହାଯ୍ୟରେ ବେଆଇନ ମଦ ବିକ୍ରି ସମ୍ଭବ ହୋଇ ନ ଥାଏ। ୨୦୧୬ରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିହାରକୁ ମଦବିହୀନ ରାଜ୍ୟ ଭାବେ ଘୋଷଣା କରିଥିଲେ। ଏହା କୁହାଯାଇପାରେ ଯେ, ନୀତୀଶଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ବିହାରରେ ପୂର୍ବାପେକ୍ଷା ଆପରାଧିକ କାର୍ଯ୍ୟକଳାପ ଯଥେଷ୍ଟ ହ୍ରାସ ପାଇଛି। ଏକ ଉତ୍ତମ ଉଦ୍ଦେଶ୍ୟ ରଖି ରାଜ୍ୟରେ ମଦ ବିକ୍ରି ଉପରେ ସେ କଡ଼ା ଆଭିମୁଖ୍ୟ ରଖିଥିଲେ। ହେଲେ ପ୍ରଶାସନ ଓ ପୋଲିସର ବିଫଳତା ତାଙ୍କ ଲକ୍ଷ୍ୟକୁ ଭ୍ରଷ୍ଟ କରିଦେଇଛି। ଯେହେତୁ ରାଜ୍ୟରେ ମଦ କାରବାର ହେଉନାହିଁ, ମଦ ପ୍ରତି ଆସକ୍ତ ବ୍ୟକ୍ତିମାନେ ବାହାର ରାଜ୍ୟରୁ ଏହାକୁ ଚୋରାରେ ଆଣି ପିଇଥାଆନ୍ତି। ସୀମାନ୍ତରେ ଦୁର୍ବଳ ଯାଞ୍ଚ ବ୍ୟବସ୍ଥା ରାଜ୍ୟ ଭିତରକୁ ଅବାଧରେ ମଦ ଆସିବାରେ ସହାୟକ ହେଉଛି। ଯେଉଁସବୁ ଅଞ୍ଚଳକୁ ଏହା ପହଞ୍ଚିପାରୁ ନାହିଁ ସେଠାରେ ଦେଶୀମଦ ପ୍ରସ୍ତୁତ କରାଯାଇ ଲୁଚାଛପାରେ ବ୍ୟବସାୟ କରାଯାଉଛି। ବେଆଇନ ଭାବେ ମଦ ପ୍ରସ୍ତୁତ କରୁଥିବା ବ୍ୟକ୍ତି ନିଶ୍ଚିତ ଭାବେ ସମ୍ପୃକ୍ତ ଅଞ୍ଚଳର ପୋଲିସ ଓ ରାଜନୈତିକ ବ୍ୟକ୍ତିଙ୍କୁ ଖୁସି କରାଉଥିବେ। ସେ ଯେତିକି ଅର୍ଥ ଏହି ଦୁଇ ବର୍ଗଙ୍କୁ ଲାଞ୍ଚ ଆକାରରେ ଦେବେ ନିଶ୍ଚିତ ଭାବେ ତାଙ୍କ ବ୍ୟବସାୟରୁ ଲାଭ ଉଠାଇବାକୁ ଚେଷ୍ଟା କରିବେ। ତେଣୁ ଶସ୍ତା ମଦ ପ୍ରସ୍ତୁତ କରିବାକୁ ଯାଇ ବେପାରୀ ଭାଗମାପ ପ୍ରତି ଆଖିବୁଜି ଦେଉଥିବେ। ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଗୋଟିଏ ରାଜ୍ୟକୁ କେବଳ ଡ୍ରାଏ ଷ୍ଟେଟ୍ ଘୋଷଣା କରିଦେଲେ ଲକ୍ଷ୍ୟ ପୂରଣ କଷ୍ଟକର ହେବ। କାରଣ ଯଦି ତା'ର ପଡ଼ୋଶୀ ପ୍ରଦେଶରେ ମଦ କାରବାର ହେଉଥିବ, ତାହା ହେଲେ ମଦପ୍ରିୟ ଲୋକଙ୍କୁ ନିୟନ୍ତ୍ରଣରେ ରଖିବା ସହଜ ହେବ ନାହିଁ। ଯେତେବେଳେ ଜଣେ ବ୍ୟକ୍ତି ହୁଅନ୍ତୁ ବା ଗୋଷ୍ଠୀ ମଦ ପିଇବାକୁ ଚାହିଁବେ ଏବଂ ତାହା ହାତ ପାହାନ୍ତାରେ ଉପଲବ୍ଧ ହେବ ନାହିଁ, ସେତେବେଳେ ସେ ବା ସେମାନେ ଜାକିଜୁକି ହୋଇ ରହିପାରନ୍ତି। ତେଣୁ ଏ ଦିଗରେ ପଡ଼ୋଶୀ ରାଜ୍ୟଗୁଡ଼ିକ ପରସ୍ପର ମଧ୍ୟରେ ଆଲୋଚନା କରିବାର ଆବଶ୍ୟକତା ରହିଛି।

> **ମଦକୁ ନିୟନ୍ତ୍ରଣ କରିବା ଲାଗି ସଂଘୀୟ ବ୍ୟବସ୍ଥାରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଗଲେ ହୁଏତ କିଛି ପରିବର୍ତ୍ତନ ଆସିପାରନ୍ତା। ତା' ନ ହେଲେ ମଦବିହୀନ ରାଜ୍ୟ ଘୋଷଣା ହେଉଥିଲେ ମଧ୍ୟ ଲୋକେ ଚୋରା କିମ୍ବା ଦେଶୀ ମଦରେ ଭାସିବା ସାର ହେଉଥିବ, ଯାହାକି ଗୁଜରାଟ ଓ ବିହାରରେ ସ୍ପଷ୍ଟ ପ୍ରମାଣିତ ହେଉଛି।**

ମଦ୍ୟପାନ କରି ଲୋକେ ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡୁଥିବା ବେଳେ ଆପରାଧିକ ଘଟଣା ବୃଦ୍ଧି ପାଉଛି। ତାହା ଓଡ଼ିଶାରେ ଆମେ ଭୋଗୁଛୁ। ସରକାର ଅବକାରୀ ଦ୍ରବ୍ୟରୁ ପ୍ରଚୁର ଟିକସ ଆଦାୟ କରୁଥିବାରୁ ତାହାକୁ ତ୍ୟାଗ କରିବାକୁ ସାଧାରଣରେ ଚାହିଁ ନ ଥାନ୍ତି। ଅନ୍ୟପକ୍ଷରେ କୁହାଯାଇଥାଏ ମଦ କାରବାର ବନ୍ଦ କରିଦିଆଗଲେ ସେଥିରୁ ମିଳିବାକୁ ଥିବା ସୁଫଳ ସରକାରଙ୍କୁ ଏହାର କୁଫଳ ପାଇଁ ବ୍ୟୟ କରୁଥିବା ଅର୍ଥକୁ ରୋକିପାରନ୍ତା। ମଦ୍ୟପାନ କରି ଗାଡ଼ି ଚାଳନା ଯୋଗୁ ପ୍ରତି ମୁହୂର୍ତ୍ତରେ ଲୋକଙ୍କ ଜୀବନ ଯାଉଛି। ସଡ଼କ ଦୁର୍ଘଟଣାର ଏହା ଏକ ପ୍ରମୁଖ କାରଣ ବୋଲି ହିସାବ କରାଯାଇଛି। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି, ଭାରତରେ ନିଶାସକ୍ତ ଡ୍ରାଇଭରଙ୍କ ଯୋଗୁ ପ୍ରତି ଘଣ୍ଟାରେ ୧୬ ଜଣଙ୍କ ଜୀବନ ଯାଉଛି। ଦୁର୍ଘଟଣା ଯୋଗୁ ଆହତଙ୍କୁ ଡାକ୍ତରଖାନା ଅଣାଯିବା ପରେ ସେମାନଙ୍କ ଚିକିତ୍ସା କ୍ଷେତ୍ରରେ ବ୍ୟୟ ହେଉଥିବା ଅର୍ଥ ସରକାରୀ ତହବିଲରୁ ଖର୍ଚ୍ଚ ହୁଏ। ସେହିପରି ପାରିବାରିକ କନ୍ଦଳଠାରୁ ଆରମ୍ଭକରି ରାଜନୀତିଜନିତ ମାରପିଟକୁ ମଦ ମଧ୍ୟ ଖୋରାକ ଯୋଗାଇଥାଏ। ତେଣୁ ମଦକୁ ନିୟନ୍ତ୍ରଣ କରିବା ଲାଗି ସଂଘୀୟ ବ୍ୟବସ୍ଥାରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଗଲେ ହୁଏତ କିଛି ପରିବର୍ତ୍ତନ ଆସିପାରନ୍ତା। ତା' ନ ହେଲେ ମଦବିହୀନ ରାଜ୍ୟ ଘୋଷଣା ହେଉଥିଲେ ମଧ୍ୟ ଲୋକେ ଚୋରା କିମ୍ବା ଦେଶୀ ମଦରେ ଭାସିବା ସାର ହେଉଥିବ, ଯାହାକି ଗୁଜରାଟ ଓ ବିହାରରେ ସ୍ପଷ୍ଟ ପ୍ରମାଣିତ ହେଉଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 4 | 5 | | 3 |
| 3 | | | | 7 | | | | 9 |
| | 6 | | | | | | 4 | |
| 9 | | | 8 | 5 | 7 | | | |
| | | 5 | 4 | | | | 6 | |
| | | | | | | | | |
| | | 2 | 9 | | 6 | | | |
| | | | | 1 | 3 | 9 | | |
| | 8 | | | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 6 | 3 | 9 | 7 | 4 | 8 | 2 |
| 3 | 2 | 8 | 5 | 4 | 1 | 6 | 7 | 9 |
| 9 | 4 | 7 | 8 | 2 | 6 | 1 | 3 | 5 |
| 6 | 3 | 4 | 9 | 7 | 5 | 8 | 2 | 1 |
| 8 | 7 | 1 | 4 | 3 | 2 | 9 | 5 | 6 |
| 5 | 9 | 2 | 1 | 6 | 8 | 7 | 4 | 3 |
| 2 | 6 | 5 | 7 | 1 | 4 | 3 | 9 | 8 |
| 7 | 1 | 9 | 2 | 8 | 3 | 5 | 6 | 4 |
| 4 | 8 | 3 | 6 | 5 | 9 | 2 | 1 | 7 |

ଗତକାଲିର ଉତ୍ତର

# ଇରାନୀୟ ମହିଳାଙ୍କ ପାଇଁ ଆଶାର କିରଣ



ପ୍ରକାଶ ତ୍ରିପାଠୀ

ଇରାନ ସରକାର ମୋରାଲିଟି ପୋଲିସ ଅର୍ଥାତ୍ ନୈତିକ ପୋଲିସ ବ୍ୟବସ୍ଥାକୁ ଉଠାଇଦେବା ପରେ ଇରାନ ମହିଳାଙ୍କ ପକ୍ଷରୁ ଦେଶବ୍ୟାପୀ ଚାଲିଥିବା ଆନ୍ଦୋଳନ ପ୍ରାୟତଃ ଥମି ଯାଇଛି। ପ୍ରକାଶଯୋଗ୍ୟ, ଇରାନରେ ଡ୍ରେସ୍ କୋଡ୍ ଲାଗୁକରିବା ହେଉଛି ମୋରାଲିଟି ପୋଲିସର କାମ। ଦେଶବ୍ୟାପୀ ମହିଳାମାନଙ୍କୁ ଡ୍ରେସ୍ କୋଡ୍ ବାବଦରେ ସଚେତନ କରାଇବା ସହ ଏହାକୁ ମାନୁ ନ ଥିବା ମହିଳାଙ୍କୁ ଦଣ୍ଡବିଧାନ କରିବା ଥିଲା ମୋରାଲିଟି ପୋଲିସର ମୁଖ୍ୟଲକ୍ଷ୍ୟ। ୧୯୮୩ରୁ ଦେଶର ସବୁ ମହିଳାଙ୍କ ପାଇଁ ସାର୍ବଜନୀକ ରୂପରେ ନିଜର ସମ୍ପୂର୍ଣ୍ଣ ମୁଣ୍ଡକୁ ଆବରଣ ରଖିବା ବାଧ୍ୟତାମୂଳକ ଥିଲା। ଏହାକୁ ବିରୋଧ କରିଥିଲେ ଇରାନର ସାଧାରଣ ମହିଳା। ୧୯୭୯ ପର୍ଯ୍ୟନ୍ତ ଯେତେବେଳେ ଇରାନ ଉପରେ ଶାହାଙ୍କ ନିୟନ୍ତ୍ରଣ ଥିଲା, ମହିଳାମାନଙ୍କୁ କିଛିଟା ସ୍ୱାଧୀନତା ମିଳୁଥିଲା। ୧୯୬୩ ରେ ସେମାନଙ୍କୁ ଭୋଟଦାନ ଅଧିକାର ମିଳିଥିଲା। ସେମାନଙ୍କ ବିବାହ ବୟସକୁ ମଧ୍ୟ କୋହଳ କରାଯିବା ସହ ଅସ୍ଥାୟୀ ବିବାହ ତଥା ବହୁ ବିବାହ ପ୍ରଥାକୁ ମଧ୍ୟ ଅଙ୍କୁଶ ଲଗାଯାଇଥିଲା। ୧୯୭୯ରେ ଇସ୍‌ଲାମିକ କ୍ରାନ୍ତି ଆସିବା ପରେ ସେମାନଙ୍କ ଉପରେ ପୁଣିଥରେ କଟକଣା ବୃଦ୍ଧି ପାଇବାକୁ ଲାଗିଲା। ହିଜାବ ପିନ୍ଧିବା ବାଧ୍ୟତାମୂଳକ ହେଲା। ଗତ ସେପ୍ଟେମ୍ବରରେ ୨୨ବର୍ଷୀୟ ମହିଳା ଅମିନ୍ ବିନା ହିଜାବରେ ଯାଉଥିବା ବେଳେ ପୋଲିସ ଗିରଫ କରିଥିଲା ଓ ପୋଲିସ ହାଜତରେ ଥିବାବେଳେ ଅମିନଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ନିର୍ଯାତନା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଅଭିଯୋଗ ଉଠିଥିଲେ ହେଁ ପୋଲିସ ପକ୍ଷରୁ ତାହା ହୃଦ୍‌ଘାତ ଯୋଗୁ ବୋଲି କୁହାଯାଇଥିଲା। ଅମିନ୍‌ଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରି ନ ଥିଲେ ଇରାନର ମହିଳାମାନେ। ଏହାର ୩ ଦିନ ପରେ ଆରମ୍ଭ ହୋଇଥିଲା ଅମିନ ମୃତ୍ୟୁର ପ୍ରତିବାଦ ଯାହାକି ସମଗ୍ର ଇରାନକୁ ବ୍ୟାପିଯାଇଥିଲା। ପୋଲିସ ଏହାକୁ ଦୃଢ଼ହସ୍ତରେ ଦମନ କରିବାକୁ ଚେଷ୍ଟା କରିଥିଲା। ଇରାନରେ ମହିଳାମାନଙ୍କୁ ସ୍ୱାଧୀନତା ଦେବା ପାଇଁ ଦେଶର ଅନେକ ନାମୀଦାମୀ ଲୋକ, ସଙ୍ଗଠନ ବି ମତ ରଖିଲେ। ଏପରିକି କାତାରରେ ବିଶ୍ୱକପ୍ ଫୁଟ୍‌ବଲ ମ୍ୟାଚ୍ ସମୟରେ ଇରାନର ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଉଥିବା ବେଳେ ବି ଇରାନ ଖେଳାଳିମାନେ ନୀରବତା ପ୍ରଦର୍ଶନ କରି ମହିଳା ମାନଙ୍କ ଆନ୍ଦୋଳନକୁ ସମର୍ଥନ କରିଥିଲେ।

ଇରାନ ସରକାର ହିଜାବ ବିରୋଧୀ ଆନ୍ଦୋଳନକୁ ଦମନ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କରିଥିଲେ। ମାତ୍ର ଶେଷରେ ଇରାନ ସରକାରଙ୍କୁ ଦେଶର ମହିଳା ମାନଙ୍କ ଦାବି ଆଗରେ ମୁଣ୍ଡ ନୁଆଇଁବାକୁ ପଡ଼ିଲା। ଇରାନର ଆର୍ଟର୍ନି ଜେନେରାଲ ମହମ୍ମଦ ଜାଫର ମୋନ୍ତାଜେରି କହିଛନ୍ତି, ନୈତିକ ପୋଲିସକୁ ଉଚ୍ଛେଦ ସହ ଏ ସମ୍ପର୍କିତ ଆଇନକାନୁନ୍‌କୁ ମଧ୍ୟ ସମୀକ୍ଷା କରାଯିବ, ଯେଉଁଥିରେ ମହିଳାମାନଙ୍କୁ ମୁହଁ ଢାଙ୍କିବାକୁ ବାଧ କରାଯାଉଥିଲା। ଇରାନ ଅଦାଲତ ଓ ସାଂସଦ ଏହାକୁ ଗୁରୁତର ସହ ଗ୍ରହଣ କରିଛନ୍ତି। ତେବେ କେତେଜଣ ରାଜନୈତିକ ବିଶାରଦ ମତ ଦେଇଛନ୍ତି ଯେ ଉଭୟ ମୋରାଲିଟି ପୋଲିସ ଓ ସେନା ଉଭୟ ଇରାନର ଗୃହ ମନ୍ତ୍ରଣାଳୟର ଅଧୀନ, ବିଚାର ବିଭାଗ ଅଧୀନ ନୁହେଁ। ଏଭଳି କ୍ଷେତ୍ରରେ ଆର୍ଟର୍ନି ଜେନେରାଲଙ୍କ ଘୋଷଣାକୁ ନେଇ ସେଠାରେ ତର୍କ ଆରମ୍ଭ ହୋଇଯାଇଛି।। ମୋରାଲିଟି ପୋଲିସର ଉଚ୍ଛେଦ ପରେ ଦେଶରେ ପ୍ରଚଳିତ ଡ୍ରେସ୍ କୋଡ୍ ରହିବ କି ହଟିବ ତାହା ଏପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ। କାରଣ ଆର୍ଟର୍ନି ଜେନେରାଲ ମହମ୍ମଦ ଜାଫର ମୋରାଲିଟି ପୋଲିସ ଉଚ୍ଛେଦ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ହେଁ ଇରାନ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଅପରପକ୍ଷରେ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ମଧ୍ୟ ସରକାରଙ୍କ ପକ୍ଷରୁ ଖଣ୍ଡନ କରାଯାଇନାହିଁ।



ନିର୍ଦ୍ଦୟ ଅତ୍ୟାଚାର ସତ୍ତା ବିରୋଧରେ ଇରାନୀୟ ମହିଳାମାନେ ଇସ୍‌ଲାମୀୟ ଡ୍ରେସ୍ କୋଡ୍‌ର ବାଧ୍ୟତାମୂଳକ ନିୟମ ବିରୋଧରେ ଏକ ନିରନ୍ତର ତଥା ଦୀର୍ଘ ଅଭିଯାନ ଚଳାଇଥିଲେ। ଇରାନର ରକ୍ଷଣଶୀଳ ଶାସନ ଶେଷରେ ଡ୍ରେସ୍ କୋଡ୍ ଲାଗୁ କରିବା ଦାୟିତ୍ୱରେ ଥିବା ନୈତିକ ପୋଲିସକୁ ହଟାଇବାକୁ ବାଧ ହୋଇଛି। ଅମିନ୍‌ଙ୍କ ମୃତ୍ୟୁ ପରଠାରୁ ବହୁ ସଂଖ୍ୟାରେ ମହିଳା ହିଜାବ ପାଳନ କରୁନାହାନ୍ତି। ଏଥିପାଇଁ ଅନେକ ସମୟରେ ମହିଳାମାନଙ୍କୁ ପୋଲିସର ଅତ୍ୟାଚାରର ସମ୍ମୁଖୀନ ହେବାକୁ ପଡୁଥିଲା। ୧୯୭୯ ବିପ୍ଳବର ୪ବର୍ଷ ପରେ ହିଜାବ ବାଧ୍ୟତାମୂଳକ ହେଲା ଯାହା ଆମେରିକାର ସମର୍ଥିତ ରାଜତନ୍ତ୍ରକୁ ପରାସ୍ତକରି ଇରାନ ଇସ୍‌ଲାମିକ ରିପବ୍ଲିକ ପ୍ରତିଷ୍ଠା କରିଥିଲା। ଏହି ନିୟମ କାର୍ଯ୍ୟକାରୀ କରିବା ପାଇଁ ଇରାନର ପ୍ରୟାସ ମହମୁଦ ଅହମ୍ମଦାବାଦୀ ରାଷ୍ଟ୍ରପତି ହେବା ପରେ ଅଧିକ ସଙ୍ଗଠିତ ହୋଇଥିଲା। ବର୍ତ୍ତମାନର ରାଷ୍ଟ୍ରପତି ଇବ୍ରାହିମ ରାଇସି ଜଣେ ଅତ୍ୟନ୍ତ ରକ୍ଷଣଶୀଳ ବ୍ୟକ୍ତି ଓ ଧର୍ମୀୟ ଆଧାରରେ ଶାସନ ପରିଚାଳନା ତାଙ୍କର ମୁଖ୍ୟ ଲକ୍ଷ୍ୟ। ତାଙ୍କ ନେତୃତ୍ୱରେ ବର୍ତ୍ତମାନର ଶାସନ, ହେଡ୍‌କାର୍ଫ ଆଇନ କାର୍ଯ୍ୟକାରୀ କରିବାକୁ ସମସ୍ତ ରାଜ୍ୟ ଅନୁଷ୍ଠାନକୁ ଏକତ୍ର କରିବାକୁ ଆହ୍ୱାନ ଦେଇଥିଲେ।

ଅନେକ ଇରାନୀୟ ମହିଳା କ୍ରମାଗତ ଭାବରେ ସେମାନଙ୍କର ଦୈନନ୍ଦିନ ଜୀବନର ସମସ୍ତ କାର୍ଯ୍ୟକୁ ପଛରେ ପକାଇ ହିଜାବ ବିରୋଧରେ ସୂକ୍ଷ୍ମ ପ୍ରତିରୋଧ କାର୍ଯ୍ୟରେ ଭାଗନେଉଥିଲେ। ବିକ୍ଷୋଭକାରୀମାନେ ବିନା ନେତୃତ୍ୱରେ ମୁଖ୍ୟତଃ ନୈତିକ ପୋଲିସକୁ ଟାର୍ଗେଟ କରୁଥିବାବେଳେ ଏଭଳି ଆନ୍ଦୋଳନକୁ ଦମନ କରିବାକୁ ସରକାର ବିଫଳ ହେଉଥିଲେ। ଅତୀତରେ ଇରାନ ୨୦୧୭ ଏବଂ ୨୦୧୯ ରେ ବେକାରି ଏବଂ ମୁଦ୍ରାସ୍ଫୀତି ଓ କ୍ରମାଗତ ବୃଦ୍ଧି ପାଉଥିବା ଅର୍ଥନୈତିକ ସମସ୍ୟା ପରିପ୍ରେକ୍ଷୀରେ ଜନବିରୋଧର ସମ୍ମୁଖୀନ ହୋଇଥିଲା। ବିଶେଷକରି ଶ୍ରମିକ ଶ୍ରେଣୀର ଅଞ୍ଚଳରେ ଏହା କେନ୍ଦ୍ରୀଭୂତ ହୋଇଥିଲା। ବର୍ତ୍ତମାନ, ପ୍ରଥମ ଥର ପାଇଁ, ପ୍ରତିବାଦ ସମାଜର ସମସ୍ତ ବର୍ଗର ଏବଂ ସମସ୍ତ ବୟସ ବର୍ଗର ଲୋକଙ୍କୁ ଜଡ଼ିତ କରିଛି ଏବଂ ଏହା ସମଗ୍ର ଇରାନରେ ବ୍ୟାପିଛି। ଇରାନରେ ସର୍ବାଧିକ ଲୋକପ୍ରିୟ ଫୁଟ୍‌ବଲ ଖେଳାଳିଙ୍କଠାରୁ ଆରମ୍ଭକରି ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ପର୍ଯ୍ୟନ୍ତ ଉଚ୍ଚ ପ୍ରୋଫାଇଲ ଇରାନୀୟମାନେ ମହିଳା ପ୍ରଦର୍ଶନକାରୀଙ୍କ ସହ ସେମାନଙ୍କର ମତ ମିଶାଇଛନ୍ତି। ଏହି ଆନ୍ଦୋଳନ ଚରମ ଲିଙ୍ଗଗତ ଭେଦଭାବ ଆଇନ ଯାହା ବାଧ୍ୟତାମୂଳକ ହିଜାବ ଏବଂ ମହିଳାଙ୍କ ବିବାହ, ଛାଡ଼ପତ୍ର, ହେପାଜତ ଏବଂ ଉତ୍ତରାଧିକାର ଅଧିକାରକୁ ପ୍ରୋତ୍ସାହନ ଦେଉଥିଲା, ତାହା ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରୁଛି। ଏହି ଅସ୍ଥିରତା ଇରାନର କ୍ଷମତାସୀନ ଧର୍ମଗୁରୁଙ୍କ ଶାସନ ପାଇଁ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି।

ମୋରାଲିଟି ପୋଲିସକୁ ଅସ୍ଥାୟୀ ଭାବେ ହଟାଇ ଦିଆଯାଇଛି କି ପୂର୍ଣ୍ଣ ରୂପେ ହଟାଇଦିଆଯାଇଛି ତାହା ଅସ୍ପଷ୍ଟ ରହିଛି। ତେବେ ଯାହାହେଉ ମୋରାଲିଟି ପୋଲିସ ବ୍ୟବସ୍ଥାକୁ ଉଚ୍ଛେଦ କରାଯିବା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଇରାନ ମହିଳାଙ୍କ ପାଇଁ ଏହା ଅନେକ ଆଶାର କିରଣ ସୃଷ୍ଟି କରିଛି। ମହିଳାଙ୍କ ସ୍ୱାଧୀନତା ଓ ଅଧିକାର କ୍ଷେତ୍ରରେ ଅନେକ ସମ୍ଭାବନା ସୃଷ୍ଟି କରିଛି। ଇରାନ ଭଳି ଏକ ରକ୍ଷଣଶୀଳ ରାଷ୍ଟ୍ରରେ ମହିଳାମାନଙ୍କ ଏହି ବିଜୟ ବିଶ୍ୱର ଅନ୍ୟ ଭାଗରେ ପ୍ରତାଡ଼ିତ ମହିଳାଙ୍କ ପାଇଁ ମଧ୍ୟ ଅନେକ ଆଶା ଉଜ୍ଜୀବିତ କରିବ, ଏଥିରେ ସନ୍ଦେହ ନାହିଁ। ଏକ ବିଶାଳ ବିଦ୍ରୋହ ପରେ ଇରାନର ନୈତିକ ପୋଲିସର ବିଲୋପର ସମ୍ଭାବନା ଇରାନର ସାହସୀ ମହିଳାମାନଙ୍କ ପାଇଁ ଏକ ବିଜୟ। କାରଣ ଏକ ରକ୍ଷଣଶୀଳ ଧର୍ମୀୟ ଚିନ୍ତାଧାରାସମ୍ପନ୍ନ ରାଷ୍ଟ୍ରରେ ଏଭଳି ବିଜୟ ନିଶ୍ଚିତ ଐତିହାସିକ। ଏହା ପ୍ରମାଣ କରେ ଯେ ରାଜତନ୍ତ୍ର ହେଉ କି ଗଣତନ୍ତ୍ର, ସାଧାରଣ ନାଗରିକ ହେଉଛନ୍ତି ଶକ୍ତିଶାଳୀ। କୌଣସି ଦେଶ, ଯେତେ ଚେଷ୍ଟାକଲେ ମଧ୍ୟ ନାଗରିକମାନଙ୍କୁ ଦମନ କରିପାରିବେ ନାହିଁ।

**ମୋ- ୯୪୩୭୨୩୨୪୬୩**

# ବିବାଦ ମୂଳେ ଏ ଜଗତ



ଡ. ନିରଞ୍ଜନ ମିଶ୍ର

ବିଧାତା ଯେତେବେଳେ ଭାରତ ସୃଷ୍ଟି କଲା, ତାକୁ ଅନେକ ମୂଲ୍ୟବାନ ପଦାର୍ଥ ଦେଲା, କିନ୍ତୁ ତା'ର କପାଳରେ ଲେଖିଦେଲା 'ବିବାଦ'। ଏ କଥା କହିଛନ୍ତି ବଙ୍କିମଚନ୍ଦ୍ର ଚାଟାର୍ଜୀ। କଥାଟି ଅକ୍ଷରେ ଅକ୍ଷରେ ସତ୍ୟ। ଅବସ୍ଥାଚକ୍ରରେ ପଡ଼ି ଆମେ ଦୀର୍ଘ ୨୦୦ ବର୍ଷ ବ୍ରିଟିଶ ସାମ୍ରାଜ୍ୟବାଦୀ ଶାସକମାନଙ୍କ କବଳରେ ରହିଲୁ। ସେତେବେଳେ ବ୍ରିଟିଶ ସାମ୍ରାଜ୍ୟରୁ ସୂର୍ଯ୍ୟ ଅସ୍ତ ହେଉ ନ ଥିଲେ ବୋଲି କୁହାଯାଏ। ସକାଳୁ କବାଟ ଖୋଲିଲେ ଆମେ ଦେଖୁ ଆଲୁଅ ଓ ଅନ୍ଧାର ମଧ୍ୟରେ ବିବାଦ ପ୍ରକୃତି ପୃଷ୍ଠରେ। ଅନ୍ଧାରକୁ ପରାସ୍ତ କରି ଆଲୋକ ସର୍ବତ୍ର ବିରାଜମାନ। ଆମେ ଆମର କର୍ମରେ ଲାଗିପଡୁ। କିନ୍ତୁ ସନ୍ଧ୍ୟାରେ ଠିକ୍ ଓଲଟା ଅନ୍ଧାର ଆସି ଆଲୋକକୁ ତଡ଼ି ଦେଇଛି। ପ୍ରକୃତି ପୃଷ୍ଠରେ ଏ ବିବାଦ କେଉଁ ଆବହମାନ କାଳରୁ ଚାଲି ଆସିଛି। ଏ ପ୍ରସଙ୍ଗରେ ବିଶିଷ୍ଟ ଇଂରାଜୀ କବି ଟି.ଏସ୍. ଇଲିୟଟ୍‌ଙ୍କ କବିତାର ଗୋଟିଏ ଧାଡି ମନେପଡ଼େ-" ଦି ବ୍ଲାକ୍ କ୍ଲାଉଡ୍ କ୍ୟାରିଡ୍ ଦି ସନ୍ ଆୱେ"। ଅର୍ଥାତ୍ ଆକାଶରେ ସୂର୍ଯ୍ୟଦେବଙ୍କୁ ଖଣ୍ଡେ କଳା ବାଦଲ ହଠାତ୍ ଘୋଡ଼ାଇ ଦେଲା। ଏହାର ଆଉ ଏକ ଭିତିରିଆ ଅର୍ଥ ଅଛି ଯଥା- ଈଶ୍ୱର ପୁତ୍ର ଯିଶୁଖ୍ରୀଷ୍ଟଙ୍କୁ ଦୁଷ୍ଟ ସଇତାନ ଶକ୍ତିମାନେ ହଠାତ୍ ଅପହରଣ କରିନେଲେ।

ଦିନେ ମୁଁ କୌତୂହଳବଶତଃ ୟୁଟ୍ୟୁବ୍‌ରେ ଟାଇପ୍ କଲି , "ଡାଇରେକ୍ଟ ଆକ୍ସନ୍ ଡେ: ଦି ଗ୍ରେଟ୍ କାଲକାଟା ମାସାକର୍ ୧୯୪୬"। ସେହିଦିନଠାରୁ ବ୍ରିଟିଶ୍ ଇଣ୍ଡିଆରେ ପାକିସ୍ତାନ ଗଠନ ପାଇଁ ବିବାଦ ଆରମ୍ଭ ହେଲା। କଲିକତାରେ ଅତି ନିର୍ମମ ଭାବରେ ଲୋକଙ୍କୁ ହତ୍ୟା କରାଗଲା। ତା' ପରେ, କ୍ରମଶଃ ସ୍ୱାଧୀନତାର ଅନେକ ଘଟଣା ୟୁଟ୍ୟୁବରୁ ପଢ଼ିଲି। ଯଥା- ' ଅଟ୍‌ଲି ଅନ୍ ନେତାଜୀ', 'କ୍ରିପସ୍ ପ୍ରପୋଜାଲ', ' ରେଡ୍ ଫୋର୍ଟ ଟ୍ରାୟାଲ୍ ୧୯୪୫-୪୬', ମାଉଣ୍ଟବ୍ୟାଟେନ୍ ପ୍ଲାନ୍ ଇତ୍ୟାଦି।

ଅଟ୍‌ଲି ତାଙ୍କର ଭାରତ ଗସ୍ତ ସମୟରେ କହିଥିଲେ ଯେ, ନେତାଜୀଙ୍କ ଆଇ.ଏନ୍.ଏ.ର ସଶସ୍ତ୍ର ସଂଗ୍ରାମ ଯୋଗୁ ସେମାନେ ଭାରତ ଛାଡ଼ିବାକୁ ବାଧ୍ୟ ହେଲେ। ୧୯୪୫-୪୬ରେ ଆଜାଦ୍ ହିନ୍ଦ୍ ଫୌଜ୍‌ର ତୁଙ୍ଗ ନେତା କମାଣ୍ଡର ସାହାନବାଜ ଖାନ୍, କଲୋନେଲ ପ୍ରେମ ସେହଗଲ ଓ କଲୋନେଲ ଗୁରୁବକ୍ସ ସିଂହ ଧିଲନ୍‌ଙ୍କ ରେଡ୍ ଫୋର୍ଟରେ ପବ୍ଲିକ୍ ଟ୍ରାୟାଲ କରାଗଲା ଦେଶଦ୍ରୋହ ଅପରାଧରେ। ସାରା ଦେଶରେ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ନିଆଁ ଜଳିଲା। ତା'ପରେ ରୟାଲ ଇଣ୍ଡିଆନ୍ ନେଭିରେ ଭାରତୀୟ ସୈନ୍ୟମାନେ ବ୍ରିଟିଶ ସରକାରର ଆଦେଶ ମାନିବେନି ବୋଲି କହିଲେ। ରିଅର୍ ଆଡମିରାଲ ଲର୍ଡ ମାଉଣ୍ଟ ବ୍ୟାଟେନ୍ ନେତାଜୀଙ୍କ ସଂଗ୍ରାମରେ ଭୀତତ୍ରସ୍ତ ହୋଇପଡ଼ିଲେ। ପ୍ରକୃତରେ ଜୁନ୍ ୧୯୪୮ ସୁଦ୍ଧା ଇଂରେଜମାନେ ଭାରତରୁ ଅପସରି ଯିବା ପାଇଁ ଅଟଳି କହିଥିଲେ। କିନ୍ତୁ ତା' ପୂର୍ବରୁ ସେ ଆମକୁ



ସ୍ୱାଧୀନତା ଦେଲେ। ଇତିହାସରୁ ଆମେ ଜାଣୁ ଗାନ୍ଧିଜୀ ୧୯୩୦ପରେ ଭାରତର ଏକମାତ୍ର ଅପ୍ରତିଦ୍ୱନ୍ଦ୍ୱୀ ନେତାରୂପେ ଆବିର୍ଭାବ ହେଲେ। କିନ୍ତୁ ତାଙ୍କର ଅହିଂସା ଆନ୍ଦୋଳନ ଭାରତର ସ୍ୱାଧୀନତା ପାଇଁ ଯଥେଷ୍ଟ ନ ଥିଲା। ନେତାଜୀଙ୍କ ସଶସ୍ତ୍ର ସଂଗ୍ରାମ ଆମ ଦେଶର ସ୍ୱାଧୀନତାକୁ ତ୍ୱରାନ୍ୱିତ କରିଥିଲା। ଏ ସବୁ ଲେଖିବାର ଉଦ୍ଦେଶ୍ୟ ୟୁଟ୍ୟୁବରେ ପ୍ରାୟ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସଂକ୍ଷେପରେ ଦେଖିବାକୁ ମିଳେ। ଏହାକୁ ମହାଭାରତରେ ସଂଜୟକୁ ଦିଆଯାଇଥିବା ' ଦିବ୍ୟଚକ୍ଷୁ' ସଙ୍ଗରେ ତୁଳନା କରାଯାଇପାରେ। 'ବିବାଦ' ସବୁ ଯୁଗରେ ସମାନ। ଗାନ୍ଧିଜୀଙ୍କ ଅହିଂସା ନୀତିରେ ନେତାଜୀଙ୍କ ବିଶ୍ୱାସ ନ ଥିଲା। ତଥାପି ସମସ୍ତେ ମିଳିମିଶି କାମ କରୁଥିଲେ। କ'ଣ କଲେ ଭାରତର ମଙ୍ଗଳ ହେବ ସେ କଥା ଚିନ୍ତା କରୁଥିଲେ। ନେତାଜୀ ପ୍ରଥମେ ଗାନ୍ଧିଜୀଙ୍କୁ 'ଜାତିର ପିତା' ବୋଲି ସମ୍ବୋଧନ କରିଥିଲେ।

ଆମ ଯୁଗର ବିବାଦ ବିଷୟ ଅନୁଧ୍ୟାନ କଲାବେଳେ ୟୁକ୍ରେନ୍ ଓ ରୁଷିଆ ଯୁଦ୍ଧ ବିଷୟରେ ଧ୍ୟାନ କରିବାକୁ ହେବ। ସବୁବେଳେ ଇତିହାସର ପୁନରାବୃତ୍ତି ହୁଏ କାରଣ ତୁଙ୍ଗ ନେତାମାନେ ଅଧିକ ମୋହଗ୍ରସ୍ତ। ୧୯୬୨ରେ କ୍ୟୁବା 'ମିସାଇଲ କ୍ରାଇସିସ୍' ସୃଷ୍ଟି ହେଲା। ରୁଷିଆ କ୍ୟୁବାରେ ପରମାଣୁ ଅସ୍ତ୍ର ଖଚିତ ମିସାଇଲ ଆମେରିକା ଆଡ଼କୁ ମୁହାଁଇ ରଖିଲା। ଆତ୍ମରକ୍ଷା ପାଇଁ ଏ ସବୁ କରୁଛି କହିଲା। କିଛିଦିନ ଆମେରିକା ଓ ରୁଷିଆ ମଧ୍ୟରେ ତୀବ୍ର ବାକ୍ୟ ବିନିମୟ ଚାଲିଲା। ସମଗ୍ର ପୃଥିବୀ ପରମାଣୁ ବୋମା ବିସ୍ଫୋରଣଜନିତ ସଙ୍କଟ ମଧ୍ୟକୁ ଟାଣି ହୋଇଆସିଲା। ଯାହାହେଉ, ଆମେରିକା ପ୍ରେସିଡେଣ୍ଟ ଜନ୍ ଏଫ୍. କେନେଡି ଓ ରୁଷିଆର କ୍ରୁଶ୍ଚେଭ୍‌ଙ୍କ ମଧ୍ୟରେ ବୁଝାମଣା ଫଳରେ ଏ ବିବାଦର ଅବସାନ ହେଲା। ଏବେ ତ ସମଗ୍ର ୟୁକ୍ରେନ୍ ମଶାଣିପଦାରେ ପରିଣତ ହେଲାଣି। ତଥାପି ରାଷ୍ଟ୍ରପତି ପୁଟିନଙ୍କ ରାଗ କମୁନି। ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ ଜାରି ରଖୁଛନ୍ତି। ତାଙ୍କ ଉପଦେଷ୍ଟାମାନେ ମାତ୍ର ସାତ ଆଠ ଦିନ ମଧ୍ୟରେ ୟୁକ୍ରେନ ଦଖଲ ଶେଷ ହୋଇଯିବ ବୋଲି କହୁଥିଲେ। କିନ୍ତୁ ଏବେ ଆଠମାସ ହେଲାଣି। କ୍ୟୁବା ବେଳର ପରମାଣୁ ଭୟ ସମସ୍ତଙ୍କୁ ଘାରିଲାଣି।

ବିଷୟଟିକୁ ସାରିବା ପୂର୍ବରୁ ପୁଣିଥରେ 'ବିବାଦ' ପ୍ରସଙ୍ଗକୁ ଆସିବା ଆମ ପୁରାଣମାନଙ୍କରେ ଏ ବିଷୟରେ ଭଲ ଭାବେ ବର୍ଣ୍ଣନା କରାଯାଇଛି। ଯଥା- ରାମାୟଣରେ ରାମ-ରାବଣ ବିବାଦ, ଭରତ -କୈକେୟୀ ବିବାଦ ଇତ୍ୟାଦି। ପାଣ୍ଡବମାନଙ୍କୁ ପାଞ୍ଚଖଣ୍ଡ ଗାଁ ଦେବା ପାଇଁ ବାସୁଦେବ ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନକୁ ଅନୁରୋଧ କରିଥିଲେ। ସେ ତାକୁ ପ୍ରତ୍ୟାଖ୍ୟାନ କରିଥିଲା। ' ବିନା ଯୁଦ୍ଧେ ନ ଦେବି ମୁଁ ସୂଚ୍ୟାଗ୍ରେ ମେଦିନୀ '- ଏଭଳି ଅହଂକାର ଯୋଗୁ ମହାଭାରତ ଯୁଦ୍ଧ ହୋଇ ରକ୍ତନଦୀ ବୋହିଗଲା। ଏ କଥା ସମସ୍ତେ ଜାଣନ୍ତି। ଏ ଧରାଧାମରେ ମଣିଷ ଥିଲାଯାଏ 'ବିବାଦ' ରହିଥିବ। ସବୁ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହେଉ ଓ ଏ ପୃଥିବୀରେ ଶାନ୍ତି ବିରାଜମାନ କରୁ।

**୫୬, ଭିଆଇପି ଏରିଆ, ଆଇଆରସି ଭିଲେଜ, ଭୁବନେଶ୍ୱର**

## ଏଇ ଭାରତରେ

ଚା'ପିଇବା ପରେ କପ୍‌କୁ ଖାଇବେ, ଏମିତି କଥା କେବେ ଶୁଣିଛନ୍ତି କି! ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ଜଣେ ପୂର୍ବତନ ଶିକ୍ଷକ ଟି. ଜୟଲକ୍ଷ୍ମୀ ତିଆରି କରୁଛନ୍ତି ଏଭଳି କପ୍। ମାଣ୍ଡିଆ ଓ ଚାଉଳ ଚୂନାରେ ଏହା ତିଆରି ହେଉଛି। ଦିନକୁ ସେ ୩ରୁ ୪ ହଜାର କପ୍ ତିଆରି କରି ବର୍ଷକୁ ୭ରୁ ୧୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏଥିପାଇଁ ସେ ବିଶାଖାପାଟଣାର ରେସାପୁଭାନିପାଲେମରେ ଏକ କମ୍ପାନୀ ଖୋଲିଛନ୍ତି। ଏହା ପୂର୍ବରୁ ରାଜଲକ୍ଷ୍ମୀ ଏକ ଘରୋଇ ସ୍କୁଲରେ ଶିକ୍ଷକ ଥିଲେ। ତାଙ୍କ ସ୍ୱାମୀ ମଧ୍ୟ ଏକ ଘରୋଇ କମ୍ପାନୀରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ୨୦୨୦ରେ ସ୍ୱାମୀଙ୍କ ସ୍ୱାସ୍ଥ୍ୟ ଖରାପ ହେବା ପରେ ରାଜଲକ୍ଷ୍ମୀ ପରିବାର ଚଳାଇବା ଲାଗି ବିକଳ୍ପ ଯୋଜନା କରି ପ୍ରଥମେ ସେ ତାଙ୍କ ଗହଣା ବନ୍ଧାରଖି ବ୍ୟାଙ୍କରୁ ଋଣ ଆଣି କପ୍ ତିଆରି ଆରମ୍ଭ କରିଥିଲେ। ଏହି କପ୍‌ରେ ଚା' ୨୦ ମିନିଟ ଗରମ ରହିପାରୁଛି। ସେ ଦୁଇପ୍ରକାର ଚା' କପ୍ ତିଆରି କରୁଛନ୍ତି। ଗୋଟିକରେ ୬୦ ମି.ଲି. ଓ ଅନ୍ୟଟିରେ ୮୦ ମି.ଲି. ରହୁଛି ଏବଂ ଏସବୁର ମୂଲ୍ୟ ଯଥାକ୍ରମେ ୨.୫ ରୁ ୩.୫ ଟଙ୍କା ରହିଛି। ଏହା ଚକୋଲେଟ, ଷ୍ଟ୍ରବେରି, ଭାନିଲା, ଅଳେଇଚ ଆଦି ସ୍ୱାଦରେ ତିଆରି କରାଯାଉଛି। କପ୍ ଲାଗି ସେ ଗୁଜରାଟ, ରାଜସ୍ଥାନ, ମହାରାଷ୍ଟ୍ର , କର୍ନାଟକ, ତାମିଲନାଡୁ ଓ ଛତିଶଗଡ଼ରୁ ଅର୍ଡର ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଡିସେମ୍ବର ୧୯୯୭

- ୭୧ ଯାତ୍ରୀଙ୍କୁ ନେଇ ଆସୁଥିବା ଏକ ୟୁକ୍ରେନ ବିମାନ ଗ୍ରୀସର ସାଲୋନିକା ବିମାନବନ୍ଦରରେ ଅବତରଣ ପୂର୍ବରୁ ନିଖୋଜ।
- କଂଗ୍ରେସର ଦୁଇ ଜଣ ପୁରୁଖା ନେତା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ଭାସ୍କର ରାଓ ଓ ପୂର୍ବତନ ପାର୍ଲାମେଣ୍ଟ ସଦସ୍ୟ ମଣିଶଙ୍କର ଆୟରଙ୍କ ଦଳରୁ ଇସ୍ତଫା।
- ବିଜୁ ଜନତା ବିଧାୟକ ଦଳକୁ ବାଚସ୍ପତି ଚିନ୍ତାମଣି ଦ୍ୟାନ ସମାନ୍ତରାୟ ବିଧାନସଭାର ସ୍ୱତନ୍ତ୍ର ଦଳ ଭାବେ ମାନ୍ୟତା ପ୍ରଦାନ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଜରୁରୀ ନୁହେଁ

ମହାଶୟ,

କଟକରେ ଓଡ଼ିଶା ହାଇକୋର୍ଟ ଥାଇ ଅନ୍ୟ ୫ ଗୋଟି ସ୍ଥାନରେ ଏହାର ବେଞ୍ଚ ସ୍ଥାପନ ଦାବି ସମ୍ପୂର୍ଣ୍ଣ ଅମୂଳକ ବୋଲି ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ ମତ ବ୍ୟକ୍ତ କରିଛନ୍ତି। ତଦ୍ଦ୍ୱାରା ଏପରି ଅବାସ୍ତବ ଦାବି ନେଇ ଆନ୍ଦୋଳନ କରୁଥିବା ଆଇନରକ୍ଷକ ଓକିଲମାନଙ୍କୁ ଝଟକା ଲାଗିବା ସ୍ୱାଭାବିକ । ଦେଖିବାକୁ ଗଲେ, ସମ୍ପ୍ରତି ବୈଜ୍ଞାନିକ ଜ୍ଞାନକୌଶଳ ବହୁ ଭାବରେ ବିକଶିତ ହୋଇ ଭିଡିଓ କନଫରେନ୍ସ ଯୋଗେ ମାମଲା ପରିଚାଳନା, କୌଣସି ମାମଲା ଦାୟର ପାଇଁ ଇ-ଫାଇଲିଂ ବ୍ୟବସ୍ଥା, ଭର୍ଚୁଆଲ ଶୁଣାଣି ବ୍ୟବସ୍ଥା, ଶୁଣାଣି ପରେ ତୁରନ୍ତ ରାୟ ନକଲ ଇଣ୍ଟରନେଟରେ ଉପଲବ୍ଧ ହେବା ପାଇଁ ବ୍ୟବସ୍ଥା ସତ୍ତ୍ୱେ ରାଜ୍ୟରେ ଅନ୍ୟତ୍ର ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଜରୁରୀ କି ? ଏହି ପରିପ୍ରେକ୍ଷୀରେ ଆଇନକାନୁନ୍‌କୁ ନିଜର ମହନୀୟ ବୃତ୍ତି ଭାବେ ଗ୍ରହଣ କରିଥିବା କେତେକ ବୃତ୍ତିଧାରୀ ଏହାର ମର୍ଯ୍ୟାଦା ଉଲ୍ଲଂଘନ କରିବା ଆଦୌ ସ୍ପୃହଣୀୟ ନୁହେଁ । ଆନ୍ଦୋଳନ ନାଁରେ ଅଦାଲତ ଭିତରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ଆମ ଦେଶର ଆଇନ ପ୍ରତି ଅସମ୍ମାନ ନୁହେଁ କି ? ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଭିତ୍ତିରେ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଜରୁରୀ ନୁହେଁ, ଏହା ସ୍ପଷ୍ଟ ହୋଇଛି ।

**-ଅବନୀ ଚନ୍ଦ୍ର ଦାସ, ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସନ୍ଧ୍ୟା-ରାଗିଣୀ ରକତ ରାଗରେ
ବଢ଼ିଛି ଏ ମୋର ବାସନା
(ତୁମେ) ଅଳତାର ରାଗ ଚରଣେ ଲେଖି ଗୋ
ଆସନା, ମୋ ପାଶେ ଆସନା।
-(ଜୀବନ-ଦୋଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଶ୍ରମିକ ନିର୍ଯାତନା ବିରୋଧରେ ସମ୍ମିଳିତ ଆନ୍ଦୋଳନ ଲୋଡ଼ା

## ରାଜ୍ୟସ୍ତରୀୟ ଶ୍ରମିକ ସଭାରେ ଆହ୍ୱାନ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଶ୍ରମିକ ସଂଗଠନ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ୍ ସେଣ୍ଟର (ଏଆଇୟୁଟିୟୁସି)ର ପୂର୍ବତନ ସର୍ବଭାରତୀୟ ସଭାପତି କମ୍ରେଡ୍ ଶିବଦାସ ଘୋଷଙ୍କ ଜନ୍ମଶତବାର୍ଷିକୀ ରେଡକ୍ରସ୍ ଭବନରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ରାଜ୍ୟସ୍ତରୀୟ ଶ୍ରମିକ ସଭା ଅନୁଷ୍ଠିତ ହୋଇଥିଲା। ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ କମ୍ରେଡ୍ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରମିକ ସଭାରେ ସଙ୍ଗଠନର ବରିଷ୍ଠ ରାଜ୍ୟ ଉପସଭାପତି କମ୍ରେଡ୍ ବିଷ୍ଣୁ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଦେଶରେ ବିଭିନ୍ନସ୍ତରର ଶ୍ରମିକଙ୍କ ଉପରେ ହେଉଥିବା ଶୋଷଣ, ନିର୍ଯାତନା, ଜୁଲମ୍ ବିରୋଧରେ ଐକ୍ୟବଦ୍ଧ ସଚେତନ ଶ୍ରମିକ ଆନ୍ଦୋଳନ ସଂଗଠିତ କରିବାର ଆବଶ୍ୟକତାକୁ କମ୍ରେଡ୍ ଶିବଦାସ ଗଭୀରତାର ସହ ହୃଦୟଙ୍ଗମ କରିପାରିଥିଲେ ବୋଲି କମ୍ରେଡ୍ ଦାସ ପ୍ରକାଶ କରିଥିଲେ। ସଂଗଠନର ରାଜ୍ୟ ସମ୍ପାଦକ କମ୍ରେଡ୍ ଜୟସେନ ମେହେର ଅନ୍ୟତମ ବକ୍ତାଭାବେ ଯୋଗଦେଇ ଶିବଦାସ ଘୋଷଙ୍କ ଶତବାର୍ଷିକୀକୁ ସାରା ରାଜ୍ୟରେ ଜିଲା, ଆଞ୍ଚଳିକ ଓ ୟୁନିୟନସ୍ତରରେ ପାଳନ କରିବା ପାଇଁ ନିବେଦନ କରିଥିଲେ। ଅନ୍ୟତମ ରାଜ୍ୟ ଉପସଭାପତି କମ୍ରେଡ୍ ଭିକାରୀ ପ୍ରଧାନ ଓ କମ୍ରେଡ୍ କାହ୍ନୁ ବିଶ୍ୱାଳ ମଧ୍ୟ ଉପସ୍ଥିତ ରହିଥିଲେ।

# ଦିବ୍ୟାଙ୍ଗ ଭଉଣୀଙ୍କ ସେବା ପାଇଁ ବିବାହ କଲେନି

## ଶ୍ରମିକ ଭାବେ କାମ କରି ଘର ଚଳାଉଛନ୍ତି ସାନ ଭଉଣୀ

ଟିକିରି,୧୮।୧୨(ଡି.ଏନ୍.ଏ.)

କଥାରେ ଅଛି ମା' ପରେ ଜଣେ ଭଉଣୀ ହିଁ ମନ କଥା ବୁଝିପାରନ୍ତି। ଜଣଙ୍କ ପାଇଁ ଅନ୍ୟଜଣେ ଯେକୌଣସି ତ୍ୟାଗ କରିବାକୁ ପ୍ରସ୍ତୁତ ରହିଥାନ୍ତି। ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଉଷାପଡ଼ା ଗ୍ରାମରେ ଏହାର ସ୍ପଷ୍ଟ ଉଦାହରଣ ଦେଖିବାକୁ ମିଳିଛି। ବଡ଼ ଭଉଣୀ ଦିବ୍ୟାଙ୍ଗ ବୋଲି ସାନ ଭଉଣୀ ତାଙ୍କ ସେବା ପାଇଁ ବିବାହ ନ କରି ରହିଛନ୍ତି। ଏମିତିକି ତାଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଦୁଇ ଭଉଣୀ ହେଲେ ଗାଁର ମାନସିକ ଦିବ୍ୟାଙ୍ଗ ସୁଆଲୁ ଦୋରା(୫୨) ଏବଂ ସିନମ୍ ଦୋରା(୪୯)। କମ୍ ବୟସରୁ ମା' ବାପା ଆରପାରିକୁ ଚାଲିଯାଇଥିବାବେଳେ ନିଜେ ଶ୍ରମିକ ଭାବେ କାମ କରିବା ସହ ବଡ଼ ଭଉଣୀଙ୍କ ସେବା କରିବାର ବଡ଼ ଦାୟିତ୍ୱ ସିନମ ନିଜ ମୁଣ୍ଡକୁ ନେଇଛନ୍ତି। ହେଲେ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳୁ ନ ଥିବାରୁ ସିନମଙ୍କ ପାଇଁ ଏହି ଦାୟିତ୍ୱ ନେବା ଦିନକୁ ଦିନ କଷ୍ଟକର ହେଉଛି। ଦୁଇ ଭଉଣୀଙ୍କ ମଧ୍ୟରେ ରହିଥିବା ସ୍ନେହ ଓ ଭଲପାଇବା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ହେଲେ ସେମାନଙ୍କ ଅସହାୟତା



ବଡ଼ ଭଉଣୀ ସୁଆଲୁଙ୍କ ସହ ସିନମ୍।

ଗାଁ ଲୋକଙ୍କୁ ମଧ୍ୟ କଷ୍ଟ ଦେଉଛି। ସୁଆଲୁଙ୍କ ଦୁଇ ଗୋଡ଼ ଜନ୍ମରୁ ଅଚଳ ଥିବାବେଳେ ସେ ଗୁରୁଣ୍ଡି ଗୁରୁଣ୍ଡି ଯିବା ଅସିବା କରୁଛନ୍ତି। ସେ କୌଣସି କାମ କରିପାରୁ ନାହାନ୍ତି। ସିନମ୍ଙ୍କ ରୋଜଗାରରେ କଷ୍ଟେମଷ୍ଟେ ଦୁଇ ପ୍ରାଣୀ ଚଳୁଛନ୍ତି। ଭଉଣୀଙ୍କ ସେବାରେ ସମସ୍ତ ତ୍ୟାଗ କରିଥିଲେ ମଧ୍ୟ ଅର୍ଥ ଅଭାବ ଯୋଗୁ ସେ ଭାଙ୍ଗି ପଡ଼ିଛନ୍ତି। ସରକାରୀ ସହାୟତା କହିଲେ କେବଳ ବଡ଼ ଭଉଣୀଙ୍କୁ ଦିବ୍ୟାଙ୍ଗ ଭତ୍ତା ମିଳୁଛି। ରାଶନ ଏବଂ ପକ୍କାଘର ପାଇଁ ବରମ୍ବାର ଦାବି କରି ବିଫଳ ହୋଇଛନ୍ତି। ଭଙ୍ଗା ଘରେ ଦୁଇ ଭଉଣୀ ଏବେ ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି। ଖାଉଟି କାର୍ଡ ମାଧ୍ୟମରେ ଚାଉଳ ଏବଂ ଆବାସ ଯୋଜନାରେ ଘରଟିଏ ଦେବାପାଇଁ ସେ ନିବେଦନ କରିଛନ୍ତି।

## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

**No. RDM-LAB-BOUDH-0003-2020-33785/R&DM** **Dated: 01.10.2022**

No. XXXI-2: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଗୁଣ୍ଡରିବେଡ଼ା, ଥାନା: ପୁରୁଣାକଟକ ନଂ. - ୬୨, ତହସିଲ: ହରଭଙ୍ଗା, ଜିଲ୍ଲା: ବୌଦ୍ଧରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋର୍ଦ୍ଧା ରୋଡ ବଲାଙ୍ଗିର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୯୮୯୬, ତା୧୭।୦୬।୨୦୨୦ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୩୩୭୨୫, ତା୦୧।୧୦।୨୦୨୨ରିଖ ଅନୁସାରେ ଅଧିସୂଚନାର ବୈଧତା ତା୩୧।୧୨।୨୦୨୨ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଗୁଣ୍ଡରିବେଡ଼ା, ଥାନା: ପୁରୁଣାକଟକ ନଂ. ୬୨, ଜିଲ୍ଲା: ବୌଦ୍ଧରେ ବିସ୍ଥାପିତ ପରିବାର ଥିବାରୁ, କମିଶନର ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.boudh.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ - କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ବୌଦ୍ଧ — ତହସିଲ: ହରଭଙ୍ଗା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୁଣ୍ଡରିବେଡ଼ା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୩୧.୧୨୦ | ଏକର ୨୪.୮୬୦ | ଏଥି ସହିତ ସଂଲଗ୍ନ |

### ତଫସିଲ - ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ବୌଦ୍ଧ — ତହସିଲ: ହରଭଙ୍ଗା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ଅଟେ, ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ଏଥି ସହିତ ସଂଲଗ୍ନ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ: ୩୧।୧୨।୨୦୨୨ ପର୍ଯ୍ୟନ୍ତ ଅଟେ।

# ଜମିର ତାଲିକା

### ଖୋର୍ଦ୍ଧାରୋଡ୍‌ରୁ ବଲାଙ୍ଗୀରକୁ ଯାଉଥିବା ନୂତନ ଓସାରିଆ ରେଳପଥର ଭୂ ଅଧିଗ୍ରହଣ ଗ୍ରାମ: ଗୁଣ୍ଡରିବେଡ଼ା, ତହସିଲ: ହରଭଙ୍ଗା, ଥାନା: ପୁରୁଣା କଟକ (ନଂ. ୬୨), ଜିଲ୍ଲା: ବୌଦ୍ଧ

ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ୨୨୧ | ୦.୦୮୦ | ୦.୦୮୦ | ଶାରଦ - ୨ | ଅନାମ ଘାସି, ମାଧବ ଘାସି, ପୂର୍ଣ୍ଣଘାସି, ପି.: ଶଙ୍କର ଘାସି |
| ୨ | | ୨୩୫ | ୦.୧୦୦ | ୦.୧୦୦ | ଶାରଦ - ୨ | |
| ୩ | | ୨୩୬ | ୦.୧୧୦ | ୦.୦୩୦ | ଶାରଦ - ୨ | |
| ୪ | ୨ | ୩୩୮ | ୦.୪୨୦ | ୦.୩୦୦ | ଶାରଦ - ୧ କିତା/୨ | ଜମା ପଧାନ, ସ୍ୱା.: ସୁରେଶନ ପଧାନ |
| ୫ | | ୩୪୬ | ୦.୧୪୦ | ୦.୧୪୦ | ଘରବାରି | |
| ୬ | | ୩୪୮ | ୦.୦୫୦ | ୦.୦୫୦ | ଘରବାରି | |
| ୭ | | ୪୧୮ | ୦.୨୭୦ | ୦.୦୬୦ | ଆଟ | |
| ୮ | | ୪୫୯ | ୦.୬୫୦ | ୦.୬୫୦ | ଶାରଦ - ୧ | |
| ୯ | ୨ | ୪୬୪ | ୦.୪୧୦ | ୦.୪୧୦ | ଶାରଦ - ୧ | ଜମା ପଧାନ, ସ୍ୱା.: ସୁରେଶନ ପଧାନ |
| ୧୦ | | ୪୭୦ | ୦.୨୪୦ | ୦.୨୪୦ | ଶାରଦ - ୧ | |
| ୧୧ | | ୪୭୨ | ୦.୧୪୦ | ୦.୧୪୦ | ଶାରଦ - ୧ | |
| ୧୨ | | ୪୮୨ | ୦.୩୦୦ | ୦.୩୦୦ | ଶାରଦ - ୧ | |
| ୧୩ | | ୪୮୯ | ୦.୧୬୦ | ୦.୧୬୦ | ଶାରଦ - ୧ | |
| ୧୪ | | ୩୩୮ / ୫୦୮ | ୦.୦୬୦ | ୦.୦୬୦ | ଶାରଦ - ୧ | |
| ୧୫ | ୩ | ୨୦୭ | ୦.୧୦୦ | ୦.୦୨୦ | ଶାରଦ-୨ | ଚନ୍ଦ୍ରମଣି ପଧାନ, ପି-ତପନ ପଧାନ |
| ୧୬ | | ୪୦୪ | ୦.୦୪୦ | ୦.୦୪୦ | ଆଟ | |
| ୧୭ | | ୪୬୬ | ୦.୩୭୦ | ୦.୩୭୦ | ଶାରଦ-୧ କିତା/୩ | |
| ୧୮ | | ୪୯୧ | ୧.୨୦୦ | ୧.୨୦୦ | ଶାରଦ-୧ | |
| ୧୯ | ୪ | ୨୦୬ | ୦.୧୨୦ | ୦.୧୨୦ | ଶାରଦ-୨ | ଚନ୍ଦ୍ରମଣି ପଧାନ, ଦେବାର୍ଚ୍ଚନ ପଧାନ, ସଭାଜନ ପଧାନ, ପି-ତପନ ପଧାନ |
| ୨୦ | | ୪୦୦ | ୦.୧୪୦ | ୦.୧୪୦ | ଆଟ | |
| ୨୧ | | ୪୦୧ | ୦.୧୨୦ | ୦.୧୨୦ | ଆଟ | |
| ୨୨ | | ୪୪୭ | ୦.୧୦୦ | ୦.୧୦୦ | ଶାରଦ-୧ କିତା/୩ | |
| ୨୩ | | ୪୪୫ | ୦.୦୭୦ | ୦.୦୭୦ | ଶାରଦ-୧ କିତା/୩ | |
| ୨୪ | | ୪୪୬ | ୦.୦୭୦ | ୦.୦୭୦ | ଶାରଦ-୧ | |
| ୨୫ | | ୪୪୮ | ୦.୦୮୦ | ୦.୦୮୦ | ଶାରଦ-୧ | |
| ୨୬ | ୫ | ୩୫୮ | ୦.୦୧୦ | ୦.୦୧୦ | ଘରବାରି | ଚନ୍ଦ୍ରମଣି ପଧାନ, ଦେବାର୍ଚ୍ଚନ ପଧାନ, ସଭାଜନ ପଧାନ, ପି-ତପନ ପଧାନ, ବାଞ୍ଛା ପଧାନ, ପି-କପ୍ତାନ ପଧାନ, ଭଗବତି ପଧାନ, ସମ୍ପତି ପଧାନ, ପି-ସୁନାମ ପଧାନ, ରଗୁ ପଧାନ, ପି-କାର୍ତ୍ତିକ ପଧାନ, ବିଶି ପଧାନ, ପି-କାର୍ତ୍ତିକ ପଧାନ |
| ୨୭ | | ୩୫୯ | ୦.୦୧୦ | ୦.୦୧୦ | ଘରବାରି | |
| ୨୮ | | ୩୬୬ | ୦.୦୧୦ | ୦.୦୧୦ | ଘରବାରି | |
| ୨୯ | | ୩୮୮ | ୦.୧୦୦ | ୦.୧୦୦ | ଘରବାରି | |
| ୩୦ | | ୩୮୯ | ୦.୦୩୦ | ୦.୦୩୦ | ଘରବାରି | |
| ୩୧ | | ୩୯୦ | ୦.୦୧୦ | ୦.୦୧୦ | ଘରବାରି | |
| ୩୨ | | ୩୯୧ | ୦.୦୨୦ | ୦.୦୨୦ | ଘରବାରି | |
| ୩୩ | | ୩୯୨ | ୦.୦୫୦ | ୦.୦୫୦ | ଘରବାରି | |
| ୩୪ | | ୩୯୩ | ୦.୦୪୦ | ୦.୦୪୦ | ଘରବାରି | |
| ୩୫ | | ୩୯୪ | ୦.୦୩୦ | ୦.୦୩୦ | ଘରବାରି | |
| ୩୬ | | ୩୯୬ | ୦.୦୮୦ | ୦.୦୮୦ | ଘରବାରି | |
| ୩୭ | | ୩୯୭ | ୦.୦୨୦ | ୦.୦୨୦ | ଘରବାରି | |
| ୩୮ | ୬ | ୨୧୮ | ୦.୩୧୦ | ୦.୩୧୦ | ଶାରଦ-୨ କିତା/୪ | ଚାରୁମତି ପଧାନ, ପି-ସେନାପତି ପଧାନ |
| ୩୯ | | ୨୨୬ | ୦.୧୪୦ | ୦.୧୪୦ | ଶାରଦ-୨ | |
| ୪୦ | | ୪୧୫ | ୦.୧୪୦ | ୦.୧୪୦ | ଶାରଦ-୧ | |
| ୪୧ | | ୨୬୨ | ୦.୪୮୦ | ୦.୧୮୦ | ଶାରଦ-୧ | |
| ୪୨ | | ୪୬୩ | ୦.୨୨୦ | ୦.୨୨୦ | ଶାରଦ-୧ | |
| ୪୩ | ୯ | ୨୧୩ | ୦.୨୭୦ | ୦.୨୭୦ | ଶାରଦ-୨ | ଦୁଶିଳା ପଧାନ, ପି-ସେନାପତି ପଧାନ |
| ୪୪ | | ୨୬୩ | ୦.୪୬୦ | ୦.୨୦୦ | ଶାରଦ-୧ | |
| ୪୫ | | ୪୬୦ | ୦.୫୫୦ | ୦.୫୫୦ | ଶାରଦ-୧ | |
| ୪୬ | | ୪୭୩ | ୦.୧୫୦ | ୦.୧୫୦ | ଶାରଦ-୧ | |
| ୪୭ | | ୪୮୫ | ୦.୦୮୦ | ୦.୦୮୦ | ଶାରଦ-୧ | |
| ୪୮ | | ୪୮୬ | ୦.୨୧୦ | ୦.୨୧୦ | ଶାରଦ-୧ କିତା/୨ | |
| ୪୯ | ୧୦ | ୪୫୦ | ୦.୨୪୦ | ୦.୨୪୦ | ଶାରଦ-୧ | ଦେବାର୍ଚ୍ଚନ ପଧାନ, ପି-ତପନ ପଧାନ |
| ୫୦ | | ୪୫୪ | ୦.୧୫୦ | ୦.୧୫୦ | ଶାରଦ-୧ | |
| ୫୧ | ୧୧ | ୨୧୦ | ୦.୫୬୦ | ୦.୪୪୦ | ଶାରଦ-୧ | ଧୋବେଇ ପଧାନ, ପି-ହାଡି ପଧାନ |
| ୫୨ | | ୨୧୫ | ୦.୩୦୦ | ୦.୩୦୦ | ଶାରଦ-୧ | |
| ୫୩ | | ୨୧୯ | ୦.୧୦୦ | ୦.୧୦୦ | ଶାରଦ-୧ | |
| ୫୪ | | ୨୨୪ | ୦.୧୫୦ | ୦.୧୫୦ | ଶାରଦ-୨ | |
| ୫୫ | | ୨୨୮ | ୦.୦୯୦ | ୦.୦୯୦ | ଶାରଦ-୨ | |
| ୫୬ | | ୨୩୧ | ୦.୧୯୦ | ୦.୧୯୦ | ଶାରଦ-୨ | |
| ୫୭ | | ୨୪୪ | ୦.୪୧୦ | ୦.୦୯୦ | ଶାରଦ-୨ କିତା/୨ | |
| ୫୮ | | ୩୨୯ | ୦.୮୨୦ | ୦.୦୪୦ | ଶାରଦ-୨ | |
| ୫୯ | ୧୧ | ୩୪୧ | ୦.୭୩୦ | ୦.୭୩୦ | ଶାରଦ-୧ କିତା/୨ | ଧୋବେଇ ପଧାନ, ପି-ହାଡି ପଧାନ |
| ୬୦ | | ୩୫୭ | ୦.୦୧୦ | ୦.୦୧୦ | ଘରବାରି | |
| ୬୧ | | ୩୯୫ | ୦.୦୧୦ | ୦.୦୧୦ | ଘରବାରି | |
| ୬୨ | | ୪୦୫ | ୦.୦୩୦ | ୦.୦୩୦ | ଆଟ | |
| ୬୩ | | ୪୧୧ | ୦.୩୬୦ | ୦.୩୬୦ | ଶାରଦ-୧ | |
| ୬୪ | | ୪୧୨ | ୦.୩୦୦ | ୦.୨୦୦ | ଶାରଦ-୧ | |
| ୬୫ | ୧୧ | ୪୪୯ | ୦.୩୪୦ | ୦.୩୪୦ | ଶାରଦ-୧ | ଧୋବେଇ ପଧାନ, ପି-ହାଡି ପଧାନ |
| ୬୬ | | ୪୬୮ | ୦.୧୬୦ | ୦.୧୬୦ | ଶାରଦ-୧ | |
| ୬୭ | | ୪୭୪ | ୦.୧୫୦ | ୦.୧୫୦ | ଶାରଦ-୧ | |
| ୬୮ | | ୪୯୮ | ୦.୩୦୦ | ୦.୧୬୦ | ଶାରଦ-୧ | |
| ୬୯ | | ୧୯୫ | ୦.୦୬୦ | ୦.୦୧୦ | ଶାରଦ-୨ | |
| ୭୦ | ୧୨ | ୪୫୧ | ୦.୨୪୦ | ୦.୨୪୦ | ଶାରଦ-୧ | ନବେଇ ପଧାନ, ପି-ରାଜ ପଧାନ |
| ୭୧ | ୧୩ | ୩୫୧ | ୦.୦୨୦ | ୦.୦୨୦ | ଘରବାରି | ପାଣୁଆ ପଧାନ, କୃଷ୍ଣ ପଧାନ, ପିର ପଧାନ, ଜମ୍ବୁ ପଧାନ, ପି-ଗଣେଶ୍ୱର ପଧାନ |
| ୭୨ | | ୩୫୩ | ୦.୦୨୦ | ୦.୦୨୦ | ଘରବାରି | |
| ୭୩ | | ୪୬୧ | ୦.୧୩୦ | ୦.୧୩୦ | ଶାରଦ-୧ | |
| ୭୪ | | ୪୬୨ | ୦.୧୮୦ | ୦.୧୮୦ | ଶାରଦ-୧ | |
| ୭୫ | ୧୩ | ୪୭୬ | ୦.୧୨୦ | ୦.୧୨୦ | ଶାରଦ-୧ | ପାଣୁଆ ପଧାନ, କୃଷ୍ଣ ପଧାନ, ପିର ପଧାନ, ଜମ୍ବୁ ପଧାନ, ପି-ଗଣେଶ୍ୱର ପଧାନ |
| ୭୬ | | ୪୮୪ | ୦.୧୨୦ | ୦.୧୨୦ | ଶାରଦ-୧ | |
| ୭୭ | | ୪୯୦ | ୦.୬୦୦ | ୦.୬୦୦ | ଶାରଦ-୧ | |
| ୭୮ | | ୪୯୭ | ୦.୬୨୦ | ୦.୩୮୦ | ଶାରଦ-୧ | |
| ୭୯ | | ୫୦୦ | ୦.୫୨୦ | ୦.୧୪୦ | ଶାରଦ-୧ | |
| ୮୦ | ୧୪ | ୨୨୭ | ୦.୧୭୦ | ୦.୧୭୦ | ଶାରଦ-୨ | ପାଣୁଆ ପଧାନ, କୃଷ୍ଣ ପଧାନ, ପି-ଗଣେଶ୍ୱର ପଧାନ, ଜମା ପଧାନ, ସ୍ୱା-ସୁରେଶନ ପଧାନ, ସୁରମଣି ପଧାନ, ପି-ତିରୁ ପଧାନ |
| ୮୧ | | ୩୪୭ | ୦.୦୫୦ | ୦.୦୫୦ | ଘରବାରି | |
| ୮୨ | | ୩୬୧ | ୦.୦୧୦ | ୦.୦୧୦ | ଘରବାରି | |
| ୮୩ | | ୩୬୮ | ୦.୦୨୦ | ୦.୦୧୦ | ଘରବାରି | |
| ୮୪ | ୧୫ | ୨୧୪ | ୦.୪୨୦ | ୦.୩୬୦ | ଶାରଦ-୧ | ବଳରାମ ପଧାନ, ପି-କଷ୍ଟ ପଧାନ |
| ୮୫ | | ୨୧୭ | ୦.୫୧୦ | ୦.୫୧୦ | ଶାରଦ-୧ | |
| ୮୬ | ୧୬ | ୩୬୨ | ୦.୨୦୦ | ୦.୧୩୦ | ଘରବାରି | କୁନ୍ତଳା ମଲିକ, ପି-ରାମ ପ୍ରଧାନ, ମିଥୀଳା ପ୍ରଧାନ, ପି-ରାମ ପ୍ରଧାନ |
| ୮୭ | | ୪୦୬ | ୦.୩୮୦ | ୦.୩୮୦ | ଶାରଦ-୧ | |
| ୮୮ | | ୪୫୩ | ୦.୨୪୦ | ୦.୨୪୦ | ଶାରଦ-୧ | |
| ୮୯ | ୧୭ | ୪୫୫ | ୦.୨୮୦ | ୦.୨୮୦ | ଶାରଦ-୧ | ବାଞ୍ଛା ପଧାନ, ପି-କପ୍ତାନ ପଧାନ |
| ୯୦ | | ୪୮୭ | ୦.୦୧୦ | ୦.୦୧୦ | ଶାରଦ-୧ | |
| ୯୧ | | ୪୮୮ | ୦.୧୭୦ | ୦.୧୭୦ | ଶାରଦ-୧ | |
| ୯୨ | ୨୧ | ୪୫୮ | ୦.୭୦୦ | ୦.୫୫୦ | ଶାରଦ-୧ | ମହାଦେଇ ପଧାନ, ସ୍ୱା-ସୁନାମ ପଧାନ |
| ୯୩ | | ୪୬୯ | ୦.୧୬୦ | ୦.୧୬୦ | ଶାରଦ-୧ | |
| ୯୪ | | ୪୮୦ | ୦.୧୮୦ | ୦.୧୮୦ | ଶାରଦ-୧ | |
| ୯୫ | ୨୨ | ୪୯୨ | ୦.୩୧୦ | ୦.୩୧୦ | ଶାରଦ-୧ | ମହିମତି ପଧାନ, ପି-ସେନାପତି ପଧାନ |
| ୯୬ | ୨୩ | ୨୨୦ | ୦.୧୨୦ | ୦.୧୨୦ | ଶାରଦ-୨ | ରଘୁନାଥ ପଧାନ, ପି-କାର୍ତ୍ତିକ ପଧାନ |
| ୯୭ | | ୨୨୩ | ୦.୧୦୦ | ୦.୧୦୦ | ଶାରଦ-୨ | |
| ୯୮ | | ୪୪୩ | ୧.୨୨୦ | ୦.୯୦୦ | ଶାରଦ-୧ | |
| ୯୯ | | ୨୬୧ | ୦.୨୨୦ | ୦.୧୯୦ | ଶାରଦ-୨ | |
| ୧୦୦ | | ୪୭୮ | ୦.୧୭୦ | ୦.୧୭୦ | ଶାରଦ-୨ | |
| ୧୦୧ | ୨୫ | ୪୨୦ | ୦.୧୫୦ | ୦.୦୩୦ | ଶାରଦ-୨ | ସଭାଜନ ପଧାନ, ପି-ତପନ ପଧାନ |
| ୧୦୨ | | ୪୨୧ | ୦.୧୪୦ | ୦.୦୧୦ | ଶାରଦ-୨ | |
| ୧୦୩ | | ୪୬୫ | ୦.୧୮୦ | ୦.୧୮୦ | ଶାରଦ-୧ | |
| ୧୦୪ | | ୪୭୫ | ୦.୨୦୦ | ୦.୨୦୦ | ଶାରଦ-୧ | |
| ୧୦୫ | ୨୬ | ୨୦୯ | ୦.୩୪୦ | ୦.୨୦୦ | ଶାରଦ-୧ | ସମ୍ପତି ପଧାନ, ପି-ସୁନାମ ପଧାନ |
| ୧୦୬ | | ୨୨୨ | ୦.୦୮୦ | ୦.୦୮୦ | ଶାରଦ-୨ | |
| ୧୦୭ | | ୨୨୫ | ୦.୧୮୦ | ୦.୧୮୦ | ଶାରଦ-୨ | |
| ୧୦୮ | | ୩୯୮ | ୦.୦୪୦ | ୦.୦୪୦ | ଘରବାରି | |
| ୧୦୯ | | ୪୭୭ | ୦.୧୬୦ | ୦.୧୬୦ | ଶାରଦ-୧ | |
| ୧୧୦ | | ୪୯୯ | ୦.୨୪୦ | ୦.୧୦୦ | ଶାରଦ-୧ | |
| ୧୧୧ | ୨୮ | ୨୨୯ | ୦.୧୦୦ | ୦.୧୦୦ | ଶାରଦ-୨ | ସୁରବାଲି ମଲିର୍କ, ସ୍ୱା-ରାଜିନ୍ଦ୍ର ମଲିକ |
| ୧୧୨ | | ୨୩୦ | ୦.୧୯୦ | ୦.୧୯୦ | ଶାରଦ-୨ | |
| ୧୧୩ | | ୨୪୫ | ୦.୨୪୦ | ୦.୦୩୦ | ଶାରଦ-୨ | |
| ୧୧୪ | | ୩୬୭ | ୦.୦୨୦ | ୦.୦୧୦ | ଘରବାରି | |
| ୧୧୫ | | ୩୯୯ | ୦.୧୮୦ | ୦.୧୮୦ | ଘରବାରି | |
| ୧୧୬ | | ୪୦୨ | ୦.୨୬୦ | ୦.୨୬୦ | ଶାରଦ-୨ | |
| ୧୧୭ | | ୪୬୭ | ୦.୧୨୦ | ୦.୧୨୦ | ଶାରଦ-୧ କିତା/୨ | |
| ୧୧୮ | ୨୯ | ୪୦୩ | ୦.୦୮୦ | ୦.୦୮୦ | ଶାରଦ-୨ | ଶ୍ରୀମତୀ ପଧାନ, ପି-ଘାସି ପଧାନ, ପାଣୁଆ ପଧାନ, କୃଷ୍ଣ ପଧାନ, ପି-ଗଣେଶ୍ୱର ପଧାନ,ସୁରମଣି ପଧାନ, ପି-ତିରୁ ପଧାନ, ଜମା ପଧାନ, ସ୍ୱା-ସୁରେଶନ ପଧାନ |
| ୧୧୯ | ୩୧ | ୨୦୫ | ୦.୧୯୦ | ୦.୧୨୦ | ଶାରଦ-୨ | ସୁରମଣି ପଧାନ, ପି-ତୀର୍ଥ ପଧାନ |
| ୧୨୦ | | ୨୩୨ | ୦.୧୪୦ | ୦.୧୪୦ | ଶାରଦ-୨ | |
| ୧୨୧ | | ୨୩୭ | ୦.୩୫୦ | ୦.୧୮୦ | ଶାରଦ-୨ | |
| ୧୨୨ | | ୩୩୫ | ୦.୫୬୦ | ୦.୨୯୦ | ଶାରଦ-୧ | |
| ୧୨୩ | | ୩୪୪ | ୦.୦୬୦ | ୦.୦୬୦ | ଶାରଦ-୧ | |
| ୧୨୪ | | ୩୪୫ | ୦.୧୬୦ | ୦.୧୬୦ | ଶାରଦ-୧ | |
| ୧୨୫ | ୩୧ | ୩୪୯ | ୦.୦୯୦ | ୦.୦୯୦ | ଘରବାରି | ସୁରମଣି ପଧାନ, ପି-ତୀର୍ଥ ପଧାନ |
| ୧୨୬ | | ୩୫୬ | ୦.୦୨୦ | ୦.୦୨୦ | ଘରବାରି | |
| ୧୨୭ | | ୩୬୯ | ୦.୦୧୦ | ୦.୦୧୦ | ଘରବାରି | |
| ୧୨୮ | | ୪୧୪ | ୦.୪୬୦ | ୦.୨୦୦ | ଶାରଦ-୧ | |
| ୧୨୯ | | ୪୧୯ | ୦.୨୮୦ | ୦.୦୩୦ | ଆଟ | |
| ୧୩୦ | | ୪୫୨ | ୦.୬୭୦ | ୦.୬୭୦ | ଶାରଦ-୧ | |
| ୧୩୧ | | ୪୫୬ | ୦.୧୧୦ | ୦.୧୧୦ | ଶାରଦ-୧ | |
| ୧୩୨ | | ୪୫୭ | ୦.୨୧୦ | ୦.୦୮୦ | ଶାରଦ-୧ | |
| ୧୩୩ | | ୪୭୧ | ୦.୧୭୦ | ୦.୧୭୦ | ଶାରଦ-୧ | |
| ୧୩୪ | ୩୪ | ୨୧୧ | ୦.୧୯୦ | ୦.୦୭୦ | ଶାରଦ-୧ | ଉଲ୍ଲାସ ମଳିକ, ମାତା-ହେମମତି ମଳିକ, ସ୍ୱା-ତ୍ରିନାଥ ମଳିକ |
| ୧୩୫ | | ୨୧୨ | ୦.୧୨୦ | ୦.୧୨୦ | ଶାରଦ-୨ | |
| ୧୩୬ | | ୨୩୩ | ୦.୨୪୦ | ୦.୨୪୦ | ଶାରଦ-୨ | |
| ୧୩୭ | | ୨୩୪ | ୦.୦୬୦ | ୦.୦୬୦ | ଶାରଦ-୨ | |
| ୧୩୮ | | ୨୬୪ | ୦.୪୬୦ | ୦.୦୯୦ | ଶାରଦ-୧ | |
| ୧୩୯ | ୩୪ | ୩୩୭ | ୦.୨୪୦ | ୦.୨୦୦ | ଶାରଦ-୧ | ଉଲ୍ଲାସ ମଳିକ, ମାତା-ହେମମତି ମଳିକ, ସ୍ୱା-ତ୍ରିନାଥ ମଳିକ |
| ୧୪୦ | | ୪୧୦ | ୦.୧୩୦ | ୦.୧୩୦ | ଶାରଦ-୧ | |
| ୧୪୧ | | ୪୮୩ | ୦.୨୩୦ | ୦.୨୩୦ | ଶାରଦ-୧ | |
| ୧୪୨ | | ୪୯୩ | ୦.୩୦୦ | ୦.୩୦୦ | ଶାରଦ-୧ | |
| ୧୪୩ | ୩୬ | ୩୯୯/୫୦୩ | ୦.୦୨୦ | ୦.୦୨୦ | ଘରବାରି | କାଶିନାଥ ଦେହୁରି,କାମେଶ୍ୱର ଦେହୁରି,ପି-ପଞ୍ଚୁ ଦେହୁରି, ଶ୍ରୀମତୀ ପଧାନ, ପି-ଘାସି ପଧାନ |
| ୧୪୪ | ୩୭ | ୨୧୮/୫୦୬ | ୦.୦୩୦ | ୦.୦୩୦ | ଶାରଦ-୧ | କୁନ୍ଦାବନ ପଧାନ, ପି-ମନ୍ଦର ପଧାନ |
| ୧୪୫ | ୩୮ | ୨୧୮/୫୦୫ | ୦.୦୬୦ | ୦.୦୬୦ | ଶାରଦ-୧ | ପୂର୍ଣ୍ଣଚନ୍ଦ୍ର କହଁର, ପି-ହରିମିଟି କହଁର |
| ୧୪୬ | ୩୯ | ୩୯୯/୫୦୪ | ୦.୦୨୦ | ୦.୦୨୦ | ଘରବାରି | ବଦ୍ୟନାଥ ମାଝି, ପି-ଆର୍ତ୍ତ ମାଝି, ଶ୍ରୀମତି ପଧାନ,ପି-ଘାସି ପଧାନ |
| ମୋଟ | | | ୩୧.୧୨୦ | ୨୪.୮୬୦ | | |

**R&R Entitlements for all displaced families of Village: Gunduribeda, G.P.: Banibhushanpur, R.I. Circle - Adenigarh, Tahasil: Harabhanga, Dist.: Boudh**
**(Under the Project of Khurdha Road-Balangir New BG Rail Link Project under Harabhanga Tahasil)**

| Sl. No. | Name, Address & Caste | Khata No. | Plot No. | Provision of Housing Unit IAY or equivalent cost SSS (Rs. 158530/-) | Land for land | Choice for Annunity / Employment (Rs.5.00 Lakhs) | Subsistence Grant for one year 0.36 lakh (0.50 lakh for SC & ST of schedule area) | Transporation cost for displaced families (Rs. 0.50 lakh) | Cattle shed/ petty shops cost (0.25 lakh) | One time grant to artisans, small traders (0.25 lakh) | One time resettlement allowance (Rs.0.50 lakh) | Annexure to be referred | Total amount under R&R in Rs. |
|---|---|---|---|---|---|---|---|---|---|---|---|---|---|
| 1 | Hrushikesh Pradhan, S/o Chandramani Pradhan, At-Gunduribeda, Caste- ST | 5 | 388 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 2 | Basudev Pradhan, S/o Chandramani Pradhan, At- Gunduribeda, Caste- ST | 5 | 388 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 3 | Bhimsen Pradhan, S/o Debarchan Pradhan, At- Gunduribeda, Caste- ST | 5 | 358 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 4 | Suresan Pradhan, S/o- Bhimsen Pradhan, At- Gunduribeda, Caste-ST | 5 | 358 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 5 | Indumati Pradhan, W/o Debarchana Pradhan, At- Gunduribeda, Caste- ST | 5 | 358 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 6 | Mithila Pradhan, W/o Uttam Dehuri, D/o- Rama Pradhan, At-Gunduribeda, Caste-ST | 16 | 362 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 7 | Surubali Mallik, W/o Rajindra Mallik, At- Gunduribeda, Caste- ST | 28 | 399 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 8 | Suratha Mallik, S/o- Rajindra, At-Gunduribeda, Caste- ST | 28 | 399 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 9 | Subarna Mallik, S/o- Suratha, At-Gunduribeda, Caste- ST | 28 | 399 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 10 | Namita Mallik, D/o- Suratha, At-Gunduribeda, Caste-ST | 28 | 399 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 11 | Maharathi Mallik, S/o Rajindra, At-Gunduribeda, Caste- ST | 28 | 399 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 12 | Kausaklya Mallik, D/o Rajindra, At-Gunduribeda, Caste-ST | 28 | 399 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 13 | Pabitra Pradhan, S/o Suramani Pradhan, At- Gunduribeda, Caste-ST | 31 | 356 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 14 | Kuntala Pradhan, W/o Keshaba Pradhan, At- Gunduribeda, Caste- ST | 31 | 356 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 15 | Jagannath Pradhan, S/o- Dhubei, At-Gunduribeda, Caste- ST | 11 | 357 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 16 | Shibani Pradhan, D/o Jagannath, At-Gunduribeda, Caste- ST | 11 | 357 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 17 | Kamini Pradhan, D/o Jagannath, At-Gunduribeda, Caste- ST | 11 | 357 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 18 | Panua Pradhan, S/o Ganeswar, At-Gunduribeda, Caste- ST | 13 | 353 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 19 | Haribandhu Pradhan, S/o Panua, At-Gunduribeda, Caste-ST | 13 | 353 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 20 | Satyabati Pradhan, D/o Panua, At-Gunduribeda, Caste- ST | 13 | 353 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 21 | Sumati Pradhan, W/o Krushna Pradhan, At- Gunduribeda, Caste- ST | 13 | 351 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 22 | Sagara Pradhan, S/o Krushna, At-Gunduribeda, Caste-ST | 13 | 351 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 23 | Prasanta Pradhan, S/o Krushna, At-Gunduribeda, Caste-ST | 13 | 351 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 24 | Abhimanyu Pradhan, S/o- Krushna, At- Gunduribeda, Caste- ST | 13 | 351 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 25 | Baruna Pradhan, S/o Raghunath, At-Gunduribeda, Caste-ST | 5 | 366 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 26 | Patima Pradhan, D/o Baruna, At-Gunduribeda, Caste- ST | 5 | 366 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 27 | Sampati Pradhan, W/o Sachindra, At-Gunduribeda, Caste- ST | 5 | 389 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 28 | Surendra Naik, S/o Sachindra, At-Gunduribeda, Caste- ST | 5 | 389 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| 29 | Swapneswar Pradhan, S/o Duryodhan Pradhan, At-Gunduribeda, Caste- ST | 4 | 401 | 158530.00 | - | 500000.00 | 36000.00 | 50000.00 | - | - | 50000.00 | - | 794530.00 |
| | Total | | | 4597370.00 | | 14500000.00 | 1044000.00 | 1450000.00 | | | 1450000.00 | | 23041370.00 |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ମଧୁସ୍ମିତା ସାହୁ)
ଯୁଗ୍ମ ଶାସନ ସଚିବ

OIPR-24001/14/0156/2223

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୮ତମ ବାର୍ଷିକ କ୍ରୀଡ଼ା, ସ୍କୁଲ ପରିସର, ସକାଳ ୭ଟା ୩୦।
- ଶିବଶକ୍ତି କ୍ଲବ ପକ୍ଷରୁ ଅଲ୍ ଓଡ଼ିଶା ୨୭ତମ ତମାଣ୍ଡୋ କପ୍ ଫୁଟବଲ୍ ଟୁର୍ନାମେଣ୍ଟ, ତମାଣ୍ଡୋ ମିନି ଷ୍ଟାଡିୟମ୍, ସକାଳ ୯ଟା।
- ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ପାଚକଙ୍କ ଦାବି ନେଇ ଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ନ୍ୟାଶନାଲ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ୧୯ତମ ରାଜ୍ୟସ୍ତରୀୟ ଟ୍ୟାଲେଣ୍ଟ ସର୍ଚ୍ଚ ପ୍ରୋଗ୍ରାମ ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ, ଭଞ୍ଜକଳା ମଣ୍ଡପ ଓ ସେଣ୍ଟ ଜାଭିୟର୍ ପବ୍ଲିକ ହାଇସ୍କୁଲ ପରିସର, ଅପରାହ୍ନ ୩ଟା।
- ଡିଏଭି ପବ୍ଲିକ୍ ସ୍କୁଲର ୨୫ତମ ବାର୍ଷିକ ଉତ୍ସବ ରୌପ୍ୟାୟନମ୍, କଳିଙ୍ଗ ନଗର ସ୍କୁଲ ପରିସର, ଅପରାହ୍ନ ୪ଟା ୩୦।
- ଫ୍ୟାଶନ ଉଇକ୍, ଭୁବନେଶ୍ୱର, ହୋଟେଲ ମେ ଫେୟାର, ଅପରାହ୍ନ ୫ଟା।
- ଫ୍ୟାଶନ ଲାଇଫଷ୍ଟାଇଲ ମେଳା, ଆଇଟିସି ହୋଟେଲ, ଅପରାହ୍ନ ୫ଟା।

**କଟକ**

- ସେଣ୍ଟ ଜାଭିୟର ହାଇସ୍କୁଲ ପକ୍ଷରୁ ଯୁଗାନ୍ତର-୨୦୨୨, ବାରବାଟୀ ଷ୍ଟାଡିୟମସ୍ଥ ବିଦ୍ୟାଳୟ ପରିସର, ଅପରାହ୍ନ ୪ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପୂଜାପତ୍ରିକା ପ୍ରଦର୍ଶନୀ ଓ ଆଲୋଚନାଚକ୍ର, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

# ରହସ୍ୟ ହୋଇଯିବ କି ଅର୍ଚ୍ଚନାଙ୍କ କଳାସାମ୍ରାଜ୍ୟ

**ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)**

ବ୍ଲାକ୍‌ମେଲର ମହିଳା ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ରିମାଣ୍ଡରେ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁହାଁମୁହିଁ ଜେରା କରି ବହୁ ତଥ୍ୟ ହାସଲ କରିଛି। ଏହାରି ଭିତରେ ରବିବାର ଅର୍ଚ୍ଚନାଙ୍କ ୬ ଦିନିଆ ରିମାଣ୍ଡ ଅବଧି ସରିଛି। ତାଙ୍କୁ ଗତ ୧୩ ତାରିଖରେ ଇଡି ଦ୍ୱିତୀୟ ପର୍ଯ୍ୟାୟରେ ରିମାଣ୍ଡରେ ଆଣି ଜେରା କରୁଥିଲା। ରିମାଣ୍ଡ ଅବଧି ସରିଯାଇଥିବାରୁ ସୋମବାର ଇଡି ଅର୍ଚ୍ଚନାଙ୍କୁ ନେଇ କୋର୍ଟରେ ହାଜର କରିବ ବୋଲି ସୂଚନା ମିଳିଛି। ହେଲେ ଅର୍ଚ୍ଚନା କ'ଣ କହିଲେ ଓ କ'ଣ ଲୁଚାଇଲେ ସେ ସଂକ୍ରାନ୍ତରେ ଇଡି ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଉ ନ ଥିଲେ ମଧ୍ୟ ରାଜ୍ୟର ସବୁଠାରୁ ବଡ଼ ହନିଟ୍ରାପ୍, ବ୍ଲାକ୍‌ମେଲିଂ ଓ ଠକେଇ ଘଟଣା ରହସ୍ୟରେ ରହିଯିବାକୁ ବସିଛି। ଏଥିରେ ରାଜ୍ୟର ବଡ଼ ବଡ଼ ନେତା, ଅଫିସର, ପୋଲିସ ଓ ବ୍ୟବସାୟୀଙ୍କ ସମ୍ପୃକ୍ତି ଜଳଜଳ ଦିଶୁଥିଲେ ମଧ୍ୟ ଏଯାଏ ଇଡି ଅଧିକାରୀମାନେ ଅର୍ଚ୍ଚନାଙ୍କ କଳା ସାମ୍ରାଜ୍ୟର ଗୁମର ଖୋଲିପାରୁ ନ ଥିବାରୁ ଏଭଳି ଚର୍ଚ୍ଚା ଏବେ ଜୋର୍‌ଧରିଛି। ଏପଟେ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ୯ ଦିନିଆ ରିମାଣ୍ଡରୁ ଆଉ ୪ ଦିନ ବାକି ରହିଛି। ସେ ଗତ ୧୪ ତାରିଖରୁ ରିମାଣ୍ଡରେ ଆସି ଜେରା ହେଉଛନ୍ତି। ଆଗାମୀ ବୁଧବାର ତାଙ୍କର ରିମାଣ୍ଡ ସରିବ। ଏହି ସମୟ ମଧ୍ୟରେ ଜଗବନ୍ଧୁଙ୍କଠାରୁ ଅଧିକ ତଥ୍ୟ ହାସଲ କରିବାକୁ ଇଡି ଚେଷ୍ଟା କରୁଛି। ସେହିପରି ପୂର୍ବରୁ ୨ଥର ହାଜର ହୋଇ ଅର୍ଚ୍ଚନାଙ୍କ ହନିଟ୍ରାପ୍ ଗୁମର ଖୋଲିଥିବା ସହଯୋଗୀ ଶ୍ରଦ୍ଧାଞ୍ଜଳି ଶନିବାର ତୃତୀୟଥର ପାଇଁ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ଏହି ସମୟରେ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଇଡି ଅଧିକାରୀମାନେ ଅର୍ଚ୍ଚନା, ଜଗବନ୍ଧୁ ଏବଂ ଶ୍ରଦ୍ଧାଞ୍ଜଳିଙ୍କୁ ଏକାଠି ବସାଇ ମାରାଥନ ଜେରା କରିଥିଲେ। ତେବେ ଏହି ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇଡି ପାଇଥିବା ସୂଚନା ମିଳିଛି। ଏପରିକି ଶ୍ରଦ୍ଧାଞ୍ଜଳି ବହୁ ଗୁମର ଖୋଲି ଦେଇଥିବା ଚର୍ଚ୍ଚା ହେଉଛି। ସେହିପରି ଅର୍ଚ୍ଚନା ଗହଣା କିଣିଥିବା ଏକ ପ୍ରତିଷ୍ଠିତ ସୁନା ଦୋକାନର ୨ କର୍ମଚାରୀ ଇଡିରେ ହାଜର ହୋଇ ତଥ୍ୟ ରଖିଥିଲେ। ଅନ୍ୟପଟେ ରାଜ୍ୟ ଫୋରେନ୍‌ସିକ ଲ୍ୟାବ ଅର୍ଚ୍ଚନାଙ୍କ ଡିଜିଟାଲ ପ୍ରମାଣପତ୍ର ଇଡିକୁ ଦେଇଥିବା ସୂଚନା ମିଳିଛି। ସେଥିରୁ ଇଡି ମଧ୍ୟ ତଥ୍ୟ ହାସଲ କରୁଛି। ତେବେ ଇଡି ଏହି ମାମଲାରେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି କୁହାଯାଉଛି।

**ଦ୍ୱିତୀୟ ରିମାଣ୍ଡ ସରିଲା**



- ଆଜି କୋର୍ଟରେ ହାଜର ହେବେ
- ଗୁରୁବାର ଜଗବନ୍ଧୁଙ୍କ ରିମାଣ୍ଡ ସରିବ



ବକୁଳ ଫାଉଣ୍ଡେଶନ ପକ୍ଷରୁ ଜାନୁୟାରୀ ୧୪ରୁ ଭୁବନେଶ୍ୱରଠାରେ ଆରମ୍ଭ ହେବାକୁ ଥିବା ଅନ୍ତର୍ଜାତୀୟ କାହାଣୀ ମହୋତ୍ସବ 'ଭୁଫେଷ୍ଟୋ' ସଂକ୍ରାନ୍ତରେ ରବିବାର ନିଆରା ଢଙ୍ଗରେ କାହାଣୀ ମାଧ୍ୟମରେ ପୂର୍ବାଭାସ ଦିଆଯାଉଛି।

# ଜାନୁୟାରୀ ୧୪ରୁ କାହାଣୀ ମହୋତ୍ସବ 'ଭୁଫେଷ୍ଟୋ'

**ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)**

ରାଜଧାନୀରେ ହେବ ଅନ୍ତର୍ଜାତୀୟ କାହାଣୀ ମହୋତ୍ସବ 'ଭୁଫେଷ୍ଟୋ'। ଜାନୁୟାରୀ ୧୪ରୁ ୧୭ ପର୍ଯ୍ୟନ୍ତ ଏହା ୪ଟି ପାର୍କ ଓ ଖୋଲା ସ୍ଥାନରେ ଆୟୋଜିତ ହେବ। ବକୁଳ ଫାଉଣ୍ଡେଶନ ପକ୍ଷରୁ ବିଡିଏ, ବିଏମ୍‌ସି ଏବଂ ଓଡ଼ିଶା ପର୍ଯ୍ୟଟନ ଦ୍ୱାରା ଏହି କାହାଣୀ ମହୋତ୍ସବ ଚନ୍ଦ୍ରଶେଖରପୁରର ବୁଦ୍ଧ ଜୟନ୍ତୀ ପାର୍କ, ୟୁନିଟ୍ -୨ସ୍ଥିତ ଇନ୍ଦିରା ଗାନ୍ଧୀ ପାର୍କ, ସମ୍ ହସ୍ପିଟାଲ ନିକଟ ଏ. ପି. ଜେ. ଅବଦୁଲ କଲାମ ପାର୍କ ଏବଂ କଳାଭୂମିଠାରେ ଆୟୋଜିତ ହେବ। ରବିବାର ଏ ସମ୍ପର୍କରେ ସୂଚନା ଦେଇ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଭୁଫେଷ୍ଟୋର ନିର୍ଦ୍ଦେଶକ ସୁଜିତ ମହାପାତ୍ର କହିଛନ୍ତି, ଚଳିତବର୍ଷ ଯେଉଁ କାହାଣୀକାରଙ୍କୁ ଆମେ କାହାଣୀ କହିବାକୁ ପ୍ରସ୍ତାବ ଦେଇଥିଲୁ ସମସ୍ତେ ରାଜି ହୋଇଛନ୍ତି। ମହୋତ୍ସବରେ କ'ଣ ରହିଛି, ସେ ସଂକ୍ରାନ୍ତରେ ଏହାର କ୍ୟୁରେଟର ତଥା କାହାଣୀକାର ନୂପୁର ଅଗ୍ରୱାଲ ଓ ପ୍ରାଚୀ ତାରା କାହାଣୀ ମାଧ୍ୟମରେ ପୂର୍ବାଭାସ ଦେଇଥିଲେ।

# ଏନ୍‌ଏଚ୍‌ଆର୍‌ସିରେ ମାମଲା

## ନାବାଳକ ଅମ୍ରିତ ଅପହରଣ ଘଟଣା

**ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)**

ନୟାଗଡ ଜିଲା ଓଡ଼ଗାଁ ଥାନା କୁରାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ୧୨ ବର୍ଷୀୟ ନାବାଳକ ପୁଅ ଅମ୍ରିତ ପାତ୍ରଙ୍କୁ ଅପହରଣ ଘଟଣା ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏକ ମାମଲା ଦାଏର କରିଛନ୍ତି। କ୍ଷମତାର ଅପବ୍ୟବହାର କରୁଥିବା ସମ୍ପୃକ୍ତ ଥାନା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏନେଇ ଏନ୍‌ଏଚ୍‌ଆର୍‌ସି କେଶ ନଂ. ୨୧୧୩୨/ଇନ୍/୨୦୨୨ ଦାଏର ହୋଇଛି। ଗତ ୧୫ ରିଖରେ ନାବାଳକ ଅମ୍ରିତ ଟ୍ୟୁଶନ ଯାଇଥିବା ସମୟରେ ତାଙ୍କୁ କେହି ଅପହରଣ କରିନେଇଛନ୍ତି। ଘରଠାରୁ ୫୦ ମିଟର ଦୂରରେ ତାଙ୍କ ସାଇକେଲ ମିଳିଥିଲା। ଅମ୍ରିତଙ୍କୁ ନ ପାଇବାରୁ ପରିବାର ପକ୍ଷରୁ ଓଡ଼ଗାଁ ଥାନାରେ ଅଭିଯୋଗ କରାଯାଇଥିଲା। ଘଟଣାକୁ ୭୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଓଡ଼ଗାଁ ପୋଲିସ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି କି ଅମ୍ରିତଙ୍କ ପତ୍ତା ପାଇପାରୁନାହିଁ ବୋଲି ସୁବ୍ରତ ଅଭିଯୋଗ କରିଛନ୍ତି।

# ନନ୍ଦନକାନନ ବୁଲିଲେ ୩୦ ହଜାର ୮୮୨ ପର୍ଯ୍ୟଟକ

ବାରଙ୍ଗ,୧୮।୧୨(ଡି.ଏନ୍.ଏ.)- ବର୍ତ୍ତମାନ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବାରୁ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନରେ ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ରବିବାର ଛୁଟିଦିନ ଥିବାବେଳେ ନନ୍ଦନକାନନକୁ ସର୍ବାଧିକ ୩୦ହଜାର ୮୮୨ ପର୍ଯ୍ୟଟକ ବୁଲିବାକୁ ଆସିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଅଫଲାଇନ୍‌ରେ ୨୯ହଜାର ୨୯୧ଜଣ ଓ ଅନ୍‌ଲାଇନରେ ୧ହଜାର ୫୯୧ଜଣ ପର୍ଯ୍ୟଟକ ଟିକଟ କରିଥିଲେ। ସେହିପରି ବଟାନିକାଲ ଗାର୍ଡେନକୁ ସର୍ବାଧିକ ୫ ହଜାର ୫୮୮ ଜଣ ପର୍ଯ୍ୟଟକ ବଣଭୋଜି କରିବାକୁ ଆସିଥିଲେ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଡ. ସଞ୍ଜିତ୍ କୁମାର କହିଛନ୍ତି। ନନ୍ଦନକାନନରେ ବିଭିନ୍ନ ଏନ୍‌କ୍ଲୋଜରରେ ଥିବା ପ୍ରାଣୀଙ୍କୁ ଦେଖିବା ସହ ସଫାରି ସାଙ୍ଗକୁ ଶିଶୁ ରେଳଗାଡି, ବ୍ୟାଟେରି ଅଟୋରେ ବୁଲିବାର ମଜା ଉଠାଇଥିଲେ। ଅନ୍ୟତମ ଆକର୍ଷଣ ବୋଟିଂ ଓ ଶିଶୁଉଦ୍ୟାନ ବନ୍ଦ ଥିବାରୁ ପର୍ଯ୍ୟଟକ କିଛିଟା ନିରାଶ ହୋଇଥିଲେ। ବଟାନିକାଲ୍ ଗାର୍ଡେନରେ ବଣଭୋଜି ସାଙ୍ଗକୁ ବିଭିନ୍ନ ଉଦ୍ୟାନ ଓ ପାର୍କ ଆଦି ବୁଲି ପର୍ଯ୍ୟଟକ ମଜା ନେଇଥିଲେ।

# 'ୟେ ଶାମ୍ ସହିଦୋଁ କା ନାମ୍'

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)- ଦି ବ୍ଲିଙ୍କ୍ ପକ୍ଷରୁ ରବିବାର ସଙ୍ଗୀତ କାର୍ଯ୍ୟକ୍ରମ 'ୟେ ଶାମ୍ ସହିଦୋଁ କା ନାମ୍' ସ୍ଥାନୀୟ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଭବାନୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ଅନୁରାଗ ପୁନେଥା, ଇଣ୍ଡିଆନ ନ୍ୟାଭିର ପୂର୍ବତନ ଅଧିକାରୀ ବିଦ୍ୟାଧର ନାୟକ, ଭାରତ ମସଲାର ଏମ୍‌ଡି ସୁରେନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଅଭିନେତ୍ରୀ ଅନୁ ଚୌଧୁରୀ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଡିଏଭି ସ୍କୁଲ ନିର୍ଦ୍ଦେଶ କେଶବ ଶତପଥୀ, ସାମାଜିକ କର୍ମୀ ପ୍ରୀତିଛନ୍ଦା ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶହୀଦଙ୍କ ପରିବାରକୁ 'ଶହୀଦ ସମ୍ମାନ-୨୦୨୨' ପ୍ରଦାନ କରାଯାଇଥିଲା। ଏଥି ସହ ବିଭିନ୍ନ ସଙ୍ଗୀତ ପରିବେଷଣ ସହ ପୁରୁଣା ଓ ନୂଆ ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ମନୋଜ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ପେନ୍‌ସନ୍ ଟଙ୍କାରେ ମାଗଣା ଶିକ୍ଷା ଦେଉଛନ୍ତି ଅମର

**ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)**



**ଅବସରପ୍ରାପ୍ତ ଯବାନଙ୍କ ମହାନତା**

ଜୀବନର ସଫଳତା ପାଇଁ ଶିକ୍ଷା ଅପରିହାର୍ଯ୍ୟ। ଯଦି ଶିକ୍ଷାରେ ଅର୍ଥ ବାଧକ ସାଜିବ, ତେବେ ସଫଳତା ପାଇବା ବି କଷ୍ଟ ହୋଇପଡ଼ିବ। କିନ୍ତୁ ମନୋବଳ ଦୃଢ଼ ଥିଲେ ଲକ୍ଷ୍ୟ ପୂରଣ କରିବାରେ କୌଣସି ଆର୍ଥିକ ପରିସ୍ଥିତି କାହାକୁ ଅଟକାଇପାରିବ ନାହିଁ। ଶିକ୍ଷାର ଅର୍ଥ ଓ ଆର୍ଥିକ ସ୍ଥିତିକୁ ସାମ୍ନା କରି ସଫଳତା ପାଇଥିବା ଜଣେ ବ୍ୟକ୍ତି ହେଉଛନ୍ତି ଅବସରପ୍ରାପ୍ତ ସିଆଇଏସ୍‌ଏଫ ଯବାନ ଅମର କୁମାର ନାୟକ। ନିଜେ ସଫଳତା ପାଇବା ପରେ ଏବେ ତାଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ପ୍ରଶଂସନୀୟ ପ୍ରୟାସ ଚଳାଇଛନ୍ତି। ଆର୍ଥିକ ସ୍ୱଚ୍ଛଳ ନ ଥିବା ମେଧାବୀ ବିଦ୍ୟାର୍ଥୀଙ୍କୁ ମାଗଣାରେ ଶିକ୍ଷା ଦେଇ ସେମାନଙ୍କୁ ସମାଜରେ ପ୍ରତିଷ୍ଠିତ କରିବା ସ୍ୱପ୍ନକୁ ସାକାର କରିବାକୁ ଲାଗି ପଡିଛନ୍ତି। ନିଜ ମାସିକ ପେନ୍‌ସନ୍ ଟଙ୍କାରେ କଟକ ସଦର କୁଳସରିତୁଆଁ ଗ୍ରାମରେ ୩୬୦ ଡିଗ୍ରୀ ଫ୍ରି ଏଜୁକେଶନ ନାମରେ ଏକ ନିଃଶୁଳ୍କ ଶିକ୍ଷା କେନ୍ଦ୍ର ଖୋଲିଛନ୍ତି। ସାମାଜିକ କର୍ମୀ ପ୍ରିୟତମା ଜେନା ସ୍କୁଲ୍ ପାଇଁ ଏକ ଘର ଦେଇଛନ୍ତି। ପାଠ ପଢ଼ାଇବା ନିମନ୍ତେ ନିଯୁକ୍ତ ଶିକ୍ଷକମାନେ ମଧ୍ୟ କମ୍ ବେତନରେ ଶିକ୍ଷା ପ୍ରଦାନ କରୁଛନ୍ତି। ଅନ୍ୟ କର୍ମଚାରୀମାନେ ମଧ୍ୟ କମ୍ ଟଙ୍କାରେ ଏଠାରେ କାମ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଗତ ଫେବୃୟାରୀରୁ ଏଠାରେ ପାଠପଢ଼ା ଚାଲିଛି। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ କୋଚିଂ ଓ ମାଗଣାରେ କମ୍ପ୍ୟୁଟର ଶିକ୍ଷା ଦିଆଯାଉଛି। ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସମେତ ୪୫ବର୍ଷ ବୟସର ଲୋକେ କମ୍ପ୍ୟୁଟର ପଢୁଛନ୍ତି। ଆଖପାଖର ୭ଟି ଗାଁର ପିଲା ଏଠାରେ ମାଗଣା ଶିକ୍ଷା ପାଇବା ସହ ଭବିଷ୍ୟତ ସ୍ୱପ୍ନକୁ ସାକାର କରିବାକୁ ଉତ୍ସାହ ଓ ଶକ୍ତି ପାଉଛନ୍ତି। କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ନୂଆପଡ଼ା ଗ୍ରାମରେ ଅମରଙ୍କ ଘର। ପିତା ସ୍ୱର୍ଗତ ହରେକୃଷ୍ଣ ନାୟକ ଓ ମା' ପଦ୍ମିନୀଙ୍କ ଚାରି ପୁଅଙ୍କ ମଧ୍ୟରୁ ଅମର ଦ୍ୱିତୀୟ। ନିଜ ସ୍ୱପ୍ନ ଓ କର୍ତ୍ତବ୍ୟ ସମ୍ପର୍କରେ ଅମର କହିଛନ୍ତି, ସେ ଚାଷୀ ପରିବାରରୁ ଆସିଛନ୍ତି। ପିଲା ବେଳୁ ଅଭାବ ଦେଖିଛନ୍ତି, କିନ୍ତୁ ପରିଶ୍ରମ ବଳରେ ସରକାରୀ ଚାକିରୀ ପାଇଥିଲେ। ଅନ୍ୟ ୩ଭାଇ ମଧ୍ୟ ପ୍ରତିଷ୍ଠିତ ହୋଇସାରିଛନ୍ତି। ଚାକିରି କାଳ ଭିତରେ ଅନେକ ସ୍ଥାନରେ କାର୍ଯ୍ୟ କରିଛନ୍ତି। ଭଲ ପାଠ ପଢ଼ିବାର ସୁଯୋଗ ନ ମିଳିବାରୁ ଅଧାରୁ ପାଠ ଛାଡ଼ିଥିବା ବହୁ ପିଲାଙ୍କୁ ଦେଖିଛନ୍ତି। ୨୦୧୮ରେ ସେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ଅନୁଗୋଳ ଓ ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଶିକ୍ଷାକେନ୍ଦ୍ର ଖୋଲିବାକୁ ଜାଗା ଖୋଜିଥିଲେ। ଶେଷରେ କୁଳସରିତୁଆଁ ଗ୍ରାମରେ ସାମାଜିକ କର୍ମୀ ତାଙ୍କୁ ସହାୟତା କରିଥିଲେ। ଏକ ଭଡ଼ା ଘରେ ତାଙ୍କ ଶିକ୍ଷାକେନ୍ଦ୍ର ଚାଲିଛି। ପେନ୍‌ସନ ଟଙ୍କାକୁ ଶିକ୍ଷାକେନ୍ଦ୍ରରେ ବିନିଯୋଗ କରୁଛି। ଏଥିରେ ପରିବାର ଲୋକଙ୍କର ମଧ୍ୟ ସମର୍ଥନ ରହିଛି। ଅବସର ପୂର୍ବର ଜୀବନ ପରିବାର ଲୋକଙ୍କ ଭଲମନ୍ଦ ବୁଝିବାରେ ବିତାଇଲି। ଦୁଇ ପୁଅଙ୍କୁ ଉଚ୍ଚ ଶିକ୍ଷା ଦେଇଛି। ଏବେ ସେମାନେ ନିଜ ଗୋଡ଼ରେ ଛିଡ଼ା ହୋଇ ସାରିଲେଣି। ସେଥିପାଇଁ ଅବସର ଜୀବନକୁ ଗରିବ ମେଧାବୀ ପିଲାଙ୍କୁ ଉଚ୍ଚ ଶିକ୍ଷା ଦେବାରେ ସହାୟ ହୋଇପାରିଲେ ଆତ୍ମତୃପ୍ତି ମିଳିବ। କେବଳ ମୁଁ ନୁହେଁ, ଏହି ଶିକ୍ଷା କେନ୍ଦ୍ର ସହିତ ଜଡ଼ିତ ପ୍ରତିଟି ବ୍ୟକ୍ତିବିଶେଷଙ୍କର ଏକ୍ଷେତ୍ରରେ ପ୍ରମୁଖ ଭୂମିକା ରହିଛି ବୋଲି ଅମର କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହିମାଂଶୁ



@ ବିକାଶ



@ ଶୁଭାଶିଷ



@ ଲକି



@ ଅର୍ଚ୍ଚିତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ଦି ବ୍ଲିଙ୍କ୍ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ରବିବାର ଅନୁଷ୍ଠିତ ସଙ୍ଗୀତ କାର୍ଯ୍ୟକ୍ରମ 'ୟେ ଶାମ୍ ସହିଦୋଁ କା ନାମ୍'ରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ-ମୌସମ)




ଭୁବନେଶ୍ୱରସ୍ଥିତ ବିପିନ ବିହାରୀ ଚୌଧୁରୀ ବଧିର ସ୍କୁଲ୍ ପଡ଼ିଆରେ ରବିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବରେ ଛାତ୍ରୀଛାତ୍ରମାନେ କଳା ପ୍ରଦର୍ଶନ କରୁଛନ୍ତି। (ଫଟୋ- ବିକାଶ)




କଟକ ଉପର ବାଲିଯାତ୍ରା ପଡିଆରେ ସାତସାହି କଟକ ନୃତ୍ୟୋତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ କଳାବିକାଶ କେନ୍ଦ୍ରର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

# ସଂକ୍ଷେପରେ

## ଗ୍ୟାସ ଟାଙ୍କିରୁ ନିଆଁ ଲାଗି ଦୁଇବଖରା ଜଳିଗଲା

ବାରଙ୍ଗ,୧୮।୧୨(ଡି.ଏନ୍.ଏ.)- ଗୋଡିସାହି ଫାଣ୍ଡି ଅଧୀନ ବିଦ୍ୟାଧରପୁର ଗ୍ରାମର ପ୍ରଧାନ ସାହିରେ ରବିବାର ଗ୍ୟାସ ଟାଙ୍କିରୁ ନିଆଁ ଲାଗି ୨ ବଖରା ଘର ଜଳିଯାଇଛି। ସୂଚନା ମୁତାବକ, ରବିବାର ସାହିର ସୁରେଶ ପ୍ରଧାନଙ୍କ ରୋଷେଇ ଘରେ ଗ୍ୟାସ ଟାଙ୍କି ପରିବର୍ତ୍ତନ କରୁଥିବା ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା। ସୁରେଶ ଗ୍ୟାସ ଟାଙ୍କିକୁ ରୋଷେଇ ଘରୁ ବାହାରକୁ ଆଣିବା ସମୟରେ ନିଆଁ ଅତି ଭୟଙ୍କର ରୂପ ନେଇଥିଲା। ଏହି ନିଆଁରେ ରୋଷେଇ ଘରକୁ ଲାଗି ଥିବା ଅନ୍ୟ ଏକ ଚାଳ ଘରକୁ ବ୍ୟାପୀ ଯାଇଥିଲା। ଫଳରେ ନିଆଁ ଲାଗିଯାଇ ସମ୍ପୂର୍ଣ୍ଣ ଚାଳଘର ୨ଟି ଜଳି ପାଉଁଶ ହୋଇଯାଇଥିଲା। ସୁରେଶ ବାରଙ୍ଗ ଦମକଳ ବାହିନୀକୁ ଖବର ଦେବାପରେ ସେମାନ ଆସି ୧ ଘଣ୍ଟା ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ।

## ଗୋଟିଏ ଜୁଇରେ ୨ ସାଙ୍ଗ

ବାଲିଅନ୍ତା,୧୮।୧୨(ଡି.ଏନ୍.ଏ.)- ବାଲିଅନ୍ତା ଥାନା ଅଧୀନ ବଇଁଚୁଆ କାଜ ନିକଟ କୁଶଭଦ୍ରା ନଦୀବନ୍ଧ ରାସ୍ତାରେ ଶନିବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ଯୋଗୁ ୨ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ମୃତକ ଦୁହେଁ ହେଲେ ରାହୁଲ ନାଥ(୧୬) ଓ ମଣ୍ଟୁ ନାଥ(୧୬)। ଉଭୟଙ୍କ ମୃତଦେହକୁ ପୋଲିସ ରବିବାର ବ୍ୟବଚ୍ଛେଦ କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ଦୁହିଁଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ଗୋଟିଏ କୋକେଇରେ ଗ୍ରାମ ପରିକ୍ରମା କରି କୁଶଭଦ୍ରା ନଦୀକୂଳ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ଉଭୟଙ୍କ ଶେଷକୃତ୍ୟ ଗୋଟିଏ ଜୁଇରେ କରାଯାଇଥିଲା। ମଣ୍ଟୁଙ୍କ ସାନ ଭଉଣୀ କଣ୍ଢେଇ (୧୪)ମୁଖାଗ୍ନି ଦେଇଥିଲେ। ରାହୁଲ ଏବଂ ମଣ୍ଟୁ ପିଲାବେଳୁ ସାଙ୍ଗ ହୋଇ ପାଠପଢ଼ିଥିବାବେଳେ ୨ ମାସ ହେବ କଲେଜରେ ନାମ ଲେଖାଇଥିଲେ। ରାହୁଲଙ୍କ ଆର୍ମିରେ ଯିବା ସ୍ୱପ୍ନ ଥିଲା। ଏଥିପାଇଁ ତାଙ୍କ ପରିବାର ସବୁବେଳେ ଉତ୍ସାହିତ କରୁଥିଲେ। ତାଙ୍କ ସବୁ ଇଚ୍ଛାକୁ ବାପା ପ୍ରଶାନ୍ତ ପୂରଣ କରିଆସୁଥିବାବେଳେ ରାହୁଲ ପାଇଁ ଏକ ନୂଆ ସାଇକେଲ ଏବଂ ନୂଆ ମୋବାଇଲ କିଣା ହୋଇଥିଲା। କିନ୍ତୁ ବିଧିର ବିଧାନ ଆଶା ଓ ପୁଅର ଇଚ୍ଛା ସବୁ ମରିଗଲା ବୋଲି ରାହୁଲଙ୍କ ବାପା କହିଛନ୍ତି। ଏଥିସହ ମଣ୍ଟୁଙ୍କ ବାପା ପ୍ରଶାନ୍ତ ପୁଅକୁ ହରାଇ ମୂକ ପାଲଟି ଯାଇଛନ୍ତି।

## ପ୍ରଗତି ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)-ପ୍ରଗତି ବରିଷ୍ଠ ନାଗରିକ ସଂଘର ଚତୁର୍ଥ ବାର୍ଷିକ ଉତ୍ସବ ଶୈଳଶ୍ରୀବିହାର ନିକଟ ପ୍ରଗତି ବିହାରଠାରେ ପାଳିତ ହୋଇଯାଇଛି। ସଂଘ ସଭାପତି ଏଚ୍.କେ. ପ୍ରତାପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ବିଜୟ ଦାସ, ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅଶୋକ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଯୁବନେତା ମନୋଜ ସାହୁ ଯୋଗଦେଇଥିଲେ। ଅତିଥିମାନେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଓ ଏହାର ପ୍ରତିକାର ଉପରେ ଆଲୋକପାତ କରିଥିଲେ। ସଂଘ ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଓ ସ୍ଥାନୀୟ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।

## ଜାନୁୟାରୀ ୧୫ରେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ନିର୍ବାଚନ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)- ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ସଭାନେତ୍ରୀ ଶୁଚିସ୍ମିତା ଦାଶଙ୍କ ଅଧକ୍ଷତାରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାର ମେଡିକାଲ କଲେଜ ହସ୍ପିଟାଲ ଓ ବିଭିନ୍ନ ଜିଲାର ସଦସ୍ୟମାନେ ଉପସ୍ଥିତ ରହି ଦୀର୍ଘସ୍ଥାୟୀ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଜାନୁୟାରୀ ୧୫ରେ ସଂଘର ନିର୍ବାଚନ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ସଂଘର ୨୦୨୩-୨୫ ଅଧିବେଶନ ପାଇଁ ନିର୍ବାଚିତ ପ୍ରତିନିଧିମାନେ ଏଜେଣ୍ଡାରେ ଥିବା ଦାବିଗୁଡ଼ିକୁ ସରକାରଙ୍କ ନିକଟରେ ଯଥାସମ୍ଭବ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଖୋର୍ଦ୍ଧା ଜିଲା ହସ୍ପିଟାଲର ନର୍ସିଂ ଅଫିସର ସାଧନା ଗୁମାନସିଂଙ୍କୁ ନିର୍ବାଚନ ଅଧିକାରୀ ଏବଂ ପ୍ରଦୀପ କୁମାର ସ୍ୱାଇଁଙ୍କୁ ସହକାରୀ ନିର୍ବାଚନ ଅଧିକାରୀ ଭାବେ ଚୟନ କରାଯାଇଥିଲା। ବୈଠକରେ ଉପସଭାପତି ମୁରାରୀଧର ମିଶ୍ର, ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ଦାସ, କୋଷାଧକ୍ଷ ହିମାନି ନାୟକ, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆବର୍ଜନା ବଳୟରେ ସ୍ମାର୍ଟସିଟି ଜନବସତି



ଘାଟିକିଆରେ ଗଦାହୋଇ ରହିଥିବା ଆବର୍ଜନାକୁ ଗୋରୁ ଖାଉଛନ୍ତି।

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ସ୍ମାର୍ଟସିଟିକୁ ସ୍ୱଚ୍ଛ ତଥା ସୁନ୍ଦର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବ୍ୟାପକ ଯୋଜନା କରାଯାଉଛି। ହେଲେ ଯୋଜନାଗୁଡ଼ିକ ସେପରି ସଫଳ ତଥା ଦୀର୍ଘସ୍ଥାୟୀ ହୋଇପାରୁ ନାହିଁ। ଆବର୍ଜନା ପରିଚାଳନା ପାଇଁ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରାଯାଉଛି। ମାତ୍ର ସେସବୁକୁହିଁ ଜନବସତି ଅଞ୍ଚଳରେ ପକାଇ ଦିଆଯାଉଥିବାରୁ ପୃଥକ ଅଳିଆ ସଂଗ୍ରହ ପ୍ରହସନରେ ପରିଣତ ହୋଇଛି। ଟ୍ରକ୍ ଟ୍ରକ୍ ଓଦା ଓ ଶୁଖିଲା ଆବର୍ଜନା ମାସ ମାସ ଧରି ଘାଟିକିଆର ଜନବସତି ଅଞ୍ଚଳରେ ଗଦା ହୋଇ ରହିଛି। କିଛିଦିନ ତଳେ ଖଣ୍ଡଗିରି ଟୁରିଷ୍ଟ ବସ୍‌ଷ୍ଟାଣ୍ଡରେ ଦୀର୍ଘଦିନ ଧରି ଅଳିଆ ଗଦା କରାଯିବା ପରେ ଅସନ୍ତୋଷ ପ୍ରକାଶ ପାଇବାରୁ ବିଏମସି ତାହାକୁ ଉଠାଇଥିଲା। ହେଲେ ଏବେ ବି ଉକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ଆବର୍ଜନାମୁକ୍ତ ହୋଇପାରି ନାହିଁ। ସେହିପରି ଏବେ ଘାଟିକିଆ ଓ ଖଣ୍ଡଗିରି ବାରି ଅଞ୍ଚଳରୁ ପ୍ରତିଦିନ ବାହାରୁ ଥିବା କୁଢ଼ କୁଢ଼ ଅଳିଆ ସ୍ଥାନୀୟ ସାଇ ମନ୍ଦିର ନିକଟରେ ଗଦା ହେଉଥିବା ଦେଖିବାକୁ ମିଳୁଛି। ବିଏମ୍‌ସି ପକ୍ଷରୁ ଉକ୍ତ ଆବର୍ଜନା ସ୍ଥାନାନ୍ତରିତ କରାଯାଉଥିଲେ ମଧ୍ୟ ସେଠାରେ ଡମ୍ପିଂୟାର୍ଡର ଭ୍ରମ ସୃଷ୍ଟି କରୁଛି। ଅଳିଆ ଆବର୍ଜନା ପଚିସଢ଼ି ଦୁର୍ଗନ୍ଧ ବାହାରୁଛି। ରସୁଲଗଡ଼, ବମିଖାଲ, କେନାଲବନ୍ଧର ଉଭୟ ପାର୍ଶ୍ୱ ରାସ୍ତା ଆଦି ଅଞ୍ଚଳର ଜନବସତିରେ ଏପରି ଅଳିଆ ଗଦା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ସେହିପରି ବୁଲା ଜୀବଜନ୍ତୁ ଆବର୍ଜନାରୁ ପଲିଥିନ ଜରି ଆଦି ଖାଇବା ଦ୍ୱାରା ରୋଗଗ୍ରସ୍ତ ହେଉଛନ୍ତି।



ନୀଳକଣ୍ଠେଶ୍ୱର ପୁଷ୍କରିଣୀରେ ଜମି ରହିଥିବା ଆବର୍ଜନା।

## ପୋଖରୀ ନା ଆବର୍ଜନା କୁଣ୍ଡ

ସହରରେ ଥିବା ଜଳାଶୟଗୁଡ଼ିକ ମଧ୍ୟରୁ ପରିତ୍ୟକ୍ତ ଅବସ୍ଥାରେ ରହିଥିବା କିଛି ପୋଖରୀର ପୁନରୁଦ୍ଧାର ପାଇଁ ବିଏମ୍‌ସି ଅଣ୍ଟା ଭିଡ଼ିଥିଲା। ତେବେ ୪୪ ଜଳାଶୟର ପୁନରୁଦ୍ଧାର କାର୍ଯ୍ୟ ଅଧାପନ୍ତରିଆ ରହିଥିବାବେଳେ ଯେଉଁ କେତୋଟି ଜଳାଶୟର ପୁନାରୁଦ୍ଧାର ହୋଇଛି ତାହା କ୍ରମଶଃ ଆବର୍ଜନା କୁଣ୍ଡରେ ପରିଣତ ହେବାରେ ଲାଗିଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପୁନରୁଦ୍ଧାର ହୋଇଥିବା ନୀଳକଣ୍ଠେଶ୍ୱର ପୋଖରୀକୁ ଦେଖିଲେ ଏହା ସହଜରେ ଅନୁମାନ କରାଯାଉଛି। କାର୍ତ୍ତିକ ପୂର୍ଣ୍ଣିମା ପରଠାରୁ ପୋଖରୀର ଅବସ୍ଥା ଅଧିକ ବିଗିଡ଼ିବାରେ ଲାଗିଥିଲା। ସ୍ଥାନୀୟ ଅଞ୍ଚଳର ଲୋକେ ପୋଖରୀରେ ପୂଜା ସାମଗ୍ରୀ ଆଦି ବିସର୍ଜନ କରୁଥିବାରୁ ତାହା ଆବର୍ଜନାମୟ ହୋଇପଡ଼ିଛି। ପୋଖରୀରେ ମାଛ ଚାଷ କରି କିଛି ଲୋକ ଲାଭାନ୍ୱିତ ହେବା ପାଇଁ ଯୋଜନା କରୁଥିବାରୁ ପୋଖରୀକୁ ସଫା କରାଇଦେଉ ନ ଥିବା ଜଣାପଡ଼ିଛି।

## ଘରୋଇ ଜମିରୁ କିଏ କାଢ଼ିବ ଆବର୍ଜନା



ଏକ ଘରୋଇ ଜମିରେ ପକା ଯାଇଥିବା ଅଳିଆ।

ରାଜଧାନୀର ବିଭିନ୍ନ କଲୋନୀରେ ସ୍ଥାନେ ସ୍ଥାନେ ଘରୋଇ ଜମି ଖାଲି ପଡ଼ିଥିବାବେଳେ ଅଞ୍ଚଳବାସୀ ଏହାକୁ ଅଳିଆ ପକାଇବା ପାଇଁ ବ୍ୟବହାର କରୁଛନ୍ତି। ଏହି ଅଳିଆକୁ ସଫା କରିବାରେ ବ୍ୟୟ କରିବାକୁ ମାଲିକମାନେ ଅମଙ୍ଗ ହେଉଛନ୍ତି। ଅନ୍ୟପଟେ ଘରୋଇ ଜମି ସଫା କରିବା ଦାୟିତ୍ୱ ବିଏମ୍‌ସିର ନୁହେଁ ଦର୍ଶାଇ ନିଜ ମୁଣ୍ଡରୁ ଦୋଷ ଖସାଇବାରେ ଲାଗିଛି। ଯଦି ବିଏମ୍‌ସି ପକ୍ଷରୁ ବ୍ୟବସ୍ଥିତ ଢ଼ଙ୍ଗରେ ଘରୁ ଘରୁ ଅଳିଆ ସଂଗ୍ରହ କରାଯାଉଛି ତେବେ ଅଞ୍ଚଳବାସୀଙ୍କୁ କାହିଁକି ଏଣେତେଣେ ଅଳିଆ ପକାଇବାକୁ ପଡୁଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ପାତ୍ରପଡ଼ା ବିଶାଲ ନିକଟବର୍ତ୍ତୀ ଘରୋଇ ଜମିରେ ଥିବା ଏପରି ଅଳିଆ ଆବର୍ଜନା ଗଦା ଦେଖିବାକୁ ମିଳିଛି। ଜିଜିପି କଲୋନୀ, ପ୍ରାଚୀ ବିହାର, ଶବର ସାହି, ପଟିଆ, ଡମଣା, ଚନ୍ଦ୍ରଶେଖରପୁର ସମେତ ରାଜଧାନୀର ବିଭିନ୍ନ ସ୍ଥାନରେ ସମାନ ଦୃଶ୍ୟ ସମାନ ସମସ୍ୟା ସୃଷ୍ଟି କରୁଛି।



ରାଜ୍ୟ ପୁସ୍ତକ ମହୋତ୍ସବରେ କଥାକାର ମଦନ ମୋହନ ମହାପାତ୍ରଙ୍କ ଗଳ୍ପ ସଙ୍କଳନ 'ସୋଲମେଟ୍'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

## 'ସୋଲମେଟ୍ ପାଠକାର୍ପିତ'

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ରାଜ୍ୟ ପୁସ୍ତକ ମହୋତ୍ସବରେ ଆଦିତ୍ୟ ଭାରତୀ ପ୍ରକାଶନ ସଂସ୍ଥା ପକ୍ଷରୁ କଥାକାର ମଦନ ମୋହନ ମହାପାତ୍ରଙ୍କ ଗଳ୍ପ ସଙ୍କଳନ ସୋଲମେଟ୍ ପାଠକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ କଥାକାର ସଦାନନ୍ଦ ତ୍ରିପାଠୀ, ଅରବିନ୍ଦ ରାୟ, କବି କମଳ କୁମାର ମହାନ୍ତି, କଥାକାର ଦେବାଶିଷ ସାମନ୍ତରାୟ ଉପସ୍ଥିତ ଥିଲେ। ଏହି ସଙ୍କଳନରେ ୧୨ଟି କ୍ଷୁଦ୍ରଗଳ୍ପ ରହିଛି। ଏଥିରେ ପ୍ରେମ, ସାମ୍ପ୍ରତିକ ସମାଜ ବ୍ୟବସ୍ଥା, ମୋହଭଙ୍ଗ ଓ ବ୍ୟବସ୍ଥା ବିରୋଧରେ ସ୍ୱର ପ୍ରତୀୟମାନ ହୋଇଛି। କବି ସୁଜାତା ମହାପାତ୍ର ମଦନଙ୍କ ଗଳ୍ପ ସଙ୍କଳନରୁ ଗପ ପାଠ କରିଥିଲେ।

## ଆଜି 'ଭୁବନେଶ୍ୱର ଫ୍ୟାଶନ କୋଚ୍ୟୁର ୱିକ୍'




ଭୁବନେଶ୍ୱର,୧୮।୧୨

ରାଜ୍ୟର ପ୍ରମୁଖ ଗୃହ ନିର୍ମାଣକାରୀ ସଂସ୍ଥା ଇଭୋସ ବିଲ୍‌ଡକନ୍ ଓ ମେଟାଲ ମାକ୍ସର ମିଳିତ ସହଯୋଗରେ ପୂର୍ବ ଭାରତର ସର୍ବବୃହତ ଫ୍ୟାଶନ ଶୋ 'ଭୁବନେଶ୍ୱର ଫ୍ୟାଶନ କୋଚ୍ୟୁର ୱିକ୍'ର ଆୟୋଜନ କରାଯାଉଛି। ଏପରିକି ସୋମବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ହୋଟେଲ ମେ ଫେୟାର ପରିସରରେ ଏହି ଫ୍ୟାଶନ ଶୋ ଅନୁଷ୍ଠିତ ହେବ। ଉକ୍ତ ଶୋ'ରେ ଦେଶବିଦେଶରୁ ବହୁ ଖ୍ୟାତନାମା ମଡେଲଙ୍କ ସମେତ ଭାରତରୁ ମୋଟ ୧୨ ଜଣ ଜଣାଶୁଣା ଫ୍ୟାଶନ ଡିଜାଇନର ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଶେଷକରି ଓଡ଼ିଶାର ପାରମ୍ପରିକ ଓ ସଂସ୍କୃତି ସମ୍ପର୍କିତ ଡିଜାଇନ ଉପରେ ମଧ୍ୟ ମଡେଲମାନେ ସେମାନଙ୍କର କଳା ଶୋ ଜରିଆରେ ପ୍ରଦର୍ଶନୀ କରିବେ ବୋଲି ମେଟାଲ ମ୍ୟାକ୍ସର ପ୍ରତିଷ୍ଠାତା ଅମନଦୀପ କୌର ମତପ୍ରକାଶ କରିଛନ୍ତି। ଏପରିକି ସ୍ଥାନୀୟ ୟୁନିଟ-୬ ଆଇଏମଏ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ କରି ଶୋ' ଅଭିମୁଖ୍ୟ ଓ ନୀତିନିୟମ ସମ୍ପର୍କରେ ଅମନଦୀପ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଉକ୍ତ ଶୋ'ରେ ଓଡ଼ିଶାର ୬ ଜଣ ଜଣାଶୁଣା ବୁଣାକାର ମଧ୍ୟ ଯୋଗଦେବେ ବୋଲି ସୂଚନା ମିଳିଛି। ଏପରିକି ଜଳନ୍ଧର ମେହେରଙ୍କ ହବସପୁରୀ ଫାବ୍ରିକ ଡିଜାଇନ, ରାମା ରାଓଙ୍କ ବ୍ରହ୍ମପୁରୀ ପାଟ, ସୁକାନ୍ତି ମେହେରଙ୍କ ସମ୍ବଲପୁରୀ ଟାଇ ଆଣ୍ଡ୍ ଡାଇ ଡିଜାଇନ ମଧ୍ୟ ଉକ୍ତ ଶୋ'ରେ ପ୍ରଦର୍ଶନୀ କରାଯିବ। ବିଶେଷ କରି ଉକ୍ତ ଫ୍ୟାଶନ ଶୋ'ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ବେଳେ କୃଷି ସଚିବ ଡା.ଅରବିନ୍ଦ ପାଢ଼ୀଙ୍କ ସମେତ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଏବଂ ଅନୁ ଚୌଧୁରୀ ପ୍ରମୁଖ ଯୋଗ ଦେବେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ ଉକ୍ତ ଶୋ'ରେ ଯୋଗଦେବା ପାଇଁ ୨୦୦୦, ୧୫୦୦ ଏବଂ ୫୦୦ ଟଙ୍କାର ଦେୟ ଫି ରଖାଯାଇଛି। ସୂଚନାଯୋଗ୍ୟ ଯେ, ଉକ୍ତ ଫ୍ୟାଶନ ଶୋ'ରେ ବିଭିନ୍ନ ସଂସ୍ଥା ସହଯୋଗୀ ଭାବେ ସାମିଲ ହୋଇଛନ୍ତି।

## ଇଣ୍ଟର କଲେଜ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)



ଆନ୍ତଃ ମହାବିଦ୍ୟାଳୟ ରଗ୍‌ବୀ ଟୁର୍ନାମେଣ୍ଟ ବିଜେବି ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ରିଜିଓନାଲ କଲେଜ ଯାଜପୁର ଓ ବିଜେବି ମହାବିଦ୍ୟାଳୟର ପ୍ରତିଯୋଗୀମାନେ ବିଜୟୀ ହୋଇ ଆନ୍ତଃୟୁନିଭର୍ସିଟି ରଗ୍‌ବୀ ଟୁର୍ନାମେଣ୍ଟରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଏଥିରେ ଉପାଧକ୍ଷା ଡ. ମଧୁବ୍ରତା ଶତପଥୀ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଶେଷ ଅତିଥି ଭାବେ ରୁଦ୍ର ସାମନ୍ତରାୟ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

## ବ୍ରାଉନସୁଗାର ଜବତ ,ଜଣେ ଗିରଫ

ଭୁବନେଶ୍ୱର,୧୮।୧୨ (ବ୍ୟୁରୋ)

ଅଟୋରେ ବ୍ରାଉନସୁଗାର ବେପାର କରୁଥିବା ଜଣେ ବ୍ୟକ୍ତିଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳର କାଳିଆ ଓରଫ ସୁକାନ୍ତ ସେଠୀ। ତାଙ୍କ ଠାରୁ ୭ ଗ୍ରାମ ବ୍ରାଉନସୁଗାର, ଅଟୋରିକ୍ସା ଓ ୧୨୦୦ ଟଙ୍କା ଜବତ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଜୁଆଆଡ୍ଡାରେ ଚଢ଼ାଉ, ୧୦ ଗିରଫ



ଭୁବନେଶ୍ୱର,୧୮।୧୨ (ବ୍ୟୁରୋ)

କ୍ୟାପିଟାଲ ଥାନା ପୋଲିସ ରବିବାର ୧ନଂ. ହାଟ ପଛପଟେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ାଉ କରି ୧୦ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବିହାର ରାଜ୍ୟର ସୁଗନ୍ଧ ରଜକ, କଟକର ସୁରେଶ ଚନ୍ଦ୍ର ମଲ୍ଲିକ, ମଦନ ସାହୁ, ସୁଶାନ୍ତ କୁମାର ସାହୁ, ପୁରୀର ଧନେଶ୍ୱର ନାଥ ଓ ପ୍ରତାପ ସାହୁ, ଜଗତ୍‌ସିଂହପୁରର ଭରତ ରାୟ, ବାଲିପାଟଣାର ସିଲୁ ଦତ୍ତ, କେନ୍ଦ୍ରାପଡ଼ାର ସୁବ୍ରତ ମହାପାତ୍ର ଓ ଭଦ୍ରକର ସନ୍ତୋଷ ଦାଶ। ଏମାନଙ୍କ ନିକଟରୁ ୧୫ ହଜାର ୪୩୦ଟଙ୍କା, କାଲ୍‌କୁଲେଟର, ୩ଟି ରେଜିଷ୍ଟର ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଓଡ଼ିଶାର ସ୍ଥିତି ଖରାପ କରୁଛି

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)




ଓଡ଼ିଶା ନାଗରିକ ସାମଜର ୧୩ତମ ସ୍ୱନକ୍ଷତ୍ର ଉତ୍ସବ ଓ ଆଲୋଚନାଚକ୍ରରେ ଅତିଥିମାନେ।

### 'ଓଡ଼ିଶା ୨୦୩୬' ଆଲୋଚନାଚକ୍ର

ଓଡ଼ିଶା ନାଗରିକ ସମାଜର ତ୍ରୟୋଦଶ ସ୍ୱନକ୍ଷତ୍ର ଉତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ଓଡ଼ିଶା ଗଠନର ଶହେ ବର୍ଷ ପୂର୍ତ୍ତିରେ ଓଡ଼ିଶାର ରୂପରେଖ କିପରି ହେବା ଉଚିତ ସେନେଇ 'ଓଡ଼ିଶା ୨୦୩୬' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ନାଗରିକ ସମାଜ ସଭାପତି ଇଂ. ଲଳିତ ମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶଶୀଭୂଷଣ ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ଡ. ଭଗବାନ ପ୍ରକାଶ, କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ, ଭାଜପା ନେତା ପ୍ରଦୀପ ପୁରୋହିତ, ଓଡ଼ିଶା ଅଭିଭାବକ ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଓଡ଼ିଶାରେ ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ ରହିଛି । ହେଲେ ଦୀର୍ଘ ୮୫ବର୍ଷ ହେଲା ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁ ଓଡ଼ିଶାର ସ୍ଥିତି ଖରାପ ଦିଗକୁ ଗତି କରୁଛି ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ରାଜ୍ୟରେ ଜଳ ସମ୍ପଦ ବିନିଯୋଗ,ଖଣିଜ ସମ୍ପଦର ବିନିଯୋଗ କରି ମାନବ ସମ୍ବଳକୁ ସଠିକ ବିନିଯୋଗ କରି ରୋଜଗାର ପ୍ରଦାନ, ସମସ୍ତ ପିଲାଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନର ପର୍ଯ୍ୟାପ୍ତ ବ୍ୟବସ୍ଥା, ଭିତ୍ତିଭୂମି ବିକାଶ ରେ ରାସ୍ତା, ବନ୍ଦର, ଏୟାରପୋର୍ଟ ଆଦିର ଉନ୍ନତି କରଣ ଆଦି କୁ ସରକାର ପ୍ରାଧାନ୍ୟ ଦେବା ଉଚିତ ବୋଲି ଇଂ ଲଳିତ ମୋହନ ପଟ୍ଟନାୟକ କହିଥିଲେ । ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଓ ନିରବଚ୍ଛିନ୍ନ ସେବା ଯୋଗାଉଥିବା ବ୍ୟକ୍ତିବିଶେଷଙ୍କୁ ଓଡ଼ିଶା ନାଗରିକ ସମାଜ ସମ୍ମାନ ପ୍ରଦାନ କରାଯାଇଥିଲା । କଳ୍ପନା ସାହୁ, ଗଗନ ବିହାରୀ ପୋଇଟାଲ, ଶିବାନାରାୟଣ ମିଶ୍ର, କୈଳାଶ ବେହେରା,ଦୀନକୃଷ୍ଣ ସାହୁ, ବନସ୍ମିତା ପତି,ଲିନୁ ଚଇନି, କୈଳାସ ଷଡ଼ଙ୍ଗୀ, ଅରୁନ୍ଧତୀ ଦେବୀ, ଅଭିମନ୍ୟୁ ଜେନା, ପୂର୍ଣ୍ଣଚନ୍ଦ୍ର ଦାସ, ବନସ୍ମିତା ପତି ଆଦିଙ୍କୁ ନାଗରିକ ସମାଜ ସମ୍ମାନ ପ୍ରଦାନ କରାଯାଇଥିଲା । ରମେଶ ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ଓଭରବ୍ରିଜ୍ ତଳକୁ ଖସିଲା କାର୍, ୩ ଗୁରୁତର

ମଙ୍ଗୁଳି-ଜଗତପୁର,(ଡି.ଏନ.ଏ.): ୧୬ନଂ. ଜାତୀୟ ରାଜପଥର ମଙ୍ଗୁଳି ଓଭରବ୍ରିଜ ଉପରୁ ଶନିବାର ବିଳମ୍ବିତ ରାତିରେ ଏକ କାର ତଳକୁ ଖସିପଡିଛି। ଏଥିରେ ଥିବା ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନ ଥିବାବେଳେ ଘର ଜଗତପୁର ଅନ୍ଧାରି ଗ୍ରାମର ବୋଲି ଜଣାପଡିଛି। କାର(ନଂ.ଓଡ଼ି୦୫ବିଜେ-୬୪୩୫)ଟି ଟାଙ୍ଗୀପଟୁ ମଙ୍ଗୁଳି ଓଭରବ୍ରିଜ ଦେଇ ଜଗତପୁର ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ତଳେ ଥିବା ଏକ ଖାଲକୁ ଖସିପଡିଥିଲା। ପୋଲିସ ପହଞ୍ଚି ଗୁରୁତରମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିଛି।

## ସଂକ୍ଷେପରେ

### ଶିକ୍ଷକ ଓ କର୍ମଚାରୀ ସମବାୟ ସମିତିର ଅଧିବେଶନ

**କଣ୍ଟାପଡ଼ା, ୧୮।୧୨(ଡି.ଏନ୍.ଏ.):** କଣ୍ଟାପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ଓ କର୍ମଚାରୀ ସମବାୟ ସମିତିର ୧୩ତମ ସାଧାରଣ ଅଧିବେଶନ ଅଡ଼ଶପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ କ୍ଷୀରୋଦ ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କଣ୍ଟାପଡ଼ା ବ୍ଲକ ଶିକ୍ଷାଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ଅଡ଼ଶପୁର ପ୍ରାଚୀ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଜୟ କୁମାର ପାତ୍ର ମୁଖ୍ୟ ବକ୍ତା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନଳିନୀପ୍ରଭା ମହାପାତ୍ର ଓ ଅଞ୍ଜନା ମାଳିନୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ୩ୟ ଓ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଓ ମାଟ୍ରିକ୍ ପରୀକ୍ଷାରେ ଉକ୍ତ ବ୍ଲକ୍ ଅଞ୍ଚଳରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୮ ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ନେତା ରମେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟ ସଭ୍ୟଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ସହ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସମ୍ପାଦକ ଶଙ୍କର ସାହୁ ବିବରଣୀ ପାଠ, ଶିକ୍ଷକ କିଶୋର ଚନ୍ଦ୍ର ରାଉତରାୟ ଅତିଥି ପରିଚୟ ପ୍ରଦାନ ଓ କିଶୋର ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

### ଦାଦାବଟି ଆଦାୟ, ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୮।୧୨:** ଦାଦାବଟି ଆଦାୟ ଅଭିଯୋଗରେ ବାଦାମବାଡ଼ି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଶଙ୍କରପୁର ଉପରସାହିର ସକିଲ୍ ଓରଫ ସଞ୍ଜୟ ନାୟକ(୪୮)। ତାଙ୍କଠାରୁ ୧୦୨୦ ଟଙ୍କା ଜବତ କରାଯାଇଛି। ସେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ବସ୍ କଣ୍ଡକ୍ଟରଙ୍କଠାରୁ ୨୦୦ ଟଙ୍କା ଓ ଦୋକାନୀଙ୍କଠାରୁ ୫୦୦ ଟଙ୍କା ଲେଖାଏ ଦାଦାବଟି ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ଖବରପାଇ ପୋଲିସ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଚଢ଼ାଉ କରି ସଞ୍ଜୟଙ୍କୁ ଗିରଫ କରିଥିଲା।

### ରାଜେଶ ଜେନା ପାଇବେ ସାମ୍ବାଦିକ ବନବିହାରୀ ମହାନ୍ତି ସ୍ମୃତି ସମ୍ମାନ

**କଟକ ଅଫିସ,୧୮।୧୨:** ଚଳିତବର୍ଷ ସାମ୍ବାଦିକ ବନବିହାରୀ ମହାନ୍ତି ସ୍ମୃତି ସମ୍ମାନ ଯୁବ ସାମ୍ବାଦିକ ରାଜେଶ ଜେନାଙ୍କୁ ପ୍ରଦାନ କରାଯିବ। ମଧୁସୂଦନ ନଗରସ୍ଥିତ ବନବିହାରୀ ମହାନ୍ତି ଫାଉଣ୍ଡେଶନ ପକ୍ଷରୁ ଏନେଇ ରବିବାର ସୂଚନା ଦିଆଯାଇଛି।



ରାଜେଶ ବିଭିନ୍ନ ଓଡ଼ିଆ ଖବରକାଗଜରେ ସଫଳତାର ସହ କାର୍ଯ୍ୟ କରି ଆସୁଛନ୍ତି। ଆସନ୍ତା ୨୦ ତାରିଖ ସନ୍ଧ୍ୟାରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ହେବାକୁ ଥିବା ବନବିହାରୀ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବରେ ତାଙ୍କୁ ସମ୍ମାନିତ କରାଯିବ। ପୁରସ୍କାର ସ୍ୱରୂପ ୫ ହଜାର ଟଙ୍କା, ମାନପତ୍ର, ଉପଢୌକନ ଓ ସ୍ମୃତିଫଳକ ପ୍ରଦାନ କରାଯିବ ବୋଲି ଫାଉଣ୍ଡେଶନର ମାନେଜିଂ ଟ୍ରଷ୍ଟି ଲକିପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି ଓ ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ ଆଲୋକ ନାୟକ ଜଣାଇଛନ୍ତି।

# ସମସ୍ୟା ବଢୁଛି, ସମାଧାନ ହେଉନି

**କଟକ ଅଫିସ, ୧୮।୧୨**




### ୨ ମାସ ହୋଇନି ସିଏମ୍‌ସି କାଉନସିଲ ବୈଠକ

କଟକ ମହାନଗର ନିଗମ(ସିଏମ୍‌ସି)ର ନୂତନ କାଉନସିଲ ଗଠନ ହେବା ପରେ ସହରବାସୀଙ୍କ ସମସ୍ୟା ସମାଧାନ ପାଇଁ ମେୟର ଓ କର୍ପୋରେଟରମାନେ ଶପଥ ପାଠ କରିଥିଲେ। ହେଲେ ଲୋକଙ୍କ ସମସ୍ୟା ସମାଧାନ ହେବା ବଦଳରେ ବଢି ଚାଲିଛି। କାରଣ ଗତ ୨ ମାସ ହେବ କାଉନ୍‌ସିଲ ବୈଠକ ବସି ନ ଥିବାରୁ ବିଭିନ୍ନ ୱାର୍ଡର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇପାରୁନାହିଁ। ଏବେ ଅନେକ ସ୍ଥାନରେ ଡ୍ରେନ୍‌ରୁ ସ୍ଲାବ ଭାଙ୍ଗି ପଡିଛି। ସେହିପରି ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଶିକ୍ଷା ବ୍ୟବସ୍ଥା ଭୁଶୁଡିବାରେ ଲାଗିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ମଶା ଉପଦ୍ରବ ଯୋଗୁ ହରବାସୀ ଅତିଷ୍ଠ ହୋଇପଡିଲେଣି। ହେଲେ ଏ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଗତ ଅକ୍ଟୋବର ୧୦ରେ ସିଏମ୍‌ସିର ସପ୍ତମ କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ବିଧାନସଭା ଚାଲୁଥିବାରୁ ବୈଠକ ଡାକିବାରେ ବିଳମ୍ବ ହୋଇଥିଲା। ନଭେମ୍ବର ୨୩ରେ ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଥାଆନ୍ତା। ହେଲେ ଉକ୍ତ ଦିନ ପୂର୍ବତନ ଡେପୁଟି ମେୟର ଅଜୟ ବାରିକଙ୍କ ପରଲୋକ ହେବା ଯୋଗୁ ମେୟର ବୈଠକ ବାତିଲ କରିଥିଲେ। ପରବର୍ତ୍ତୀ ସମୟରେ ବୈଠକ ଅନୁଷ୍ଠିତ ହୋଇଥାଆନ୍ତା। ଗତ ୮ ତାରିଖରେ ବିଭିନ୍ନ ୱାର୍ଡର ଜେଇଙ୍କ ବଦଳି ସମ୍ପର୍କରେ ଆଲୋଚନା ପାଇଁ କଂଗ୍ରେସ, ଭାଜପା ଓ ବିଜେଡି କର୍ପୋରେଟରମାନେ ସିଏମ୍‌ସି ବିଜୁଭବନକୁ କମିଶନର ନିଖିଲ ପୱନ କଲ୍ୟାଣଙ୍କୁ ଭେଟିବା ପାଇଁ ଯାଇଥିଲେ। ସେଠାରେ ଏ ସମ୍ପର୍କରେ ଆଲୋଚନାବେଳେ କର୍ପୋରେଟର ଓ କମିଶନରଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ କମିଶନର ଉତ୍ତ୍ୟକ୍ତ ହୋଇ ଜଣେ ମହିଳା କର୍ପୋରେଟରଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ କର୍ପୋରେଟରମାନେ କମିଶନରଙ୍କୁ ଘେରାଉ କରିବା ସହ ସିଏମ୍‌ସି କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ମେୟର ସୁବାସ ସିଂ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଆଗାମୀ ଦିନରେ କାଉନ୍‌ସିଲ ବୈଠକ ବର୍ଜନ ପାଇଁ କର୍ପୋରେଟରମାନେ ନିଷ୍ପତ୍ତି ନେଇଥିଲେ। ତେବେ ବୈଠକ ହୋଇପାରୁ ନ ଥିବାରୁ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇପାରୁନାହିଁ। ତେଣୁ ସମସ୍ୟା ବଢି ଚାଲିଛି। ଏ ସମ୍ପର୍କରେ ମେୟର ସିଂ କହିଛନ୍ତି, ଯେଉଁଠି ସମସ୍ୟା ଅଛି, ସେଠାରେ ସମାଧାନର ବାଟ ମଧ୍ୟ ରହିଛି। ଏନେଇ କର୍ପୋରେଟର ଓ କମିଶନରଙ୍କ ସହିତ ଆଲୋଚନା ଜାରି ରହିଛି। ଖୁବ୍‌ଶୀଘ୍ର ସମାଧାନର ବାଟ ବାହାରିବ ବୋଲି ସେ କହିଛନ୍ତି।

# ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

**ଚୌଦ୍ୱାର,୧୮।୧୨(ଡି.ଏନ୍.ଏ.)**

### ବଚନ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ

ଚୌଦ୍ୱାରସ୍ଥିତ ଓଟିଏମ୍ ଖେଳପଡ଼ିଆରେ ଗତ ୪ ତାରିଖରୁ ଚାଲିଥିବା ବଚନ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କଟକର ରାଧାରମଣ କ୍ଲବ୍‌କୁ ୧-୦ ଗୋଲରେ ପରାସ୍ତ କରି ରାଇଜିଂ ଷ୍ଟୁଡେଣ୍ଟ କ୍ଲବ୍ ଚାମ୍ପିୟନ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ କେହି କାହାକୁ ଗୋଲ୍ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଏକ ପେନାଲ୍‌ଟି ଷ୍ଟ୍ରୋକ୍ ଜରିଆରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ବିଜୟୀ ହୋଇଥିଲା। କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନ ଓ ୟୁଥ୍ ଆସୋସିଏଶନ ଫୁଟ୍‌ବଲ କ୍ଲବ ଚୌଦ୍ୱାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ, ରାଜ୍ୟ ଯୁବ ଓ କ୍ରୀଡ଼ା ବ୍ୟାପାର ସଚିବ ଶୈଳେନ୍ଦ୍ର ଜେନା, ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ସଭାପତି ଭକ୍ତବଲ୍ଲଭ ଦାସ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ୍ ପାଲ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌରନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟର ରାହୁଲ ମୁଖୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସିଦ୍ଧାର୍ଥ ପ୍ରଧାନଙ୍କୁ ଟୁର୍ନାମେଣ୍ଟର ସର୍ବଶ୍ରେଷ୍ଠ ଗୋଲ୍‌କିପର ଓ ସେଖ୍ ଫରିଦ୍‌ଙ୍କୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ରାଧାରମଣ କ୍ଲବର ଅନିଲ ସାମଲଙ୍କୁ ଶ୍ରେଷ୍ଠ ମିଡ୍‌ଫିଲ୍‌ଡର ଅଫ୍ ଦି ଟୁର୍ନାମେଣ୍ଟ ଭାବେ ଘୋଷଣା କରାଯାଇଥିଲା। ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିଥିବା ଓଡ଼ିଶା ସରକାରୀ ପ୍ରେସ୍ ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ। ରାଜୁ ମହାନ୍ତି, ସୌଗତ୍ ଖାନ୍, ପ୍ରଦୀପ ମହାନ୍ତି ଓ ସେଖ୍ ହାୟଦ କ୍ରୀଡ଼ା ପରିଚାଳନା କରିଥିଲେ। ଚୌଦ୍ୱାର ସ୍ପୋର୍ଟ୍ସ କାଉନ୍‌ସିଲର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ୟୁଥ୍ ଆସୋସିଏଶନ ସଭାପତି ପ୍ରଶାନ୍ତ ସାହୁ, ଦେବାଶିଷ ସାମଲ, ଅଶୋକ ସାହୁ, କାଉନ୍‌ସିଲର ସୁବ୍ରତ ସାମଲ, ଅରୁଣ କୁମାର ସାମଲ, ଚିନ୍ତାମଣି ସାହୁ, ସଞ୍ଜୟ ରାଉତଙ୍କ ସମେତ କର୍ମକର୍ତ୍ତାମାନେ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।




କଟକ ଶତାବ୍ଦୀ ଭବନରେ ରବିବାର ଅନୁଷ୍ଠିତ ଓଡ଼ିଆ ଗୀତିକବି ସମାଜର ସମାବର୍ତ୍ତନ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ୩ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**କଟକ ସଦର,୧୮।୧୨(ଡି.ଏନ୍.ଏ.)**

ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଶିଶୁଆ(ନୂଆସାହି) ଗ୍ରାମର ପ୍ରଶାନ୍ତ କୁମାର ଭୋଇ। ତାଙ୍କଠାରୁ ୩ କେଜି ୨୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ପ୍ରଶାନ୍ତ କାଠଯୋଡ଼ି ନଦୀବନ୍ଧରେ ଶନିବାର ସାଇକେଲରେ ଗଞ୍ଜେଇ ନେଇ ଯାଉଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୨୮୮/୨୨) ରୁଜୁ ହୋଇଛି।

# 'ଭାଷାକୁ ଋଦ୍ଧିମନ୍ତ କରେ ଗୀତିକବିତାର ଐଶ୍ୱର୍ଯ୍ୟ'

**କଟକ ଅଫିସ,୧୮।୧୨**

### ଓଡ଼ିଆ ଗୀତିକବି ସମାଜର ସମାବର୍ତ୍ତନ ଉତ୍ସବ

ଗୀତିକବିତାର ଗୀତିଧ୍ୱନି ସାମଗ୍ରିକ ଭାବରେ ମଣିଷ ଜୀବନ, ସମାଜ ଓ ଜଗତକୁ ଅଭିମନ୍ତ୍ରିତ କରେ। ଗୀତିକବିତାର ଅନନ୍ୟ ଐଶ୍ୱର୍ଯ୍ୟ ରହିଛି। ଗୀତିକବିତାର ଐଶ୍ୱର୍ଯ୍ୟ ଭାଷାକୁ ଋଦ୍ଧିମନ୍ତ କରିଥାଏ ବୋଲି ଓଡ଼ିଆ ଗୀତିକବି ସମାଜର ୩୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଜଷ୍ଟିସ ମନୋରଞ୍ଜନ ମହାନ୍ତି ମତବ୍ୟକ୍ତ କରିଛନ୍ତି। ଓଡ଼ିଆ ଗୀତିକବି ସମାଜର ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଟକ ଶତାବ୍ଦୀ ଭବନଠାରେ ରବିବାର ଅନୁଷ୍ଠିତ ଉତ୍ସବରେ ବରେଣ୍ୟ ଅତିଥି ଡ. ସଙ୍ଗୀତା ରଥ କହିଥିଲେ, ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ଗୀତିକବିତାର ବଳିଷ୍ଠ ମାଧ୍ୟମ ରହିଥିଲା। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା-୨୦୨୨ ଉନ୍ମୋଚନ ହୋଇଥିଲା। ଉତ୍ସବରେ ଡ. ସୁରେନ୍ଦ୍ର କୁମାର ମହାରଣାଙ୍କୁ ଭରଦ୍ୱାଜ ସମ୍ମାନ, ବୈଦ୍ୟନାଥ ଖିଲାରଙ୍କୁ ଓଡ଼ିଆ ଗୀତିକବି ସମାଜ ସମ୍ମାନ, ସଫିକ୍ ଅହମ୍ମଦ ସିଦ୍ଦିକିଙ୍କୁ ଜିତେନ୍ଦ୍ର ପଟ୍ଟନାୟକ ଗୀତିକବି ସମ୍ମାନ, ବାମଦେବ ସ୍ୱାଇଁଙ୍କୁ ବିନୋଦିନୀ ପଟ୍ଟନାୟକ ଗୀତିକବି ସମ୍ମାନ, ଅରୁଣ କୁମାର ପାତ୍ରଙ୍କୁ ନୀରଦପ୍ରଭା ଗୀତିକବି ସମ୍ମାନ, ମାଳତୀ ପଣ୍ଡାଙ୍କୁ ଅନ୍ନପୂର୍ଣ୍ଣା ନନ୍ଦ ଗୀତିକବି ସମ୍ମାନ, ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କୁ ଅନ୍‌ମୋଲ୍ ସଙ୍ଗୀତ ନିର୍ଦ୍ଦେଶନା ସମ୍ମାନ, ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଆୟୁଷ କଣ୍ଠଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟସ୍ତରୀୟ ରାଜେନ୍ଦ୍ର କିଶୋର ହରିଚନ୍ଦନ ଗୀତିକବିତା ଲିଖନ ପ୍ରତିଯୋଗିତାରେ ମୀନାକ୍ଷୀ ସାମଲ, ସତ୍ୟଭାମା ସାହୁ ଓ ଜିଜ୍ଞାସା ଦାଶଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ପୁରସ୍କୃତ କରାଯାଇଥିଲା। ପ୍ରେମଚାନ୍ଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଗୌର ପଟ୍ଟନାୟକ ସ୍ୱାଗତ ଭାଷଣ, ଉପସଭାପତି ପୀତାମ୍ବର ମିଶ୍ର ଅତିଥି ପରିଚୟ ପ୍ରଦାନ, ଯୁଗ୍ମ ସମ୍ପାଦିକା ସନ୍ଧ୍ୟାରାଣୀ ମିତ୍ର ବିବରଣୀ ପାଠ ଏବଂ ଡ. କିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ। ସରୋଜିନୀ ମିଶ୍ର, ରୀତା ରାୟ, ଗୋପକୃଷ୍ଣ ନାୟକ, ଗୀତା ଖୁଣ୍ଟିଆ ପ୍ରମୁଖ ମାନପତ୍ର ପାଠ କରିଥିଲେ। ଉତ୍ସବର ପ୍ରଥମ ଅଧିବେଶନରେ ଡ. ଲିଙ୍ଗରାଜ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗୀତିକବିତା ପାଠୋତ୍ସବକୁ ଗୌର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବାବାଜୀ ଚରଣ ଜେନା ପାଠୋତ୍ସବ ସଞ୍ଚାଳନ କରିଥିବାବେଳେ ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି, ମାନସ ରଞ୍ଜନ ପଣ୍ଡା ଓ ସୌଦାମିନୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଜେଡି ନେତାଙ୍କ ପରଲୋକ

**କଟକ ସଦର,୧୮।୧୨(ଡି.ଏନ୍.ଏ.)**

କଟକ ସଦର ନିର୍ବାଚନ ମଣ୍ଡଳୀର ବିଜେଡି ନେତା ଦିଲ୍ଲୀପ ଦେବତା(୪୫)ଙ୍କର ରବିବାର ପରଲୋକ ହୋଇଯାଇଛି। ସେ ସିଡିଏ ଅଞ୍ଚଳକୁ ବୁଲିବାକୁ ଯାଇଥିବାବେଳେ ହଠାତ୍ ରାସ୍ତାରେ ହଠାତ ପଡିଯାଇଥିଲେ। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ତାଙ୍କୁ କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ। ତାଙ୍କ ବିୟୋଗରେ ବିଧାୟକ ଚନ୍ଦ୍ରସାରଥୀ ବେହେରା, ବିଜେଡି ନେତା ପ୍ରମୋଦ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁଷମା ବେଉରିଆ, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ଶରତ ରାୟ ଓ ରାମଚନ୍ଦ୍ର ଗୋଚ୍ଛାୟତ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ୧୯୯୦ରେ ସେ ଜନତା ଦଳରେ ଯୋଗଦେଇ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପରେ ବିଜେଡିରେ ରହି ଏପର୍ଯ୍ୟନ୍ତ ୪୨ ମୌଜା ଅଞ୍ଚଳରେ କାର୍ଯ୍ୟ କରି ଆସୁଥିଲେ।

# ୧୮୧ ମୋବାଇଲ, ୨୦ ବାଇକ୍ ଫେରିପାଇଲେ ମାଲିକ




ଡିସିପି ପିନାକ ମିଶ୍ର ଜଣେ ଦୃଷ୍ଟିବାଧିତ ଯୁବକଙ୍କୁ ମୋବାଇଲ ପ୍ରଦାନ କରୁଛନ୍ତି।

**କଟକ ଅଫିସ,୧୮।୧୨**

### ଉଦ୍ଧାର ସାମଗ୍ରୀ ଫେରସ୍ତ ମେଳା

କମିଶନ୍‌ରେଟ୍ ପୋଲିସ ପକ୍ଷରୁ କଟକ ଡିସିପିଙ୍କ କାର୍ଯ୍ୟାଳୟ ପରିସରରେ ଉଦ୍ଧାର ସାମଗ୍ରୀ ଫେରସ୍ତ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ବାଇକ୍, ସାଇକେଲ୍ ଓ ମୋବାଇଲ୍‌କୁ ପୋଲିସ ପକ୍ଷରୁ ଉଦ୍ଧାର କରାଯାଇ ପ୍ରକୃତ ମାଲିକମାନଙ୍କୁ ଫେରସ୍ତ କରାଯାଇଛି। ପ୍ରାୟ ୨୭ ଲକ୍ଷ ଟଙ୍କା ମୂଲ୍ୟର ୧୮୧ଟି ମୋବାଇଲ୍, ୨୦ ବାଇକ୍ ଏବଂ ୭ଟି ସାଇକେଲ୍ ପ୍ରକୃତ ମାଲିକଙ୍କୁ ଡିସିପି ପିନାକ ମିଶ୍ର ଉପସ୍ଥିତ ରହି ଫେରସ୍ତ କରିଥିଲେ। ଚୌଦ୍ୱାର ଥାନା ପୋଲିସ ସର୍ବାଧିକ ୩୧ଟି ମୋବାଇଲ୍ ଓ ବିଡ଼ାନାଶୀ ପୋଲିସ ୨୬ଟି ମୋବାଇଲ୍ ଉଦ୍ଧାର କରିଥିବା ଜଣାପଡ଼ିଛି।

# ଫୁଟ୍‌ବଲ୍ ଟୁର୍ନାମେଣ୍ଟ: ବିର୍ସା ମୁଣ୍ଡା ଟିମ୍ ଚାମ୍ପିୟନ

**ଖୁଣ୍ଟୁଣୀ,୧୮।୧୨(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ଓରନ୍ଦା ପଞ୍ଚାୟତ ଅନ୍ତର୍ଗତ କପୁରସିଂ ଗ୍ରାମ ଖେଳ ପଡ଼ିଆରେ ଶ୍ରୀଜଗନ୍ନାଥ ଯୁବ ସଂସଦ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ମୁଷୁଳିଆର ମା' ବନଦୁର୍ଗା ବିର୍ସା ମୁଣ୍ଡା କ୍ଲବ୍ ୨-୦ ଗୋଲ୍‌ରେ ଓରନ୍ଦା ସମ୍ଭେଶ୍ୱର କ୍ଲବ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମାର୍ଦ୍ଧରେ ବିର୍ସା ମୁଣ୍ଡା ଟିମ୍‌ର ଖେଳାଳୀ ସାମ ମୁର୍ମୁ ପ୍ରଥମ ଗୋଲ୍ ଓ ଯୁବ ଫରୱାର୍ଡ ଦାରା ସିଂ ଦ୍ୱିତୀୟ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆଇନଜୀବୀ ତଥା ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କପୁରସିଂ ଗ୍ରାମ କମିଟି ସଭାପତି ସୁନୀଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଗ୍ରାମ ମୁରବୀ କୃଷ୍ଣଚନ୍ଦ୍ର ସାମଲ, ଦିବାକର ପ୍ରଧାନ, ଓରନ୍ଦା ପଞ୍ଚାୟତ ବିଜେଡି ସଭାପତି ଜ୍ଞାନରଞ୍ଜନ ପଟ୍ଟନାୟକ, କେଶବ ଚନ୍ଦ୍ର ଦଳେଇ, ସମିତି ସଭ୍ୟ ଚିନ୍ମୟୀ ବିଶ୍ୱାଳ, ଛଅଗାଁ ସରପଞ୍ଚ ତୁଷାରକାନ୍ତ ସାହୁ, ପ୍ରଶାନ୍ତ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଞ୍ଜୀବ ଦାଶ, ଅରୁଣ ନାୟକ, ସେକ୍ ମୋକିମ ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ଶ୍ରୀଜଗନ୍ନାଥ ଯୁବ ସଂସଦର କାର୍ଯ୍ୟକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।



କପୁରସିଂ ଖେଳ ପଡ଼ିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# 'କଳା, ସଂସ୍କୃତିର ଗନ୍ତାଘର ଓଡ଼ିଶା'

### ହାଇକୋର୍ଟର ଜୁଡିସିଆଲ କ୍ୟାଲେଣ୍ଡର ଉନ୍ମୋଚିତ

**କଟକ ଅଫିସ,୧୮।୧୨**

ଓଡ଼ିଶା ଜୁଡିସିଆଲ ଏକାଡେମୀ ସମ୍ମିଳନୀ କକ୍ଷରେ ହାଇକୋର୍ଟ ପକ୍ଷରୁ ଆଗାମୀ ନୂତନ ଇଂଲିଶ ବର୍ଷ ନିମନ୍ତେ ଜୁଡିସିଆଲ କ୍ୟାଲେଣ୍ଡର ରବିବାର ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ସେ କହିଥିଲେ, କଳା, ସଂସ୍କୃତିର ଗନ୍ତାଘର ହେଉଛି ଓଡ଼ିଶା। ଏ ରାଜ୍ୟର ଗୋଟେ ସ୍ୱତନ୍ତ୍ରତା ରହିଛି। ଏଥିରେ ସ୍ଥାନିତ ପ୍ରକୃତି ଓ ବନ୍ୟପ୍ରାଣୀ ଶୀର୍ଷକ ଚିତ୍ରଗୁଡ଼ିକ ବିଦ୍ୟାଳୟର ପିଲାମାନେ ତୂଳୀରେ ସଜେଇଥିବାରୁ ସେମାନଙ୍କୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ।

ହାଇକୋର୍ଟ ଜୁଡିସିଆଲ କ୍ୟାଲେଣ୍ଡରରେ ପ୍ରଚ୍ଛଦପଟ ଚିତ୍ର ଚୟନ ନିମନ୍ତେ ଗତ ନଭେମ୍ବର ୧୨ ତାରିଖରେ ୭ମରୁ ୧୦ମ ସ୍କୁଲ ପିଲାମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଜିଲାକୋର୍ଟଗୁଡ଼ିକ ଦ୍ୱାରା କରାଯାଇଥିଲା। ପ୍ରକୃତି ଓ ବନ୍ୟପ୍ରାଣୀ ଶୀର୍ଷକ ଚିତ୍ରାଙ୍କନ




ଓଡ଼ିଶା ଜୁଡିସିଆଲ ଏକାଡେମୀ ସମ୍ମିଳନୀ କକ୍ଷରେ ଅତିଥିମାନେ ଜୁଡିସିଆଲ କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।

### ପ୍ରକୃତି ଓ ବନ୍ୟପ୍ରାଣୀଙ୍କ ଛବି ତୂଳୀରେ ଆଙ୍କିଥିଲେ ଛାତ୍ରୀଛାତ୍ର

ପ୍ରତିଯୋଗିତାରେ ଓଡ଼ିଶାରୁ ୧୪୭୭ ଜଣ ପିଲା ଅଂଶଗ୍ରହଣ କରିଥିଲେ। ପ୍ରତି ଜିଲାରୁ ୩ଟି ଲେଖାଏ ଶ୍ରେଷ୍ଠ ଚିତ୍ରାଙ୍କନ ଚୟନ କରାଯାଇ ମୋଟ ୯୦ ଜଣ ପ୍ରତିଯୋଗୀଙ୍କ ଚିତ୍ରାଙ୍କନକୁ ହାଇକୋର୍ଟ ଅଣାଯାଇଥିଲା। ସେଥିମଧ୍ୟରୁ ୧୨ଟିକୁ ଚୟନ କମିଟି ଦ୍ୱାରା ଜୁଡିସିଆଲ କ୍ୟାଲେଣ୍ଡର ନିମନ୍ତେ ବଛାଯାଇଥିଲା। କେନ୍ଦ୍ରାପଡ଼ାର ଶିବାଶିଷ ଦାସ, କଳାହାଣ୍ଡିର ଶୁଭ ଓମ୍‌କାର ରଥ, ଅନୁଗୋଳର ଆଶୀର୍ବାଦ ଦାସ, ଯାଜପୁରର ସାଇ ଅର୍ପିତା ମହାପାତ୍ର, ନୂଆପଡ଼ାର ଅନିନ୍ଦିତା ଦାସ, ବାଲେଶ୍ୱରର ଶ୍ରୁତି ପ୍ରିୟଦର୍ଶିନୀ, ଢେଙ୍କାନାଳର ଓମ୍ ପ୍ରସାଦ ସ୍ୱାଇଁ, ମାଲକାନଗିରିର ରିଙ୍କୁ ସିସା, ଭଦ୍ରକର ମନସ୍ମିତା ବେହେରା, ଗଜପତିର ଅଜୁ ଶବର, ଅନୁଗୋଳର ସୋନାଲି ଲେମକା ଓ ବରଗଡ଼ର ପ୍ରିୟାଂଶୀ ପଟ୍ଟନାୟକଙ୍କ ଚିତ୍ରାଙ୍କନ ଏଥିରେ ସ୍ଥାନ ପାଇଛି। ଜୁଡିସିଆଲ ଏକାଡେମୀଠାରେ ଆୟୋଜିତ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ପ୍ରଖ୍ୟାତ ଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି, ଓଡ଼ିଶୀ ନୃତ୍ୟ ବିଶାରଦ ତଥା ଶିକ୍ଷାବିତ୍ ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି ଓ ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ହାଇକୋର୍ଟର ପୂର୍ବତନ ବିଚାରପତି, ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ଫର୍ ଓଡ଼ିଶା, ହାଇକୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତା ଓ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଜୁଡିସିଆଲ କ୍ୟାଲେଣ୍ଡର କମିଟି ଅଧ୍ୟକ୍ଷ ତଥା ବିଚାରପତି ସଙ୍ଗମ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ବିଚାରପତି ଭି. ନରସିଂହ ଓ ସାବିତ୍ରୀ ରଥ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଚାରପତି ଗୌରୀଶଙ୍କର ଶତପଥୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଜୁଆଆଡ୍ଡାରେ ଚଢ଼ାଉ, ୧୦ ଗିରଫ

ଭୁବନେଶ୍ୱର,୧୮।୧୨ (ବ୍ୟୁରୋ) : କ୍ୟାପିଟାଲ ଥାନା ପୋଲିସ ଜୁଆଆଡ୍ଡାରେ ଚଢ଼ାଉ କରି ୧୦ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ସେମାନେ ହେଲେ ବିହାର ରାଜ୍ୟର ସୁଗନ୍ଧ ରଜକ, କଟକର ସୁରେଶ ଚନ୍ଦ୍ର ମଲ୍ଲିକ, ମଦନ ସାହୁ ଏବଂ ସୁଶାନ୍ତ କୁମାର ସାହୁ । ସେହିପରି ପୁରୀର ଧନେଶ୍ୱର ନାଥ ଏବଂ ପ୍ରତାପ ସାହୁ , ଜଗସିଂପୁରର ଭରତ ରାୟ ,ବାଲିପାଟଣାର ସିଲୁ ଦତ୍ତ, କେନ୍ଦ୍ରାପଡାର ସୁବ୍ରତ ମହାପାତ୍ର, ଭଦ୍ରକର ସନ୍ତୋଷ ଦାଶ । ଏମାନଙ୍କଠାରୁ ୧୫ ହଜାର ୪୩୦ ଟଙ୍କା, ୪ ବଣ୍ଡଲ ତାସ,କାଲୁକଲେଟର ,୩ ଟି ରେଜିଷ୍ଟର ଜବତ କରାଯାଇଛି । ଚଢ଼ାଉ ସମୟରେ ଅଭିଯୁକ୍ତଙ୍କୁ କାବୁ ପରେ ବି ଜୀବନରୁ ମାରି ଦେବାଲାଗି ଧମକ ଦେଇଥିଲେ। ସମସ୍ତ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

### ରାମକୃଷ୍ଣ ସେବାଶ୍ରମରେ ମା'ସାରଦାଙ୍କ ଜନ୍ମୋତ୍ସବ

ବୋଲଗଡ଼,୧୮।୧୨(ଡି.ଏନ୍.ଏ.): ବୋଲଗଡ ବ୍ଲକ ଟିକାତାଲସ୍ଥ ରାମକୃଷ୍ଣ ସେବାଶ୍ରମରେ ମା' ସାରଦା ଦେବୀଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବାସୁଦେବ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅଧାପିକା ଜୟନ୍ତୀ ସାହୁ, ମୁଖ୍ୟବକ୍ତା କନିଷ୍ଠ ଯନ୍ତ୍ରୀ ବନ୍ଦିତା ବଳିୟାରସିଂହ ଯୋଗଦେଇ ଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ମହାପାତ୍ର ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଶେଷଲତା ମହାପାତ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସ୍ୱାମୀ ଭାଗବତାନନ୍ଦ ମହାରାଜ ମା'ସାରଦାଙ୍କ ସାଧନା ଓ ଜୀବନ ସମସ୍ତଙ୍କର ଆଦର୍ଶ ହେଉ ବୋଲି ମତବ୍ୟକ୍ତ କରିଥିଲେ। ପଦ୍ମଚରଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ଅଲ୍ ଇଣ୍ଡିଆ ରେଲୱେ ଫୁଟବଲ ଚାମ୍ପିୟନଶିପ ଉଦ୍‌ଘାଟିତ

ଜଟଣୀ,୧୮।୧୨(ଡି.ଏନ୍.ଏ.): ପୂର୍ବତଟ ରେଲୱେ ସ୍ପୋର୍ଟସ ଆସୋସିଏଶନ ଖୋର୍ଦ୍ଧାରୋଡ୍ ଦ୍ୱାରା ଆୟୋଜିତ ୭୮ତମ ଅଲ୍ ଇଣ୍ଡିଆ ରେଲୱେ ଫୁଟବଲ ଚାମ୍ପିୟନସିପ ରବିବାର ରେଲୱେ ଷ୍ଟାଡିୟମ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ ସଭାପତି ଶୁଭଲକ୍ଷ୍ମୀ ଜେନା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) କଲ୍ୟାଣ ପଟ୍ଟନାୟକ, କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ ଏଚ୍. ବି ବଶ୍ୱାଳ, ଶାଖା ଅଧିକାରୀ ଏବଂ ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏଶନର ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଚିତ୍ତରଞ୍ଜନ ଲୋକୋ ମୋଟିଭ ୱାର୍କସ ଏବଂ ଦକ୍ଷିଣ କେନ୍ଦ୍ରୀୟ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚିତ୍ତରଞ୍ଜନ ଲୋକୋ ମୋଟିଭ ୱାର୍କସ ୪-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ମେଟ୍ରୋ ରେଳ କୋଲକାତା ଏବଂ ରେଳ କୋଚ କାରଖାନା କାପୁରତାଲା ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମେଟ୍ରୋ ରେଲୱେ କୋଲକାତା ପେନାଲ୍ଟି ସୁଟଆଉଟରେ ୪-୫ ଗୋଲରେ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ କ୍ରୀଡା ସଚିବ ଏମ୍.ଜାକିରୁଦ୍ଦିନ, ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏଶନର ସଦସ୍ୟଙ୍କ ଦ୍ୱାରା ପରିଚାଳିତ ହେଉଛି।

# ମହୋତ୍ସବରେ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୧୮।୧୨

ଖୋର୍ଦ୍ଧା ହାବେଳି ପଡ଼ିଆରେ ଚାଲିଥିବା ଖୋର୍ଦ୍ଧା ମହୋତ୍ସବ ପରିସରରେ ସମଗ୍ର ଶିକ୍ଷା ଅଭିଯାନ ତରଫରୁ ବିଭିନ୍ନ ଶିକ୍ଷଣୀୟ ବାର୍ତ୍ତା ନେଇ ଷ୍ଟଲ୍ ଖୋଲାଯାଇଛି। ଶିକ୍ଷା ହେଉଛି ସଫଳତାର ମାର୍ଗ। ଭବିଷ୍ୟତ ଗଠନ ଲାଗି ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ। ଶିକ୍ଷା ସମାଜର ଅନ୍ଧକାରମୟ ପଥରୁ ଆଲୋକର ବାଟ ଦେଖାଇଥାଏ। ମାଟିପିଣ୍ଡୁଳା ସଦୃଶ କୁନି ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ହିଁ ଦେଇଥାଏ ଉତ୍ତମ ଆଚରଣ, ସଂସ୍କାର, ଆଦର୍ଶ ଓ ବିବେକ ଭଳି ଅନେକ ସମ୍ପଦ। ଖୋର୍ଦ୍ଧା ମହୋତ୍ସବକୁ ବୁଲିବାକୁ ଆସୁଥିବା ପରିବାର, ଅଭିଭାବକ, ଅଭିଭାବିକାଙ୍କୁ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଶିକ୍ଷା ସଚେତନ କରାଯାଉଛି। ଗୁଣାତ୍ମକ ଶିକ୍ଷାକୁ ନିଶ୍ଚିତ କରିବା ପାଇଁ ଏଭଳି ଅଭିନୟ ପ୍ରୟାସ ଆରମ୍ଭ ହୋଇଛି। ଆନନ୍ଦମୟ ଶିକ୍ଷା, ଅନ୍‌ଲାଇନ୍ ୟୁଟ୍ୟୁବ୍ କ୍ଲାସର ସିଧା ପ୍ରସାରଣ, ଶିକ୍ଷାଦର୍ପଣ, ରେଡିଓ ପାଠଶାଳା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ, ପ୍ରତିକାରାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମ, ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଓ ସହବୌଦ୍ଧିକ ଅଗ୍ରଗତିର ସମୀକ୍ଷା ତଥା କାର୍ଯ୍ୟକଳାପ ତଦାରଖ ସହ ପରିଚାଳନା, ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର ଶିକ୍ଷଣ ମାଧ୍ୟମରେ ମୁଖ୍ୟସ୍ରୋତକୁ ଆଣିବାର ବ୍ୟବସ୍ଥା କରାଯାଉଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ଓ ପୋଷାକ ବିତରଣ, ଓଡ଼ିଶା କ୍ୟାରିୟର୍ ପୋର୍ଟାଲ ଗଠନ, ମଧ୍ୟାହ୍ନ ଭୋଜନ, ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ, ଆକାଂକ୍ଷା, ଶ୍ରେଣୀଗୃହ ଶିକ୍ଷଣରେ ସାମିଲ ହେବା ଓ ବାସ୍ତବ ଶିକ୍ଷଣ ପରିବେଶରେ ପାଠ ପଢ଼ିବା, ବିଦ୍ୟାଳୟକୁ ହଁ ବାଲ୍ୟବିବାହକୁ ନା', ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ, ମୌଳିକ ସଂଖ୍ୟା ଓ ସାକ୍ଷରତା ଜ୍ଞାନ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ସଞ୍ଚାଳନ କରୁଛନ୍ତି।

## ଷ୍ଟଲ ବୁଲୁଛନ୍ତି ପରିବାର, ଅଭିଭାବକ



ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଭରତ ଚନ୍ଦ୍ର ପ୍ରଧାନ, ସିଆର୍‌ସିସି ଯୁଧିଷ୍ଠିର ସାହୁ, ପ୍ରଦ୍ୟୁମ୍ନ ମିଶ୍ର, ଅମୀୟ କୁମାର ପରିଡ଼ା, ଧ୍ରୁବଚରଣ ରଣା, ରେବତୀ ପଣ୍ଡା, ରବିନାରାୟଣ ପଣ୍ଡା, ରବି ନାରାୟଣ ସାହୁ, ଭାଗ୍ୟଶ୍ରୀ ମହାପାତ୍ର, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ବିକାଶ ମୁଦୁଲି, ସୁଶାନ୍ତ ସାହୁ, ଅମୀୟ ଜେନା ଏବଂ ରବୀନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଖୋର୍ଦ୍ଧା: ହାବେଳି ପଡ଼ିଆରେ ଅନୁଷ୍ଠିତ ଖୋର୍ଦ୍ଧା ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ କୁନି କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

# ଟ୍ରେନ୍‌ରେ ବଢୁଛି ଚୋରି, ଯାତ୍ରୀ ଅସୁରକ୍ଷିତ

ବାଲୁଗାଁ,୧୮।୧୨(ଡି.ଏନ୍.ଏ.)

ପୂର୍ବତଟ ରେଲ୍‌ୱେ ଅଧୀନ ପୁରୀଠାରୁ ଖୋର୍ଦ୍ଧାରୋଡ୍ ଏବଂ ବାଲୁଗାଁ ଷ୍ଟେଶନ ମଧ୍ୟରେ ଏକ ଲୁଟେରା ଦଳ ସକ୍ରିୟ ହୋଇଉଠିଛନ୍ତି। ଯାତ୍ରୀଙ୍କୁ ନିଶା ଦେଇ ବାରମ୍ବାର ଲୁଟ୍ କରୁଥିଲେ ମଧ୍ୟ ଲୁଟେରାଙ୍କୁ ଠାବ କରିବାରେ ରେଲୱେ ପୋଲିସ ବିଫଳ ହୋଇଛି। ପ୍ରକାଶ ଯେ, ଗତ ଗୁରୁବାର ମଧ୍ୟାହ୍ନରେ ବାଲୁଗାଁ ଅଞ୍ଚଳର କରାଟେ ପ୍ରଶିକ୍ଷକ ଦୀପକ ସାମନ୍ତରାୟ ପୁରୀ-ଗୁଣପୁର ଏକ୍ସପ୍ରେସ୍ ଟ୍ରେନ୍ ଯୋଗେ ବାଲୁଗାଁ ଆସୁଥିଲେ। ସାକ୍ଷୀଗୋପାଳ ଷ୍ଟେଶନ ନିକଟରେ ଜଣେ ଯାତ୍ରୀ ଦୀପକଙ୍କ ସହ ବନ୍ଧୁତା ସ୍ଥାପନ କରିବା ପରେ ଏକ ପଇଡ଼ ପିଇବା ପାଇଁ ଯାଚିଥିଲେ। ଦୀପକ ପ୍ରଥମେ ମନା କରିଥିଲେ ମଧ୍ୟ କୌଶଳକ୍ରମେ ଯାତ୍ରୀ ଜଣଙ୍କ ବିଶ୍ୱାସ ଜନ୍ମାଇ ପଇଡ଼ ପିଆଇବାରେ ସକ୍ଷମ ହୋଇଥିଲା। ଏହାପରେ ଦୀପକ ଅଚେତ ହୋଇପଡ଼ିଥିଲେ। ଏହି ସୁଯୋଗରେ ଯାତ୍ରୀ ଜଣଙ୍କ ଦୀପକଙ୍କ ମୋବାଇଲ ଫୋନ୍ ଓ ସୁନାଚେନ୍ ଲୁଟି ନେଇଥିଲ। ଅନ୍ୟପଟେ ଟ୍ରେନ୍‌ଟି ନିର୍ଦ୍ଧାରିତ ସମୟରେ ବାଲୁଗାଁ ପହଞ୍ଚିଥିଲେ ମଧ୍ୟ ପ୍ରଶିକ୍ଷକ ନ ଓହ୍ଲାଇବାରୁ ଅପେକ୍ଷାରତ ଛାତ୍ରଙ୍କ ମନରେ ସନ୍ଦେହ ଉପୁଜିଥିଲା। ସଙ୍ଗେସଙ୍ଗେ ଛାତ୍ରମାନେ ପ୍ରଦୀପଙ୍କ ମୋବାଇଲକୁ ଫୋନ୍ କରିବାରେ ତାହା ସୁଇଚ୍ ଅଫ୍ ଆସିଥିଲା। ଏ ସମ୍ପର୍କରେ ବାଲୁଗାଁ ଥାନା ଏବଂ ରେଲୱେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ତେବେ ବିଭିନ୍ନ ଷ୍ଟେଶନରେ ରେଲୱେ ପୋଲିସ ଦୀପକଙ୍କ ଅନୁସନ୍ଧାନ ଜାରି ରଖିଥିବା ବେଳେ ରାତି ୧୧ଟାରେ ଦୀପକଙ୍କୁ ଅସୁସ୍ଥ ଅବସ୍ଥାରେ ବ୍ରହ୍ମପୁର ରେଲଷ୍ଟେଶନରୁ ଉଦ୍ଧାର କରାଯାଇଥିଲା। ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରେ ସେ ସୁସ୍ଥ ଅନୁଭବ କରିଥିଲେ। ଅନୁରୂପ ଭାବେ ଏକ ସପ୍ତାହ ପୂର୍ବେ ବ୍ରହ୍ମପୁର ଅଞ୍ଚଳର ଦମ୍ପତି ପୁରୀରୁ ଟ୍ରେନ୍‌ରେ ଫେରୁଥିଲେ। କଣାସ ଷ୍ଟେଶନଠାରେ କେହି ଦୁର୍ବୃତ୍ତ ଉକ୍ତ ଦମ୍ପତିଙ୍କୁ ପଇଡ଼ରେ ନିଶାଦେଇ ସୁନାଗହଣା ଏବଂ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା।

## ଅଟୋରେ ବ୍ରାଉନ୍‌ସୁଗାର ବେପାର, ଜଣେ ଗିରଫ

ଭୁବନେଶ୍ୱର,୧୮।୧୨ (ବ୍ୟୁରୋ)

ଅଟୋରେ ବ୍ରାଉନସୁଗାର ବେପାର କରୁଥିବା ଜଣେ ବ୍ୟକ୍ତିଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଶାନ୍ତିପଲୀ ବସ୍ତିରେ ରହୁଥିବା ପୁରୀ ଜିଲା ଡେଲାଙ୍କ ଥାନା ଅଞ୍ଚଳର କାଳିଆ ଓରଫ ସୁକାନ୍ତ ସେଠୀ । ତାଙ୍କଠାରୁ ୭ ଗ୍ରାମ ବ୍ରାଉନସୁଗାର,ଗୋଟିଏ ଅଟୋରିକ୍ସା ଓ ନଗଦ ୧୨୦୦ ଟଙ୍କା ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ବଡ଼ପାରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଟାଙ୍ଗୀ(ଖୋର୍ଦ୍ଧା),୧୮।୧୨(ଡି.ଏନ୍.ଏ.)

ରାଜ୍ୟସ୍ତରୀୟ ବଡ଼ପାରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଖଣ୍ଡପଡ଼ା ଫୁଟ୍‌ବଲ କ୍ଲବ ଏବଂ ଭୁବନେଶ୍ୱର ଶାନ୍ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଶାନ୍ କ୍ଲବ ୩-୧ ଗୋଲରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଅବିନାଶ ପଟ୍ଟନାୟକ, ବିପିନ କୁମାର ସାମନ୍ତରାୟ ଓ ଅନନ୍ତ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବାସନ୍ତୀ ମହାପାତ୍ର, ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ,

### ଶାନ୍ କ୍ଲବ ଭୁବନେଶ୍ୱର ଚାମ୍ପିୟନ

ଅନ୍ତର୍ଜାତୀୟ ଆଥ୍‌ଲେଟ ପାର୍ବତୀ ସେଠୀ, କ୍ରୀଡ଼ା ସଙ୍ଗଠକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ମହେନ୍ଦ୍ର କୁମାର ବିଶ୍ୱାଳ, ସଭାପତି ରମାକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ ଶାନ୍ କ୍ଲବର ବିଜୟ ବାରିକ ଏବଂ ଆଥ୍‌ଲେଟ ପାର୍ବତୀ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ନନ୍ଦକିଶୋର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ନରେଶ କ୍ଲବ ଚାମ୍ପିୟନ

## ଜାନକୀ ପାଢ଼ୀ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ

ବୋଲଗଡ଼,୧୮।୧୨(ଡି.ଏନ୍.ଏ.)

ବୋଲଗଡ଼ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ଜାନକୀ ବଲ୍ଲଭ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର କେରଙ୍ଗ(ଖୋର୍ଦ୍ଧା)ର ଅହମ୍ମଦୀୟା କ୍ଲବ ଏବଂ ଭଞ୍ଜନଗରର ନରେଶ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର ହୋଇଥିଲା। ନରେଶ କ୍ଲବ ୪-୨ ଗୋଲରେ ଅହମ୍ମଦୀୟା କ୍ଲବକୁ ପରାଜିତ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି।

ଏମ୍.ଏସ୍. ବେଗ୍ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍‌ସରେ ଲକ୍ଷ୍ମୀଧର ଚୌଧୁରୀ, ସଞ୍ଜୟ ଫତେସିଂହ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ସଞ୍ଜୀବ ପାଟ୍ଟଶାଣୀ ଦାୟିତ୍ୱ ତୁଲାଇଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇ ଚାମ୍ପିୟନ ନରେଶ କ୍ଲବକୁ କପ୍ ସହ ୬ ହଜାର ୫ଶହ ଏବଂ ରନର୍ସ ଅପ୍ ଅହମ୍ମଦୀୟା କ୍ଲବକୁ କପ୍ ସହିତ ୩ ହଜାର ୫ ଶହ ଟଙ୍କା ପ୍ରଦାନ କରିଥିଲେ। ଅହମ୍ମଦୀୟା କ୍ଲବର ରଫିକ ଟୁର୍ନାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ ହୋଇଥିଲେ। ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ପୂର୍ବତନ ସମିତିସଭ୍ୟ ବୀରକିଶୋର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପୂର୍ବତନ ଜିଲା ପରିଷଦ ସଭ୍ୟ ବାପି ପଟ୍ଟନାୟକ, ଫ୍ରେଣ୍ଡ୍‌ସ କ୍ଲବର ସମ୍ପାଦକ ଭଞ୍ଜକିଶୋର ଯତି, ରାକେଶ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଫ୍ରେଣ୍ଡ୍‌ସ କ୍ଲବର ସମସ୍ତ ସଦସ୍ୟ ଏବଂ ସ୍ଥାନୀୟ ଗ୍ରାମବାସୀ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

## ଖଣ୍ଡପଡ଼ାକୁ ହରାଇ ନରେନ୍ଦ୍ରପୁର ବିଜୟୀ

ବୋଲଗଡ଼,୧୮।୧୨(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ଟାଙ୍ଗୀ ପଡ଼ିଆରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରଫୁଲ୍ଲ ଦେଓ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ନିରଞ୍ଜନ ନାୟକ, ପ୍ରମୋଦ କୁମାର ସ୍ୱାଇଁ, ବ୍ରଜବିହାରୀ ସୁବୁଦ୍ଧି, ପ୍ରହଲ୍ଲାଦ ମଙ୍ଗରାଜ, ପାଣ୍ଡବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଖଣ୍ଡପଡ଼ା ଓ ନରେନ୍ଦ୍ରପୁର ଟିମ୍ ମଧ୍ୟରେ ହୋଇଥିଲା। ନରେନ୍ଦ୍ରପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୬ ଉଇକେଟ ବିନିମୟରେ ୧୦୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଖଣ୍ଡପଡ଼ା ୧୮ ଓଭରରେ ୭ ଉଇକେଟ ହରାଇ ୯୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଭଗବାନ ମଙ୍ଗରାଜ ଓ ଲକ୍ଷ୍ମୀଧର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଶାନ୍ତନୁ ଛୋଟରାୟ ଧାରା ବିବରଣୀ ପ୍ରଦାନ କରିଥିଲେ। ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର୍ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର ଘୋରଡ଼ିଆ ଏବଂ ଜଟଣୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

## ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ

# ଉତ୍କଳ ସ୍ପୋର୍ଟିଂ କ୍ଲବ୍ ଚାମ୍ପିୟନ

ଝାଁଲା,୧୮।୧୨(ଡି.ଏନ୍.ଏ.)

ରାଧାଚରଣପୁର ଖେଳପଡ଼ିଆରେ ଚାଲିଥିବା ୨୪ତମ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ଜଟଣୀ ଉତ୍କଳ ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର ହୋଇଥିଲା। ଟାଇବ୍ରେକରରେ ମଧ୍ୟ ଉଭୟ ଟିମ୍ ସମାନ ଗୋଲ ଦେଇଥିଲେ। ଏହାପରେ ଟାଇବ୍ରେକରର ସଡନ ଡେଥ୍ ପଦ୍ଧତିରେ ୭-୬ ଗୋଲରେ କଳିଙ୍ଗ ସ୍ପୋର୍ଟିଂ କ୍ଲବକୁ ପରାଜିତ କରି ଉତ୍କଳ ସ୍ପୋର୍ଟିଂ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଶ୍ରେଷ୍ଠ ଖେଳାଳି ଚନ୍ଦନ ନାୟକ, ଫରୱାର୍ଡ ସଞ୍ଜୟ ଜାଲି, ଗୋଲକିପର ଭାବେ ପଦ୍ମନାଭ ସାହୁ ବିବେଚିତ ହୋଇଥିଲେ। ଅଶୋକ କଅଁର, ଗିରିଶ୍ ଜାନି, ବିଦେଶୀ ନାୟକ, ପ୍ରଫୁଲ୍ଲ କୁମାର ବେହେରା ଓ ଦୟାନ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଶବର କ୍ଲବ୍ ସମ୍ପାଦକ ବିଜୟ ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ସୁବ୍ରତ୍ ଶେଖର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଶାସକ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ବିଜେଡି ନେତା ବିଭୂତି ଭୂଷଣ ବଳବନ୍ତରାୟ, ଝାଁଲା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ଅଜିତ ସାମନ୍ତରାୟ, ଯମୁନାରାଣୀ ବେହେରା, ଅକ୍ଷୟ ସେନାପତି, ସୂର୍ଯ୍ୟକାନ୍ତ ବେହେରା ଓ ରାଜକିଶୋର ସ୍ୱାଇଁ ଯୋଗଦେଇ ରନର୍ସଅପ ଦଳକୁ ଟ୍ରଫି ସହ ୧୦ ହଜାର ଏବଂ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହିତ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି ଏବଂ ଅନ୍ୟମାନେ।

## ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

# ଚେନ୍ନାଇ ପୋଲିସ ବିଜୟୀ



ମ୍ୟାଚ୍‌ରେ ଯୋଗଦେଇଥିବା ଖେଳାଳି ଏବଂ ଅନ୍ୟମାନେ।

ଟାଙ୍ଗୀ(ଖୋର୍ଦ୍ଧା),୧୮।୧୨(ଡି.ଏନ୍.ଏ.)

କୁହୁଡ଼ି ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ପୋଲିସ ୧-୦ ଗୋଲରେ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ କୋଲ୍‌କାତାକୁ ପରାଜିତ କରି ବିଜୟୀ ହୋଇଛି। ପ୍ରଥମାର୍ଦ୍ଧରେ ଚେନ୍ନାଇ ପୋଲିସ ଦଳର ମୋନିସ ସୋରେନ ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଭୀମ କୁମାର ଛତ୍ରୀ, ଶଶିକାନ୍ତ ଦାସିଆ, ବିଜୟ ମଙ୍ଗରାଜ ଓ ଦିଲୀପ କୁମାର ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଥିଲେ ଅପର୍ତ୍ତି ବେହେରା। ଅତିଥିଭାବେ ମାଉଣ୍ଟ ଲିଟେରା ଜି ସ୍କୁଲର ଅଧ୍ୟକ୍ଷ ସୁବୋଧ ମିଶ୍ର, ବ୍ୟବସାୟୀ ତୟବ୍ ଖାଁ, ବିପିନ ଉଦୟସିଂ, କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମାନସିଂହ, ସମ୍ପାଦକ ମନୋଜ କୁମାର ମାନସିଂହ, କମଳାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୋମବାର ଇମାମି ଇଷ୍ଟ ବେଙ୍ଗଲ ଏବଂ ପଞ୍ଜାବ ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି।

# ପର୍ଯ୍ୟଟନସ୍ଥଳୀରେ ନାହିଁ ଗହଳଚହଳ

ଖୋର୍ଦ୍ଧା ଅଫିସ,୧୮।୧୨

ପର୍ଯ୍ୟଟନ ମାନଚିତ୍ରରେ ଖୋର୍ଦ୍ଧା ଜିଲାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପର୍ଯ୍ୟଟନ ଋତୁରେ ବିଶେଷକରି ଡିସେମ୍ବର ଓ ଜାନୁୟାରୀ ମାସରେ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପ୍ରବଳ ଭିଡ଼ ହୋଇଥାଏ। କରୋନା କଟକଣା ଲାଗି ଦୁଇବର୍ଷ ପର୍ଯ୍ୟଟନସ୍ଥଳୀଗୁଡ଼ିକ ବନ୍ଦ ରହିବା ପରେ ଏବେ କଟକଣା ହଟିଛି। ଏହାସତ୍ତ୍ୱେ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବରୁଣେଇ ପାହାଡ଼, ମା'ଉଗ୍ରତାରା, ଗଡ଼ମାଣିତ୍ରୀ, ମା' ରାମଚଣ୍ଡୀ ପୀଠ, ଅତ୍ରି, ମଙ୍ଗଳାଯୋଡ଼ି ପ୍ରଭୃତି ସ୍ଥାନରେ ଏପର୍ଯ୍ୟନ୍ତ ବିଶେଷ ଭିଡ଼ ପରିଲକ୍ଷିତ ହୋଇନାହିଁ।

ବରୁଣେଇ ପୀଠର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ଏଠାରେ ବଣଭୋଜିର ଆସର ଜମେ। ତେବେ ସମ୍ପ୍ରତି ଏଠାକାର ପରିବେଶ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଳିଆ ପଡ଼ିରହିଥିବାବେଳେ ଚାରିଆଡ଼େ ଅନାବନା ଗଛଲତା ମାଡ଼ିଗଲାଣି। ଝରଣା ସ୍ଥାନରେ ଶିଉଳିର ଆସ୍ତରଣ ପଡ଼ିଗଲାଣି। ସେହିପରି ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ଥିବାବେଳେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ପାଣିଟ୍ୟାପ୍ ଭାଙ୍ଗିଯାଇଛି। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଠାକୁ ବୁଲି ଆସିଥିବା କଟକର ପ୍ରମୋଦ ସାହୁ କହିଛନ୍ତି, ସରକାର ଏହି ପର୍ଯ୍ୟଟନସ୍ଥଳ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ନଚେତ ଖୁବ୍‌ଶୀଘ୍ର ମାନ ହରାଇ ବସିବ। ସେହିପରି ବରିଷ୍ଠ ବୁଦ୍ଧିଜୀବୀ ପ୍ରଫୁଲ୍ଲ ସାମନ୍ତରାୟ କହିଛନ୍ତି, ଏହି ପ୍ରମୁଖ ପର୍ଯ୍ୟଟନ ସ୍ଥଳର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଗବେଷକ ଗୋପାଳକୃଷ୍ଣ ଦାସ ଏବଂ ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂ କହିଛନ୍ତି, ପାଇକ ବିଦ୍ରୋହର ମୂକସାକ୍ଷୀ ଭାବେ ଏହି ପାହାଡ଼ ଦଣ୍ଡାୟମାନ ରହିଛି। ଏହି ଐତିହାସିକ ସ୍ଥାନରେ ସୀତାକୁଣ୍ଡ, ପାଣ୍ଡବ ଗୁମ୍ଫା ସମେତ ବୌଦ୍ଧ କୀର୍ତ୍ତିରାଜି ରହିଛି। ଏହାର ପୁନରୁଦ୍ଧାର କରାଯିବା ଉଚିତ। ଯୁବ ସାମାଜିକ କର୍ମୀ ଗୋପାଳ ଦାସ କହିଛନ୍ତି, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଏହି ପର୍ଯ୍ୟଟନସ୍ଥଳୀ ଏବେ ଅବହେଳିତ ଅବସ୍ଥାରେ ରହିଛି। ସେହିଭଳି ଭାଜପା ନେତା ଶ୍ରୀରଞ୍ଜନ ମଙ୍ଗରାଜ ଏହି ଐତିହ୍ୟ ସ୍ଥାନର ବିକାଶ ପ୍ରତି କେବେ ସରକାରଙ୍କ ନଜର ପଡିବ ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ବରୁଣେଇରେ ସ୍ମାର୍ଟ ପାର୍କ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପାହାଡ ଉପରକୁ ରାସ୍ତା ନିର୍ମାଣକୁ ତ୍ୱରାନ୍ୱିତ କରାଯିବା ସହ ଏହାର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି, ବରୁଣେଇ ପୀଠର ବିକାଶ ଲାଗି ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯିବ। ଆଗାମୀ ଦିନରେ ଏହି ସ୍ଥାନର ଅଧିକ ବିକାଶ ଲାଗି ପଦକ୍ଷେପ ନିଆଯିବ। ଗଡ଼ମାଣିତ୍ରୀ ରାମଚଣ୍ଡୀ, ମା' ଉଗ୍ରତାରା ପୀଠ ଓ କାଳିଜାଇ ମନ୍ଦିରରେ ମଧ୍ୟ ପର୍ଯ୍ୟଟକଙ୍କ ଗହଳି ଲାଗିନାହିଁ। ଚିଲିକାରେ ପ୍ରାୟ ୮୦ ପ୍ରଜାତିର ୭ଲକ୍ଷ ପକ୍ଷୀଙ୍କ ସମାଗମ ହେଲାଣି। ଚିଲିକାର ମନୋରମ ପରିବେଶ ଓ ମଙ୍ଗଳାଯୋଡ଼ିରେ ବିଦେଶୀ ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଠାରେ ଏପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଗହଳଚହଳ ଲାଗିନାହିଁ। ପର୍ଯ୍ୟଟକ ଆସିଲେ ବାର୍ଡ ଗାଇଡ୍ ଏବଂ ଡଙ୍ଗାଚାଳକମାନେ ଭଲ ରୋଜଗାର କରିଥାନ୍ତି। ତେବେ ପର୍ଯ୍ୟଟକ ନ ଥିବାରୁ ଏମାନେ ହାତବାନ୍ଧି ବସିଛନ୍ତି। ରାଜ୍ୟର ଅନ୍ୟତମ ପର୍ଯ୍ୟଟନ ସ୍ଥଳ ଅତ୍ରି ଉଷ୍ଣପ୍ରସ୍ରବଣ। ଏଠାରେ ସ୍ନାନ କଲେ ଚର୍ମରୋଗ ଦୂର ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। ଅତ୍ରି ସମେତ ରୁଦ୍ର ହଟ୍ଟକେଶ୍ୱରଙ୍କ ପୀଠ ସ୍ଥଳ ଖାଁ ଖାଁ ରହିଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୮।୧୨।୨୦୨୨

| | |
|---|---|
| ୫,୦୪,୮୫୨ ଟଙ୍କା | |
| ସୁନା | ୪.୮୦୦ ଗ୍ରାମ୍ |
| ରୁପା | ୭.୨୦୦ ଗ୍ରାମ୍ |

# ଭାଗନେଲେ ୨୨ ପ୍ରଜାତିର ୨୪୦ରୁ ଊର୍ଦ୍ଧ୍ୱ କୁକୁର

## ପୁରୀ କେନେଲ କ୍ଲବ୍ ପକ୍ଷରୁ ଜିଲାସ୍ତରୀୟ ଡଗ୍ ଶୋ'

ପୁରୀ ଅଫିସ, ୧୮।୧୨:

ପୁରୀ କେନେଲ କ୍ଲବ୍ ପକ୍ଷରୁ ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଇନ୍‌ଡୋର ଷ୍ଟାଡିୟମରେ ରବିବାର ତୃତୀୟ ଡଗ୍ ଶୋ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର ପଣ୍ଡା ଓ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିଲେ। ଏହି ଡଗ୍ ଶୋ' ଆୟୋଜନକୁ ଅତିଥିମାନେ ପ୍ରଶଂସା କରିଥିଲେ। କୁକୁରଙ୍କ ବିଷୟରେ ସଚେତନତା ସୃଷ୍ଟି ସହ କୁକୁରପ୍ରେମୀଙ୍କୁ ଆକର୍ଷିତ କରାଇବା ଉଦ୍ଦେଶ୍ୟରେ ଏହି ଡଗ୍ ଶୋ' ଆୟୋଜିତ ହୋଇଥିଲା। ଏକସଙ୍ଗରେ ଭିନ୍ନ ଭିନ୍ନ ପ୍ରଜାତିର କୁକୁର ଏକତ୍ରିତ ହୋଇଥିବାବେଳେ ଏହା କୁକୁରପ୍ରେମୀଙ୍କୁ ଆକର୍ଷିତ କରିଥିଲା। ଡଗ୍ ଶୋ'ରେ ଜର୍ମାନ ଶେଫର୍ଡ, ଲାବ୍ରାଡର, ଗୋଲଡେନ ରିଟ୍ରାଏର, ବୁଲି, ଆମେରିକାନ ପିଟ ବୁଲ୍, ଫ୍ରେଞ୍ଚ ବୁଲ୍ ଡଗ୍, ବେଗଲ, ରୋଟ ହ୍ୱିଲର, ଜର୍ମାନ ସ୍ପିଜ୍ ଆଦି ୨୨ଟି ପ୍ରଜାତିର ୨୪୦ରୁ ଅଧିକ କୁକୁର ଭାଗ ନେଇଥିଲେ। ଏହି ଶୋ' ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଶୋ'ରେ ଭାଗ ନେଇଥିବା ସମସ୍ତ କୁକୁରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏଭଳି ଶୋ' କୁକୁରପ୍ରେମୀଙ୍କୁ ଆକର୍ଷିତ କରିଛି। କୁକୁରଙ୍କୁ ଲାଳନପାଳନ ଓ ସେମାନଙ୍କ ରକ୍ଷଣାବେକ୍ଷଣ ସମ୍ପର୍କରେ ସଚେତନ କରାଇବାରେ ଏହା ସହାୟକ ହୋଇଛି। ଏହି ଶୋ' ଦ୍ୱାରା କୁକୁରଙ୍କ ସମ୍ପର୍କରେ ଅନେକ କଥା ଜାଣିବାକୁ ମିଳିଥିବା ଲୋକେ ପ୍ରକାଶ କରିଛନ୍ତି। ଡଗ୍ ଶୋ'ର ବିଚାରକ ଭାବେ ସମ୍ବିତ ପଟ୍ଟନାୟକ ଓ ହରିଶଙ୍କର ପଟ୍ଟନାୟକ ଯୋଗଦେଇ ପ୍ରତ୍ୟେକ ପ୍ରଜାତିର କୁକୁରଙ୍କ ମଧ୍ୟରୁ ଶ୍ରେଷ୍ଠ ୩ଜଣଙ୍କୁ ଚୟନ କରିଥିଲେ। ଏହି ଅବସରରେ ଡଗ୍ ଫୁଡ୍ ସମ୍ବନ୍ଧୀୟ ବିଭିନ୍ନ ଷ୍ଟଲ ଖୋଲାଯାଇଥିଲା। ଡଗ୍ ଶୋ'କୁ କ୍ଲବର ସଭାପତି ବିଶ୍ୱଜିତ୍ ଜେନା, ଉପସଭାପତି ରଞ୍ଜନ ରଥ, ସମ୍ପାଦକ ବିଶ୍ୱଜିତ ପଟ୍ଟନାୟକ, କୋଷାଧ୍ୟକ୍ଷ ଅଜୟ ସାସମଲ, ସଭ୍ୟ ଲିଟନ କୁମାର ଦାଶ, ଗୋପକୃଷ୍ଣ ମହାପାତ୍ର, ଭବାନୀ ଶଙ୍କର ଦାଶ, ପ୍ରତୀକ କୁମାର ଦାଶ, ସୁନୀଲ ମହାଜନଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।



ଗୋଲଡେନ ରିଟ୍ରାଏର



ପୁରସ୍କୃତ ପୋଷା କୁକୁରଙ୍କ ସହ ମାଲିକମାନେ।







ନିଜ ପୋଷା କୁକୁରଙ୍କ ସହ ମାଲିକମାନେ।

## ସଂକ୍ଷେପରେ

### ଡକାୟତି ଯୋଜନା ବେଳେ ଫେରାର ଅଭିଯୁକ୍ତ ଗିରଫ

ପୁରୀ ଅଫିସ, ୧୮।୧୨:ବଳିଆପଣ୍ଡା ଥାନା ଅଞ୍ଚଳରେ ଗତ ମାସ ୨୩ ତାରିଖରେ ଡକାୟତି କରିବା ଯୋଜନା ବେଳେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ କେତକୀଝରର ସତ୍ୟବ୍ରତ ପଣ୍ଡା (୩୫)। ଏ ନେଇ ପୋଲିସ ଏକ କେସ୍ (ନଂ. ୧୬୦/୨୨) ରୁଜୁ କରିଛି। ସତ୍ୟବ୍ରତଙ୍କ ନାମରେ ପୂର୍ବରୁ ୮ଟି ମାମଲା ଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ଗତ ମାସ ୨୩ ତାରିଖ ରାତି ପ୍ରାୟ ୧ଟା ୩୦ରେ ବଳିଆପଣ୍ଡା ଥାନାର ଏସ୍.ଆଇ ରୀତା ବେହେରା ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ରାତ୍ରକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଷ୍ଟର୍ଲିଂ ଛକ ନିକଟରେ କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ର ସହ ଏକାଠି ବସି ଡକାୟତି ଯୋଜନା କରୁଥିବା ବିଶେଷ ସୂତ୍ରରୁ ସୂଚନା ପାଇଁ ଚଢ଼ାଉ କରିଥିଲେ। ପୋଲିସ ୪ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଦୁଇଜଣ ଏକ ନୀଳ ରଙ୍ଗର ସ୍କୁଟିରେ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ଫେରାର ଥିବା ରାଜେନ୍ଦ୍ର ନାୟକଙ୍କୁ ଗିରଫ କରିଥିବା ବେଳେ ରବିବାର ଅନ୍ୟତମ ଫେରାର ଅଭିଯୁକ୍ତ ସତ୍ୟବ୍ରତଙ୍କୁ ଗିରଫ କରାଯାଇଛି।

### ୧୯୮୩ ମାଟ୍ରିକ ବ୍ୟାଚ୍ ପକ୍ଷରୁ ପୂଜ୍ୟପୂଜା ସମ୍ମାନ ଉତ୍ସବ

ପୁରୀ ଅଫିସ, ୧୮।୧୨:
ବିଶ୍ୱମ୍ଭର ବିଦ୍ୟାପୀଠରେ ୧୯୮୩ ମସିହା ମାଟ୍ରିକ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ପକ୍ଷରୁ ରବିବାର ବିଦ୍ୟାଳୟ ପରିସରରେ ପୂଜ୍ୟପୂଜା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୧୮ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୂଜ୍ୟପୂଜା ସମ୍ମାନ ପୂର୍ବକ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ, ୧୯୪୫ରେ ସ୍ଥାପିତ ବିଶ୍ୱମ୍ଭର ବିଦ୍ୟାପୀଠ ୧୯୬୦ରୁ ୨୦୦୦ ମସିହା ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଓଡ଼ିଶାରେ ଶୀର୍ଷ ସ୍ଥାନ ହାସଲ କରିଥିଲା। ଏହି ବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ବିଭିନ୍ନ ଉଚ୍ଚ ପଦବୀରେ ଅଧୁନା ଅବସ୍ଥାପିତ । ଉକ୍ତ ଉତ୍ସବରେ ରାଜେନ୍ଦ୍ର ପଟ୍ଟନାୟକ, ଦଧିବାମନ ଦାସ, ବସନ୍ତ କୁମାର ମିଶ୍ର, ରଘୁନାଥ ମହାପାତ୍ର, କୃଷ୍ଣଚନ୍ଦ୍ର ମିଶ୍ର, ଅଜିତ ମହାପାତ୍ର, ବାବାଜୀ ମହାନ୍ତି, ଗୋପୀନାଥ ତ୍ରିପାଠୀ, ପଦ୍ମିନୀ ଚୌଧୁରୀ, ରମେଶ ମହାପାତ୍ର, ପୀତବାସ ଜେନା, ପ୍ରତିଭା ରଥ, ବିନାୟକ ମହାପାତ୍ର, ଇନ୍ଦ୍ରାଣୀ ମହାପାତ୍ର, ବିଶ୍ୱନାଥ ଭଞ୍ଜ, ପ୍ରମୋଦା ଦେବୀ, ସାବିତ୍ରୀ ମିଶ୍ର ଏବଂ ଅଭୟ ମହାନ୍ତି ପ୍ରମୁଖ ଶିକ୍ଷକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ୧୯୮୩ ମସିହା କନିଷ୍ଠ ବର୍ଗ ମାଟ୍ରିକ ଛାତ୍ରୀଛାତ୍ରମାନେ ପରିଚାଳନା କରିଥିଲେ ।

# ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟରେ ୨ୟ ବ୍ୟାଚ୍ ପଢ଼ା ଆରମ୍ଭ

ପୁରୀ ଅଫିସ,୧୮।୧୨

ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ପାଠପଢ଼ା ଆରମ୍ଭ ହୋଇଛି। ଚଳିତବର୍ଷ ୨ୟ ବ୍ୟାଚ୍‌ରେ ସର୍ବଭାରତୀୟ ଓ ରାଜ୍ୟ କୋଟା ମିଶି ମୋଟ୍ ୯୯ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଏମ୍‌ବିବିଏସ୍ ସ୍ନାତକ ଶ୍ରେଣୀର ପାଠପଢ଼ା ଆରମ୍ଭ ପରିପ୍ରେକ୍ଷୀରେ ନୂଆ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଡିନ୍ ଡା. ମାୟା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁପରିଣ୍ଟେଣ୍ଡେଣ୍ଟ ଡା. କୌଶିକ ମିଶ୍ର, ଭାଇସ୍ ପ୍ରିନ୍ସିପାଲ୍ ଡା. ଲଲାଟେନ୍ଦୁ ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ। ଡିନ୍ ଡ. ପାଢ଼ୀ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ଭଲ ପାଠ ପଢ଼ି ନିଜକୁ ମାନବ ସମାଜର ସେବାରେ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଡା. ମିଶ୍ର ଛାତ୍ର ଜୀବନର ଶୃଙ୍ଖଳା ସମ୍ପର୍କରେ ଉପଦେଶ ଦେଇ କଲେଜ କ୍ୟାମ୍ପସ୍, ହଷ୍ଟେଲ୍ ଓ ସମବେତ ହେଉଥିବା ସ୍ଥାନରେ ଛାତ୍ରୀଛାତ୍ରଙ୍କ ଆଚରଣ, ରାଗିଂ ଭଳି ସାମାଜିକ ବ୍ୟାଧିଠାରୁ ଦୂରେଇ ରହିବା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ବିଭାଗର ମୁଖ୍ୟମାନେ ମଧ୍ୟ ନିଜ ବିଭାଗର ପାଠ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ନ୍ୟାଶନାଲ୍ ମେଡିକାଲ୍ କମିଶନ୍‌ଙ୍କ ନିୟମାନୁଯାୟୀ ନିୟମିତ ଭାବେ ପାଠ୍ୟକ୍ରମ ଆରମ୍ଭ ପୂର୍ବରୁ ୭ ଦିନିଆ ଫାଉଣ୍ଡେଶନ୍ କୋର୍ସ୍ ପାଇଁ ବ୍ୟବସ୍ଥା କରାଯାଇଛି। ଏହି କୋର୍ସ ଅଧୀନରେ ନବାଗତ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ, ପାରସ୍ପରିକ ପରିଚୟ, ଡାକ୍ତରଖାନା ପରିଦର୍ଶନ, ଟ୍ୟାଲେଣ୍ଟ୍ ହଣ୍ଟ ଆଦି କାର୍ଯ୍ୟକ୍ରମ ରଖାଯାଇଛି। ବରିଷ୍ଠ ଅଧ୍ୟାପିକା ଡା. ଅର୍ପିତା ପ୍ରିୟଦର୍ଶିନୀ, ଅଧ୍ୟାପକ ଡା. ଅମରେନ୍ଦ୍ର ନାୟକ ପ୍ରମୁଖ ଏହି କୋର୍ସକୁ ପରିଚାଳନା କରୁଛନ୍ତି।



ବିଶ୍ୱମ୍ଭର ବିଦ୍ୟାପୀଠରେ ୧୯୮୩ ମାଟ୍ରିକ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ପକ୍ଷରୁ ରବିବାର ଆୟୋଜିତ ପୂଜ୍ୟପୂଜା ସମ୍ମାନ ଉତ୍ସବରେ ସମ୍ବର୍ଦ୍ଧିତ ଶିକ୍ଷକମାନେ।

# ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ମାନର ସମୀକ୍ଷା

ପୁରୀ, ୧୮।୧୨:

ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ସୁସ୍ଥ ଶରୀର ଓ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ସଂକ୍ରାନ୍ତ ଏକ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଏକାଡେମୀ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଟାଏକୋଣ୍ଡୋ ବାଳିକା ଓ ବାଳକ କ୍ରୀଡାବିତ୍ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ମେଡିକାଲ ଟିମ୍ ପକ୍ଷରୁ ଡା. କଶ୍ୟପ ଅମ୍ବରୀଶ, ଫାର୍ମାସିଷ୍ଟ ଲାଲା ପ୍ରଧାନ ଏବଂ ଏଏନଏମ୍ ଲୋପାମୁଦ୍ରା ମହାନ୍ତି ପ୍ରମୁଖ ଯୋଗଦେଇ କ୍ରୀଡାବିତ୍‌ମାନଙ୍କ ଓଜନ, ଉଚ୍ଚତା ଓ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କେଉଁ ଖାଦ୍ୟ କେତେ ପରିମାଣର ଖାଇବା ଉଚିତ୍ ତଥା ଶରୀରରେ କେତେ ମାତ୍ରାରେ ଜଳୀୟ ଅଂଶ ରହିବା ଆବଶ୍ୟକ ସେ ନେଇ ପରାମର୍ଶ ଦେଇଥିଲେ। କେବଳ ବ୍ୟାୟାମ କଲେ ଶରୀର ସୁସ୍ଥ ରହିବ, ଏହା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ସୁସ୍ଥ ଶରୀର ପାଇଁ ପୁଷ୍ଟିକର ଖାଦ୍ୟ ଆବଶ୍ୟକ। ଏଥିଲାଗି ଡାକ୍ତରଙ୍କ ପରାମର୍ଶ ନେବା ନିତାନ୍ତ ଆବଶ୍ୟକ। ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏଣୁ ଶରୀର ସୁସ୍ଥ ରହିଲେ ଆମେ ସବୁ କାର୍ଯ୍ୟରେ ସକ୍ଷମ ହୋଇପାରିବା ବୋଲି କୋଚ୍ ବିଶ୍ୱନାଥ ନାୟକ ମତବ୍ୟକ୍ତ କରିଥିଲେ।

# ଆଜି ଶ୍ରୀମନ୍ଦିର ସେବାୟତ, କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

ପୁରୀ ଅଫିସ, ୧୮।୧୨:

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୋମବାର ସକାଳ ୯ଟା ୩୦ରୁ ଅପରାହ୍ନ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଶ୍ରୀମନ୍ଦିର ସେବାୟତ ଓ ତାଙ୍କ ପରିବାର ନିମନ୍ତେ ଏକ ନି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପ୍ରଶାସନ ଏବଂ ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ ଡେଣ୍ଟାଲ ସାଇନ୍ସର ମିଳିତ ଆନୁକୂଲ୍ୟରେ ଦନ୍ତ ମୁଖ ଗହ୍ୱର ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ଓ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟ ନୀଳାଚଳ ଉପବନସ୍ଥିତ ସେବକ ବିଶ୍ରାମ ଗୃହରେ ଏହି ଶିବିର ଅନୁଷ୍ଠିତ ହେବ। ଶିବିରରେ ଶ୍ରୀମନ୍ଦିର ସେବାୟତ ଓ ତାଙ୍କ ପରିବାର ସମେତ ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ ଓ ସେମାନଙ୍କ ପରିବାର ଯୋଗଦେଇ ଚିକିତ୍ସା ଏବଂ ପରୀକ୍ଷା କରାଇପାରିବେ। ତେବେ ଶିବିରକୁ ଆସିବା ସମୟରେ ଆଧାରକାର୍ଡ ଓ ଶ୍ରୀମନ୍ଦିର ପ୍ରଶାସନ ପ୍ରଦତ୍ତ ସ୍ୱାସ୍ଥ୍ୟବୀମା କାର୍ଡ ସାଙ୍ଗରେ ଆଣିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀମାନଙ୍କୁ ସୂଚନା ଦିଆଯାଇଛି।

# ପୋତିହୋଇ ପଡ଼ିଛି ସୁହାଗପୁର, ଖରଖରା ନାଳ



ଅନାବନା ଦଳରେ ପୋତି ହୋଇପଡ଼ିଥିବା ନାଳ।

କଣାସ,୧୮।୧୨(ସ୍ୱ.ପ୍ର):

କଣାସ ବ୍ଲକର ସୁହାଗପୁର ଓ ଖରଖରା ନାଳ ପୋତି ହୋଇପଡ଼ିଥିବାରୁ ଧାନଜମିରେ ଜଳ ଜମିରହୁଛି। ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ତ୍ରିଲୋଚନପୁର, କଣାସ, ସିରେଇ, ବିନ୍ଧଣ, ବିଜିପୁର, ଅଣ୍ଡାଳସିଂହ, ଗଡସାହି, ଯାମଳଗୋଦା, ଗଡିଶାଗୋଦା, ଆଳିବାଡ, ଖଣ୍ଡହତା ପଞ୍ଚାୟତର ଧାନଜମିର ବର୍ଷାଜଳ ଓ ବନ୍ୟାଜଳ ଖରଖରା ନାଳଦେଇ ସୁହାଗପୁର ନାଳରେ ପହଞ୍ଚିବାପରେ ଚିଲିକାକୁ ନିଷ୍କାସନ ହୋଇଥାଏ। ସୁହାଗପୁର ନାଳ ପୋତି ହୋଇପଡିବା ସହିତ କଳିକତିଦଳ ଜମାହୋଇଥିବାରୁ ଖଣ୍ଡହତା, ବିନ୍ଧଣ, ଗଡସାହି, ଗଡିଶାଗୋଦା, ଯାମଳଗୋଦା, ଆଳିବାଡ ପଞ୍ଚାୟତର ଧାନଜମିରେ ବର୍ଷା ଓ ବନ୍ୟାଜଳ ଜମି ରହୁଛି। ଫଳରେ ଚାଷୀମାନେ ଚାଷ କରିବାରେ ହଇରାଣ ହେଉଛନ୍ତି। ତେଣୁ ପ୍ରଶାସନ ତୁରନ୍ତ ନାଳ ଖନନ କରିବା ସହ ଦଳ ସଫା କରିବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବିହେଉଛି।

# ଅଟୋରେ ବ୍ରାଉନ୍‌ସୁଗାର ବେପାର, ଜଣେ ଗିରଫ

ଭୁବନେଶ୍ୱର,୧୮।୧୨ (ବ୍ୟୁରୋ)

ଅଟୋରେ ବ୍ରାଉନସୁଗାର ବେପାର କରୁଥିବା ଜଣେ ବ୍ୟକ୍ତିଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଶାନ୍ତିପଲୀ ବସ୍ତିରେ ରହୁଥିବା ପୁରୀ ଜିଲା ଡେଲାଙ୍କ ଥାନା ଅଞ୍ଚଳର କାଳିଆ ଓରଫ ସୁକାନ୍ତ ସେଠୀ । ତାଙ୍କଠାରୁ ୭ ଗ୍ରାମ ବ୍ରାଉନସୁଗାର,ଗୋଟିଏ ଅଟୋରିକ୍ସା ଓ ନଗଦ ୧୨୦୦ ଟଙ୍କା ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ଛାତ୍ରୀଛାତ୍ରଙ୍କ ଶାରୀରିକ ଗଠନ ଲାଗି ଖେଳକୁଦ ଆବଶ୍ୟକ

## ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଗୋପ,୧୮।୧୨(ଡି.ଏନ୍.ଏ.)

ପାଠପଢ଼ା ସହିତ ଛାତ୍ରୀଛାତ୍ର ଖେଳକୁଦ କରିବା ନିହାତି ଦରକାର। ଖେଳକୁଦ ଦ୍ୱାରା ଛାତ୍ରୀଛାତ୍ରଙ୍କ ଶାରୀରିକ ଗଠନ ସହିତ ମନ ଖୁସି ରହିଥାଏ। ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଗୋପ ଶିଶୁମନ୍ଦିର ପକ୍ଷରୁ ଆୟୋଜିତ ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପ ଥାନା ଅଧିକାରୀ ସୁନିଲ ପ୍ରଧାନ ଏହା କହିଥିଲେ। ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର ତାପସ ସାହୁ, ଶିଶୁମନ୍ଦିର ସଭାପତି ଦାମୋଦର ପାଢ଼ୀ, ସମ୍ପାଦକ ସତ୍ୟନାରାୟଣ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ନିମାପଡ଼ା, ବଳଙ୍ଗା, କୋଣାର୍କ, ଜାଉଁଳିପୋଖରୀ, ବଦଳାଶାସନ, ଗୋପ ଶିଶୁ ମନ୍ଦିରର ୧୮୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଲମ୍ଫଡିଆଁ, ହାଇଜମ୍ପ, ଦୌଡ଼, ଡିସ୍କସ୍ ଥ୍ରୋ ଆଦି ଖେଳ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅପରାହ୍ନରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମାନପତ୍ର, ସିଲ୍, କପ୍ ଦିଆଯାଇ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାକୁ ଦେବାଶିଷ ଦୀକ୍ଷିତ, ଶ୍ରୀଧର ପ୍ରହରାଜ, ମେଘନାଦ ସ୍ୱାଇଁ, ବିଜୟ ପଣ୍ଡା, ବବିତା ପ୍ରଧାନ, ଅନନ୍ୟା ପାତ୍ର, ଦିଲୀପ୍ ଭୋଇ ପ୍ରମୁଖ ପରିଚାଳନା କରିଥିଲେ।

# ୩୯ତମ କଣାସ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ



ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

କଣାସ,୧୮।୧୨(ସ୍ୱ.ପ୍ର.)

ଓଷ୍ଟା ପକ୍ଷରୁ କଣାସ ବ୍ଲକ କଣାସଠାରେ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୩୯ତମ କଣାସ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା କଣାସ ବଡ଼ମଠ ମହନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଉଦ୍‌ଘାଟନ କରିଥିଲେ। ଦିନ ତମାମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଅପରାହ୍ନରେ ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ବଡ଼ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଜିଲା ପରିଷଦ ସଭ୍ୟା ଲତାମଣି ଜଗଦେବ, କଣାସ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ, ଶିକ୍ଷକ ନେତା ମହେନ୍ଦ୍ର ରଣସିଂ, ଶିକ୍ଷାବିତ୍ ବିଭୂତିଭୂଷଣ ପଟ୍ଟନାୟକ, ପରିକ୍ଷିତ ବଡ଼ଜେନା, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁଚରିତା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ଜଣେ ଜଣେ ଭଲ ମଣିଷ ହେବା ସହ ବାୟୁ, ପାଣି, ମାଟି, ଆକାଶ ପରିଷ୍କାର ରହିଲେ ପରିବେଶ ସୁରକ୍ଷିତ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ମଞ୍ଚ ପରିଚାଳନା କରିଥିଲେ।

# ୮ ଦିନ ପରେ ବି ମୁଖ୍ୟ ଅଭିଯୁକ୍ତଙ୍କୁ ଧରିପାରିନି ପୋଲିସ

## ଖବରଦାତାଙ୍କୁ ଆକ୍ରମଣ ଘଟଣା

■ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପାଇଁ ଚେତାବନୀ

କୋଣାର୍କ,୧୮।୧୨(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଖବର ସଂଗ୍ରହ ସମୟରେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ କୋଣାର୍କ କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଓ କୋଣାର୍କ ଥାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବା ଲାଗି ସଂଘ ଚେତାବନୀ ଦେଇଛି।

ସୂଚନା ମୁତାବକ, ଗତ ରବିବାର ସୂର୍ଯ୍ୟମନ୍ଦିର ସମ୍ମୁଖରେ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିନେଇ ଏକ ପୋଲିସ ସମନ୍ୱୟ ବୈଠକରେ ମୁଖ୍ୟ ଅଭିଯୁକ୍ତଙ୍କୁ ୨ ଦିନରେ ଧରାଯିବ ବୋଲି ପୋଲିସ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଏବେ ଫାଇଲ ମଧ୍ୟରେ ସୀମିତ ରହିବା ପୋଲିସର ନିଷ୍କ୍ରିୟତା ଭାବନାକୁ ପ୍ରକାଶ କରୁଛି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପୋଲିସ ଆସାମୀଙ୍କୁ ନ ଧରି ଖୋଜି ପାଉ ନ ଥିବା ବାହାନା କରୁଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଆକ୍ରମଣ ଘଟଣାକୁ ୮ଦିନ ବିତିଯାଇଥିଲେ ମଧ୍ୟ ପୋଲିସର ଟାଳଟୁଳ ନୀତି ଯୋଗୁ ପୋଲିସ ପ୍ରଶାସନ ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। କୋଣାର୍କ ଥାନା କାକଟପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହୋଇଥିବାରୁ ଏଠାରେ ବିଧାୟକ ତୁଷାରକାନ୍ତି ବେହେରା ଖୋଦ ଗୃହ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ମାତ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଏଭଳି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଅସମର୍ଥ ହେବା ମନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ଦିଗରେ ମୁଖ୍ୟମନ୍ତ୍ରୀ ଓ ପୋଲିସ ମହାନିର୍ଦ୍ଦେଶକ ଦୃଷ୍ଟି ଦେଇ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ରଞ୍ଜୁ ଲେଙ୍କାଙ୍କୁ ଗିରଫ କରିବା ପାଇଁ କୋଣାର୍କ କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ଦାବି କରାଯାଇଛି। ଅନ୍ୟଥା ସଂଘ ପକ୍ଷରୁ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଓ କୋଣାର୍କ ଥାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।



ସ୍ତ୍ରୀ ଓ ପରିବାର ସହ ଆଞ୍ଜେଲ ଡି ମାରିଆ।



ସିଲଭର୍ ବଲ୍ ସହିତ ଏଞ୍ଜୋ ଫର୍ନାଣ୍ଡେଜ୍, ଗୋଲ୍ଡେନ୍ ବଲ ସହିତ ଲିଓନେଲ ମେସି, ଗୋଲ୍ଡେନ୍ ଗ୍ଲୋଭ୍ ସହ ଏମିଲିଆନୋ ମାର୍ଟିନେଜ ଓ ଗୋଲ୍ଡେନ୍ ବୁଟ୍ ସହ କିଲିଆନ୍ ଏମ୍ବାପେ।

## ମେସିଙ୍କୁ ଗୋଲ୍ଡେନ୍ ବଲ୍

ଦୋହା,୧୮।୧୨(ପି.ଟି.): ଆର୍ଜେଣ୍ଟିନା ଫୁଟବଲ୍ ବିଶ୍ୱକପରେ ନିଜର ତୃତୀୟ ଟାଇଟଲ ହାସଲ କରିଥିବା ବେଳେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ଗୋଲ୍ଡେନ୍ ବଲ୍ ହାସଲ କରିଛନ୍ତି ଲିଓନେଲ୍ ମେସି। ମେସି ଚଳିତ ଟୁର୍ନାମେଣ୍ଟରେ ୭ଟି ଗୋଲ୍ ସ୍କୋର କରିବା ସହିତ ୩ଟି ଆସିଷ୍ଟ କରିଥିଲେ। ଆର୍ଜେଣ୍ଟିନାର ଅନ୍ୟତମ ଫରୱାର୍ଡ ଖେଳାଳି ଜୁଲିଆନ୍ ଆଲଭାରେଜ୍‌ଙ୍କୁ ଟୁର୍ନାମେଣ୍ଟର ଦ୍ୱିତୀୟ ଶ୍ରେଷ୍ଠ ଖେଳାଳି ଭାବରେ ମିଳିଛି ସିଲଭର ବଲ୍। ଏହା ମେସିଙ୍କ କ୍ୟାରିୟରର ଦ୍ୱିତୀୟ ଗୋଲ୍ଡେନ୍ ବଲ୍। ପୂର୍ବରୁ ଆର୍ଜେଣ୍ଟିନା ରନର୍ ଅପ୍ ହୋଇଥିବା ୨୦୧୪ ସଂସ୍କରଣରେ ମଧ୍ୟ ସେ ଗୋଲ୍ଡେନ ବଲ୍ ହାସଲ କରିଥିଲେ।ଟୁର୍ନାମେଣ୍ଟରେ ସର୍ବାଧିକ ୮ ଗୋଲ ସ୍କୋର କରିଥିବା କିଲିଆନ୍ ଏମ୍ବାପେଙ୍କୁ ଗୋଲ୍ଡେନ୍ ବୁଟ୍ ଏବଂ ସର୍ବାଧିକ ସେଭ୍ କରିଥିବା ଆର୍ଜେଣ୍ଟିନା ଗୋଲକିପର ଏମିଲିଆନୋ ମାର୍ଟିନେଜଙ୍କୁ ଗୋଲ୍ଡେନ୍ ଗ୍ଲୋଭ୍ ପ୍ରଦାନ କରାଯାଇଛି।

## ଆର୍ଜେଣ୍ଟିନାକୁ ୩୪୭ କୋଟି

ଫିଫା ବିଶ୍ୱକପରେ ଚାମ୍ପିୟନ ଆର୍ଜେଣ୍ଟିନା ଦଳକୁ ୪୨ ମିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ୩୪୭ କୋଟିର ପୁରସ୍କାର ରାଶି ମିଳିଛି। ରନର୍ସ ଅପ୍ ରହିଥିବା ଫ୍ରାନ୍ସ ଦଳକୁ ୩୦ ମିଲିୟନ୍ ଡଲାର ବା ୨୪୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ଚଳିତ ବିଶ୍ୱକପ ପାଇଁ ସମୁଦାୟ ୪୪୦ ମିଲିୟନ୍ ଡଲାରର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୨୦୧୮ ବିଶ୍ୱକପରେ ଚାମ୍ପିୟନ୍ ଦଳକୁ ୩୮ ମିଲିୟନ ଡଲାର ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ବେଳେ ସମୁଦାୟ ୪୦୦ ମିଲିୟନ୍ ଡଲାରର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ରାଶିର ଏକ ବୃହତ୍ତର ଅଂଶ ଖେଳାଳିଙ୍କ ନିକଟକୁ ଯାଇଥାଏ। ଏହା ସହିତ ବିଶ୍ୱକପରେ ଅଂଶଗ୍ରହଣ କରିଥିବା ସମସ୍ତ ୩୨ ଦଳଙ୍କୁ ୯ ମିଲିୟନ୍ ଡଲାରର ପୁରସ୍କାର ରାଶି ପ୍ରଦାନ କରାଯିବ। ଏହା ସହିତ ବିଶ୍ୱକପ ପ୍ରସ୍ତୁତି ପାଇଁ ପ୍ରତି ଦଳକୁ ୧.୫ ମିଲିୟନ୍ ଡଲାର ପ୍ରଦାନ କରାଯିବ। ତୃତୀୟ ସ୍ଥାନରେ ରହିଥିବା କ୍ରୋଏସିଆକୁ ୨୭ ମିଲିୟନ୍ ଡଲାର ଓ ୪ର୍ଥ ସ୍ଥାନରେ ଥିବା ମରକ୍କୋ ଦଳକୁ ୨୫ ମିଲିୟନ୍ ଡଲାର ମିଳିବ।

### ଟପ୍ ଟେନ୍ ଗୋଲ ସ୍କୋରର

| ଖେଳାଳି | ଦେଶ | ଗୋଲସଂଖ୍ୟା |
|---|---|---|
| କିଲିଆନ୍ ଏମ୍ବାପେ | ଫ୍ରାନ୍ସ | ୮ |
| ଲିଓନେଲ ମେସି | ଆର୍ଜେଣ୍ଟିନା | ୭ |
| ଅଲିଭର ଗିରୁଡ୍ | ଫ୍ରାନ୍ସ | ୪ |
| ଜୁଲିଆନ୍ ଆଲ୍‌ଭାରେଜ୍ | ଆର୍ଜେଣ୍ଟିନା | ୪ |
| ରିଚାର୍ଲିସନ୍ | ବ୍ରାଜିଲ | ୩ |
| ଗୋନ୍ସାଲୋ ରାମୋସ୍ | ପର୍ତ୍ତୁଗାଲ | ୩ |
| ଏନର ଭାଲେନ୍ସିଆ | ଇକ୍ୱେଡର | ୩ |
| ବୁକାୟୋ ସାକା | ଇଂଲଣ୍ଡ | ୩ |
| କୋଡି ଗାକ୍‌ପୋ | ନେଦରଲାଣ୍ଡ୍ସ | ୩ |
| ଆଲଭାରେ ମୋରାଟା | ସ୍ପେନ୍ | ୩ |

### ବିଶ୍ୱକପରେ ମେସିଙ୍କ ଇତିହାସ

ଫିଫା ବିଶ୍ୱକପରେ ସର୍ବାଧିକ ମ୍ୟାଚ ଖେଳିବାର ରେକର୍ଡ ନିଜ ନାମରେ କରିଛନ୍ତି ଆର୍ଜେଣ୍ଟିନାର ଅଧିନାୟକ ଲିଓନେଲ୍ ମେସି। ନିଜର ପଞ୍ଚମ ବିଶ୍ୱକପ ଖେଳୁଥିବା ମେସି ସମୁଦାୟ ୨୬ ମ୍ୟାଚ୍ ଖେଳିବା ସହିତ ଜର୍ମାନୀର ଲୋଥାର ମାଥସଙ୍କୁ ପଛରେ ପକାଇଛନ୍ତି।

ସର୍ବାଧିକ ବିଶ୍ୱକପ୍ ମ୍ୟାଚ୍ ଖେଳିଥିବା ଖେଳାଳିଙ୍କ ତାଲିକା

| | | |
|---|---|---|
| ଲିଓନେଲ ମେସି | ଆର୍ଜେଣ୍ଟିନା | ୨୬ |
| ଲୋଥାର ମାଥସ୍ | ଜର୍ମାନୀ | ୨୫ |
| ମିରୋସ୍ଲାଭ କ୍ଲୋଜ୍ | ଜର୍ମାନୀ | ୨୪ |
| ପାଓଲୋ ମାଲଡିନି | ଇଟାଲୀ | ୨୩ |
| କ୍ରିଷ୍ଟିଆନୋ ରୋନାଲ୍ଡୋ | ପର୍ତ୍ତୁଗାଲ | ୨୨ |
| ଉଏ ସିଲର୍ | ପଶ୍ଚିମ ଜର୍ମାନୀ | ୨୧ |
| ଲାଡିସ୍ଲା ଜିମୁତା | ପୋଲାଣ୍ଡ | ୨୧ |
| ଡିଏଗୋ ମାରାଡୋନା | ଆର୍ଜେଣ୍ଟିନା | ୨୧ |
| ଗ୍ରେଗୋର୍ଜ ଲାଟୋ | ପୋଲାଣ୍ଡ | ୨୦ |
| କାଫୁ | ବ୍ରାଜିଲ | ୨୦ |

# ସ୍ୱପ୍ନ ସାକାର



ବିଶ୍ୱକପ୍ ଓ ଗୋଲ୍ଡେନ୍ ବଲ୍ ସହିତ ଲିଓନେଲ୍ ମେସି।

ମେସି ମ୍ୟାଜିକ ବଳରେ ଆର୍ଜେଣ୍ଟିନା କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପରେ ଚାମ୍ପିୟନ ହୋଇଛି। ଏଥିସହ ତାରକା ଷ୍ଟ୍ରାଇକର ଲିଓନେଲ ମେସିଙ୍କ ସ୍ୱପ୍ନ ସାକାର ହୋଇଛି। କ୍ୟାରିୟରର ସାୟାହ୍ନରେ ପହଞ୍ଚିଥିବା ମେସିଙ୍କର ଏହା ଶେଷ ବିଶ୍ୱକପ ବୋଲି ବିବେଚନା କରାଯାଉଛି। ତେଣୁ ବିଶ୍ୱକପ ଟାଇଟଲ ଜିତି ମେସି ନିଜର ଜାଜ୍ୱଲ୍ୟମାନ କ୍ୟାରିୟରକୁ ଅଧିକ ଋଦ୍ଧିମନ୍ତ କରିଛନ୍ତି। ବିଶ୍ୱକପରେ ସର୍ବାଧିକ ମ୍ୟାଚ ଖେଳିବାର ରେକର୍ଡ ମଧ୍ୟ ମେସିଙ୍କ ନାମରେ ରହିଛି। ଫ୍ରାନ୍ସ ବିପକ୍ଷ ଫାଇନାଲରେ ସେ କ୍ୟାରିୟରର ୨୬ତମ ଫାଇନାଲ ଖେଳିଥିଲେ। ଏ କ୍ଷେତ୍ରରେ ସେ ଜର୍ମାନୀର ଲୋଥର ମାଥ୍ୟୁସ (୨୫ ମ୍ୟାଚ) ରେକର୍ଡଭାଙ୍ଗିଥିଲେ।ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳିଭାବେ ମେସି ବିଶ୍ୱକପ ଫାଇନାଲରେ ଗୋଲ ସ୍କୋର କରିଥିଲେ। ତାଙ୍କ ପୂର୍ବରୁ ସ୍ୱିଡେନର ନିଲ୍ସ ଲିଡହୋମ୍ ୧୯୫୮ ବିଶ୍ୱକପରେ ୩୫ ବର୍ଷ ୨୬୪ ଦିନର ହୋଇଥିବାବେଳେ ବ୍ରାଜିଲ ବିପକ୍ଷରେ ଗୋଲ ଦେଇଥିଲେ। ବିଶ୍ୱକପରେ ମେସି ମୋଟ ୧୨ଟି ଗୋଲ ଦେଇଥିବାବେଳେ ୮ଟି ଗୋଲରେ ସହାୟତା କରିଛନ୍ତି। ବିଶ୍ୱକପରେ ୨୦ଟି ଗୋଲସହ ସମ୍ପୃକ୍ତ ରହିବା ମଧ୍ୟ ଏକ ରେକର୍ଡ।

### ୨୦ ବର୍ଷ ପରେ

ଦୀର୍ଘ ୨୦ ବର୍ଷ ପରେ ଏକ ଦକ୍ଷିଣ ଆମେରିକୀୟ ଦଳ ବିଶ୍ୱକପ ଟାଇଟଲ ଜିତିଛି। ପୂର୍ବରୁ ୨୦୦୨ ବିଶ୍ୱକପ ଫାଇନାଲରେ ବ୍ରାଜିଲ ୨-୦ ଗୋଲରେ ଜର୍ମାନୀକୁ ପରାସ୍ତ କରିଥିଲା। ଫ୍ରାନ୍ସର ହ୍ୟୁଗୋ ଲୋରିସ (୩୫ ବର୍ଷ ୩୫୭ ଦିନ) ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି/ଅଧିନାୟକଭାବେ ବିଶ୍ୱକପ ଫାଇନାଲ ଖେଳିଥିଲେ। ୧୯୮୨ରେ ଇଟାଲି ଗୋଲକିପର ଡିନୋ ଜୋଫ୍ ୪୦ ବର୍ଷ ୧୩୩ ଦିନର ହୋଇଥିବାବେଳେ ବିଶ୍ୱକପ ଫାଇନାଲ ଖେଳି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ଲୋରିସ କିନ୍ତୁ ଗୋଲକିପରଭାବେ ବିଶ୍ୱକପରେ ସର୍ବାଧିକ ୨୦ଟି ମ୍ୟାଚ ଖେଳି ରେକର୍ଡର ଅଧିକାରୀ ହୋଇଛନ୍ତି। ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ଏହା ଥିଲା ୧୩ତମ ବିଶ୍ୱକପ ମୁକାବିଲା। ପୂର୍ବରୁ ହୋଇଥିବା ୧୨ ମ୍ୟାଚ ମଧ୍ୟରୁ ଆର୍ଜେଣ୍ଟିନା ୬ଟିରେ ବିଜୟ ହାସଲ କରିଥିବାବେଳେ ଫ୍ରାନ୍ସ ୩ ମ୍ୟାଚ ଜିତିଥିଲା ଏବଂ ଅନ୍ୟ ୩ଟି ମ୍ୟାଚ ଡ୍ର ରହିଥିଲା। ପ୍ରଥମଥରପାଇଁ ୧୯୩୦ (ଉରୁଗୁଏ) ବିଶ୍ୱକପର ଗ୍ରୁପ୍ ପର୍ଯ୍ୟାୟରେ ଉଭୟ ଦଳ ପରସ୍ପରକୁ ଭେଟିଥିଲେ। ସେତେବେଳେ ଆର୍ଜେଣ୍ଟିନା ୧-୦ ଗୋଲରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଲୁଇସ ମୋଣ୍ଟି ୮୧ତମ ମିନିଟରେ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ରୁଷିଆ (୨୦୧୮) ବିଶ୍ୱକପର ରାଉଣ୍ଡ ଅଫ୍ ୧୬ରେ ହୋଇଥିବା ମୁକାବିଲାରେ ଫ୍ରାନ୍ସ ୪-୩ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଫ୍ରାନ୍ସ ପକ୍ଷରୁ ଆଣ୍ଟୋନି ଗ୍ରିଜମାନ, ବେଞ୍ଜାମିନ୍ ପାଭାର୍ଡ ଗୋଟିଏ ଲେଖାଏ ଏବଂ କିଲିଆନ ଏମ୍ବାପେ ୨ଟି ଗୋଲ ଦେଇଥିଲେ। ଆର୍ଜେଣ୍ଟିନାର ଆଞ୍ଜେଲ ଡି' ମାରିଆ ଓ ଗାବ୍ରିଏଲ ମେର୍କାଡୋ ଗୋଲ ସ୍କୋର କରିଥିଲେ। କାତାର ବିଶ୍ୱକପରେ ଫ୍ରାନ୍ସକୁ ହରାଇ ଆର୍ଜେଣ୍ଟିନା ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଆର୍ଜେଣ୍ଟିନାର ଏହା ଥିଲା ୬ଷ୍ଠ ଓ ଫ୍ରାନ୍ସର ୪ର୍ଥ ଫିଫା ବିଶ୍ୱକପ ଫାଇନାଲ। ଏଥିସହ ବିଶ୍ୱକପର ସର୍ବାଧିକ ଫାଇନାଲ ଖେଳିବାରେ କେବଳ ଜର୍ମାନୀ (୮ ଥର) ପଛକୁ ଆର୍ଜେଣ୍ଟିନା ଦ୍ୱିତୀୟ ସ୍ଥାନରେ ରହିଥିଲା। ପୂର୍ବ ୫ ଫାଇନାଲ ମଧ୍ୟରୁ ଆର୍ଜେଣ୍ଟିନା ୧୯୭୮ ଓ ୧୯୮୬ରେ ଚାମ୍ପିୟନ ହୋଇଥିଲା। ଏଥର ଏହି ଦଳ ତୃତୀୟ ଥରପାଇଁ ଟାଇଟଲ ହାସଲ କରିଛି। ଫ୍ରାନ୍ସ ପୂର୍ବରୁ ୩ ଥର ଫାଇନାଲ ଖେଳିଥିବାବେଳେ ୧୯୯୮ ଓ ୨୦୧୮ରେ ଚାମ୍ପିୟନ ହୋଇଛି। ୨୦୦୨ରେ ଦଳ ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏଥର ମଧ୍ୟ ଦଳ ରନରଅପ୍ ହୋଇଛି। ଫ୍ରାନ୍ସ ଏହାର ଶେଷ ୧୦ଟି ବିଶ୍ୱକପ ମ୍ୟାଚରେ ଦକ୍ଷିଣ ଆମେରିକୀୟ ଦଳ ବିପକ୍ଷରେ ଅପରାଜେୟ ରହିଥିଲା। ଏଥର ସେହି ରେକର୍ଡ ଭାଙ୍ଗିଛି। ଦକ୍ଷିଣ ଆମେରିକୀୟ ଏବଂ ୟୁରୋପୀୟ ଦଳ ମଧ୍ୟରେ ଏହା ଥିଲା ୧୧ତମ ବିଶ୍ୱକପ ଫାଇନାଲ ମୁକାବିଲା। ପୂର୍ବ ୧୦ ମ୍ୟାଚରୁ ଦକ୍ଷିଣ ଆମେରିକୀୟ ଦଳ ୭ ଥର ଚାମ୍ପିୟନ ହୋଇ ଥିବାବେଳେ ଏବେ ଏହି ସଂଖ୍ୟା ୮ରେ ପହଞ୍ଚିଛି।



ହ୍ୟାଟ୍ରିକ୍ ଗୋଲ୍ ସ୍କୋରର କିଲିଆନ୍ ଏମ୍ବାପେ।




ଦୁଃଖରେ ମ୍ରିୟମାଣ ଫ୍ରାନ୍ସ ସମର୍ଥକ।

### ୬୪ ମ୍ୟାଚ ୧୭୨ ଗୋଲ୍

ଫିଫା ବିଶ୍ୱକପ ୨୦୨୨ରେ ଆର୍ଜେଣ୍ଟିନା ବିଶ୍ୱ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି। ଚଳିତ ବିଶ୍ୱକପରେ ସମୁଦାୟ ୬୪ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ସ୍କୋର ହୋଇଛି ୧୭୨ ଗୋଲ୍। ପ୍ରତି ମ୍ୟାଚ ପିଛା ୨.୬୯ଟି ଗୋଲ ସ୍କୋର ହୋଇଛି। ଫ୍ରାନ୍ସର ଫରୱାର୍ଡ ଖେଳାଳି କିଲିଆନ୍ ଏମ୍ବାପେ ସର୍ବାଧିକ ୮ଟି ଗୋଲ ମାରିଥିବା ବେଳେ ଆର୍ଜେଣ୍ଟିନାର ଲିଓନେଲ ମେସି ୭ ଟି ଗୋଲ ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଫ୍ରାନ୍ସର ଅଲିଭର୍ ଜିରୁଡ୍ ଓ ଆର୍ଜେଣ୍ଟିନାର ଜୁଲିଆନ୍ ଆଲଭାରେଜ୍ ୪ଟି ଲେଖାଏ ଗୋଲ ସ୍କୋର କରିଛନ୍ତି। ଚଳିତ ବିଶ୍ୱକପରେ ଦୁଇଟି ଆତ୍ମଘାତୀ ଗୋଲ ହୋଇଥିଲା। ଅଷ୍ଟ୍ରେଲିଆ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମ୍ୟାଚରେ ଆର୍ଜେଣ୍ଟିନାର ଏଞ୍ଜୋ ଫର୍ନାଣ୍ଡେଜ ଓ କାନାଡା ବିପକ୍ଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ମରକ୍କୋର ନାୟେଫ୍ ଆଗୁଏର୍ଡ ଦୁଇଟି ଆତ୍ମଘାତୀ ଗୋଲ ସ୍କୋର କରିଥିଲେ।



ବିଜୟରେ ଉଲ୍ଲସିତ ଆର୍ଜେଣ୍ଟିନା ଦଳ।



ୟଙ୍ଗ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଏଞ୍ଜୋ ଫର୍ନାଣ୍ଡେଜ।




ଆର୍ଜେଣ୍ଟିନାର ବୁଏନ୍ସ ଏୟାର୍ସରେ ଫୁଟବଲ୍ ପ୍ରେମୀଙ୍କ ଭିଡ଼।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଉତ୍କଳ ସ୍ପୋର୍ଟିଂ ଚାମ୍ପିୟନ

ଯାଁଳା,୧୮।୧୨(ଡି.ଏନ୍.ଏ.): ରାଧାଚରଣପୁର ଖେଳପଡ଼ିଆରେ ଚାଲିଥିବା ୨୪ତମ ଶବର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ଜଟଣୀ ଉତ୍କଳ ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର ହୋଇଥିଲା। ଟାଇବ୍ରେକରରେ ମଧ୍ୟ ଉଭୟ ଟିମ୍ ସମାନ ଗୋଲ ଦେଇଥିଲେ। ଏହାପରେ ଟାଇବ୍ରେକରର ସଡନ ଡେଥ୍ ପଦ୍ଧତିରେ ୭-୬ ଗୋଲରେ କଳିଙ୍ଗ ସ୍ପୋର୍ଟିଂ କ୍ଲବକୁ ପରାଜିତ କରି ଉତ୍କଳ ସ୍ପୋର୍ଟିଂ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଶ୍ରେଷ୍ଠ ଖେଳାଳି ଚନ୍ଦନ ନାୟକ, ଫରୱାର୍ଡ ସଞ୍ଜୟ ଜାଲି, ଗୋଲକିପର ଭାବେ ପଦ୍ମନାଭ ସାହୁ ବିବେଚିତ ହୋଇଥିଲେ। ଅଶୋକ କୁମାର କଅଁର, ଗିରିଶ୍ ଜାନି, ବିଦେଶୀ ନାୟକ, ପ୍ରଫୁଲ୍ଲ କୁମାର ବେହେରା ଓ ଦୟାନ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଶବର କ୍ଲବ୍ ସମ୍ପାଦକ ବିଜୟ କୁମାର ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ସୁବ୍ରତ୍ ଶେଖର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଶାସକ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ଢେଙ୍କାନାଳ ବିଧାୟକ ସୁଧିର କୁମାର ସାମଲ, ବିଜେଡି ନେତା ବିଭୂତି ଭୂଷଣ ବଳବନ୍ତରାୟ, ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ଅଜିତ ସାମନ୍ତରାୟ, ଯମୁନାରାଣୀ ବେହେରା, ଅକ୍ଷୟ କୁମାର ସେନାପତି, ସୂର୍ଯ୍ୟକାନ୍ତ ବେହେରା ଓ ରାଜକିଶୋର ସ୍ୱାଇଁ ପ୍ରମୁଖ ଯୋଗଦେଇ ରନର୍ସଅପ ଦଳକୁ ଟ୍ରଫି ସହ ୧୦ ହଜାର ଏବଂ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହିତ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ।

### ଅନ୍ୟ ଭାଷାକୁ ଅନୁବାଦ ହୋଇପାରୁ ନ ଥିବା କବିତା ସାତ୍ତ୍ୱିକ

ପୁରୁଣା ଭୁବନେଶ୍ୱର, ୧୮।୧୨(ଡି.ଏନ୍.ଏ.): ଯେଉଁ ଓଡ଼ିଆ କବିତା ଅନ୍ୟ କୌଣସି ଭାଷାକୁ ଅନୁବାଦ ହୋଇପାରିବ ନାହିଁ, ତାହା ପ୍ରକୃତ ଓ ସାତ୍ତ୍ୱିକ କବିତା। ସମ୍ପ୍ରତି କବିତାଗୁଡ଼ିକ ଓଡ଼ିଆ ଭାଷାରେ ଲେଖାହେବା ଆବଶ୍ୟକ ବୋଲି ବିଶିଷ୍ଟ ସାହିତ୍ୟିକ ତଥା କବି ଡ. ଅଜୟ ସ୍ୱାଇଁ କହିଛନ୍ତି। ସ୍ଥାନୀୟ କୌଶଲ୍ୟାଗଙ୍ଗ ସିଫା ପ୍ରେକ୍ଷାଳୟରେ ଅନୁଷ୍ଠିତ ଶୀତ ଆସର କାର୍ଯ୍ୟକ୍ରମରେ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି। ଧଉଳି ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବି କୈଳାସ ବେହେରାଙ୍କ 'ଆଞ୍ଜୁଳାଏ ଜହ୍ନରାତି' ପୁସ୍ତକ ଉନ୍ମୋଚିତ ହୋଇଥିଲା। କବି ଡ. ରଜନୀ ରଞ୍ଜନ ଦାଶ, ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, କବି ସୁଧୀର କୁମାର ଦାସ, ଅରୁଣ କୁମାର ମହାନ୍ତି, ଡ. କାଳନ୍ଦୀ ଚରଣ ସାହୁ, ଡ. ମାୟାଧର ମାନସିଂହ, ନିରଞ୍ଜନ ନାୟକ, ସୁଶାନ୍ତ ସାହୁ, ଦିଲୀପ ସୁବୁଦ୍ଧି ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ତଥା କବି ଅକ୍ଷୟ ସ୍ୱାଇଁ ପ୍ରାରମ୍ଭିକ ସମ୍ଭାଷଣ ଦେଇଥିଲେ। ସୁମନ୍ତ କୁମାର ସୁବୁଦ୍ଧି ଓ ସବିତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବି ଆଶୁତୋଷ ଦାଶ ଏବଂ ବିପିନ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# 'ପୁସ୍ତକ ଜୀବନକୁ ନିଖୁଣ କରି ଗଢ଼ିବାରେ ସହାୟକ ହୋଇଥାଏ'

## ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର' ଉଦ୍‌ଯାପିତ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଦର୍ଶନୀ ପଡ଼ିଆରେ ୯ଦିନ ଧରି ଚାଲିଥିବା ଚତୁର୍ଥ ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର' ରବିବାର ଶେଷ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ପୁସ୍ତକ ଜରିଆରେ ବିଶ୍ୱକୁ ଦେଖିବାରେ ଏକ ପରିବ୍ୟାପ୍ତ ଜୀବନକୁ ଲକ୍ଷ ପ୍ରଦାନ କରିବାକୁ ହୋଇଥାଏ। ପୁସ୍ତକ, ପାଠକମାନଙ୍କୁ ସୁବିଚାର ସହ ସେମାନଙ୍କ ଜୀବନକୁ ନିଖୁଣ କରି ଗଢ଼ିବାରେ ସହାୟକ ହୋଇଥାଏ। ପାଠିକାପାଠକଙ୍କ ପାଠକୀୟ ଅନୁରାଗ ବା କ୍ରେତାଙ୍କ ଆବେଗକୁ ନେଇ ଲେଖକଙ୍କ ଲେଖା ଦ୍ୱାରା ପ୍ରକାଶକମାନେ ପୁସ୍ତକ ପ୍ରକାଶନ ପାଇଁ ଉତ୍ସାହିତ ହୁଅନ୍ତି। ଆସନ୍ତା ବର୍ଷ ୫ମ ପୁସ୍ତକମେଳାକୁ ଆହୁରି ନୂଆ କରି ଅଧିକ ଭଲ ଭାବରେ ଆୟୋଜନ କରିବାକୁ ଏବେଠାରୁ ମାନସିକସ୍ତରରେ ପ୍ରସ୍ତୁତ ହେବାକୁ ମନ୍ତ୍ରୀ ପାତ୍ର ସମସ୍ତଙ୍କ ସହଯୋଗ କାମନା କରିଥିଲେ।



ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟ ଅତିଥିମାନେ।

ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଲେ, ପୁସ୍ତକ ମେଳା ସହିତ ଯୋଡି ହୋଇ ରହିଥିବା ସାହିତ୍ୟିକ, ଲେଖକ, ପାଠିକାପାଠକ, ପ୍ରକାଶକଙ୍କ ସହିତ ଜନସମାଗମ ସମସ୍ତଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି। ଏହି ଅବସରରେ ପୁସ୍ତକ ମେଳାର ସଫଳ ଆୟୋଜନ ପାଇଁ ରାଜଧାନୀ ପୁସ୍ତକ ମେଳା ସଭାପତି ଡ. ଉପେନ୍ଦ୍ର କୁମାର ଜେନା, ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଆବାହକ ରମେଶ ଚନ୍ଦ୍ର ସ୍ୱାଇଁ, ଏକାମ୍ର ପୁସ୍ତକ ମହୋତ୍ସବ କମିଟି ସଭାପତି ଡ. ପୀତବାସ ରାଉତରାୟ ଓ ସମ୍ପାଦକ ଭାସ୍କର ଜେନା, ଓଡିଶା ପୁସ୍ତକ ପ୍ରକାଶନ ଓ ବିକ୍ରେତା ସଂଘର କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ତ୍ରିପାଠୀ ଓ ସାଧାରଣ ସମ୍ପାଦକ ଶୁଭେନ୍ଦୁ ଶେଖର ରଥଙ୍କୁ ମନ୍ତ୍ରୀ ପାତ୍ର ସମ୍ବର୍ଦ୍ଧିତ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକ ଅତିଥିଙ୍କୁ ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗୀୟ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗର ଅନ୍ୟତମ ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ , ଉପ ନିର୍ଦ୍ଦେଶକ ସନ୍ତୋଷ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଧନ୍ୟବାଦ ଦେଇଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ। ରାଜଧାନୀ ପୁସ୍ତକ ମେଳା, ଏକାମ୍ର ପୁସ୍ତକ ମହୋତ୍ସବ ଏବଂ ଓଡିଶା ପୁସ୍ତକ ପ୍ରକାଶନ ଓ ବିକ୍ରେତା ସଂଘ ସହଯୋଗରେ 'ଅକ୍ଷର' ଆୟୋଜନ ହୋଇଥିଲା।

# ଓଡ଼ିଶାରେ ସଂଖ୍ୟାଲଘୁ କମିଶନ ଗଠନକୁ ଗୁରୁତ୍ୱ



ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ସଂଖ୍ୟାଲଘୁ ସେଲ୍ ପକ୍ଷରୁ ରବିବାର ଗୀତଗୋବିନ୍ଦ ସଦନରେ ଅନ୍ତର୍ଜାତୀୟ ସଂଖ୍ୟାଲଘୁ ଅଧିକାର ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇଥିଲେ। ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଡ. ହାସନ ଖାନ୍, କର୍ପୋରେଟର ଆଏଶା ବେଗମ, ବାପୁଜୀ ନଗର ଚାମ୍ବର ଅଫ୍ କମର୍ସର ସଭାପତି ମିର୍ ମହମ୍ମଦ୍ କରିମ୍, ବିଜେଡି ସଂଖ୍ୟାଲଘୁ ସେଲ୍ ଉପସଭାପତି ଅବତାର ସିଂ ଭୁର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସଂଖ୍ୟାଲଘୁଙ୍କ ବିଭିନ୍ନ ଅଧିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଓଡ଼ିଶାରେ ସଂଖ୍ୟାଲଘୁ କମିଶନ ଗଠନ ପାଇଁ ଗୁରୁତ୍ୱାରୋପ କରାଯିବା ସହ ଏନେଇ ସରକାରଙ୍କୁ ଅବଗତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମୁସଲମାନ, ଖ୍ରୀଷ୍ଟିଆନ୍, ଶିଖ୍ ଆଦି ସମ୍ପ୍ରଦାୟର ପ୍ରତିନିଧିମାନେ ଯୋଗଦେଇଥିଲେ।

# ମାତୃଭାଷାରେ ବିଜ୍ଞାନ ଚର୍ଚ୍ଚାର ଆବଶ୍ୟକତା ରହିଛି




କାର୍ଯ୍ୟକ୍ରମରେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ ଦାସ ଏବଂ ଅନ୍ୟମାନେ।

## ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମଶତବାର୍ଷିକୀ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମଶତବାର୍ଷିକୀ ରବିବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଜନପ୍ରିୟ ବିଜ୍ଞାନ ସାହିତ୍ୟ' ଶୀର୍ଷକ ସ୍ମାରକୀ ବକ୍ତୃତାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ ଦାସ ଯୋଗଦେଇ କହିଛନ୍ତି, ସାହିତ୍ୟ ଓ ବିଜ୍ଞାନ ପରସ୍ପର ପରିପୂରକ। ସାହିତ୍ୟର ବିକାଶ ପାଇଁ ବର୍ତ୍ତମାନ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ପଡୁଛି। ସେହିପରି ବିଜ୍ଞାନ ସହ ସଂଶ୍ଳିଷ୍ଟ ବ୍ୟକ୍ତିମାନେ ସାହିତ୍ୟ ମାଧ୍ୟମରେ ପ୍ରକାଶ କରିଥାନ୍ତି। ବିଜ୍ଞାନକୁ ସାହିତ୍ୟ ମାଧ୍ୟମରେ ଲୋକପ୍ରିୟ କରାଯାଇ ପାରିବ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲେଖିକା ମୃଦୁଳା ମିଶ୍ର କହିଲେ, ମାତୃଭାଷାରେ ବିଜ୍ଞାନ ଚର୍ଚ୍ଚାର ଆବଶ୍ୟକତା ରହିଛି। ବରେଣ୍ୟ ଅତିଥି ତଥା ପ୍ରଫେସର ମହାପାତ୍ରଙ୍କ ପୁତ୍ର ଡ. ଗିରିଜାନନ୍ଦନ ମହାପାତ୍ର ଗୋକୁଳାନନ୍ଦ କିପରି ତାଙ୍କ ଜୀବନକୁ ପ୍ରଭାବିତ କରିବା ସହିତ ଓଡ଼ିଆ ବିଜ୍ଞାନ ସାହିତ୍ୟକୁ ଦିଗ୍‌ଦର୍ଶନ ଦେଇଥିଲେ ତାହା ଆଲୋଚନା କରିଥିଲେ। ଆଇଏସ୍‌ସିଏର ଉପଦେଷ୍ଟା ତଥା ବଙ୍ଗୀୟ ବିଜ୍ଞାନ ପରିଷଦ କୋଲକାତାର ଉପସଭାପତି ଡ. ଅମିତ୍ କ୍ରିଷ୍ଣା ଦେ 'ରନ୍ଧନ-ମସଲା: ଔଷଧୀୟ ଉପାଦାନ ଓ ପାରମ୍ପରିକ ବ୍ୟବହାର' ଉପରେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଭାଗୀୟ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ କହିଲେ, ଗୋକାଲୁନାନନ୍ଦ ସାହିତ୍ୟ ମାଧ୍ୟମରେ ବିଜ୍ଞାନକୁ ଲୋକପ୍ରିୟ କରିଛନ୍ତି। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କହିଲେ, 'ଗୋକୁଳାନନ୍ଦ-ନିତ୍ୟାନନ୍ଦ ମହାପାତ୍ର ନ୍ୟାସ' ଏବଂ 'ବିଜ୍ଞାନ ପ୍ରଚାର ସମିତି' ପ୍ରତିଷ୍ଠା କରି ପ୍ରଫେସର ମହାପାତ୍ର ବିଜ୍ଞାନ ଓ ସାହିତ୍ୟରେ ଯେଉଁ ସେବା କରିଯାଇଛନ୍ତି, ତାହା ସମଗ୍ର ଦେଶରେ ବିରଳ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଓ ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଦେଇଥିଲେ। ମଧୁମିତା ମହାନ୍ତି ସଭା ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ତଥା ବରିଷ୍ଠ ବୈଜ୍ଞାନିକ ଓ ବିଜ୍ଞାନ ଲେଖକ ଭାଗ ନେଇଥିଲେ।

### ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍ : ସୌମ୍ୟରଞ୍ଜନ ଚାମ୍ପିୟନ

ପିପିଲି, ୧୮।୧୨(ସ୍ୱ.ପ୍ର/ଡି.ଏନ୍.ଏ)–

ପିପିଲି ବ୍ଲକ କୁଳଶିଖରପାଟଣା ଗ୍ରାମପଞ୍ଚାୟତସ୍ଥିତ ମା' ଉତ୍ତରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ୫ମ ବାର୍ଷିକ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଚେସ୍ ଆସୋସିଏଶନ୍ ଏବଂ ମା' ଉତ୍ତରେଶ୍ୱରୀ କ୍ଲବ ମିଳିତ ଆନୁକୁଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପିପିଲି-ଡେଲାଙ୍ଗ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ୨୩ନଂ. ଜୋନ୍ ଜିଲାପରିଷଦ ସଭ୍ୟ ସୁଶାନ୍ତ କୁମାର ମଲ୍ଲିକ, ପିପିଲି ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଦେବାଶିଷ ନନ୍ଦ, ସ୍ଥାନୀୟ ସରପଞ୍ଚ ତନୁଜା ବେହେରା ଏବଂ ସାମାଜିକ କର୍ମୀ ସୁବାଷ ପରିଡ଼ା ପ୍ରମୁଖ ଯୋଗଦେଇ ଚେସ୍ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତା ମା' ଉତ୍ତରେଶ୍ୱରୀ କ୍ଲବର ସଭାପତି ସୁଜିତ୍ କୁମାର ପ୍ରଧାନଙ୍କ ସଂଯୋଜନାରେ ହୋଇଥିବା ବେଳେ ଏଥିରେ ବିଭିନ୍ନ ଜିଲାରୁ ୪୧ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୬ରାଉଣ୍ଡ ପ୍ରତିଯୋଗିତା ହୋଇଥିବା ବେଳେ ଶେଷ ରାଉଣ୍ଡ ସୁଦ୍ଧା ସମସ୍ତଙ୍କୁ ପଛରେ ପକାଇ ଭୁବନେଶ୍ୱରର ସୌମ୍ୟରଞ୍ଜନ ସ୍ୱାଇଁ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ଭୁବନେଶ୍ୱରର ଶିବନ ନାୟକ ୨ୟ, କଟକର ହର୍ଷିତ ରଞ୍ଜନ ସାହୁ ୩ୟ ହୋଇଛନ୍ତି। ସମସ୍ତ ୧୦ଜଣ ବିଜେତାଙ୍କୁ ଉପସ୍ଥିତ ଅତିଥିମାନେ ସାର୍ଟିଫିକେଟ, ଟ୍ରଫି ଓ ପ୍ରୋତ୍ସାହନ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# 'ରମାଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

## ରମାଦେବୀ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ବିଭାଗ ପୁରାତନ ଛାତ୍ରୀ ସମ୍ମିଳନୀ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ପୁରାତନ ଛାତ୍ରୀ ସମ୍ମିଳନୀ ରବିବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗର ମୁଖ୍ୟ ପ୍ରଫେସର ପ୍ରଣତି କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ଅଧ୍ୟାପିକା ଡ.ଦିପ୍ତୀମୟୀ ମିଶ୍ର, ଅଧ୍ୟାପକ ଡ.ନୀଳମାଧବ ପ୍ରଧାନ ଯୋଗଦେଇଥିଲେ। ଅଧ୍ୟାପକ ଡ.ନୀଳମାଧବ ପ୍ରଧାନଙ୍କ ପରିଚାଳନା କରିଥିଲେ। ଏଥିରେ ୨୦୧୫, ୨୦୧୬, ୨୦୧୭, ୨୦୧୮ ଓ ୨୦୧୯ ବର୍ଷର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇଥିଲେ। ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନ ଓ ବିଭାଗର ଉନ୍ନତିରେ ପୁରାତନ ଛାତ୍ରୀଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱୟଂଶାସିତ ଶୈଳବାଳା ମହାବିଦ୍ୟାଳୟ ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟକ୍ଷା ଡ.କାଦମ୍ବିନୀ ଦାଶ ଯୋଗଦେଇ ଛାତ୍ରୀମାନଙ୍କୁ ରମାଦେବୀଙ୍କ ଜୀବନ ଧାରାରେ ଅନୁପ୍ରାଣିତ ହୋଇ ଆଦର୍ଶ ଜୀବନ ଧାରଣା କରିବା ପାଇଁ ପରାମର୍ଶ ଦେଇଥିଲେ। ପରିବାରର ସୁଖ ପାଇଁ ଜଣେ ନାରୀ ତାର ସଦାଚାର ଓ ଧର୍ମକୁ ପ୍ରଦର୍ଶନ କରିବା ଦରକାର ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପକ ପ୍ର.ଗୋପାଳକୃଷ୍ଣ ଦାଶ ସଂସ୍କୃତର ମନ୍ତ୍ର ଓ ଶ୍ଳୋକର ଶୁଦ୍ଧ ଉଚ୍ଚାରଣ ଉପରେ ଗୁରୁତ୍ୱ ଦେଇଥିଲେ। ସଂସ୍କୃତ ସାଧନାରେ ଛାତ୍ରୀମାନଙ୍କୁ ବ୍ରତୀ ହେବା ପାଇଁ ଉତ୍ସାହ କରିଥିଲେ। ସଭାରେ ପ୍ରଣତି ସାହୁ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଡ. ଦିପ୍ତିମୟୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ ଉଦ୍‌ଘାଟିତ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି କେଦାରଗୌରୀବିହାର ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲର ୧୯ତମ ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ ସ୍କୁଲ ପରିସରରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ କୈଳାସ ମିଶ୍ର ଯୋଗଦେଇ ଶିଶୁମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଲେ ସେମାନଙ୍କର ବୌଦ୍ଧିକ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ସୁନ୍ଦର ହସ୍ତାକ୍ଷର, ସାଧାରଣଜ୍ଞାନ ଏବଂ ଓଡିଶୀ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ଅପରାହ୍ନରେ ସ୍କୁଲରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା ଓ ସାମ୍ବାଦିକ ଅରୁଣ ପ୍ରସାଦ କାନୁନ୍‌ଗୋ ଯୋଗଦେଇଥିଲେ। ଆସନ୍ତା ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସ୍କୁଲର ନିର୍ଦ୍ଦେଶିକା ଦେବସ୍ମିତା ମିଶ୍ର ଜଣାଇଛନ୍ତି ।

# ଭୁବନେଶ୍ୱର ପୋଲିସକୁ ହରାଇ ଟ୍ରଫି ହାତେଇଲା ମିଡିଆ

## ପ୍ରଥମ ପ୍ରବୀର -ଅରିନ୍ଦମ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର,୧୮।୧୨ (ବ୍ୟୁରୋ) :

ଚନ୍ଦକା ଥାନା ଅନ୍ତର୍ଗତ ବିକାଶ ସ୍କୁଲ ଖେଳ ପଡିଆରେ ପ୍ରବୀର ଓ ଅରିନ୍ଦମ ସ୍ମାରକୀ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଓ ଟେଲିଭିଜନ-ପ୍ରିଣ୍ଟ ମିଡିଆ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଏବଂ ପ୍ରିଣ୍ଟ ମିଡ଼ିଆ ମଧ୍ୟରେ ଖେଳା ଯାଇଥିବାବେଳେ ପ୍ରିଣ୍ଟ ମିଡ଼ିଆ ପ୍ରଥମେ ବ୍ୟାଟିଂ କରି ୧୩୪ ରନ୍ କରିଥିଲା। ପ୍ରତିବଦଳରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ସମସ୍ତ ୱିକେଟ ହରାଇ ମାତ୍ର ୮୦ ରନ୍ କରିଥିଲା। ଫଳରେ ପ୍ରିଣ୍ଟ ମିଡ଼ିଆ ସହଜରେ ବିଜୟଲାଭ କରିଥିଲା। ପ୍ରିଣ୍ଟମିଡ଼ିଆ ତରଫରୁ ହିତେଶ ସର୍ବାଧିକ ୩୯ ରନ୍ କରିବା ସହିତ ଗୋଟିଏ ୱିକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବାବେଳେ ୪ ୱିକେଟ ସହ ସିଦ୍ଧ ବେଷ୍ଟ ବୋଲର ଘୋଷିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଏବଂ ଟେଲିଭିଜନ ମିଡ଼ିଆ ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ସହିତ ୧୦୧ ରନ୍ କରିଥିଲା। ତେବେ ଟେଲିଭିଜନ ମିଡ଼ିଆ ବହୁ ସହଜରେ ୧୦୨ ରନ୍ କରି ବିଜୟ ଲାଭ କରିଥିଲା। ଏହି କ୍ରିକେଟ ମ୍ୟାଚରେ ଡିସିପି ପ୍ରତୀକ ସିଂହ ବେଷ୍ଟ କ୍ୟାପଟେନ ଓ ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ ବେଷ୍ଟ ସିନିଅର ପ୍ଲେୟାର ଘୋଷିତ ହୋଇଥିଲେ।




ବିଜୟୀ ଟେଲିଭିଜନ-ପ୍ରିଣ୍ଟ ମିଡିଆ ଟିମ୍ ସହ ବେଷ୍ଟ କ୍ୟାପ୍ଟେନ ହୋଇଥିବା ଡିସିପି ପ୍ରତୀକ ସିଂହ, ବେଷ୍ଟ ସିନିଅର ପ୍ଲେୟାର ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ ଓ ଅନ୍ୟମାନେ।

### ଶାନ୍ କ୍ଲବ ଭୁବନେଶ୍ୱର ଚାମ୍ପିୟନ

ଟାଙ୍ଗୀ(ଖୋର୍ଦ୍ଧା), ୧୮।୧୨(ଡି.ଏନ୍.ଏ.):

ରାଜ୍ୟସ୍ତରୀୟ ବଡ଼ପାରୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଖଣ୍ଡପଡ଼ା ଫୁଟ୍‌ବଲ କ୍ଲବ ଏବଂ ଭୁବନେଶ୍ୱର ଶାନ୍ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଶାନ୍ କ୍ଲବ ୩-୧ ଗୋଲରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଅବିନାଶ ପଟ୍ଟନାୟକ, ବିପିନ କୁମାର ସାମନ୍ତରାୟ ଓ ଅନନ୍ତ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ବାସନ୍ତୀ ମହାପାତ୍ର, ପ୍ରଫୁଲ୍ଲ ଦାସ, ପାର୍ବତୀ ସେଠୀ, ବିଜୟ ରାଉତ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ।



ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍ (ଆଇଆଇଏ) ଓଡ଼ିଶା ଚାପ୍ଟର ପକ୍ଷରୁ ଭୁବନେଶ୍ୱରଠାରେ ଚାଲିଥିବା ୨ଦିନିଆ ପୂର୍ବାଞ୍ଚଳ ସମ୍ମିଳନୀ 'କ୍ଷୀତିଜ, ଉଦୀୟମାନ ସ୍ଥାପତ୍ୟ ଦିଗବଳୟ'ର ରବିବାର ଉଦ୍‌ଯାପନ ଅବସରରେ ଯୋଗଦେଇଥିବା ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ଆଇଆଇଏ ସଭାପତି ସିଆର୍ ରାଜୁ, ଓଡ଼ିଶା ଚାପ୍ଟର ଅଧ୍ୟକ୍ଷ ସ୍ଥପତି ରାଜ୍ କନ୍‌ୱର ନାୟକ ଓ ଅନ୍ୟମାନେ।

# ମୁକ୍ତିକାନ୍ତଙ୍କୁ ଶିଶୁ ଭବନ ଛକରେ ଅଟକାଇଲା ପୋଲିସ୍

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ରାଉରକେଲାରୁ ଭୁବନେଶ୍ୱର ପଦଯାତ୍ରା

### ସମର୍ଥନ ଜଣାଇ ମିଳିତ ଯୁବ-ଛାତ୍ର ଫୋରମର କ୍ୟାଣ୍ଡେଲ ଶୋଭାଯାତ୍ରା

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ରାଉରକେଲାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲେ ମଧ୍ୟ ବହୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହାର ପ୍ରତିବାଦରେ ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ ନଭେମ୍ବର ୧୬ରୁ ରାଉରକେଲାରୁ ନବୀନ ନିବାସ ଅଭିମୁଖେ ପଦଯାତ୍ରାରେ ବାହାରିଥିଲେ। ଗତ ୧୬ ତାରିଖରେ ଭୁବନେଶ୍ୱରରେ ପହଞ୍ଚି ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିଲେ। ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ନବୀନ ନିବାସ ଯାଉଥିବାବେଳେ ପୋଲିସ ତାଙ୍କୁ ଶିଶୁ ଭବନ ଛକ ନିକଟରେ ଅଟକାଇଥିଲା। ମୁକ୍ତିକାନ୍ତଙ୍କୁ ସମର୍ଥନ ଜଣାଇ ମିଳିତ ଯୁବ-ଛାତ୍ର ଫୋରମ ପକ୍ଷରୁ ମୁକ୍ତିକାନ୍ତଙ୍କ ଧାରଣାସ୍ଥଳରୁ ଶିଶୁ ଭବନ ଛକ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ନିରବ ପ୍ରତିବାଦ ଜରିଆରେ ମୁକ୍ତିକାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ଭେଟିବାକୁ ଦିଆଯିବାକୁ ମିଳିତ ଫୋରମ ଦାବି କରିଛି। ଏହି ଶୋଭାଯାତ୍ରାରେ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର, ଏଆଇଏସ୍‌ଏଫ୍ ରାଜ୍ୟ ସଭାପତି ସଂଘମିତ୍ରା ଜେନା, ସୂଚନା ଅଧିକାର କର୍ମୀ ପ୍ରକାଶ ଦାସ, ଛାତ୍ର ନେତା ମନୋଜ କର, ଦେବବ୍ରତ ବେହେରା, ବୁଲୁ ଗଉଡ଼, ରାଜେଶ୍ୱରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ପଦଯାତ୍ରାରେ ବାହାରିଥିବା ମୁକ୍ତିକାନ୍ତଙ୍କ କାନ୍ଧରେ ରହିଛି ୨୭ କିଲୋଗ୍ରାମରୁ ଅଧିକ ଓଜନର ଅସମ୍ପୂର୍ଣ୍ଣ ପ୍ରକଳ୍ପର ଭାର। ଆଉ ସେ ପାଦରେ ଚାଲି ଚାଲି ୫୩୦ କିମିରୁ ଅଧିକ ରାସ୍ତା ଅତିକ୍ରମ କରିଛନ୍ତି। ୪୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ, କୋଏଲ ନଦୀରେ ବ୍ୟାରେଜ, ରିଂରୋଡ଼ ଓ ଶୀତଳ ଭଣ୍ଡାର ଆଦି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ କରିବା ତାଙ୍କର ଦାବି ରହିଛି। ରାଉରକେଲାରେ ଅନୁଷ୍ଠିତ ହେବାକୁ ଥିବା ହକି ବିଶ୍ୱକପ୍ ପାଇଁ ସ୍ଥାନୀୟ ପ୍ରଶାସନ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ଏବେ ସୁଦ୍ଧା ରାଉରକେଲାବାସୀଙ୍କ ଯେଉଁ ସାଧାରଣ ସମସ୍ୟା ରହିଛି ତାହା ପୂରଣ ହୋଇ ପାରିନାହିଁ ବୋଲି ମୁକ୍ତିକାନ୍ତ କହିଛନ୍ତି। ପ୍ରକଳ୍ପ ଆରମ୍ଭ ହୋଇଛି ସତ, କିନ୍ତୁ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି। ତେବେ ଏନେଇ ସେ ସ୍ଥାନୀୟ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ଫଳପ୍ରଦ ହେଉନାହିଁ। ତେବେ ଏହା ତାଙ୍କର ପ୍ରଥମପଦ ଯାତ୍ରା ନୁହେଁ, ଏହା ପୂର୍ବରୁ ୨୦୧୮ ଜୁଲାଇ ୩୦ରେ ମଧ୍ୟ ସେ ରାଉରକେଲାରୁ ଭୁବନେଶ୍ୱର ପଦଯାତ୍ରାରେ ଆସିଥିଲେ।

## ସଂକ୍ଷେପରେ

### ଡକାୟତି ଯୋଜନା ବେଳେ ଫେରାର ଅଭିଯୁକ୍ତ ଗିରଫ

ପୁରୀ ଅଫିସ, ୧୮।୧୨: ବଳିଆପଣ୍ଡା ଥାନା ଅଞ୍ଚଳରେ ଗତ ମାସ ୨୩ ତାରିଖରେ ଡକାୟତି କରିବା ଯୋଜନା ବେଳେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ କେତକୀଝରର ସତ୍ୟବ୍ରତ ପଣ୍ଡା (୩୫)। ଏ ନେଇ ପୋଲିସ ଏକ କେସ୍ (ନଂ. ୧୬୦/୨୨) ରୁଜୁ କରିଛି। ସତ୍ୟବ୍ରତଙ୍କ ନାମରେ ପୂର୍ବରୁ ୮ଟି ମାମଲା ଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ଗତ ମାସ ୨୩ ତାରିଖ ରାତି ପ୍ରାୟ ୧ଟା ୩୦ରେ ବଳିଆପଣ୍ଡା ଥାନାର ଏସ୍.ଆଇ ରୀତା ବେହେରା ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ରାତ୍ରକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଷ୍ଟର୍ଲିଂ ଛକ ନିକଟରେ କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ର ସହ ଏକାଠି ବସି ଡକାୟତି ଯୋଜନା କରୁଥିବା ବିଶେଷ ସୂତ୍ରରୁ ସୂଚନା ପାଇଁ ଚଢ଼ାଉ କରିଥିଲେ। ପୋଲିସ ୪ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଦୁଇଜଣ ଏକ ନୀଳ ରଙ୍ଗର ସ୍କୁଟିରେ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ଫେରାର ଥିବା ରାଜେନ୍ଦ୍ର ନାୟକଙ୍କୁ ଗିରଫ କରିଥିବା ବେଳେ ରବିବାର ଅନ୍ୟତମ ଫେରାର ଅଭିଯୁକ୍ତ ସତ୍ୟବ୍ରତଙ୍କୁ ଗିରଫ କରାଯାଇଛି।

### ଟାଙ୍ଗୋଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ : ଟାଙ୍ଗୀ ବିଜୟୀ

ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୧୮।୧୨ (ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଟାଙ୍ଗୋଲ ମା'ମଙ୍ଗଳା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୪ର୍ଥ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଭୁବନେଶ୍ୱର କରଡାପଲୀ ଓ ଟାଙ୍ଗୀ ଟିମ୍ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟ୍ରାଇବେକର ହୋଇଥିଲା। ଟାଙ୍ଗୀ ଟିମ୍ ୫-୩ ଗୋଲରେ ବିଜୟୀ ହୋଇଥିଲା। ଆୟୋଜକ କ୍ଲବ ସଭାପତି ଦିଲୀପ କୁମାର ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା ବିଜୁ ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ସରପଞ୍ଚ ବିରେଶ କୁମାର ରାଜଗୁରୁ, କୁହୁଡି ସରପଞ୍ଚ ଜୟଦେବ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଶରତ କୁମାର ନାୟକ ସଂଯୋଜନା କରିଥିଲେ। ସରୋଜ ଛୋଟରାୟ, ବଟକୃଷ୍ଣ ସାହୁ, ପ୍ରସନ୍ନ କୁମାର ପଟ୍ଟଯୋଶୀ, ବିଷ୍ଣୁନାରାୟଣ ମିଶ୍ର,ଦୟା ନାୟକ, ଗୟା ନାୟକ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

### ୧୯୮୩ ମାଟ୍ରିକ ବ୍ୟାଚ୍ ପକ୍ଷରୁ ପୂଜ୍ୟପୂଜା ସମ୍ମାନ ଉତ୍ସବ

ପୁରୀ ଅଫିସ, ୧୮।୧୨: ବିଶ୍ୱମ୍ଭର ବିଦ୍ୟାପୀଠର ୧୯୮୩ ମସିହା ମାଟ୍ରିକ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ପକ୍ଷରୁ ରବିବାର ବିଦ୍ୟାଳୟ ପରିସରରେ ପୂଜ୍ୟପୂଜା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୧୮ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ, ୧୯୪୫ରେ ସ୍ଥାପିତ ବିଶ୍ୱମ୍ଭର ବିଦ୍ୟାପୀଠ ୧୯୬୦ରୁ ୨୦୦୦ ମସିହା ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଓଡ଼ିଶାରେ ଶୀର୍ଷ ସ୍ଥାନ ହାସଲ କରିଥିଲା। ଏହି ବିଦ୍ୟାଳୟର ଅନେକ ଛାତ୍ରୀଛାତ୍ରମାନେ ବିଭିନ୍ନ ଉଚ୍ଚ ପଦବୀରେ ଅଧୁନା ଅବସ୍ଥାପିତ ଅଛନ୍ତି। ଉତ୍ସବରେ ରାଜେନ୍ଦ୍ର ପଟ୍ଟନାୟକ, ଦଧିବାମନ ଦାସ, ବସନ୍ତ କୁମାର ମିଶ୍ର, ରଘୁନାଥ ମହାପାତ୍ର, କୃଷ୍ଣଚନ୍ଦ୍ର ମିଶ୍ର, ଅଜିତ ମହାପାତ୍ର, ବାବାଜୀ ମହାନ୍ତି, ଗୋପୀନାଥ ତ୍ରିପାଠୀ, ପଦ୍ମିନୀ ଚୌଧୁରୀ ପ୍ରମୁଖ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଭାଗନେଲେ ୨୨ ପ୍ରଜାତିର ୨୪୦ରୁ ଊର୍ଦ୍ଧ୍ୱ କୁକୁର

## ପୁରୀ କେନେଲ କ୍ଲବ୍ ପକ୍ଷରୁ ଜିଲାସ୍ତରୀୟ ଡଗ୍ ଶୋ'

ପୁରୀ ଅଫିସ, ୧୮।୧୨:

ପୁରୀ କେନେଲ କ୍ଲବ୍ ପକ୍ଷରୁ ତାଳବଣିଆସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଇନ୍‌ଡୋର ଷ୍ଟାଡିୟମରେ ରବିବାର ତୃତୀୟ ଡଗ୍ ଶୋ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର ପଣ୍ଡା ଓ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିଲେ। ଏହି ଡଗ୍ ଶୋ' ଆୟୋଜନକୁ ଅତିଥିମାନେ ପ୍ରଶଂସା କରିଥିଲେ। କୁକୁରଙ୍କ ବିଷୟରେ ସଚେତନତା ସୃଷ୍ଟି ସହ କୁକୁରପ୍ରେମୀଙ୍କୁ ଆକର୍ଷିତ କରାଇବା ଉଦ୍ଦେଶ୍ୟରେ ଏହି ଡଗ୍ ଶୋ' ଆୟୋଜିତ ହୋଇଥିଲା। ଏକସଙ୍ଗରେ ଭିନ୍ନ ଭିନ୍ନ ପ୍ରଜାତିର କୁକୁର ଏକତ୍ରିତ ହୋଇଥିବାବେଳେ ଏହା କୁକୁରପ୍ରେମୀଙ୍କୁ ଆକର୍ଷିତ କରିଥିଲା। ଡଗ୍ ଶୋ'ରେ ଜର୍ମାନ ଶେଫର୍ଡ, ଲାବ୍ରାଡର, ଗୋଲଡେନ


ଗୋଲଡେନ ରିଟ୍ରାଏର

ରିଟ୍ରାଏର, ବୁଲି, ଆମେରିକାନ ପିଟ ବୁଲ୍, ଫେଞ୍ଚ ବୁଲ୍ ଡଗ୍, ବେଗଲ, ରୋଟ ହ୍ୱିଲର, ଜର୍ମାନ ସ୍ୱିଜ ଆଦି ୨୨ଟି ପ୍ରଜାତିର ୨୪୦ରୁ ଅଧିକ କୁକୁର ଭାଗ ନେଇଥିଲେ। ଏହି ଶୋ' ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଶୋ'ରେ ଭାଗ ନେଇଥିବା ସମସ୍ତ କୁକୁରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏଭଳି ଶୋ' କୁକୁରପ୍ରେମୀଙ୍କୁ ଆକର୍ଷିତ କରିଛି।




ନିଜ ପୋଷା କୁକୁରଙ୍କ ସହ ମାଲିକମାନେ।



ପୁରସ୍କୃତ ପୋଷା କୁକୁରଙ୍କ ସହ ମାଲିକମାନେ।

କୁକୁରଙ୍କୁ ଲାଳନପାଳନ ଓ ସେମାନଙ୍କ ରକ୍ଷଣାବେକ୍ଷଣ ସମ୍ପର୍କରେ ସଚେତନ କରାଇବାରେ ଏହା ସହାୟକ ହୋଇଛି। ଏହି ଶୋ' ଦ୍ୱାରା କୁକୁରଙ୍କ ସମ୍ପର୍କରେ ଅନେକ କଥା ଜାଣିବାକୁ ମିଳିଥିବା ଲୋକେ ପ୍ରକାଶ କରିଛନ୍ତି। ଡଗ୍ ଶୋ'ର ବିଚାରକ ଭାବେ ସମ୍ବିତ ପଟ୍ଟନାୟକ ଓ ହରିଶଙ୍କର ପଟ୍ଟନାୟକ ଯୋଗଦେଇ ପ୍ରତ୍ୟେକ ପ୍ରଜାତିର କୁକୁରମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ଜଣଙ୍କୁ ଚୟନ କରିଥିଲେ। ଏହି ଅବସରରେ ଡଗ୍ ଫୁଡ୍ ସମ୍ବନ୍ଧୀୟ ବିଭିନ୍ନ ଷ୍ଟଲ ଖୋଲାଯାଇଥିଲା। ଡଗ୍ ଶୋ'କୁ କ୍ଲବର ସଭାପତି ବିଶ୍ୱଜିତ୍ ଜେନା, ଉପସଭାପତି ରଞ୍ଜନ ରଥ, ସମ୍ପାଦକ ବିଶ୍ୱଜିତ ପଟ୍ଟନାୟକ, କୋଷାଧ୍ୟକ୍ଷ ଅଜୟ ସାସମଲ, ସଭ୍ୟ ଲିଟନ କୁମାର ଦାଶ, ଗୋପକୃଷ୍ଣ ମହାପାତ୍ର, ଭବାନୀ ଶଙ୍କର ଦାଶ, ପ୍ରତୀକ କୁମାର ଦାଶ, ସୁନୀଲ ମହାଜନଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

## ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟରେ ୨ୟ ବ୍ୟାଚ୍ ପଢ଼ା ଆରମ୍ଭ

ପୁରୀ ଅଫିସ,୧୮।୧୨

ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ପାଠପଢ଼ା ଆରମ୍ଭ ହୋଇଛି। ଚଳିତବର୍ଷ ୨ୟ ବ୍ୟାଚ୍‌ରେ ସର୍ବଭାରତୀୟ ଓ ରାଜ୍ୟ କୋଟା ମିଶି ମୋଟ୍ ୯୯ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଏମ୍‌ବିବିଏସ୍ ସ୍ନାତକ ଶ୍ରେଣୀର ପାଠପଢ଼ା ଆରମ୍ଭ ପରିପ୍ରେକ୍ଷୀରେ ନୂଆ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଡିନ୍ ଡା. ମାୟା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁପରିଣ୍ଟେଣ୍ଡେଣ୍ଟ ଡା. କୌଶିକ ମିଶ୍ର, ଭାଇସ୍ ପ୍ରିନ୍ସିପାଲ୍ ଡା. ଲଲାଟେନ୍ଦୁ ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ। ଡିନ୍ ଡ. ପାଢ଼ୀ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ଭଲ ପାଠ ପଢ଼ି ନିଜକୁ ମାନବ ସମାଜର ସେବାରେ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଡା. ମିଶ୍ର ଛାତ୍ର ଜୀବନର ଶୃଙ୍ଖଳା ସମ୍ପର୍କରେ ଉପଦେଶ ଦେଇ କଲେଜ କ୍ୟାମ୍ପସ୍, ହଷ୍ଟେଲ୍ ଓ ସମବେତ ହେଉଥିବା ସ୍ଥାନରେ ଛାତ୍ରୀଛାତ୍ରଙ୍କ ଆଚରଣ, ରାଗିଂ ଭଳି ସାମାଜିକ ବ୍ୟାଧିଠାରୁ ଦୂରେଇ ରହିବା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ବିଭାଗର ମୁଖ୍ୟମାନେ ମଧ୍ୟ ନିଜ ବିଭାଗର ପାଠ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ନ୍ୟାଶନାଲ୍ ମେଡିକାଲ୍ କମିଶନ୍‌ଙ୍କ ନିୟମାନୁଯାୟୀ ନିୟମିତ ଭାବେ ପାଠ୍ୟକ୍ରମ ଆରମ୍ଭ ପୂର୍ବରୁ ୭ ଦିନିଆ ଫାଉଣ୍ଡେଶନ୍ କୋର୍ସ୍ ପାଇଁ ବ୍ୟବସ୍ଥା କରାଯାଇଛି। ଏହି କୋର୍ସ ଅଧୀନରେ ନବାଗତ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ, ପାରସ୍ପରିକ ପରିଚୟ, ଡାକ୍ତରଖାନା ପରିଦର୍ଶନ, ଟ୍ୟାଲେଣ୍ଟ୍ ହଣ୍ଟ ଆଦି କାର୍ଯ୍ୟକ୍ରମ ରଖାଯାଇଛି। ବରିଷ୍ଠ ଅଧ୍ୟାପିକା ଡା. ଅର୍ପିତା ପ୍ରିୟଦର୍ଶିନୀ, ଅଧ୍ୟାପକ ଡା. ଅମରେନ୍ଦ୍ର ନାୟକ ପ୍ରମୁଖ ଏହି କୋର୍ସକୁ ପରିଚାଳନା କରୁଛନ୍ତି।


ପୁରୀ: ରବିବାର ଅନୁଷ୍ଠିତ ପୂଜ୍ୟପୂଜା ସମ୍ମାନ ଉତ୍ସବରେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

## ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ମାନର ସମୀକ୍ଷା

ପୁରୀ, ୧୮।୧୨:

ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ସୁସ୍ଥ ଶରୀର ଓ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ସଂକ୍ରାନ୍ତ ଏକ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଏକାଡେମୀ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଟାଏକୋଣ୍ଡୋ ବାଳିକା ଓ ବାଳକ କ୍ରୀଡାବିତ୍ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ମେଡିକାଲ ଟିମ୍ ପକ୍ଷରୁ ଡା. କଶ୍ୟପ ଅମ୍ବରୀଶ, ଫାର୍ମାସିଷ୍ଟ ଲାଲା ପ୍ରଧାନ ଏବଂ ଏଏନଏମ୍ ଲୋପାମୁଦ୍ରା ମହାନ୍ତି ପ୍ରମୁଖ ଯୋଗଦେଇ କ୍ରୀଡାବିତ୍‌ମାନଙ୍କ ଓଜନ, ଉଚ୍ଚତା ଓ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କେଉଁ ଖାଦ୍ୟ କେତେ ପରିମାଣରେ ଖାଇବା ଉଚିତ୍ ତଥା ଶରୀରରେ କେତେ ମାତ୍ରାରେ ଜଳୀୟ ଅଂଶ ରହିବା ଆବଶ୍ୟକ ସେ ନେଇ ପରାମର୍ଶ ଦେଇଥିଲେ। କେବଳ ବ୍ୟାୟାମ କଲେ ଶରୀର ସୁସ୍ଥ ରହିବ, ଏହା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ସୁସ୍ଥ ଶରୀର ପାଇଁ ପୁଷ୍ଟିକର ଖାଦ୍ୟ ଆବଶ୍ୟକ। ଏଥିଲାଗି ଡାକ୍ତରଙ୍କ ପରାମର୍ଶ ନେବା ନିତାନ୍ତ ଆବଶ୍ୟକ। ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏଣୁ ଶରୀର ସୁସ୍ଥ ରହିଲେ ଆମେ ସବୁ କାର୍ଯ୍ୟରେ ସକ୍ଷମ ହୋଇପାରିବା ବୋଲି କୋଚ୍ ବିଶ୍ୱନାଥ ନାୟକ ମତବ୍ୟକ୍ତ କରିଥିଲେ।

## ଆଜି ଶ୍ରୀମନ୍ଦିର ସେବାୟତ, କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

ପୁରୀ ଅଫିସ, ୧୮।୧୨:

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୋମବାର ସକାଳ ୯ଟା ୩୦ରୁ ଅପରାହ୍ନ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଶ୍ରୀମନ୍ଦିର ସେବାୟତ ଓ ତାଙ୍କ ପରିବାର ନିମନ୍ତେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପ୍ରଶାସନ ଏବଂ ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ ଡେଣ୍ଟାଲ ସାଇନ୍ସର ମିଳିତ ଆନୁକୂଲ୍ୟରେ ଦନ୍ତ ମୁଖ ଗହ୍ୱର ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ବଡ଼ଦାଣ୍ଡସ୍ଥିତ ନିଳାଦ୍ରୀ ଭକ୍ତନିବାସ ଓ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟ ନୀଳାଚଳ ଉପବନସ୍ଥିତ ସେବକ ବିଶ୍ରାମ ଗୃହରେ ଏହି ଶିବିର ଅନୁଷ୍ଠିତ ହେବ। ଶିବିରରେ ଶ୍ରୀମନ୍ଦିର ସେବାୟତ ଓ ତାଙ୍କ ପରିବାର ସମେତ ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ ଓ ସେମାନଙ୍କ ପରିବାର ଯୋଗଦେଇ ଚିକିତ୍ସା ଏବଂ ପରୀକ୍ଷା କରାଇପାରିବେ। ତେବେ ଶିବିରକୁ ଆସିବା ସମୟରେ ଆଧାରକାର୍ଡ ଓ ଶ୍ରୀମନ୍ଦିର ପ୍ରଶାସନ ପ୍ରଦତ୍ତ ସ୍ୱାସ୍ଥ୍ୟବୀମା କାର୍ଡ ସାଙ୍ଗରେ ଆଣିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀମାନଙ୍କୁ ସୂଚନା ଦିଆଯାଇଛି।

## ପୋତିହୋଇ ପଡ଼ିଛି ସୁହାଗପୁର, ଖରଖରା ନାଳ



କଣାସ,୧୮।୧୨(ସ୍ୱ.ପ୍ର):

କଣାସ ବ୍ଲକର ସୁହାଗପୁର ଓ ଖରଖରା ନାଳ ପୋତି ହୋଇପଡ଼ିଥିବାରୁ ଧାନଜମିରେ ଜଳ ଜମିରହୁଛି। ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ତ୍ରିଲୋଚନପୁର, କଣାସ, ସିରେଇ, ବିନ୍ଧଣ, ବିଜିପୁର, ଅଣ୍ଡାଳସିଂହ, ଗଡସାହି, ଯାମଳଗୋଦା, ଗଡିଶାଗୋଦା, ଆଳିବାଡ, ଖଣ୍ଡହତା ପଞ୍ଚାୟତର ଧାନଜମିର ବର୍ଷାଜଳ ଓ ବନ୍ୟାଜଳ ଖରଖରା ନାଳଦେଇ ସୁହାଗପୁର ନାଳରେ ପହଞ୍ଚିବାପରେ ଚିଲିକାକୁ ନିଷ୍କାସନ ହୋଇଥାଏ। ସୁହାଗପୁର ନାଳ ପୋତି ହୋଇପଡିବା ସହିତ କଳିକତିଦଳ ଜମାହୋଇଥିବାରୁ ଖଣ୍ଡହତା, ବିନ୍ଧଣ, ଗଡସାହି, ଗଡିଶାଗୋଦା, ଯାମଳଗୋଦା, ଆଳିବାଡ ପଞ୍ଚାୟତର ଧାନଜମିରେ ବର୍ଷା ଓ ବନ୍ୟାଜଳ ଜମି ରହୁଛି। ଫଳରେ ଚାଷୀମାନେ ଚାଷ କରିବାରେ ହଇରାଣ ହେଉଛନ୍ତି। ତେଣୁ ପ୍ରଶାସନ ତୁରନ୍ତ ନାଳ ଖନନ କରିବା ସହ ଦଳ ସଫା କରିବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବିହେଉଛି।

## ଛାତ୍ରୀଛାତ୍ରଙ୍କ ଶାରୀରିକ ଗଠନ ଲାଗି ଖେଳକୁଦ ଆବଶ୍ୟକ

### ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଗୋପ,୧୮।୧୨(ଡି.ଏନ୍.ଏ.)

ପାଠପଢ଼ା ସହିତ ଛାତ୍ରୀଛାତ୍ର ଖେଳକୁଦ କରିବା ନିହାତି ଦରକାର। ଖେଳକୁଦ ଦ୍ୱାରା ଛାତ୍ରୀଛାତ୍ରଙ୍କ ଶାରୀରିକ ଗଠନ ସହିତ ମନ ଖୁସି ରହିଥାଏ। ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଗୋପ ଶିଶୁମନ୍ଦିର ପକ୍ଷରୁ ଆୟୋଜିତ ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପ ଥାନା ଅଧିକାରୀ ସୁନିଲ ପ୍ରଧାନ ଏହା କହିଥିଲେ। ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର ତାପସ ସାହୁ, ଶିଶୁମନ୍ଦିର ସଭାପତି ଦାମୋଦର ପାଢ଼ୀ, ସମ୍ପାଦକ ସତ୍ୟନାରାୟଣ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ନିମାପଡ଼ା, ବଳଙ୍ଗା, କୋଣାର୍କ, ଜାଉଁଳିପୋଖରୀ, ବଦଳାଶାସନ, ଗୋପ ଶିଶୁ ମନ୍ଦିରର ୧୮୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଲମ୍ଫଡିଆଁ, ହାଇଜମ୍ପ, ଦୌଡ଼, ଡିସ୍କସ୍ ଥ୍ରୋ ଆଦି ଖେଳ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅପରାହ୍ନରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମାନପତ୍ର, ସିଲ୍, କପ୍ ଦିଆଯାଇ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାକୁ ଦେବାଶିଷ ଦୀକ୍ଷିତ, ଶ୍ରୀଧର ପ୍ରହରାଜ, ମେଘନାଦ ସ୍ୱାଇଁ, ବିଜୟ ପଣ୍ଡା, ବବିତା ପ୍ରଧାନ, ଅନନ୍ୟା ପାତ୍ର, ଦିଲୀପ୍ ଭୋଇ ପ୍ରମୁଖ ପରିଚାଳନା କରିଥିଲେ।

## ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ସମ୍ବନ୍ଧୀୟ କର୍ମଶାଳା

କଣାସ,୧୮।୧୨(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ବେଣା ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମ୍ବନ୍ଧୀୟ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଶିଳ୍ପ କେନ୍ଦ୍ର ସହାୟତାରେ ଗ୍ରାମ୍ୟ କୃଷି ବିକାଶ ପରିସର ଆନୁକୂଲ୍ୟରେ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନେଇ ସ୍ୱ ରୋଜଗାର ସୁଦୃଢ଼ ପାଇଁ କର୍ମଶାଳା ଆୟୋଜିତ ହୋଇଥିଲା। ସମୁଚିତା ମଲ୍ଲିକ କର୍ମଶାଳା ଉଦ୍‌ଘାଟନ କରିଥିଲେ। ପ୍ରତାପ ପାହାନ୍ତାସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୩୯ତମ କଣାସ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ


ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କଣାସ,୧୮।୧୨(ସ୍ୱ.ପ୍ର.)

ଓଷ୍ଟା ପକ୍ଷରୁ କଣାସ ବ୍ଲକ କଣାସଠାରେ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୩୯ତମ କଣାସ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା କଣାସ ବଡ଼ମଠ ମହନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଉଦ୍‌ଘାଟନ କରିଥିଲେ। ଦିନ ତମାମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଅପରାହ୍ନରେ ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ବଡ଼ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଜିଲା ପରିଷଦ ସଭ୍ୟା ଲତାମଣି ଜଗଦେବ, କଣାସ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ, ଶିକ୍ଷକ ନେତା ମହେନ୍ଦ୍ର ରଣସିଂ, ଶିକ୍ଷାବିତ୍ ବିଭୂତିଭୂଷଣ ପଟ୍ଟନାୟକ, ପରିକ୍ଷିତ ବଡ଼ଜେନା, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁଚରିତା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ଜଣେ ଜଣେ ଭଲ ମଣିଷ ହେବା ସହ ବାୟୁ, ପାଣି, ମାଟି, ଆକାଶ ପରିଷ୍କାର ରହିଲେ ପରିବେଶ ସୁରକ୍ଷିତ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ୮ ଦିନ ପରେ ବି ମୁଖ୍ୟ ଅଭିଯୁକ୍ତଙ୍କୁ ଧରିପାରିନି ପୋଲିସ

### ଖବରଦାତାଙ୍କୁ ଆକ୍ରମଣ ଘଟଣା

■ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପାଇଁ ଚେତାବନୀ

କୋଣାର୍କ,୧୮।୧୨(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଖବର ସଂଗ୍ରହ ସମୟରେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ କୋଣାର୍କ କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଓ କୋଣାର୍କ ଥାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବା ଲାଗି ସଂଘ ଚେତାବନୀ ଦେଇଛି।

ସୂଚନା ମୁତାବକ, ଗତ ରବିବାର ସୂର୍ଯ୍ୟମନ୍ଦିର ସମ୍ମୁଖରେ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିନେଇ ଏକ ପୋଲିସ ସମନ୍ୱୟ ବୈଠକରେ ମୁଖ୍ୟ ଅଭିଯୁକ୍ତଙ୍କୁ ୨ ଦିନରେ ଧରାଯିବ ବୋଲି ପୋଲିସ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଏବେ ଫାଇଲ ମଧ୍ୟରେ ସୀମିତ ରହିବା ପୋଲିସର ନିଷ୍କ୍ରିୟତା ଭାବନାକୁ ପ୍ରକାଶ କରୁଛି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପୋଲିସ ଆସାମୀଙ୍କୁ ନ ଧରି ଖୋଜି ପାଉ ନ ଥିବା ବାହାନା କରୁଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଆକ୍ରମଣ ଘଟଣାକୁ ୮ଦିନ ବିତିଯାଇଥିଲେ ମଧ୍ୟ ପୋଲିସର ଟାଳଟୁଳ ନୀତି ଯୋଗୁ ପୋଲିସ ପ୍ରଶାସନ ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। କୋଣାର୍କ ଥାନା କାକଟପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହୋଇଥିବାରୁ ଏଠାରେ ବିଧାୟକ ତୁଷାରକାନ୍ତି ବେହେରା ଖୋଦ ଗୃହ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ମାତ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଏଭଳି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଅସମର୍ଥ ହେବା ମନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ଦିଗରେ ମୁଖ୍ୟମନ୍ତ୍ରୀ ଓ ପୋଲିସ ମହାନିର୍ଦ୍ଦେଶକ ଦୃଷ୍ଟି ଦେଇ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ରଞ୍ଜୁ ଲେଙ୍କାଙ୍କୁ ଗିରଫ କରିବା ପାଇଁ କୋଣାର୍କ କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ଦାବି କରାଯାଇଛି। ଅନ୍ୟଥା ସଂଘ ପକ୍ଷରୁ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଓ କୋଣାର୍କ ଥାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ବିଲାସୁଣୀ ମହୋତ୍ସବ ଉଦ୍‌ଯାପିତ

ନିଆଳି,୧୮।୧୨(ଡି.ଏନ୍.ଏ.): ନିଆଳି ବ୍ଲକ ଅନ୍ତର୍ଗତ ବିଲାସୁଣୀ ପଞ୍ଚାୟତରେ ବିଲାସୁଣୀ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଞ୍ଚଳର କଳାକାର ଯୋଗଦେଇ କଳାପ୍ରଦର୍ଶନ କରିଥିଲେ। ମହାଦେବ ମହାପାତ୍ର ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ୨ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଫାଇନାଲ୍ ମ୍ୟାଚ୍ ସୁନ୍ଦରଗଡ ଓ ଦେବଗଡ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲ୍‌ଟିକ୍ ଜରିଆରେ ସୁନ୍ଦରଗଡ ଟିମ୍ ଦେବଗଡକୁ ୧-୦ ଗୋଲ୍‌ରେ ହରାଇ ଚାମ୍ପିୟନ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥି ଭାବେ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରମୋଦ ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ଶଶାଙ୍କ ଶେଖର ଦାସ, ରକ୍ଷକ ନାୟକ, ସାମ୍ବାଦିକ ଭବାନୀ ଶଙ୍କର ତ୍ରିପାଠୀ, ଡା.ଅଭିଶେକ ଦାସ, ଅଭିନେତ୍ରୀ ଅପ୍ସରା ରାଣୀ, ତପସୀ ରାଜ୍‌ଙ୍କ ସମେତ ୨୫ଜଣଙ୍କୁ ବିଲାସୁଣୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଚାମ୍ପିୟନ୍ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ସବିତା ନନ୍ଦ, ସମିତିସଭ୍ୟ ସମ୍ପଦ ମହାନ୍ତି, ଯୁବନେତା ମଦନ ଡାଲୁଆ, ସୁବାସ ମହାନ୍ତି, ମାନସ ରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜକ ବଦ୍ରି ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ହକ୍ ପାଇଁ ଆନ୍ଦୋଳନ କରିବ ଓଡ଼ିଶା ସଫେଇ କର୍ମଚାରୀ ମହାସଂଘ

ମଙ୍ଗୁଳି-ଜଗତପୁର,୧୮।୧୨(ଡି.ଏନ.ଏ.): ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପ୍ରତି ଅଣଦେଖା କରାଯାଉଛି। ସରକାର ଓ ପ୍ରଶାସନ ସେମାନଙ୍କ ଉପରେ କାମର ବୋଝ ଲଦି ଦେଉଥିବାବେଳେ ନ୍ୟାର୍ଯ୍ୟ ଅଧିକାର ପାଇଁ ବୈମାତୃକ ମନୋଭାବ ପୋଷଣ କରିବା ଦୁର୍ଭାଗ୍ୟ ଜନକ ବୋଲି ଓଡ଼ିଶା ସଫେଇ କର୍ମଚାରୀ ମହାସଂଘ ପକ୍ଷରୁ କୁହାଯାଇଛି। ଏନେଇ ଜଗତପୁରସ୍ଥିତ କୃଷ୍ଣେଶ୍ୱର ମନ୍ଦିର ପରିସରରେ ରବିବାର ମହାସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଲକ୍ଷ୍ମୀଧର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ, ଜଗତ୍‌ପୁର, ଚୌଦ୍ୱାର ଅଞ୍ଚଳର ୪୦୦ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀ ଯୋଗଦେଇ ନିଜର ହକ୍ ପାଇଁ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ଏଥିସହିତ ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ କରାଯିବାକୁ ନିଷ୍ପତ୍ତି ହୋଇଥିବା ମହାସଂଘ ପକ୍ଷରୁ କୁହାଯାଇଛି।

# ମିଟର ରିଡିଂ ସମୟରେ ଉପସ୍ଥିତ ରୁହନ୍ତୁ ସରପଞ୍ଚ, ପିଇଓ

ତିଗିରିଆ,୧୮।୧୨(ଡି.ଏନ.ଏ)



ପଞ୍ଚାୟତ ସମିତି ବୈଠକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଲୋକପ୍ରତିନିଧି ଓ ଅନ୍ୟମାନେ।

**ତିଗିରିଆ ପଞ୍ଚାୟତ ସମିତି ବୈଠକ**

ତିଗିରିଆ ପଞ୍ଚାୟତ ସମିତିର ଦ୍ୱିତୀୟ ସମିତି ବୈଠକ ରବିବାର ସମିତି ସଭାଗୃହ ପରିବର୍ତ୍ତେ ଏହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ବିଧାୟକ ତଥା ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ବ୍ଲକର ସମସ୍ତ ପଞ୍ଚାୟତରେ ଥିବା ଅର୍ଥ ଅନୁଯାୟୀ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରିବାକୁ କହିଥିଲେ। ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ କରୁଥିବା ଘରୋଇ କମ୍ପାନୀ ମନମୁଖିଭାବେ ବିଲ୍ ଦେଇ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ୍ ସଂଯୋଗ ଛିନ୍ନ କରୁଥିବା ନେଇ ଜେମାଦେଇପୁର ସରପଞ୍ଚଙ୍କ ପ୍ରତିନିଧି ସଂସାରୀ ବେହେରା ଅଭିଯୋଗ କରିଥିଲେ। ଏନେଇ ସରପଞ୍ଚ ଓ ପିଇଓ ମିଟର ରିଡିଂ ବେଳେ ଉପସ୍ଥିତ ରହିବାକୁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଙ୍ଗନୱାଡି କର୍ମୀମାନେ ଆନ୍ଦୋଳନରେ ଥିବାରୁ ଶିଶୁମାନେ ମାସେ ହେଲା ଛତୁଆ ପାଇ ନ ଥିବା ବେଳେ ତାଙ୍କର ପାଠ ପଢା ବନ୍ଦ ରହିଛି ବୋଲି ସିଡିପିଓ ସତ୍ୟଭାମା ବିଶୋଇ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସ୍ୱାଇଁ କହିଥିଲେ, ମିଶନ ଶକ୍ତି ଅଧୀରେ କାର୍ଯ୍ୟରତ ସିଆରପି, ଏମ୍‌ବିକେ, ସରପଞ୍ଚ ଓ ସମିତି ସଭ୍ୟାମିଳିତ ଭାବେ ଛତୁଆ ବଣ୍ଟନରେ ସହଯୋଗ କରନ୍ତୁ। ଏହି ଅବସରରେ ୫-ଟି ଯୋଜନାରେ ବିଦ୍ୟାଳୟ ରୂପାନ୍ତରୀକରଣ ନିମନ୍ତେ ତିଗିରିଆ ବ୍ଲକର ପାଞ୍ଚଗାଁସ୍ଥିତ ଦଧିବାମନ ଜୀଉ ବିଦ୍ୟାପୀଠକୁ ୨୧ ଲକ୍ଷ ଟଙ୍କା ଓ ନିଜିଗଡ଼ ପଞ୍ଚାୟତର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ୨୩.୨୫ ଲକ୍ଷରେ ଶ୍ରେଣୀ ଗୃହ ନିର୍ମାଣ ପାଇଁ ମନ୍ତ୍ରୀ ଶୁଭ ଦେଇଥିଲେ।

ବୈଠକ ପ୍ରାରମ୍ଭରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶରତ ଲେଙ୍କା ଗତ ବୈଠକର ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ,ବିଡିଓ ପ୍ରଣବ କୁମାର ବେହେରା, ଅତିରିକ୍ତ ମଣ୍ଡଳ ଉର୍ନୟନ ଅଧିକାରୀ ଅଭିପ୍ସା ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ସମସ୍ତଙ୍କୁ ଏକାଠି କରେ ମହୋତ୍ସବ'

ଆଠଗଡ଼,୧୮।୧୨(ସ୍ୱ.ପ୍ର.)

ମହୋତ୍ସବ ସମସ୍ତଙ୍କ ମଧ୍ୟରେ ଭେଦଭାବ ଭୁଲି ଆନ୍ତରିକତା ସୃଷ୍ଟି କରିଥାଏ। ପରସ୍ପର ମଧ୍ୟରେ ଭାବ ବିନିମୟ ସହ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ସମୟ ବାହାର କରି ମନୋରଞ୍ଜନର ଖୋରାକ ଯୋଗାଇ ଥାଏ। ଆଠଗଡ଼ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ଆବାହକ ତଥା ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତାଭାବେ କଟକ ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀ, ସମ୍ମାନିତ ଅତିଥି ଭାବେ ତିଗିରିଆ ତହସିଲଦାର ପ୍ରମୋଦ କୁମାର ବାସ୍କେ, ତିଗିରିଆ ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ଟାଙ୍ଗୀ ଚୌଦ୍ୱାର ବ୍ଲକ ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ପ୍ରଧାନ, ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ସସ୍ମିତା ରାଉତ ଉପାଧ୍ୟକ୍ଷ ବି.ଶୁଭ୍ର ଶଙ୍କର ଜ୍ୟୋତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନବକିଶୋର ରାଉତ, ପାର୍ଥ ସାରଥୀ ପଟ୍ଟନାୟକ, ନୀଳକଣ୍ଠ ଦୋରା ସତ୍ୟେନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ: ବାଙ୍କୋଇ ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ବଡ଼ମ୍ବା,୧୮।୧୨(ଡି.ଏନ.ଏ.)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ କନ୍ତପଡାସ୍ଥିତ ବ୍ରଦର୍ସ ଆଣ୍ଡ ବ୍ରଦର୍ସ କ୍ରିକେଟ କ୍ଲବ ଆନୁକୂଲ୍ୟରେ କନ୍ତପଡା ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ସାଇ-୧୧ ଓ ବାଙ୍କୋଇ ବିନ୍ଦାସ-୧୧ ମଧ୍ୟରେ ୨ଟି ପ୍ରିମିଅର ଲିଗ୍ ମ୍ୟାଚ ଖେଳାଯାଇଥିଲା। ଉଭୟ ମ୍ୟାଚରେ ବାଙ୍କୋଇ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଖୋର୍ଦ୍ଧା ଦଳ ରନର୍ସ ଅପ୍ ହୋଇଛି। ବାଙ୍କୋଇର କେ. କେ. ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଘୋଷିତ ହୋଇଥିଲେ। ମୁଖ୍ୟ ଅତିଥିଭାବେ ବଡ଼ମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ମୁଖ୍ୟ ବକ୍ତା ଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ଶଙ୍ଖାମେରୀ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମାନସ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବାଙ୍କୋଇ ଦଳକୁ ଚାମ୍ପିୟନ କପ୍ ସହ ୧୫ ହଜାର ଟଙ୍କା ଓ ରନର୍ସ ଅପ୍ ଖୋର୍ଦ୍ଧା ଦଳକୁ କପ୍ ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ବଟକୃଷ୍ଣ ମହାନ୍ତି, ସଦସ୍ୟ ରବୀନ୍ଦ୍ର ରାଉତ, କାର୍ତ୍ତିକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ତରଞ୍ଜନ ନାୟକ ଓ ସଂଗ୍ରାମ ରାଉତ ମ୍ୟାଚ ପରିଚାଳନା କରିଥିଲେ।

# କବାଡ଼ିରେ କଇଥା, ଫୁଟବଲରେ କୁରୁଜଙ୍ଗା ଚାମ୍ପିୟନ


ବିଧାୟକ ପ୍ରତାପ ଜେନା ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ମାହାଙ୍ଗା,୧୮।୧୨(ସ୍ୱ.ପ୍ର)

**ବ୍ଲକସ୍ତରୀୟ ଫୁଟ୍‌ବଲ, କବିତା ପ୍ରତିଯୋଗିତା**

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁସୁପୁର ପଞ୍ଚାୟତ ନନ୍ଦ କିଶୋର ବିଦ୍ୟାନିକେତନ ଖେଳ ପଡିଆ ପରିସରରେ ବ୍ଲକସ୍ତରୀୟ ଫୁଟବଲ ଓ କବିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫୁଟ୍‌ବଲ ପ୍ରତିଯୋଗିତାରେ ଭଉଁରିଆ, କୁସୁପୁର, କୁରୁଜଙ୍ଗା, କଇଥା ଆଦି ୪ ଟିମ୍ ଭାଗ ନେଇଥିବାବେଳେ କବାଡି ପ୍ରତିଯୋଗିତାରେ କଇଥା, ଉମର, ଶ୍ରୀକୃଷ୍ଣପୁର ଓ ଭଉଁରିଆ ଟିମ୍ ଭାଗ ନେଇଥିଲେ। ଫୁଟବଲର ଫାଇନାଲ ମ୍ୟାଚ କୁରୁଜଙ୍ଗା ଓ କଇଥା ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ କୁରୁଜଙ୍ଗା ଟିମ ଚାମ୍ପିୟନ ହୋଇଥିଲା। ସେହିପରି କବାଡି ଖେଳର ଫାଇନାଲ ମ୍ୟାଚ କଇଥା ଓ ଉମର ଟିମ୍ ମଧ୍ୟରେ ଖେଳା ଯାଇଥିଲା। ଏଥିରେ କଇଥା ଟିମ୍ ଚାମ୍ପିୟାନ ହୋଇଥିଲା। ମାହାଙ୍ଗା ବିଡିଓ ନିହାର ରଞ୍ଜନ ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କର, ସରପଞ୍ଚଙ୍କ ପ୍ରତିନିଧି ଶିବ ଶଙ୍କର ସାହୁ, ସମିତିସଭ୍ୟାଙ୍କ ପ୍ରତିନିଧି ହେମନ୍ତ ଦାସ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ଜେନା ଫୁଟବଲ ଓ କବାଡି ପ୍ରତିଯୋଗିତାର ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନଳିନୀକାନ୍ତ ମହାପାତ୍ର, ବିଶ୍ୱନାଥ ସାହୁ, ରାଧେଶ୍ୟାମ ବେହେରା,ଜ୍ୟୋସ୍ନାରାଣୀ ପଲେଇ, ନିରାକାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷକ ପାର୍ଥସାରଥି ଦାସ, ହିମାଂଶୁ ଶେଖର ଜେନା, ହୃଦୟକୃଷ୍ଣ ବେହୁରା, ବିଭୂତିଭୂଷଣ ସାହାଣୀ, ପ୍ରିୟଦୀପ୍ତ ସାହୁ,ସୁଶାନ୍ତ ପରିଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ମାହାଙ୍ଗା,୧୮।୧୨(ସ୍ୱ.ପ୍ର.)

ମାହାଙ୍ଗା ଥାନା କୁମୁଡା ଜୟପୁର ଫାଣ୍ଡି ଅଧୀନ କୁହୁଣ୍ଡା ପଞ୍ଚାୟତର କୋଠପଦା ଗ୍ରାମର ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସୋମବାର ଜବତ ହୋଇଛି। ସେ ହେଲେ ପ୍ରଦୀପ୍ତ କିଶୋର ଦାସ (୩୮)। କୁମୁଡା ଖବରପାଇ ଜୟପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଥାନାରେ ମାମଲା (ନଂ. ୩୬/୨୨) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ପ୍ରଦୀପ୍ତ ଏକ ବ୍ୟାଙ୍କରୁ ଋଣ ନେଇ ଟାଟା ଏସିଇ ଗାଡି କ୍ରୟ କରି ପରିବାର ଚଳାଇ ଆସୁଥିଲେ। ଭଲ ବ୍ୟବସାୟ ନ ହେବାରୁ ବଡ଼ଚଣା ବ୍ଲକ ଭାକୁଡ ଅଞ୍ଚଳର ଜୈନିକ ବ୍ୟକ୍ତିଙ୍କ ନିକଟରେ ଗାଡ଼ି ବନ୍ଧକ ରଖି କିଛି ଅର୍ଥ ଆଣିଥିଲେ। ମାତ୍ର ଅର୍ଥ ଦେଇ ନ ପାରିବାରୁ ଗାଡିକୁ ମୁକୁଳାଇ ପାରିନଥିଲେ। ଫଳରେ ତାଙ୍କ ରୋଜଗାର ଠପ୍ ହୋଇଯାଇଥିଲା। ଏନେଇ ସେ ମାନସିକ ବଶବର୍ତ୍ତୀ ହୋଇ ଘରଠାରୁ ଅଳ୍ପ ଦୂରରେ ଥିବା ଏକ କରଞ୍ଜ ଗଛରେ ଝୁଲି ପଡିଥିବା ଦର୍ଶାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ଓଷ୍ଟା ଟେଷ୍ଟପେପର ଉନ୍ମୋଚିତ



ଖବରଦାତା ସମ୍ମିଳନୀରେ ଓଷ୍ଟା ଟେଷ୍ଟପେପର ଉନ୍ମୋଚନ କରାଯାଉଛି।

କଟକ ଅଫିସ,୧୮।୧୨

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ କଟକ ସହୀଦ ଭବନରେ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଉତ୍ସବ ଆୟୋଜନ କରାଯାଉଛି। ବିଦ୍ୟାଳୟସ୍ତରରେ ତର୍କ, ସଙ୍ଗୀତ, ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତା ହୋଇଥାଏ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ଭ୍ରମଣରେ ନେବାର କାର୍ଯ୍ୟକ୍ରମ ରହିଛି ବୋଲି ନୟାସଡ଼କସ୍ଥିତ ଓଷ୍ଟା କାର୍ଯ୍ୟାଳୟ ସଭାଗୃହରେ ଓଷ୍ଟା ପକ୍ଷରୁ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ଚଳିତ ଶିକ୍ଷାବର୍ଷ ମାଟ୍ରିକ ସମ୍ମେଟିଭ ୨ ପାଇଁ ଓଷ୍ଟା ପକ୍ଷରୁ ଟେଷ୍ଟପେପର ଉନ୍ମୋଚିତ ହୋଇଥିଲା। ଦୀର୍ଘବର୍ଷ ଧରି ଶିକ୍ଷାର ମାନ ବୃଦ୍ଧି ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଓଷ୍ଟା ଟେଷ୍ଟପେପର ବହୁତ ଉପାଦେୟ ହୋଇଛି ବୋଲି ସଂଘ ସମ୍ପାଦକ ପ୍ରକାଶ ମହାନ୍ତି କହିଛନ୍ତି।

# ବ୍ଲକ କାର୍ଯ୍ୟାଳୟ ସାଇକେଲ ଷ୍ଟାଣ୍ଡରେ ଜବ୍‌କାର୍ଡ


ସାଇକେଲ ଷ୍ଟାଣ୍ଡରେ ଜମା ହୋଇଥିବା ଜବ୍‌କାର୍ଡ, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର।

କଟକ ସଦର,୧୮।୧୨(ଡି.ଏନ୍.ଏ.)

କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସାଇକେଲ ଷ୍ଟାଣ୍ଡରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଜବ୍‌କାର୍ଡ ଓ ବହି ଜମା କରାଯାଇଥିବା ଦେଖିବାକୁ ମିଳିଛି। ହେଲେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଦରକାର ବେଳେ ଏହି କାଗଜପତ୍ର କାମରେ ଆସିବ। ପ୍ରତିବର୍ଷ ବିଭିନ୍ନ ମରାମତି କାମ ପାଇଁ ଅର୍ଥ ଆସୁଥିବାବେଳେ କାଗଜପତ୍ର ସଂରକ୍ଷିତ କରି ରଖିବା ଲାଗି କୋଠରି ନିର୍ମାଣ ହେଉନାହିଁ। ଏହାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ଯୋଗାଯୋଗ କରିବାରୁ ସେ ମତାମତ ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ।

# 'ସାଲେପୁରକୁ ଏନ୍‌ଏଏସି, ସବ୍‌ଡିଭିଜନ୍ ମାନ୍ୟତା ମିଳୁ'

ସାଲେପୁର,୧୮।୧୨(ଡି.ଏନ୍.ଏ)

ସାଲେପୁରକୁ ଏନ୍‌ଏଏସି ଓ ସବ୍‌ଡିଭିଜନ୍ ମାନ୍ୟତା ପ୍ରଦାନ କରିବା ଦାବିରେ ସ୍ଥାନୀୟ ସାହେଶ୍ୱରୀ ମନ୍ଦିରଠାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନେଇ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରି ଦାବି ଉପସ୍ଥାପନ କରାଯିବ ବୋଲି ବୈଠକରେ ସ୍ଥିର ହେଇଛି। କ୍ରିୟାନୁଷ୍ଠାନ କମିଟିର ଆବାହକ ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ବୈଠକରେ ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ବହୁ ବରିଷ୍ଠ ନାଗରିକ, ଲୋକ ପ୍ରତିନିଧି, ଆଇନ୍‌ଜୀବୀ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇ ଅଞ୍ଚଳକୁ ଏନ୍‌ଏସି ଓ ସବ୍‌ଡିଭିଜନ ମାନ୍ୟତା ଦିଆଯାଉ ନ ଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଗଣ ଆନ୍ଦୋଳନ କରିବାକୁ ପ୍ରକାଶ କରିଥିଲେ। ବୈଠକରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଭାଷା ଆବାହକ ଡ. ବିଜୟାନନ୍ଦ ସିଂହ ଯୋଗ ଦେଇ ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଅଞ୍ଚଳ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବା ସତ୍ତ୍ୱେ ରାଜସ୍ୱ ଉପଖଣ୍ଡ ମାନ୍ୟତା ନ ମିଳିବା ଦୁଃଖର ବିଷୟ ବୋଲି କହିଥିଲେ। ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଏଥିରେ ଯୋଗଦେଇ କ୍ରିୟାନୁଷ୍ଠାନ କମିଟିର ଦାବିକୁ ସମର୍ଥନ ଜଣାଇଥିଲେ। ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ,ମାହାଙ୍ଗା ସର୍ବୋଦୟ ସେବା ସମିତି ସଭାପତି କାର୍ତ୍ତିକ ଚନ୍ଦ୍ର ବରାଳ ଦାବି ପୂରଣ ପାଇଁ ଆନ୍ଦୋଳନକୁ ଗୁରୁତ୍ୱ ଦେଇଥିଲେ। ବରିଷ୍ଠ ଆଇନଜିବୀ ପ୍ରବୀଣ କାନୁନ୍‌ଗୋ ଯୋଗ ଦେଇ ୩ ବ୍ଲକର ଲୋକ ପ୍ରତିନିଧିଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିବାକୁ କହିଥିଲେ। ବୈଠକରେ ସୀତାରାମ ପଣ୍ଡା, ବିରଞ୍ଚି ନାରାୟଣ କର, ଭାଜପା ବରିଷ୍ଠ ନେତା କୁଞ୍ଜମୋହନ ସେଠୀ, ମାନସ କୁମାର ଦାଶ, ଅଶ୍ୱିନୀ ଦାସ, ଦିବାକର ପ୍ରଧାନ, ଡ. ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ଯୋଗଦେଇଥିଲେ। ଏ ସମ୍ପର୍କରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା କହିଛନ୍ତି, କମିଟିର ଦାବି ପୂରଣ ପାଇଁ ସେ ଉଦ୍ୟମ କରିବେ।

# ମଦନ ମୋହନ ମହାପାତ୍ରଙ୍କ ସୋଲମେଟ୍ ପାଠକାର୍ପିତ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ରାଜ୍ୟ ପୁସ୍ତକ ମହୋତ୍ସବରେ ଆଦିତ୍ୟ ଭାରତୀ ପ୍ରକାଶନ ସଂସ୍ଥା ପକ୍ଷରୁ କଥାକାର ମଦନ ମୋହନ ମହାପାତ୍ରଙ୍କ ଗଳ୍ପ ସଙ୍କଳନ ସୋଲମେଟ୍ ପାଠକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ କଥାକାର ସଦାନନ୍ଦ ତ୍ରିପାଠୀ, ଅରବିନ୍ଦ ରାୟ, କବି କମଳ କୁମାର ମହାନ୍ତି ଏବଂ କଥାକାର ଦେବାଶିଷ ସାମନ୍ତରାୟ ଉପସ୍ଥିତ ଥିଲେ। ଏହି ସଂକଳନରେ ୧୨ଟି କ୍ଷୁଦ୍ରଗଳ୍ପ ରହିଛି। ଏଥିରେ ପ୍ରେମ, ସାମ୍ପ୍ରତିକ ସମାଜ ବ୍ୟବସ୍ଥା, ମୋହଭଙ୍ଗ ଓ ବ୍ୟବସ୍ଥା ବିରୋଧରେ ସ୍ୱର ପ୍ରତୀୟମାନ ହୋଇଛି। କବି ସୁଜାତା ମହାପାତ୍ର ମଦନଙ୍କ ଗଳ୍ପ ସଂକଳନରୁ ଗପ ପାଠ କରିଥିଲେ।

# ଚିନ୍ତା ବଢ଼ାଇଛି ପାନୀୟ ଜଳ ସଙ୍କଟ

ନିଶ୍ଚିନ୍ତକୋଇଲି,୧୮।୧୨(ସ୍ୱ.ପ୍ର)

**ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ**

■ ଜରାଜୀର୍ଣ୍ଣ ଅବସ୍ଥାରେ ପରିସ୍ରାଗାର

ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟକୁ ଦୈନନ୍ଦିନ କାମ ନିମନ୍ତେ ପ୍ରତିଦିନ ବହୁ ଲୋକେ ଆସି ଅସୁବିଧାର ସମ୍ମୁଖୀନ ହେଉଛି। ବିଶେଷ କରି ପାନୀୟ ଜଳ ଓ ପରିସ୍ରାଗାର ସମସ୍ୟା ଲୋକଙ୍କ ଚିନ୍ତା ବଢ଼ାଇଛି। ଏଠାରେ ପାନୀୟ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଥିବାବେଳେ ପରିସ୍ରାଗାର ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଏହାର ପ୍ରତିକାର ନିମନ୍ତେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଉ ନ ଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶପାଇଛି। ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ଉପରେ ଦୈନନ୍ଦିନ ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର, ଜମିବାଡି ସଂକ୍ରାନ୍ତୀୟ ମାମଲାରେ ସାଧାରଣ ଲୋକଙ୍କ ସମେତ ବହୁ ଛାତ୍ରୀଛାତ୍ର ଆସିଥନ୍ତି। ଏହି କାର୍ଯ୍ୟାଳୟ ପରିସରରେ ସରକାରଙ୍କ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକାଧିକ ନଳକୂପ ଖନନ କରାଯାଇଛି। ମାତ୍ର ନଳକୂପଗୁଡ଼ିକ ଅଚଳ ହୋଇଯାଇଥିବା ଅଭିଯୋଗ ହୋଇଛି। ଫଳରେ ପାନୀୟ ଜଳ ନିମନ୍ତେ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସେହିପରି ଏହି କାର୍ଯ୍ୟାଳୟ ପରିସରରେ ସରକାରଙ୍କ ତରଫରୁ ସାଧାରଣ ଲୋକଙ୍କ ନିମନ୍ତେ ଏକ ଶୌଚାଳୟ ନିର୍ମାଣ କରାଯାଇଛି। ମାତ୍ର ଏହାର କୌଣସି ରକ୍ଷଣାବେକ୍ଷଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଶୌଚାଳୟଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଏଥିଯୋଗୁ ଦୂର ଦୂରାନ୍ତରୁ ଆସୁଥିବା ଯୁବତୀ, ଛାତ୍ରୀ ଓ ମହିଳା ସର୍ବୋପରି ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଭାବେ କାର୍ଯ୍ୟାଳୟ ପରିସରରେ ଲାଇଟ୍ ବ୍ୟବସ୍ଥା ନ ଥିବାରୁ ସନ୍ଧ୍ୟା ହେଲେ ଅନ୍ଧାର ହୋଇଯାଉଛି। ଫଳରେ ସ୍ଥାନୀୟ ଲୋକେ ଗମନାଗମନରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ତରଫରୁ ତୁରନ୍ତ ଏହି ସମସ୍ୟା ସମାଧାନ କରିବା ନିମନ୍ତେ ସାମାଜିକ କର୍ମୀ ଅମୀୟ କୁମାର ବିଶ୍ୱାଳ,ସଞ୍ଜୟ କୁମାର ବେହେରା,ବଲ୍ଲଭ ଚରଣ ପଲେଇ ପ୍ରମୁଖ ଦୃଢ ଦାବି କରିଛନ୍ତି।

## ସଂକ୍ଷେପରେ

### ବଟି ଆଦାୟ ଅଭିଯୋଗରେ ଯୁବକ ଗିରଫ

**ପୁରୀ ଅଫିସ, ୧୮।୧୨:** ବଟି ଆଦାୟ ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ତଳନୂଆ ସାହି ଗୋଲାପପଡ଼ା ବସ୍ତିର ସାଗର ବେହେରା (୨୮)। ପୋଲିସ ତାଙ୍କଠାରୁ ୨୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୩୧୫/୨୨) ରୁଜୁ କରିଛି। ସାଗର ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବଳଗଣ୍ଡି ଛକ ନିକଟରେ ଥିବା ଦୋକାନୀମାନଙ୍କଠାରୁ ବଟି ମାଗୁଥିବା ନେଇ ପୋଲିସ ସୂଚନା ପାଇଥିଲା। ପୋଲିସ ସେଠାରେ ଚଢାଉ କରି ସାଗରଙ୍କୁ ଗିରଫ କରିଥିଲା। ପୂର୍ବରୁ ତାଙ୍କ ନାମରେ ୬ଟି ମାମଲା ଥିବା ପୋଲିସ କହିଛି।

### ୪ ଟ୍ରାକ୍ଟରରୁ ବ୍ୟାଟେରି ଚୋରି

**କଣାସ,୧୮।୧୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ବଡାଲ ପଞ୍ଚାୟତର ବଡ଼ଓରା ଗ୍ରାମର ୪ଟି ଟ୍ରାକ୍ଟରରୁ ବ୍ୟାଟେରି ଚୋରି ହୋଇଥିବା ଗଡିଶାଗୋଦା ଥାନାରେ ରବିବାର ଅଭିଯୋଗ ହୋଇଛି। ଖବର ମୁତାବକ, ଚିଲିକା ଉପକୂଳ ଗ୍ରାମଗୁଡ଼ିକର ବାସିନ୍ଦା ଚିଲିକା ନାଶିରେ ଟ୍ରାକ୍ଟର ଦ୍ୱାରା ହଳ କରି ଖରାଟିଆ ଧାନ ଚାଷ କରନ୍ତି। ଗ୍ରାମର ୪ଟି ଟ୍ରାକ୍ଟରରେ କିଛିଦିନ ହେଲା ଚିଲିକା ନାଶିରେ ହଳ କରାଯାଉଥିଲା। ଶନିବାର ରାତିରେ ୪ଟି ଟ୍ରାକ୍ଟରରୁ ବ୍ୟାଟେରି ଚୋରି ଯାଇଥିବା ପରଦିନ ସକାଳୁ ଡ୍ରାଇଭରମାନେ ଏନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ଖବରଦାତାଙ୍କ ପିତୃ ବିୟୋଗ

**ପିପିଲି, ୧୮।୧୨(ସ୍ୱ.ପ୍ର./ଡି.ଏନ୍.ଏ.):** ପିପିଲି ବ୍ଲକ ତେଇଶିପୁର ପଞ୍ଚାୟତ ଅନ୍ତର୍ଗତ ପୋଟଳ ଗ୍ରାମ ପାଟଣାସାହିର ଡାକ୍ତର ମାଧବ ଚନ୍ଦ୍ର ମହାପାତ୍ର(୭୦)ଙ୍କର ରବିବାର ହୃଦଘାତରେ ପରଲୋକ ଘଟିଛି। ସେ ରୋଗୀସେବା କରି ସ୍ଥାନୀୟ ଅଞ୍ଚଳରେ ଲୋକପ୍ରିୟ ହୋଇପାରିଥିଲେ। ସେ କେତେକ ସଙ୍ଗଠନ ସହ ମଧ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ସହଧର୍ମିଣୀଙ୍କ ସମେତ ଦୁଇପୁଅ, ଦୁଇବୋହୂ ଏବଂ ନାତି ନାତୁଣୀ ଅଛନ୍ତି। ରବିବାର ସକାଳେ ସେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇ ପଡ଼ିଥିଲେ। କିଛି ସମୟ ପରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଖବର ପାଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସାମ୍ବାଦିକଙ୍କ ସମେତ ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ, ପୁରୀ ଜିଲା ସମ୍ମିଳିତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ପୁରୀ ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ ଏବଂ ପୂର୍ବତନ ଜିଲାପରିଷଦ ସଭ୍ୟ ଦେବାଶିଷ ନନ୍ଦ ପ୍ରମୁଖ ପହଞ୍ଚି ମରଶରୀରରେ ମାଲ୍ୟାର୍ପଣ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ ପୁଅ ଖବରଦାତା ବିଜୟ ମୁଖାଗ୍ନି ଦେଇଥିବାବେଳେ ସାନପୁଅ ଅଜୟଙ୍କ ସମେତ ପ୍ରିୟ ପରିଜନ ଉପସ୍ଥିତ ଥିଲେ।

### ଜୁଆଆଡ୍ଡାରେ ଚଢ଼ାଉ, ୧୦ ଗିରଫ

**ଭୁବନେଶ୍ୱର,୧୮।୧୨ (ବ୍ୟୁରୋ) :** କ୍ୟାପିଟାଲ ଥାନା ପୋଲିସ ଜୁଆଆଡ୍ଡାରେ ଚଢ଼ାଉ କରି ୧୦ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ଏମାନଙ୍କଠାରୁ ୧୫ ହଜାର ୪୩୦ ଟଙ୍କା, ତାସ,କାଲୁକଲେଟର ,୩ ଟି ରେଜିଷ୍ଟର ଜବତ କରାଯାଇଛି । ଚଢ଼ାଉ ସମୟରେ ଅଭିଯୁକ୍ତଙ୍କୁ କାବୁ ପରେ ବି ଜୀବନରୁ ମାରି ଦେବାଲାଗି ଧମକ ଦେଇଥିଲେ।

### ଅଣୁ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ସମ୍ବନ୍ଧୀୟ କର୍ମଶାଳା

**କଣାସ,୧୮।୧୨ (ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଗଡ଼ଶାହି ପଞ୍ଚାୟତ ବେଣା ଗ୍ରାମଠାରେ ପ୍ରତିଷ୍ଠିତ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମ୍ବନ୍ଧୀୟ ଏକଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଶିଳ୍ପ କେନ୍ଦ୍ର ସହାୟତାରେ ଗ୍ରାମ୍ୟ କୃଷି ବିକାଶ ପରିସର ଆନୁକୂଲ୍ୟରେ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନେଇ ସ୍ୱ ରୋଜଗାର ଓ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା ପାଇଁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ପୁରୀ ଶିଳ୍ପ କେନ୍ଦ୍ରର ସହକାରୀ ମ୍ୟାନେଜର ସମୁଚିତା ମଲ୍ଲିକ ଯୋଗଦେଇ କର୍ମଶାଳୀ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ବିଭୂତିଭୂଷଣ ବେବର୍ତ୍ତା ଅତିଥି ଭାବେ ଯୋଗଦେଇ ଯୁବତୀ ଯୁବକ ଏବଂ ସହାୟକ ଗୋଷ୍ଠୀ ବିଭିନ୍ନ ପ୍ରୋଜେକ୍ଟ କରି ଆର୍ଥିକ ଅବସ୍ଥା ସୁଦୃଢ଼ କରିବା ପାଇଁ କହିଥିଲେ। ଶିଳ୍ପ କେନ୍ଦ୍ର ଅଧିକାରୀ ମାନସ ରଞ୍ଜନ ବାରିକ ଯୋଗଦେଇ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସଂଯୁକ୍ତା ପାହାନ୍ତାସିଂ ବିଭିନ୍ନ କୁଟୀର ଶିଳ୍ପ, ହସ୍ତଶିଳ୍ପ ଉପରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରତାପ ପାହାନ୍ତାସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୁବନେଶ୍ୱରର ସୌମ୍ୟରଞ୍ଜନ ଚାମ୍ପିୟନ

**ପିପିଲି, ୧୮।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

ପିପିଲି ବ୍ଲକ କୁଳଶିଖରପାଟଣା ଗ୍ରାମପଞ୍ଚାୟତସ୍ଥିତ ମା' ଉତ୍ତରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ୫ମ ବାର୍ଷିକ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଚେସ୍ ଆସୋସିଏଶନ୍ ଏବଂ ମା' ଉତ୍ତରେଶ୍ୱରୀ କ୍ଲବ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପିପିଲି-ଡେଲାଙ୍ଗ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ୨୩ନଂ. ଜୋନ୍ ଜିଲାପରିଷଦ ସଭ୍ୟ ସୁଶାନ୍ତ କୁମାର ମଲ୍ଲିକ, ପିପିଲି ବ୍ଲକ ଅଧକ୍ଷା ପ୍ରତିନିଧି ଦେବାଶିଷ ନନ୍ଦ, ସ୍ଥାନୀୟ ସରପଞ୍ଚ ତନୁଜା ବେହେରା ଏବଂ ସାମାଜିକ କର୍ମୀ ସୁବାସ ପରିଡ଼ା ପ୍ରମୁଖ ଯୋଗଦେଇ ଚେସ୍ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ପ୍ରତିଯୋଗିତା ମା' ଉତ୍ତରେଶ୍ୱରୀ କ୍ଲବର ସଭାପତି ସୁଜିତ୍ କୁମାର ପ୍ରଧାନଙ୍କ ସଂଯୋଜନାରେ ହୋଇଥିବା ବେଳେ ଏଥିରେ ବିଭିନ୍ନ ଜିଲାରୁ ୪୧ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୬ରାଉଣ୍ଡ ପ୍ରତିଯୋଗିତା ହୋଇଥିବା ବେଳେ ଶେଷ ରାଉଣ୍ଡ ସୁଦ୍ଧା ସମସ୍ତଙ୍କୁ ପଛରେ ପକାଇ ଭୁବନେଶ୍ୱରର ସୌମ୍ୟରଞ୍ଜନ ସ୍ୱାଇଁ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ଭୁବନେଶ୍ୱରର ଶିବନ ନାୟକ ୨ୟ, କଟକର ହର୍ଷିତ ରଞ୍ଜନ ସାହୁ ୩ୟ ହୋଇଛନ୍ତି। ସମସ୍ତ ୧୦ଜଣ ବିଜେତାଙ୍କୁ ଉପସ୍ଥିତ ଅତିଥିମାନେ ସାର୍ଟିଫିକେଟ୍, ଟ୍ରଫି ଓ ପ୍ରୋତ୍ସାହନ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ଚେସ୍ ଆସୋସିଏଶନ୍ ମ୍ୟାଚ ପରିଚାଳକ ଦେବାଶିଷ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ମା' ଉତ୍ତରେଶ୍ୱରୀ କ୍ଲବର ସମ୍ପାଦକ ମନୋରଞ୍ଜନ ପରିଡ଼ା, ସୁରେଶ ସାହୁଙ୍କ ସମେତ ଅନୁଷ୍ଠାନ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।


ଚାମ୍ପିୟନ ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

**୫ମ ବାର୍ଷିକ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍**

# ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ମାମଲା ରୁଜୁ

**ନିମାପଡ଼ା,୧୮।୧୨(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ନହନ୍ତରା ଗ୍ରାମର ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିବା ଯୁବକଙ୍କ ବିରୋଧରେ ରବିବାର ଥାନାରେ ଅଭିଯୋଗ ହୋଇଛି।

ସୂଚନା ମୁତାବକ, ଅନୁପମା ନାୟକ(୨୦) ଗ୍ରାମଦାଣ୍ଡରେ ଥିବା ସରକାରୀ ନଳକୂପକୁ ଶନିବାର ପାଣି ନେବା ପାଇଁ ଆସିଥିବାବେଳେ କିଶୋର କଳ ମୂଳେ ଲୁଗା ସଫା କରୁଥିଲେ। ଅନୁପମା ଦୀର୍ଘ ସମୟ ଧରି ସେଠାରେ ଅପେକ୍ଷା କରିଥିବାରୁ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। ସେଥିରେ ଉତ୍‌କ୍ଷିପ୍ତ ହୋଇ ଅନୁପମାଙ୍କୁ କିଶୋର ଅସଦାଚରଣ, ଦୁର୍ବ୍ୟବହାର ପ୍ରଦର୍ଶନ ସହ ମାଡ଼ ମାରିଥିଲେ। ଖବରପାଇ ଅନୁପମାଙ୍କ ମା' ବାପା ଏହାର ପ୍ରତିବାଦ କରିଥିଲେ। କିଶୋର ଏଥିରେ ଅତ୍ୟଧିକ ରାଗିଯାଇ ତାଙ୍କ ମା' ବାପାଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅନୁପମା ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଅନୁପମାଙ୍କ ମା' ବାପା ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ. ୪୦୫/୨୨)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟେ ପୂର୍ବ ବିବାଦକୁ କେନ୍ଦ୍ର କରି କିଶୋରଙ୍କ ବଡ଼ ଭାଇ ଶିଖର ନାୟକ ଓ ନୃସିଂହ ନାୟକ କ୍ରୋଧାନ୍ୱିତ ହୋଇ ଏକ କଟୁରିରେ ତାଙ୍କ ହାତ ଓ ପିଠିକୁ ଆକ୍ରମଣ କରି ହାଣି ଦେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ଆହତ ହୋଇ କିଶୋର ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ଆକ୍ରମଣକାରୀଙ୍କ ବିରୋଧରେ ପୋଲିସ ଏକ ମାମଲା (ନଂ. ୪୦୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏହି ଦୁଇଟି ମାମଲାରେ ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଉଦ୍ୟମ ଚଳାଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

# ମହିଳା ମୁଷ୍ଟିଯୋଦ୍ଧାଙ୍କ ମଧ୍ୟପ୍ରଦେଶ ଗସ୍ତ

**ପୁରୀ ଅଫିସ, ୧୮।୧୨**

ଆସନ୍ତା ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଭୋପାଳରେ ୫ମ ବରିଷ୍ଠ ମହିଳା ଜାତୀୟ ବକ୍ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀମାନେ ଭାଗ ନେବେ। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳ ମଧ୍ୟ ପ୍ରତିନିଧିତ୍ୱ କରୁଛି। ଓଡ଼ିଶା ଦଳରେ ପୁରୀ ଜିଲାର ଦୁଇଜଣ ପ୍ରତିଯୋଗୀ ଭବାନୀ ବାରିକ ଓ ବର୍ଷାରାଣୀ ଜେନା ସ୍ଥାନ ପାଇଛନ୍ତି। ଦୁହେଁ ପୁରୀ ବକ୍ସିଂ ଏକାଡେମୀର ଛାତ୍ରୀ। ଓଡ଼ିଶା ଦଳ ଶନିବାର ମଧ୍ୟପ୍ରଦେଶ ଗସ୍ତ କରିଛି। ପୁରୀ ବକ୍ସିଂ ଏକାଡେମୀର କୋଚ୍ ସୁଦର୍ଶନ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଯୁବ ସଙ୍ଗଠକ ଶୁଭାଶିଷ ଖୁଣ୍ଟିଆ, ସାମାଜିକ କର୍ମୀ ପ୍ରକାଶ ରଥ, ପ୍ରଶାନ୍ତ କୁମାର ମହାନ୍ତି, ହିଞ୍ଚୋଳ ଜାଗା ସମ୍ପାଦକ ଜିତେନ୍ଦ୍ର ମୁଦୁଲି, ବିଶ୍ୱଭୂଷଣ ପଣ୍ଡା, ପ୍ରଦୀପ ଦାସ ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରିଛନ୍ତି।

# ଶିଶୁର ଶୈକ୍ଷିକ, ବୌଦ୍ଧିକ ବିକାଶରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସାକ୍ଷୀଗୋପାଳ, ୧୮।୧୨(ସ୍ୱ.ପ୍ର./ଡି.ଏନ୍.ଏ)**

ବସୁକେରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୫ଜଣ ମା' ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ଝୋଟି, ସଙ୍ଗୀତ ଚୌକି ଓ ବେଲୁନ ଫୁଙ୍କା ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ଏହି ଅନୁଷ୍ଠାନରେ ପଢୁଥିବା ଶିଶୁବାଟିକାର ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ଉତ୍ସବରେ ପ୍ରଧାନ ଶିକ୍ଷକ ନବୀନ କୁମାର ସେନାପତି ଏବଂ ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ତ୍ରିପାଠୀ ଯୋଗଦେଇ କହିଥିଲେ, ଶିଶୁର ପ୍ରଥମ ଗୁରୁ ହେଉଛନ୍ତି ନିଜ ମା'। ଶିଶୁମାନଙ୍କର ଶୈକ୍ଷିକ ଓ ବୌଦ୍ଧିକ ବିକାଶ ଦିଗରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମା' ସମାଜକୁ ସୁସ୍ଥ ଓ ଭଲ ମଣିଷ ଯୋଗାଇ ଦେଇଥାଏ ବୋଲି ଅତିଥି ଦ୍ୱୟ କହିଥିଲେ। ସମ୍ପାଦକ ସୁବାଷ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ବିକାଶ ଚନ୍ଦ୍ର ପ୍ରଧାନ, ସଦସ୍ୟ ବାଉରି ବନ୍ଧୁ ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶିକ୍ଷା କ୍ଷେତ୍ରରେ ଅନୁଷ୍ଠାନର ଗୌରବ ବୃଦ୍ଧି କରିଥିବା ଷଷ୍ଠ ଶ୍ରେଣୀର ଚିନ୍ମୟ କୁମାର ମହାରଣା, ହିମାଂଶୁ ଶେଖର ଦାଶ, ଶୁଭାଂକ୍ଷୀ ସାହୁ ଏବଂ ନବମ ଶ୍ରେଣୀର ସୂର୍ଯ୍ୟସ୍ନାତ ଦାସଙ୍କୁ ପଠାଣି ସାମନ୍ତ ମେଧାବୃତ୍ତି ପାଇଁ ପୁରସ୍କୃତ କରାଯାଇଥିଲା। ଏନ୍‌ଆର୍‌ଟିଏସ୍ ବା ଗ୍ରାମାଞ୍ଚଳ ମେଧାବୃତ୍ତି ପାଇଁ ନବମ ଶ୍ରେଣୀର ଛାତ୍ର ଆକାଶ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା।


ପ୍ରଧାନ ଆଚାର୍ଯ୍ୟ ନବୀନ କୁମାର ସେନାପତି ଉଦ୍‌ବୋଧନ ଦେଉଛନ୍ତି।

# ବିଦ୍ୟାଳୟର ୨୯ତମ ବାର୍ଷିକ ଉତ୍ସବ

**ପୁରୀ ଅଫିସ ୧୮।୧୨**

ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ସରସ୍ୱତୀ ଜ୍ଞାନ ମନ୍ଦିର ବିଜ୍ଞାନ ମାଧ୍ୟମିକ ବିଦ୍ୟାଳୟର ୨୯ତମ ବାର୍ଷିକ ଉତ୍ସବ ପୁରୀ ପୌରସଦନ (ଟାଉନ ହଲ) ପରିସରରେ ରବିବାର ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅଭିମନ୍ୟୁ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ ଓ ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶାର ସଙ୍ଗଠନ ମନ୍ତ୍ରୀ ରମାକାନ୍ତ ମହାନ୍ତି ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ସୀମାଞ୍ଚଳ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପାରମ୍ପରିକ ବନ୍ଦନା ଓ ପରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ ସହ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ସ୍ୱାଧୀନ କୁମାର ପ୍ରଧାନ, କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ସ୍ୱାଇଁ, ସଦସ୍ୟା ନିଳାମଣି ଖେମୁଣ୍ଡି ଓ ସୁଶ୍ରୀ ରୂପାଲି ଅପରାଜିତା ମହାନ୍ତିଙ୍କ ସମେତ ଅଭିଭାବକ ଅଭିଭାବିକା ଓ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ପରିଚାଳନା ସମିତିର ଉପସମ୍ପାଦକ ବିକାଶ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ ବିଦ୍ୟାଳୟ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ


କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାତନ ଛାତ୍ର ଏବଂ ଅନ୍ୟମାନେ।

**ସାକ୍ଷୀଗୋପାଳ,୧୮।୧୨ (ଡି.ଏନ୍.ଏ/ସ୍ୱ.ପ୍ର.)**

ବନ ବିଦ୍ୟାଳୟର ପରବର୍ତ୍ତୀ ଶିକ୍ଷାନୁଷ୍ଠାନ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ୧୯୭୫ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରମାନଙ୍କୁ ନେଇ ଚତୁର୍ଥ ବାର୍ଷିକ ବନ୍ଧୁମିଳନ ରବିବାର ବକୁଳବନସ୍ଥିତ ବଉଳ ବାଟିକାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରସଂଘ ସଭାପତି ଉମେଶ ଚନ୍ଦ୍ର ବରାଳ ବୈଠକରେ ଅଧ୍ୟକ୍ଷତା କରି ବନ ବିଦ୍ୟାଳୟର ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ଶିକ୍ଷକ ଓ ସାଥୀମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯିବା ସହିତ ବଉଳ ବାଟିକା ରକ୍ଷକ କାଶୀନାଥ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଶରତ କୁମାର ସାହୁ, ସଦସ୍ୟ ଅଜୟ କୁମାର ହୋତା, ରଙ୍ଗାଧର ଦାଶ, ଡାକ୍ତର ଦେବ ପ୍ରସାଦ ଦାଶ, ଭ୍ରମରବର ସ୍ୱାଇଁ, ସୂର୍ଯ୍ୟନାରାୟଣ ଦାଶ, ଶରତ ସାମନ୍ତରାୟ, ଗୋବିନ୍ଦ ଶତପଥି, ଦୁର୍ଗା ମହାପାତ୍ର, ନବକିଶୋର ମହାପାତ୍ର ଏବଂ ରାମଚନ୍ଦ୍ର ମହାନ୍ତି ପ୍ରମୁଖ ସ୍ମୃତି ଚାରଣ କରି ପରିଣତ ବୟସରେ ପରସ୍ପରର ସହଯୋଗ କାମନା କରିଥିଲେ। ଏହି ଅବସରରେ ଅସହାୟ ବ୍ୟକ୍ତିମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ୭୦ ଜଣ ପୁରାତନ ଛାତ୍ର ଓ ସେମାନଙ୍କ ସହଧର୍ମିଣୀମାନଙ୍କୁ ନେଇ ବଣଭୋଜି ହୋଇଥିଲା।

# ଶିଶୁ ଓ କିଶୋର ସାହିତ୍ୟ ସଂସଦର ବାର୍ଷିକୋତ୍ସବ

**ଡେଲାଙ୍ଗ,୧୮।୧୨(ଡି.ଏନ୍.ଏ.)**

ଶିଶୁ ଓ କିଶୋର ସାହିତ୍ୟ ସଂସଦର ଦ୍ୱିତୀୟ ବାର୍ଷିକ ଉତ୍ସବ ଗଡମୋଟରିସ୍ଥିତ ବିଶ୍ୱନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସାଧକ ପ୍ରଶାନ୍ତ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ନାଟ୍ୟକାର ଡ. ହେମନ୍ତ କୁମାର ଛୋଟରାୟ, ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ଟିକିତାରା ସମ୍ପାଦକ ବିପିନ ବିହାରୀ ଦଳେଇ, କବି ରମେଶ ଚନ୍ଦ୍ର ଦାସ, କବି ବିଶ୍ୱପ୍ରକାଶ ପଟ୍ଟନାୟକ, କୁଞ୍ଜବିହାରୀ ସାହୁ, ଦିବ୍ୟଦର୍ଶନ ସମ୍ପାଦିକା ପ୍ରଭାସିନୀ ମିଶ୍ର, କବି ଚନ୍ଦ୍ରଶେଖର, କାଶୀନାଥ ମହାପାତ୍ର, ପ୍ରଦୀପ ସେଠୀ, ରୋହିତ ଚମ୍ପତି, କବୟିତ୍ରୀ କ୍ରିଷ୍ଣା ମହାପାତ୍ର ଓ ପ୍ରଭାତ ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଗୋପାଳ ଚନ୍ଦ୍ର ମହାପାତ୍ରଙ୍କ ପ୍ରତିଷ୍ଠିତ ଓ କବୟିତ୍ରୀ ଲକ୍ଷ୍ମୀପ୍ରିୟା ଦାଶଙ୍କ ସମ୍ପାଦିତ ଗ୍ରାମ୍ୟରମ୍ୟ ଶିଶୁପତ୍ରିକାର ଦ୍ୱିତୀୟ ବାର୍ଷିକ ସଂଖ୍ୟା ଓ ଦାଶଙ୍କ ରଚିତ ପିଲାଙ୍କ କବିତା ଆମ ପର୍ବପର୍ବାଣୀ ଅତିଥିଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ୨୦୨୨ ସାରସ୍ୱତ କୃତୀ ପାଇଁ ରମେଶ ଚନ୍ଦ୍ର ଦାସ, ସରସ୍ୱତୀ ଜୟସିଂହ, ସନ୍ତୋଷ କୁମାର ଦାସ, ଶିଶୁ ପ୍ରତିଭା ଅସ୍ମିତ ଅମୃତରାଜ, ସୁଭଦ୍ରା ନାୟକଙ୍କ ସମେତ କବିତା ପାଠ କରିଥିବା ୩୦ ଜଣ କବି ଓ କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶ୍ରୀ ସରସ୍ୱତୀ ଜୟସିଂହ ମଞ୍ଚ ପରିଚାଳନା ଓ ନିବେଦିତା ଜେନା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଲକ୍ଷ୍ମୀପ୍ରିୟା ଦାଶ ଧନ୍ୟବାଦ ଦେଇଥିଲେ।

# ପଞ୍ଚକର୍ମ ଉପଚାର ଆଧାରିତ କୃଷି କର୍ମଶାଳା


କର୍ମଶାଳାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**କଣାସ,୧୮।୧୨(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ନୂଆ ଜଗନ୍ନାଥ ସଡ଼କର କୋଟକଣା ଛକଠାରେ ରବିବାର ପଞ୍ଚଗବ୍ୟାଦି ପଞ୍ଚକର୍ମ ଉପଚାର ଓ ଗୋ ଆଧାରିତ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଓଁ ଗୌର ଗୋପାଳ ବିକାଶ ସମିତି ଏବଂ ବରାଳ ବାଲୁଙ୍କେଶ୍ୱର ଚାରିଟେବୁଲ ଟ୍ରଷ୍ଟ ଓ ସାକ୍ଷୀଗୋପାଳ ପକ୍ଷରୁ ସଂସ୍କୃତି ଓ ଗୋ ସୁରକ୍ଷା ମଞ୍ଚ କଣାସ ଆନୁକୂଲ୍ୟରେ ଅବସରପ୍ରାପ୍ତ ଅଧକ୍ଷ ରାମଚନ୍ଦ୍ର ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ମଞ୍ଚ ସଭାପତି ବାବାଜୀ ଚରଣ ଦାସ, ସମ୍ପାଦକ ପ୍ରକାଶ ପ୍ରଧାନ, ସୁମନ୍ତ ପ୍ରଧାନ, ଗୋପ୍ରଚାରକ ପ୍ରଦୀପ ତ୍ରିପାଠୀ, ଚାରିଟେବୁଲ ଟ୍ରଷ୍ଟ ସଭାପତି ମହେଶ୍ୱର ପ୍ରଧାନ ଯୋଗଦେଇ ଗୋ ସଂପଦର ସୁରକ୍ଷା ଦିଗରେ ଅଧିକ ଗୁରୁତ୍ୱ ଦେବାକୁ ନିବେଦନ କରିଥିଲେ। ଏଥିସହ ଗାଈଠାରୁ ମିଳୁଥିବା ପ୍ରତ୍ୟେକ ଦ୍ରବ୍ୟକୁ କିପରି ଔଷଧ ଭାବେ ବ୍ୟବହାର କରିବା, ନିଜ ନିଜ ବାଡ଼ିରେ ଥିବା ଅମୂଲ୍ୟ ଔଷଧ ବୃକ୍ଷକୁ କିପରି ବ୍ୟବହାର କରିବା ସେ ସମ୍ପର୍କରେ ବୁଝାଇଥିଲେ। ଗାଈର ଗୋବରକୁ ଦ୍ୱାରବନ୍ଦ ଓ ଘରକୁ ଲିପିଲେ କ'ଣ ସୁବିଧା ମିଳିଥାଏ ତାହା ଅତିଥିମାନେ ବୁଝାଇଥିଲେ। କଣାସ ଗୋ ସୁରକ୍ଷା ମଞ୍ଚର ଦୁଃଶାସନ ଉଦଣ୍ଡରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ସଙ୍ଗୀତ, କଳା ପ୍ରତିଯୋଗିତାରେ ଭାଗନେଲେ ୨୫୦ ଶିଶୁ

**ନିମାପଡ଼ା,୧୮।୧୨(ଡି.ଏନ୍.ଏ.)**

- ଆଦର୍ଶ କଲ୍‌ଚରାଲ୍ ଏଜୁକେଶନ ଟ୍ରଷ୍ଟର ୬ଷ୍ଠ ବାର୍ଷିକୋତ୍ସବ
- ୧୩୦ କୃତୀ ଶିଳ୍ପୀ ପୁରସ୍କୃତ

ଆଦର୍ଶ କଲ୍‌ଚରାଲ୍ ଏଜୁକେଶନ ଟ୍ରଷ୍ଟ, ନିମାପଡ଼ା ପକ୍ଷରୁ ଶାରଦା ଆର୍ଟ ଏକାଡେମୀ ସହାୟତାରେ ୬ଷ୍ଠ ବାର୍ଷିକୋତ୍ସବ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ଟାଉନହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଅଶୋକ ବେହେରା ତାରେଣୀ ଜ୍ୟୋତି ମହାନ୍ତି, ଓଡ଼ିଶା ଶିଳ୍ପୀ ମହାସଂଘ ଉପସଭାପତି ତଥା ଜାତୀୟ ପୁରସ୍କାରପ୍ରାପ୍ତ (ପିପିଡବ୍ଲ୍ୟୁଓ) ସଭାପତି ଗଗନ ବିହାରୀ ଦାସ ଆଦର୍ଶ କଲ୍‌ଚରାଲ୍ ଏଜୁକେଶନ ଟ୍ରଷ୍ଟ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ବେହେରା, ଟ୍ରଷ୍ଟ ପ୍ରଜ୍ଞାପରମିତା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। କଳା ଓ ଚିତ୍ରକଳା କ୍ଷେତ୍ରରେ କୋମଳମତି ଶିଶୁଙ୍କୁ ଗଢ଼ି ତୋଳିବାରେ ଏହି ଟ୍ରଷ୍ଟର ପ୍ରୟାସ ଓ ଉଦ୍ୟମକୁ ଅତିଥିମାନେ ଭୂୟସୀପ୍ରଶଂସା କରିଥିଲେ। ଅନୁଷ୍ଠାନରେ ଶିକ୍ଷାଲାଭ କରିଥିବା ଚିତ୍ରଶିଳ୍ପୀ ଏବଂ ରାଜ୍ୟରେ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ଭାବେ ବହୁ ଖ୍ୟାତି ଓ ସୁନାମ ଅର୍ଜନ କରିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଲେ। ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ସଙ୍ଗୀତ ଓ କଳା ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୨୫୦ଜଣ ଶିଶୁ ଶିଳ୍ପୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶ୍ରେଷ୍ଠ ବିବେଚିତ ହୋଇଥିବା ୧୦ଜଣ, ୨୭ ଜଣଙ୍କ ସମେତ ମୋଟ ୧୩୦ଜଣ କୃତୀ ଶିଶୁ ପ୍ରତିଭାଙ୍କୁ ମାନପତ୍ର ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ କରାଯାଇ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଉତ୍ସବ ସ୍ଥଳରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନୀରେ କୁନି ଚିତ୍ରଶିଳ୍ପୀଙ୍କ ୫ଶହଟି ଫଟୋ ସ୍ଥାନ ପାଇଥିଲା। ସଞ୍ଜୟ ବେହେରା, ସତ୍ୟଜିତ୍ ମହାରଣା, ପଦ୍ମଜା ବେହେରା ପ୍ରମୁଖ ଉତ୍ସବ ଓ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।


ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ଓ ପୁରସ୍କୃତ କୃତୀ ଶିଳ୍ପୀ ଏବଂ ପ୍ରତିଯୋଗୀବୃନ୍ଦ।

# ଭଞ୍ଜନଗରରୁ ନିଖୋଜ, ଦାରିଙ୍ଗବାଡ଼ି ଘାଟିରୁ ମୃତଦେହ ଠାବ



ପୋଲିସ ଘଟଣାସ୍ଥଳରେ ତଦନ୍ତ ଚଳାଇଛି।

## ଚିଟ୍‌ଫଣ୍ଡ ଅର୍ଥ କାରବାରକୁ ନେଇ ବ୍ୟବସାୟୀଙ୍କୁ ହତ୍ୟା ସନ୍ଦେହ, ୪ ଅଟକ

**ଭଞ୍ଜନଗର/ସୋରଡ଼ା, ୧୮।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଭଞ୍ଜନଗର ସହର କେନାଲ ସାହିର ନିଖୋଜ ବ୍ୟବସାୟୀ ହିତେନ ସ୍ୱାଇଁ (୩୫)ଙ୍କ ମୃତଦେହ ୫ ଦିନ ପରେ ରବିବାର ସୋରଡ଼ା ଥାନା ଅନ୍ତର୍ଗତ ଦାରିଙ୍ଗିବାଡ଼ି ଘାଟିରୁ ଠାବ ହୋଇଛି। ପୋଲିସ ହିତେନଙ୍କ ଗଳିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଛି। ଚିଟ୍‌ଫଣ୍ଡ ଅର୍ଥ କାରବାରକୁ ନେଇ ହିତେନଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଧରାକୋଟ ବ୍ଲକ ଅନ୍ତର୍ଗତ ରୁଗୁମୁର ହିତେନ ଭଞ୍ଜନଗର କେନାଲ ସାହିରେ ତାଙ୍କ ଭିଣୋଇ ପ୍ରଦୀପ ସ୍ୱାଇଁଙ୍କ ଘରେ ରହୁଥିଲେ। ସେ ବିଭିନ୍ନ ଇଲୋକ୍ଟ୍ରୋନିକ୍ସ କମ୍ପାନୀର ଡିଲରଶିପ ନେଇ ଭଞ୍ଜନଗର ଷ୍ଟେଟବ୍ୟାଙ୍କ ଛକରେ ବ୍ୟବସାୟ କରୁଥିଲେ। ତାଙ୍କର ଜଣେ ଭାଇ ଚିଟ୍‌ଫଣ୍ଡ ସଂସ୍ଥା 'କିନେ'ରେ କାମ କରୁଥିଲେ। କିଛିମାସ ପୂର୍ବେ କିନେ ସଂସ୍ଥା ବନ୍ଦ ହୋଇଯାଇଥିବାରୁ ଭଞ୍ଜନଗର ଅଞ୍ଚଳର ଅନେକ ଲୋକ ଟଙ୍କା ଫେରି ପାଇ ନଥିଲେ। ଗତ ମଙ୍ଗଳବାର ରାତି ପ୍ରାୟ ୮ଟାରେ କେହି ଜଣେ ହିତେନଙ୍କୁ ଘରୁ ଡାକି ନେଇଥିଲେ। ସେବେଠୁ ସେ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ମୋବାଇଲ ଫୋନ ସୁଇଚ୍ ଅଫ ଥିବାରୁ ପରିବାର ଲୋକଙ୍କ ସନ୍ଦେହ ବଢ଼ିଥିଲା। ବୁଧବାର ହିତେନଙ୍କ ସ୍ତ୍ରୀ ମିନତୀ ବିଷୋୟୀ ଏ ନେଇ ଭଞ୍ଜନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେତେଜଣ ଯୁବକଙ୍କୁ ସନ୍ଦେହରେ ନେଇ ପଚରାଉଚରା କରିଥିଲା । ଏହାପରେ ହିତେନଙ୍କୁ ଦାରିଙ୍ଗିବାଡ଼ି ଘାଟିରେ ହତ୍ୟା କରି ଫୋପାଡ଼ି ଦିଆଯାଇଥିବା ସମ୍ପର୍କରେ ସୂଚନା ମିଳିଥିଲା। ଅଭିଯୁକ୍ତମାନେ ହିତେନଙ୍କୁ ରାତିରେ ବାଉଁଶଲୁଣ୍ଡିସ୍ଥିତ ଏକ ଧୂପକାଠି ଫାକ୍ଟ୍ରିକୁ ଡାକି ନେଇଥିଲେ । ସେଠାରେ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହକୁ କାର୍‌ରେ ଦାରିଙ୍ଗିବାଡ଼ି ଘାଟିକୁ ନେଇ ଫୋପାଡ଼ି ଦେଇଥିଲେ। ହିତେନଙ୍କୁ କେଉଁ କାରଣରୁ ହତ୍ୟା କରାଯାଇଛି, ପରିବାର ଲୋକେ ତାହା ଜାଣିନାହାନ୍ତି। ଏ ନେଇ ଭଞ୍ଜନଗର ଥାନାରେ ନଂ. ୭୦୦/୨୨ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର ସୂଚନା ଦେଇଛନ୍ତି।

# ରପ୍ତାନି ବନାମ ଅଭାବୀ ବିକ୍ରି

**ଯାଜପୁର ଅଫିସ, ୧୮।୧୨**

ଚାଉଳ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ଭାବେ ବିବେଚିତ ହୋଇଛି। ଚାଉଳ ରପ୍ତାନି ପାଇଁ ଓଡ଼ିଶାରେ ବ୍ୟାପକ ସୁଯୋଗ ଥିବା କୁହାଯାଉଛି। ଗତ ୫ ବର୍ଷ ମଧ୍ୟରେ ଚଳିତ ଧାନ ସଂଗ୍ରହ ବର୍ଷର ୨୧।୧୧।୨୦୨୨ ସୁଦ୍ଧା ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଜରିଆରେ ଓଡ଼ିଶା ୭୩୩୮୪୨.୩୬୬ ମେଟ୍ରିକ ଟନ(ଏମ୍‌ଟି) ଚାଉଳ ରପ୍ତାନି କରିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗତ ବିଧାନସଭାରେ ରଖିଥିବା ତଥ୍ୟରୁ ଏହା ଜଣାପଡ଼ିଛି। କିନ୍ତୁ ଧାନ ସଂଗ୍ରହରେ ଜାଲ୍ ଟୋକନ ବ୍ୟବହାର, ଜମି ନ ଥାଇ ଚାଷ, ଚାଷୀଙ୍କଠାରୁ ଧାନ ସଂଗ୍ରହ ନ କରି ଭେଣ୍ଡର ରସିଦ ଜାରି, ଠିକ୍ ସମୟରେ ପ୍ରାପ୍ୟ ପାଇବାରେ ସମସ୍ୟା ଆଦି ବ୍ୟାପକ ଅନିୟମିତତା ଅଭିଯୋଗ ଚାଷୀଙ୍କୁ ବ୍ୟଥିତ କରିଛି। ଏହାବାଦ ମିଲମାଲିକ ତଥା ଧାନକିଣା କମ୍ପାନୀ ମାଲାମାଲ ହେଉଥିବାବେଳେ ଚାଷୀ ଅଭାବୀ ବିକ୍ରିର ଫାଶରେ ପଡ଼ି ଛଟପଟ ହେଉଛି। ଚାଷରେ ହେଉଥିବା ଖର୍ଚ୍ଚ ତୁଳନାରେ ଚାଷୀ ଉପଯୁକ୍ତ ଲାଭ ପାଇପାରୁନାହିଁ। ତେଣୁ ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ୩୦୦୦ ଟଙ୍କା ଦେବାକୁ ଦାବି କରାଯାଉଛି। ଚାଉଳ ରପ୍ତାନି ବଢୁଥିବାବେଳେ ଚାଷୀଙ୍କ ଉକ୍ତ ଦାବିକୁ ଅଣଦେଖା ବାସ୍ତବରେ ଅନ୍ୟାୟ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି।

ରିପୋର୍ଟ ଅନୁସାରେ ୨୦୦୩-୦୪ ବର୍ଷରୁ ଭାରତ ସରକାରଙ୍କ ବିକେନ୍ଦ୍ରୀକୃତ ଧାନ ସଂଗ୍ରହ ବା ଡିସିପି ବ୍ୟବସ୍ଥାରେ ଓଡ଼ିଶା ସାମିଲ ହୋଇଛି। ସେବେଠାରୁ ନିଜର ଖାଦ୍ୟାନ୍ନ ଆବଶ୍ୟକତା ପୂରଣ କରିବା ପାଇଁ ରାଜ୍ୟ ସରକାର ଅନ୍ନ ସଂଗ୍ରହ ଯୋଜନାର ପରିଚାଳନା ଭାର ନିଜେ ଗ୍ରହଣ କରିବା ଆରମ୍ଭ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ରାଜ୍ୟରେ ଚାଲୁ ରହିଥିବା ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ବିଭିନ୍ନ ଜନହିତକାରୀ ଯୋଜନାରେ ଆବଶ୍ୟକ ହେଉଥିବା ଚାଉଳକୁ ବିନିଯୋଗ କରାଯାଇ ବଳକା ଚାଉଳକୁ ଏଫ୍‌ସିଆଇ ମାଧ୍ୟମରେ କେନ୍ଦ୍ରୀୟ ଅନ୍ନ ଭଣ୍ଡାର(ସେଣ୍ଟ୍ରାଲ ପୁଲ)ରେ ଦାଖଲ କରାଯାଉଛି। ଏଫ୍‌ସିଆଇ ଏହି ବଳକା ଚାଉଳକୁ ନିଅଣ୍ଟ ରାଜ୍ୟକୁ ପ୍ରେରଣ କରୁଛି। ଏହିକ୍ରମରେ ୨୦୧୭-୧୮ରେ ୧୧,୬୧,୩୮୦.୨୨୯ ଏମ୍‌ଟି, ୨୦୧୮-୧୯ରେ ୧୭,୪୪,୬୭୮.୫୪୬ ଏମ୍‌ଟି,



୨୦୧୯-୨୦ରେ ୧୭,୧୬,୬୦୧.୮୧୦ ଏମ୍‌ଟି, ୨୦୨୦-୨୧ରେ ୧୮,୯୯,୫୪୮.୮୫୮ ଏମ୍‌ଟି ଏବଂ ୨୦୨୧-୨୨ ବର୍ଷର ୨୧।୧୧।୨୦୨୨ ସୁଦ୍ଧା ୮,୧୬,୬୩୨.୯୨୩ ଏମ୍‌ଟି ବଳକା ଚାଉଳ ଏଫ୍‌ସିଆଇକୁ ପ୍ରଦାନ କରାଯାଇଛି। ଓଡ଼ିଶାରୁ ଚାଉଳ ରପ୍ତାନି ପ୍ରକ୍ରିୟା ବୃଦ୍ଧି କରିବାରେ ସହାୟତା ପାଇଁ କେନ୍ଦ୍ର ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନ ଏଗ୍ରିକଲଚର ଆଣ୍ଡ୍ ପ୍ରୋସେସ୍ ଫୁଡ୍ ପ୍ରଡକ୍ଟସ୍ ଏକ୍ସପୋର୍ଟ ଡେଭଲପ୍‌ମେଣ୍ଟ ଅଥରିଟି(ଏପିଇଡିଏ)କୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ ଓଡ଼ିଶାରେ ଯେଉଁ ପରିମାଣରେ ଧାନଚାଷ ପାଇଁ ସୁଯୋଗ ରହିଛି ଏବଂ ଚାଷୀଙ୍କଠାରୁ ଯେଉଁ ମୂଲ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା କରାଯାଉଛି, ସେହି ଅନୁପାତରେ ସ୍ୱଚ୍ଛତା ଅବଲମ୍ବନ କଲେ ଚାଉଳ ରପ୍ତାନି ଆହୁରି ବୃଦ୍ଧି ପାଇପାରିବ ବୋଲି ମତପ୍ରକାଶ ପାଇଛି।

ରାଜ୍ୟ ତଥା କେନ୍ଦ୍ର ସରକାର ସବୁବେଳେ କୃଷି ଓ କୃଷକଙ୍କ ଉନ୍ନତି ସକାଶେ ଧାନର ମୂଲ୍ୟ ଯେତେ ବୃଦ୍ଧି କଲେ ମଧ୍ୟ ତେଲିଆମୁଣ୍ଡରେ ତେଲ ସଦୃଶ ହେଉଛି। ମିଲମାଲିକ ତଥା ଧାନକିଣା କମ୍ପାନୀ ଫାଇଦାରେ ରହୁଥିବାବେଳେ ପ୍ରାୟ ପ୍ରତିବର୍ଷ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ବର୍ତ୍ତମାନ ଖରିଫ ଋତୁର ଧାନ ଅମଳ ସରିଯାଇଛି। ଚାଷୀଙ୍କ ଧାନ ରଖିବାକୁ ଘରେ ଜାଗାନାହିଁ। ଅନ୍ୟପକ୍ଷେ ଧାନ ବିକ୍ରି କରି ତୁରନ୍ତ ଟଙ୍କା ପାଇବାର ଅଛି। କାରଣ ରବି ଚାଷ ପାଇଁ ସଜବାଜ ହେବାକୁ ପଡ଼ିବ। ଅନ୍ୟପକ୍ଷେ ପ୍ରଶାସନ କେବଳ କାଗଜ କଲମରେ ମଣ୍ଡି ଖୋଲି ବସିଛନ୍ତି। କେତେକ ଜିଲାରେ ଜାନୁୟାରୀ ପ୍ରଥମ ସପ୍ତାହରେ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଫଳରେ ଚାଷୀମାନେ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ପରିବର୍ତ୍ତେ ପ୍ରାୟ ୧୪୦୦ ଟଙ୍କାରେ ଅଣ୍ଡରରେଟ୍‌ରେ ବ୍ୟବସାୟୀଙ୍କୁ ବିକିବାକୁ ବାଧ୍ୟ ହେଉଛନ୍ତି। ଯାଜପୁର ଜିଲା କୋରେଇ ବ୍ଲକ ଅଞ୍ଚଳର ଚାଷୀ ଅନିରୁଦ୍ଧ ସ୍ୱାଇଁ, ଅନାଦି ଚରଣ ସାହୁ, ସରୋଜ ଚନ୍ଦ୍ର ଜେନା, ଯୋଗେନ୍ଦ୍ର ସାହୁ ପ୍ରମୁଖ କହିଛନ୍ତି, ଅମଳ କରି ଧାନ ବିକ୍ରି କରିବା ଅପେକ୍ଷାରେ ରହିଛନ୍ତି। ହେଲେ ମଣ୍ଡି ନ ଖୋଲିବାରୁ ନିହାତି ଆବଶ୍ୟକ ସ୍ଥଳେ ବ୍ୟବସାୟୀଙ୍କ ନିକଟରେ ବିକ୍ରି କରିବାକୁ କେତେଜଣ ଚାଷୀ ମନସ୍ଥ କରିଛନ୍ତି।



୫ଦଫା ଦାବି ନେଇ ଓଡ଼ିଶା ୱାର୍କସ୍ ଡିପାର୍ଟମେଣ୍ଟ ୱାର୍କଚାର୍ଜଡ୍/ରେଗୁଲାର କର୍ମଚାରୀ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା। **(ଫଟୋ: ମନୋରଞ୍ଜନ)**

## ୫ଦଫା ଦାବିରେ ବିକ୍ଷୋଭ, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)**

ଓଡ଼ିଶା ୱାର୍କସ ଡିପାର୍ଟମେଣ୍ଟ ୱାର୍କଚାର୍ଜଡ୍/ରେଗୁଲାର କର୍ମଚାରୀ ଆସୋସିଏଶନ ପକ୍ଷରୁ ୱାର୍କଚାର୍ଜଡ୍ କର୍ମଚାରୀ ଓ ୱାର୍କଚାର୍ଜଡ୍ କର୍ମଚାରୀରୁ ନିୟମିତ ହୋଇଥିବା କର୍ମଚାରୀ ଏବଂ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କ ୫ଦଫା ଦାବି ପୂରଣ ପାଇଁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ବି ସରକାର ଏନେଇ ଉଦାସୀନ ରହୁଛନ୍ତି। ଏହାର ପ୍ରତିବାଦରେ ରବିବାର ଆସୋସିଏଶନ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ କରାଯାଇଥିଲା। ଏହି ଅବସରରେ କର୍ମଚାରୀଙ୍କୁ ପେନ୍‌ସନ୍ ଓ ଭତ୍ତା ପ୍ରଦାନ କରିବା ଦାବିରେ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନବୀନ ନିବାସଠାରେ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ତୁରନ୍ତ ଦାବି ପୂରଣ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ମାର୍ଚ୍ଚରେ ନବୀନ ନିବାସ ସମ୍ମୁଖରେ ସପରିବାର ଧାରଣାରେ ବସିବେ ବୋଲି ଚେତାବନୀ ଦିଆଯାଇଛି। ସଂଘର ନେତୃତ୍ୱ ନେଉଥିବା ସୁଧାଂଶୁ ପତି, କପିଳେଶ୍ୱର ବାରିକ, ଗଗନ ଭଞ୍ଜ, ନିରଞ୍ଜନ ବାହିନୀପତି ପ୍ରମୁଖ ଦାବିପତ୍ର ଦେଇ ଆଲୋଚନା କରିଥିଲେ।

# ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ଦିଗପହଣ୍ଡି, ୧୮।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପାଟପୁର ଥାନା ଅନ୍ତର୍ଗତ ଜିଉରା ଗ୍ରାମରେ ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ସ୍ୱାମୀ ବିଲରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ଜୟନ୍ତୀ ସାହୁ। ପୋଲିସ ରବିବାର ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀ ନାରାୟଣ ସାହୁଙ୍କୁ ଅଟକ ରଖିଛି।

ସାନଖେମୁଣ୍ଡି ବ୍ଲକ ପାଟପୁର ରାଧାଦେଇପୁର ଗ୍ରାମର ଦାମ ସାହୁଙ୍କ ଝିଅ ଜୟନ୍ତୀ ଜିଉରା ଗ୍ରାମର ନାରାୟଣଙ୍କୁ ପ୍ରାୟ ୧୫ବର୍ଷ ପୂର୍ବେ ବିବାହ କରିଥିଲେ। ସେମାନଙ୍କର ୨ଟି ପୁଅ ଓ ଗୋଟିଏ ଝିଅ। ଜୟନ୍ତୀଙ୍କ ବାପଘର ଲୋକ ମଧ୍ୟ କିଛି ବର୍ଷ ହେଲା ଗାଁ ଛାଡ଼ି ଜିଉରାରେ ରହି ଆସୁଛନ୍ତି। ନାରାୟଣ ବିଭିନ୍ନ ସମୟରେ ନିଶାସକ୍ତ ହୋଇ ଘରକୁ ଆସି ଜୟନ୍ତୀଙ୍କୁ ନିର୍ଘୂମ ମାଡ ମାରୁଥିଲେ। ଶନିବାର ରାତିରେ ମଧ୍ୟ ସେ ଏଭଳି ଆସି କୌଣସି କଥାକୁ ନେଇ ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ରବିବାର ସକାଳେ ବାରିପଟ ଚାଷ ଜମିରେ ଜୟନ୍ତୀଙ୍କ ମୃତଦେହ ପଡ଼ିଥିବା କେତେଜଣ ଗ୍ରାମବାସୀ ଓ ବାପଘର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ ସଦଳବଳ ଘଟଣାସ୍ଥଳକୁ ଆସି ତଦନ୍ତ କରିବା ସହ ଅଭିଯୁକ୍ତ ନାରାୟଣଙ୍କୁ କାବୁ କରିଥିଲେ। ଏ ନେଇ ଜୟନ୍ତୀଙ୍କ ଭାଇ ଚେରୁ ସାହୁଙ୍କ ଏତଲାକ୍ରମେ ନଂ. ୪୫୮/୨୨ ପ୍ରକାରେ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ଜୟନ୍ତୀଙ୍କ ବେକରେ କ୍ଷତ ଚିହ୍ନ ରହିଛି। ତାଙ୍କୁ ତଣ୍ଟିଚିପି ଶ୍ୱାସରୁଦ୍ଧ କରି ମାରି ଦିଆଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କିଭଳି ମୃତ୍ୟୁ ଘଟିଛି ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି।

# ବ୍ରାହ୍ମଣୀ ଟାପୁ ଚୋରା ମଦ ହବ୍

**ଢେଙ୍କାନାଳ ଅଫିସ, ୧୮।୧୨**

## ୨୦,୦୦୦ ଲିଟର ପୋଚ, ୧,୦୦୦ ଲିଟର ମଦ ଜବତ

ଢେଙ୍କାନାଳ ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ଟାପୁ ଏବେ ଚୋରା ଦେଶୀ ରନ୍ଧା ମଦର ଠିକଣା ପାଲଟିଛି। ଚୋରା ମଦ ବ୍ୟବସାୟୀମାନେ ଏଭଳି ସ୍ଥାନରେ ଗୁପ୍ତରେ ମଦ ରାନ୍ଧି ବାହାରକୁ ଚାଲାଣ କରୁଛନ୍ତି। ଗଁଦିଆ ଥାନା କାଶୀପୁର ଗ୍ରାମ ନିକଟ ନଦୀ ମଧ୍ୟରେ ଏକ ଭୂଭାଗରେ ଚଢ଼ାଉ କରି ବିପୁଳ ପରିମାଣର ମଦ, ପୋଚ ଜବତ କରାଯିବା ପରେ ଅବକାରୀ ବିଭାଗର ଚିନ୍ତା ବଢ଼ିଛି।

କାଶୀପୁର ନିକଟ ବ୍ରାହ୍ମଣୀ ନଦୀର ଏକ ଟାପୁରେ ଦେଶୀ ମଦ ରନ୍ଧା ଯାଉଥିବା ଅବକାରୀ ବିଭାଗକୁ ଗୋଇନ୍ଦା ସୂଚନା



ମିଳିଥିଲା। ଏହାପରେ ଗଁଦିଆ ଅଗ୍ନିଶମ ଦଳ ସହାୟତାରେ ନଦୀ ପଥ ଦେଇ ଉକ୍ତ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ପୂର୍ବରୁ ଅଭିଯୁକ୍ତମାନେ ନଦୀରେ ପହଁରି ଚମ୍ପଟ ମାରିଥିବାବେଳେ ଘଟଣା ସ୍ଥଳରୁ ୨୦,୦୦୦ ଲିଟର ମହୁଲି ପୋଚ, ୧,୦୦୦ ମଦ ଜବତ କରାଯାଇଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୭୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏକ ବାଇକ୍, ସ୍କୁଟି ଏବଂ ସାଇକେଲ ମଧ୍ୟ ଧରାପଡ଼ିଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ କରାଯାଇଥିଲା।

# ନାଟ୍ୟକାର ପ୍ରଦୀପ ଭୋଳଙ୍କ ପରଲୋକ

**ସୁନ୍ଦରଗଡ଼, ୧୮।୧୨(ଡି.ଏନ୍.ଏ.)**



ପ୍ରଦୀପ ଭୋଳ

ନାଟ୍ୟକାର ତଥା ଓଡ଼ିଆ ସିନେ ନିର୍ଦ୍ଦେଶକ ପ୍ରଦୀପ ଭୋଳଙ୍କ ରବିବାର ସକାଳେ ହୃଦଘାତରେ ପରଲୋକ ଘଟିଛି। ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ଭୋଳ ଓଡ଼ିଆ ନାଟ୍ୟ ଓ ସିନେ ଜଗତର ଜଣେ ଜଣାଶୁଣା ନାଁ। ଅନେକ ଓଡ଼ିଆ ଓ ସମ୍ବଲପୁରୀ ମଞ୍ଚ ନାଟକର ନିର୍ଦ୍ଦେଶନା ଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ର 'ସୁନା ଶଙ୍ଖାଳି', 'ପବିତ୍ର ବନ୍ଧନ' ତାଙ୍କୁ ଜଣେ ସଫଳ ନିର୍ଦ୍ଦେଶକ ଭାବରେ ପରିଚୟ ଦେଇଥିଲା। ତାଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଚିନି' ରାଜ୍ୟ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲା। ତାଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ମଞ୍ଚ ନାଟକ 'ମାଉ' ଲିମ୍‌କା ବୁକ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ତାଙ୍କର ଆଉ ଏକ ନାଟକ 'ଭାବ' ଚଳିତ ଶେଷ ସପ୍ତାହରେ ପରିବେଷିତ ହେବାର ଥିଲା। ପରଲୋକ ଖବର ପାଇ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କ ସମେତ ବହୁ ନାଟ୍ୟ ଓ ସିନେ ପ୍ରେମୀ, କଳାକାର, ମାନ୍ୟଗଣ୍ୟ ବ୍ୟକ୍ତି ସୁନ୍ଦରଗଡ଼ ଡାକ୍ତରଖାନା ଓ ମହାନ୍ତିପଡାସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କରି ବିୟୋଗରେ ନାଟ୍ୟପ୍ରେମୀ, କଳାକାର, ସାଧାରଣରେ ଗଭୀର ଶୋକ ପ୍ରକାଶ ପାଇଛି। ଅପରାହ୍ନରେ ସ୍ଥାନୀୟ ଇବ୍ ନଦୀ କୂଳ ରାଣୀବଗିଚା ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି।

# ନକଲି ମଦରେ ତେଲଙ୍ଗାନା ସରକାରଙ୍କ ସିଲ୍

**ମଙ୍ଗୁଳି-ଜଗତପୁର, ୧୮।୧୨(ଡି.ଏନ.ଏ.)**

- ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମଦ, ମେଶିନ ଜବତ
- ଅଭିଯୁକ୍ତ ଗିରଫ

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ସଫା ପଞ୍ଚାୟତ ଅଭୟପୁର ଅଞ୍ଚଳର ଏକ କୁକୁଡା ଫାର୍ମରେ ନକଲି ମଦ ପ୍ରସ୍ତୁତ କରାଯାଉଥିଲା। ଏହାକୁ ରାଜ୍ୟ ବାହାରର ଅନେକ ସ୍ଥାନକୁ ଚାଲାଣ କରାଯାଉଥିଲା। ତେଲଙ୍ଗାନାରେ ବିପୁଳ ମଦ ଜବତ ହେବାପରେ ସ୍ଥାନୀୟ ଅବକାରୀ ବିଭାଗ ଖୋଳତାଡ କରିବାରୁ ଅଭୟପୁର ଅଞ୍ଚଳର ଏକ କାରଖାନା ବିଷୟରେ ଜାଣିବାକୁ ପାଇଥିଲା। ଫଳରେ ଶନିବାର ତେଲଙ୍ଗାନା ଅବକାରୀ ବିଭାଗ, ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍ ଓ ଟାଙ୍ଗୀ ପୋଲିସ ମିଳିତ ଭାବେ ଚଢାଉ କରିଥିଲା। ଏହି ବେଆଇନ କାରବାରରେ ସମ୍ପୃକ୍ତ ଢେଙ୍କାନାଳ ଜିଲା ଗନ୍ଦିଆ ଗ୍ରାମର ରଞ୍ଜିତ୍ ସାମଲଙ୍କୁ ଗିରଫ କରାଯାଇଥିଲା। ଚଢାଉବେଳେ ଅନ୍ୟ ୨ ଜଣ ଫେରାର ହୋଇଯାଇଥିଲେ। ରାତି ହୋଇଯାଇଥିବାରୁ ଯାଞ୍ଚ ବନ୍ଦ ସହ କାରଖାନାକୁ ସିଲ୍ କରାଯାଇଥିଲା। ରବିବାର ପୂର୍ବାହ୍ନ ସାଢେ ୧୦ଟାରେ ଜେସିବି ସହାୟତାରେ ଉକ୍ତ କାରଖାନାର କବାଟ ଭଙ୍ଗା ଯାଇଥିଲା। ସେଠାରୁ ବିପୁଳ ପରିମାଣର ମଦ, ମଦ ପ୍ରସ୍ତୁତିରେ ବ୍ୟବହୃତ ୬ଟି ଅତ୍ୟାଧୁନିକ ମେଶିନ, ନାମୀଦାମୀ କମ୍ପାନୀର ଠିପି, ସିଲ୍, ବିଅର ବୋତଲ ଜବତ କରାଯାଇଥିଲା। ଏଥିସହ ୮ଟି ଟ୍ୟାଙ୍କ୍‌ରେ ତିଆରି ହୋଇ ରହିଥିବା ୩୦,୦୦୦ ଲିଟର ମଦ ଏବଂ ୨୦,୦୦୦ ଲିଟର ସ୍ପିରିଟ୍‌କୁ ନଷ୍ଟ କରାଯାଇଥିଲା। ଜବତ ମଦର ମୂଲ୍ୟ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ତେଲଙ୍ଗାନା ଅବକାରୀ ବିଭାଗ ଡେପୁଟି କମିଶନର ଡେଭିଡ ରବିକାନ୍ତ କହିଛନ୍ତି। ଉକ୍ତ କାରଖାନାରେ କାମ କରୁଥିବା ସମସ୍ତ କାରିଗର ତେଲଙ୍ଗାନାର ବୋଲି ରଞ୍ଜିତ୍ ଅବକାରୀ କମିଶନରଙ୍କ ନିକଟରେ ପ୍ରକାଶ କରିଛନ୍ତି।



ଜବତ କରାଯାଇଥିବା ନକଲି ମଦ, ମେଶିନ୍ ଓ ଅନ୍ୟ ସାମଗ୍ରୀ।

ରଞ୍ଜିତ୍‌ଙ୍କୁ ତେଲଙ୍ଗାନା ନିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଅଭୟପୁର ଅଞ୍ଚଳରେ ପ୍ରାୟ ୮ ମାସ ହେବ ବେଆଇନ ଭାବେ ମଦ ପ୍ରସ୍ତୁତ କରାଯାଉଥିଲା। କବାଡିଆ ଦୋକାନରୁ ନାମୀଦାମୀ କମ୍ପାନୀର ବୋତଲ କିଣି ଏଠାକୁ ଅଣାଯାଉଥିଲା। ତାହାକୁ ଭଲଭାବେ ସଫା କରାଯାଇ ସେଥିରେ ନକଲି ମଦ ଭର୍ତ୍ତି କରାଯାଉଥିଲା। ସେଥିରେ ତେଲଙ୍ଗାନା ସରକାରଙ୍କ ମଞ୍ଜୁରୀ ଥିବା ସିଲ୍ ଲଗାଯାଇ ତେଲଙ୍ଗନା ପଠାଇ ଦିଆଯାଉଥିଲା। ତେଲଙ୍ଗାନାରେ ବେଆଇନ ମଦ କରବାର ବୃଦ୍ଧି ପାଇବାରୁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିଲା। ଏହି କାରବାରରେ ସମ୍ପୃକ୍ତ ଅଭିଯୁକ୍ତ ବାଲ୍ ରାଜୁ ଗତ ମଙ୍ଗଳବାର ରାତିରେ ଅବକାରୀ ବିଭାଗ ହାତରେ ଧରାପଡିଥିଲେ। ତାଙ୍କ ସୂଚନା ଆଧାରରେ ତେଲଙ୍ଗାନା ଅବକାରୀ ବିଭାଗ ଟାଙ୍ଗୀ ପୋଲିସ ସହାୟତାରେ ଶନିବାର ସନ୍ଧ୍ୟାରେ ଅଭୟପୁର ଅଞ୍ଚଳରେ ଥିବା ଉକ୍ତ କାରଖାନାରେ ଚଢାଉ କରିଥିଲା। ତେଲଙ୍ଗାନା ଅବକାରୀ ବିଭାଗ ଡେପୁଟି କମିଶନରଙ୍କ ନେତୃତ୍ୱରେ ହେଇଥିବା ଏହି ଚଢ଼ାଉରେ ଆସିଷ୍ଟାଣ୍ଟ କମିଶନର ଚନ୍ଦ୍ରା ୟା, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଜେ. ଜୀବନ କିରନ, ଡିପିଓ ଅଫିସର ଡି. ଅରୁଣ କୁମାର, ଅବକାରୀ ଇନ୍ସପେକ୍ଟର ଡି. ରାମା ରାଓ, ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍ ଆଇଆଇସି ଦିଲ୍ଲୀପ କୁମାର ବେହେରା, ଏସ୍‌ଆଇ ସଚିନ ବେହେରା, ଟାଙ୍ଗୀ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ସାମିଲ ଥିଲେ।

# ଜାତୀୟ ମାନବ ଅଧିକାର କମିଶନରଙ୍କ ପାଖରେ ମାମଲା

## କୁରାଳ ନାବାଳକ ଛାତ୍ର ନିଖୋଜ ଘଟଣା

**ନୟାଗଡ଼ ଅଫିସ, ୧୮।୧୨**

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା କୁରାଳ ସୁବୁଦ୍ଧିସାହିର ୭ମ ଶ୍ରେଣୀର ଛାତ୍ର ଅମିତ ପାତ୍ର ନିଖୋଜ ଘଟଣାରେ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ରବିବାର ମାମଲା ରୁଜୁ ହୋଇଛି। ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ ଦାଶଙ୍କର ସୂଚନା ଅନୁସାରେ, କୁରାଳର ଅମିତ ନିଖୋଜ ଘଟଣାରେ ଆମ ଅନୁଷ୍ଠାନ ପକ୍ଷରୁ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଫେରାଦ ହୋଇଛି। ୭୨ ଘଣ୍ଟା ପରେ ପୋଲିସର କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଘଟଣାର ତଦନ୍ତ ଅଥବା ଅନୁଧ୍ୟାନ କମିଶନଙ୍କ ଟିମ୍ କରି ନିଖୋଜ ପରିବାରକୁ ନ୍ୟାୟ ଯୋଗାଇବାକୁ ଅନୁରୋଧ କରାଯାଇଛି। ସେହିପରି କ୍ଷମତାର ଅପବ୍ୟବହାର କରୁଥିବା ପୋଲିସ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୂପ ଅନୁରୋଧ ରହିଛି। ଜାତୀୟ ମାନବ ଅଧିକାର କମିଶନ ଏହାକୁ ବିଚାରକୁ ନେଇ ନଂ. ୨୧୧୩୨/୨୦୨୨ରେ ମାମଲା ରୁଜୁ କରିଥିବା ପ୍ରକାଶ କରିଛନ୍ତି।

# କମ୍ପାନୀରୁ ଇଞ୍ଜିନିୟରଙ୍କ ମୃତଦେହ ଜବତ

ଢେଙ୍କାନାଳ ଅଫିସ, ୧୮।୧୨

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ କାରଖାନାର ସ୍ୱିନ୍ଟର ପ୍ଲାଣ୍ଟ–୩ରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଜିତେନ୍ଦ୍ର ପ୍ରସାଦ (୫୦)ଙ୍କ ମୃତଦେହ ରବିବାର କମ୍ପାନୀ ପରିସରରୁ ମିଳିଛି। ଜିତେନ୍ଦ୍ରଙ୍କ ଘର ଉତ୍ତରପ୍ରଦେଶରେ। ସେ ଶନିବାର ନାଇଟ୍ ଶଫ୍ଟରେ ଥିଲେ। ସକାଳ ୭ଟାରେ ଚଟାଣରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ସହକର୍ମୀମାନେ ଦେଖିଥିଲେ। ସୂଚନାପାଇ କାରଖାନା ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରର ଜରୁରିକାଳୀନ ମେଡିକାଲ ଟିମ୍ ପହଞ୍ଚି ଯାଞ୍ଚ କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। କଣ୍ଟାବଣିଆ ପୋଲିସ ଫରେନ୍‌ସିକ୍ ଦଳ ସହିତ ପହଞ୍ଚି ତଦନ୍ତ କରିଛି। ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ମିଳିଛି, ଯାହା ଘଟଣାକୁ ରହସ୍ୟାବୃତ୍ତ କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଆତ୍ମହତ୍ୟା କି ନୁହେଁ, ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଅନ୍ୟପଟେ କାରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ ହୋଇଛି। ଏ ନେଇ ଘର ଲୋକଙ୍କୁ ଅବଗତ କରାଯାଇଛି। ନିୟମ ଅନୁଯାୟୀ ତାଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଚୂଡ଼ାନ୍ତ ବିଜ୍ଞପ୍ତି ନ ଆସିଲା ପର୍ଯ୍ୟନ୍ତ ଖନନ ବନ୍ଦ

**ହଦଗଡ଼ ଅଭୟାରଣ୍ୟ ନିକଟରୁ ବେଆଇନ ଖନନ ପ୍ରସଙ୍ଗ**

**ଏନ୍‌ଜିଟିରେ ରିପୋର୍ଟ ଦାଖଲ କଲା କମିଟି**

କେନ୍ଦୁଝର,୧୮।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ତହସିଲ ଅନ୍ତର୍ଗତ କଣ୍ଟିଆପାଳ ମୌଜାରେ ବେଆଇନ ପଥର କ୍ୱାରୀକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ତଦନ୍ତ ରିପୋର୍ଟ ଦାଖଲ ହୋଇଛି। ଇକୋ ସେନସିଟିଭ୍ ଜୋନର ଚୂଡ଼ାନ୍ତ ବିଜ୍ଞପ୍ତି ନ ଆସିଲା ପର୍ଯ୍ୟନ୍ତ ଉକ୍ତ ଏରିଆରେ ଖଣି ଖନନ ରୋକିବା ପାଇଁ କମିଟି ପ୍ରସ୍ତାବ ଦେଇଛି। ଜିଲାପାଳଙ୍କୁ ନେଇ ଗଠିତ ଟିମ୍ ତଦନ୍ତ କରି ଗତ ବୁଧବାର ରିପୋର୍ଟ ଦାଖଲ କରିଥିଲା।

ବୀରକିଶୋର ଦାସ ରାଜ୍ୟ ସରକାର ଓ ଅନ୍ୟମାନଙ୍କ ବିରୋଧରେ ନୂଆଦିଲ୍ଲୀସ୍ଥିତ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ କେସ( ଓଏମ୍ ନଂ. ୫୫୩/୨୦୨୨) କରିଥିଲେ। ତଦନ୍ତ ବେଳେ କଣ୍ଟିପାଳ ମୌଜାର ମୁଖ୍ୟ ପ୍ଲଟ ନଂ.୨୪୨୫ ଓ ଖାତା ନଂ. ୮୬୩ରେ ସମୁଦାୟ ୪୧.୪୫ ଏକର ପରିମିତ ଜମିରେ ୩ଟି ମାଇନିଂ ପିଟ୍ ରହିଥିବାବେଳେ ସମୁଦାୟ ଏରିଆ ୦.୯୩ ହେକ୍ଟର ରହିଛି। ସେହିପରି ଉକ୍ତ ପ୍ଲଟ୍‌ରେ ଅନେକ ଛୋଟ ଛୋଟ କ୍ୱାରୀ ମଧ୍ୟ ରହିଛି। ମୁଖ୍ୟ ମାଇନିଂ ପିଟ୍ ଗୁଡ଼ିକ ହଦଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ସୀମାରୁ ୧.୨୬ କି.ମି. ଦୂରରେ ରହିଥିବାବେଳେ ପ୍ରସ୍ତାବିତ ଇକୋ ସେନସିଟିଭ୍ ଜୋନ୍ ବା ପରିବେଶ ସମ୍ବେଦନଶୀଳ ଜୋନ୍ ସୀମାରୁ ୦.୭୬ କି.ମି. ଏବଂ ପ୍ରସ୍ତାବିତ ବ୍ୟାଘ୍ର କରିଡର ସୀମାଠାରୁ ପ୍ରାୟ ୧.୧୮ କି.ମି.ଦୂରରେ ରହିଛି। ଏହି ପଥର କ୍ୱାରୀ ୧୯୯୦ ରୁ ୨୦୧୪–୧୫ ପର୍ଯ୍ୟନ୍ତ ଲିଜ୍ ରହିଥିବା ଉଲ୍ଲେଖ ରହିଛି। ମାମଲା ରୁଜୁ କରି ଏନ୍‌ଜିଟି ଏହାର ଯୁଗ୍ମ ତଦନ୍ତ କରିବା ପାଇଁ ଜିଲାପାଳଙ୍କୁ ଆଦେଶ କରିଥିଲେ। ତଦନ୍ତ କମିଟିରେ ଜିଲାପାଳଙ୍କ ସମେତ ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନର ଡିଏଫ୍‌ଓ, ଯୁଗ୍ମ ନିର୍ଦ୍ଦେଶକ, ଭୂତତ୍ତ୍ୱ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଗତ ନଭେମ୍ବର ୧୪ରେ ଗସ୍ତ କରି ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ଇକୋ ସେନସିଟିଭ୍ ଜୋନର ଚୂଡ଼ାନ୍ତ ବିଜ୍ଞପ୍ତି ନ ଆସିଲା ପର୍ଯ୍ୟନ୍ତ ଉକ୍ତ ଏରିଆରେ ଖଣି ଖନନ ରୋକିବା ପାଇଁ କମିଟି ପ୍ରସ୍ତାବ ଦେଇଛି। ଅନ୍ୟପକ୍ଷରେ ସେଠାରେ କୌଣସି ବେଆଇନ ଖଣି କାର୍ଯ୍ୟ ହୋଇ ନ ଥିବା ଆନନ୍ଦପୁର ତହସିଲଦାର କମିଟି ଆଗରେ ଜଣାଇଥିଲେ। ବନ ବିଭାଗ ଉକ୍ତ ସ୍ଥାନର ମୃତ୍ତିକା ଏବଂ ଆଦ୍ରତା ସଂରକ୍ଷଣ ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଛନ୍ତି।

# ଆଲୋକିତ ହେଲା ପଦ୍ମଶ୍ରୀଙ୍କ ଘର

କେନ୍ଦୁଝର,୧୮।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ତଳବୈତରଣୀ ଗ୍ରାମରେ ରହୁଥିବା ପଦ୍ମଶ୍ରୀ ଦୈତାରୀ ନାଏକଙ୍କ ଘର ଆଲୋକିତ ହେଲା। ଦୀର୍ଘ ଏକ ମାସ ଧରି ବିଦ୍ୟୁତ୍ କାଟ ଯୋଗୁ ଦୈତାରୀଙ୍କ ପରିବାର ଅନ୍ଧାରରେ କାଳାତିପାତ କରୁଥିଲେ। ଏହାକୁ ନେଇ ଧରିତ୍ରୀରେ ଶନିବାର ଅନ୍ଧାରରେ ପଦ୍ମଶ୍ରୀଙ୍କ ପରିବାର ଶୀର୍ଷକ ଖବର ପ୍ରକାଶ ପାଇବା ପରେ ବିଦ୍ୟୁତ ବିଭାଗ ତତ୍ପରତା ଦେଖାଇଥିଲା। ଉକ୍ତ ଦିନ ଅପରାହ୍ନରେ ବିଦ୍ୟୁତ ବିଭାଗ କର୍ମଚାରୀ ପଦ୍ମଶ୍ରୀଙ୍କ ଘରେ ବିଦ୍ୟୁତ୍ ସଂଯୋଗ କରିଥିଲେ। ଫଳରେ ପଦ୍ମଶ୍ରୀଙ୍କ ପରିବାର ସଦସ୍ୟ ଖୁସି ବ୍ୟକ୍ତ କରିଥିବା ବେଳେ ପୁନଃ ବିଦ୍ୟୁତ୍ ସଂଯୋଗ ପାଇଁ ଧରିତ୍ରୀ ଖବରକାଗଜକୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ଏବ ବର୍ଷ ହେଲା ଦୈତାରୀଙ୍କ ଘରେ ଥିବା ବିପିଏଲ ସଂଯୋଗକୁ କାଟି ଦିଆଯାଇଛି। ସେ ଘରୋଇ ବିଦ୍ୟୁତ୍ ସଂଯୋଗରୁ ଅର୍ଥ ପୈଠ କରି ବିଜୁଳି ଜାଳୁଥିଲେ। ଗତ ମାସରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିପିଏଲ୍ ସଂଯୋଗର ବକେୟା ବିଲ୍ ଦିଆଯାଇଥିଲା। କିନ୍ତୁ ତାହା ବିଚ୍ଛିନ୍ନ ହୋଇଯାଇଥିବା ଦୈତାରୀ କହିଥିଲେ। ମାତ୍ର ବିଭାଗର କର୍ମଚାରୀ କିଛି ନ ଶୁଣି ଘରୋଇ ବିଦ୍ୟୁତ୍ ସଂଯୋଗକୁ କାଟି ଦେଇଥିଲେ। ବିଭାଗୀୟ ତ୍ରୁଟି କାରଣରୁ ବିଲ୍ ପଇଠ ହୋଇ ନ ଥିବା ବେଳେ ଜଣେ ପଦ୍ମଶ୍ରୀଙ୍କ ଘରୁ ବିଦ୍ୟୁତ ସଂଯୋଗ କାଟି ଦେବାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିଲା।



ପଦ୍ମଶ୍ରୀ ଦୈତାରୀ ନାଏକ।

# ଆବାସିକ ସ୍କୁଲ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ଛତ୍ରପୁର,୧୮।୧୨( ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁର ରିକାପଲ୍ଲୀସ୍ଥିତ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ଥାନା ଅଧୀନ ତରେଇପାଟପୁର ଗ୍ରାମର କୈଳାଶ ଚନ୍ଦ୍ର ବେହେରାଙ୍କ ସାନ ଝିଅ ରୋଜା(୧୫)। ରୋଜା ୫ ବର୍ଷ ହେଲା ଉକ୍ତ ବିଦ୍ୟାଳୟରେ ରହି ପାଠ ପଢୁଥିଲେ। ଶନିବାର ରାତିରେ ସେ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୪ଟାରେ ତାଙ୍କର ବାନ୍ତି ହେବାରୁ ୱାର୍ଡେନ ତାଙ୍କୁ ଜେଲିସିଲ ସିରପ ଦେଇଥିଲେ। ସେଥିରେ ରୋଜା ଭଲ ହୋଇ ନ ଥିଲେ। ଅବସ୍ଥା ଗୁରୁତର ହେବାରୁ ରବିବାର ସକାଳେ ତାଙ୍କୁ ନିକଟସ୍ଥ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ରୋଜାଙ୍କ ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଓ ଗ୍ରାମବାସୀ କହିଛନ୍ତି। ଝିଅ ଅସୁସ୍ଥ ଥିବା ସମ୍ପର୍କରେ କୌଣସି ସୂଚନା ଦିଆଗଲାନି। ପାଖରେ ମେଡିକାଲ ଥିଲେ ବି ଚିକିତ୍ସା ପାଇଁ ନେବାରେ ବିଳମ୍ବ କରାଯିବାରୁ ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୭୯୯/୨୨ରେ ମାମଲା ରୁଜୁ କରିଛି । ଥାନା ଅଧିକାରୀ ସତ୍ୟ ରଞ୍ଜନ ପ୍ରଧାନ ସ୍କୁଲରେ ପହଞ୍ଚି ତଦନ୍ତ କରିଛନ୍ତି। ସେପଟେ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗକୁ ଜିଲା ଶିକ୍ଷାଧିକାରୀ ବିନିତା ସେନାପତି ଖଣ୍ଡନ କରିଛନ୍ତି। ସ୍କୁଲରେ କୌଣସି ଅବହେଳା କରାଯାଇନି ବୋଲି ସେ କହିଛନ୍ତି। ଗୁରୁ ଛାତ୍ର କଲ୍ୟାଣ ପାଣ୍ଠିରୁ ମୃତା ରୋଜାଙ୍କ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

# ରାଜକୁମାର, ମହିନ୍ଦ୍ରାକୁ ଫେରାଇ ଆଣିବାକୁ ଦାବି

**ସମ୍ମାନର ସହ 'ଶୋଭା'ର ଶେଷକୃତ୍ୟ**

ବାରିପଦା ଅଫିସ,୧୮।୧୨

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷାରେ ନିୟୋଜିତ କୁମକୀ(ପୋଷା) ହାତୀ 'ଶୋଭା'ର ବ୍ୟବଚ୍ଛେଦ ପରେ ରବିବାର ବିଭାଗୀୟ ଅଧିକାରୀମାନେ ସମ୍ମାନର ସହ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ଭୁବନେଶ୍ୱର ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ୍)ଙ୍କ ନିର୍ଦ୍ଦେଶ କ୍ରମେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଆଞ୍ଚଳିକ କ୍ଷେତ୍ର ନିର୍ଦ୍ଦେଶକ ଟି. ଅଶୋକ କୁମାର ଓ ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଉପସ୍ଥିତ ରହିଥିଲେ। ଅନୁଗୋଳ ଜିଲା ସାତକୋଶିଆକୁ ସ୍ଥାନାନ୍ତର କରାଯାଇଥିବା 'ରାଜକୁମାର' ଓ 'ମହିନ୍ଦ୍ରା' ହାତୀଙ୍କୁ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ଫେରାଇ ଆଣିବାକୁ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ସଂଯୁକ୍ତା ବସା ଦାବି କରିଛନ୍ତି। ବନ ବିଭାଗର ଅବହେଳା ଯୋଗୁ ଶିମିଳିପାଳରେ ହାତୀମୃତ୍ୟୁ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଶିମିଳିପାଳ ବ୍ୟାଘ୍ର ଗଣନା, ବଣୁଆ ହାତୀଙ୍କ ଗତିବିଧି ଓ ଜଙ୍ଗଲ ଜନ୍ତୁଙ୍କୁ ସୁରକ୍ଷା ଯୋଗାଇବାରେ ନିୟୋଜିତ ଥିବା କୁମକୀ ହାତୀ 'ଶୋଭା'ର ମୃତ୍ୟୁକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଚିକିତ୍ସାରେ ଅବହେଳା କାରଣରୁ ମୃତ ଶୋଭାକୁ ପ୍ରାଣୀ ଚିକିତ୍ସକ ବ୍ୟବଚ୍ଛେଦ କରି ନମୁନା ସଂଗ୍ରହ କରିଛନ୍ତି। ପରେ ବିଭାଗ ତରଫରୁ ସମ୍ମାନ ଜଣାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶିମିଳିପାଳରେ ହାତୀ ମଡ଼କ ଘଟଣାକୁ ନେଇ ଜିଲାବାସୀ ଉଦ୍‌ବେଗ ପ୍ରକାଶ କରିବା ସହ ବନ ବିଭାଗର କାର୍ଯ୍ୟକଳାପ ପାଇଁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଶିମିଳିପାଳର ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ପ୍ରକୃତି ରାଣୀର ଅପରୂପ ସୌନ୍ଦର୍ଯ୍ୟ ମରୁଭୂମି ସଦୃଶ ହୋଇପଡ଼ିବ। ଏହାକୁ ସୁରକ୍ଷା ଯୋଗାଇବା ପାଇଁ ବିଭାଗୀୟ ଅଧିକାରୀମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି। ଶିମିଳିପାଳର ସ୍ଥିତିକୁ ନେଇ ପିସିସିଏଫ୍ ଏସ୍.କେ. ପୋପଲିଙ୍କୁ ସାକ୍ଷାତ୍ କରି ସଂଯୁକ୍ତା ବସା ଆଲୋଚନା କରିବା ସହ ଦାବି ଉପସ୍ଥାପନ କରିଛନ୍ତି। ଅଭୟାରଣ୍ୟ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ ସହ ତଳ କର୍ମଚାରୀ ଓ ସୁରକ୍ଷା ଦିଗରେ ପୂର୍ବରୁ ଜଡ଼ିତ ଥିବା ଲୋକଙ୍କୁ ଏକାଠି କରି ଯୋଜନା ପ୍ରସ୍ତୁତ, ବର୍ଷ ତମାମ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପାଟ୍ରୋଲିଂକୁ କଡ଼ାକଡ଼ି କରିବା, ଲୋକଙ୍କ ଫସଲ କ୍ଷତିପୂରଣ ରାଶିକୁ ଦୁଇଗୁଣ କରିବା, ଗଜସାଥୀମାନଙ୍କୁ ଉପଯୁକ୍ତ ତାଲିମ, ବନ ବିଭାଗ, ପୋଲିସ, ବିଦ୍ୟୁତ୍, ଜାତୀୟ ରାଜପଥ ଆଦି ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ କୋର୍ ଟିମ୍ ଗଠନ କରାଯାଇ ପ୍ରତି ତିନିମାସରେ ଶିମିଳିପାଳକୁ ପରିଦର୍ଶନରେ ଆସି ସମସ୍ୟାର ସମାଧାନ କରି ନୂତନ ପ୍ରସ୍ତାବମାନ ଗୃହୀତ କରିବା, ୧୨ବର୍ଷ ପୂର୍ବେ ଶିମିଳିପାଳ ସୁରକ୍ଷା ନିମନ୍ତେ ଯେଉଁ ପ୍ରକାର ଯୋଜନା କରାଯାଇଥିଲା ସେଥିମଧ୍ୟରୁ କିଛି କୌଶଳ ଅବଲମ୍ବନ, ଶିମିଳିପାଳ ସୁରକ୍ଷା ଦାୟିତ୍ୱରେ ଥିବା 'ରାଜକୁମାର' ଓ 'ମହିନ୍ଦ୍ରା'କୁ ସାତକୋଶିଆରୁ ଫେରାଇ ଆଣି ପୁନର୍ବାର କାର୍ଯ୍ୟରେ ନିୟୋଜିତ ଲାଗି ସେ ଦାବି କରିଛନ୍ତି।



**ମୂଳଦୁଆ ମାପଚୁପ ପୂର୍ବରୁ**

# ୬ବର୍ଷ ୩ମାସ ହୋଇଥିଲା ପ୍ରସ୍ତୁତି କାର୍ଯ୍ୟ

**■ ଦାୟିତ୍ୱରେ ଥିଲେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ପରିଦର୍ଶକ**

**■ ଶିଳ୍ପୀଙ୍କ ଚିକିତ୍ସା ପାଇଁ ଖୋର୍ଦ୍ଧା ହଳଦିଆ ଗାଁରୁ ଆସିଥିଲେ ବୈଦ୍ୟ**

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

ପଣ୍ଡିତ ବନ୍ଧୁ ରଥେ ନିକଟସ୍ଥ ବେଦପୁର ଶାସନର ବାସିନ୍ଦା ଥିଲେ। ଆମେ ତେଣୁ ସକ୍ଷମ ଥିଲୁ ଶାସ୍ତ୍ର ଆଲୋଚନା ଦିଗରେ। ବାହାର ପଣ୍ଡିତଙ୍କୁ ଆମଦାନୀ କରାଯାଇ ନ ଥିଲା। ପଣ୍ଡିତେ ରହିଲେ, ସୂତ୍ରଧର ରହିଲେ, ଗଙ୍ଗା ମହାପାତ୍ରେ ଓ ଗଦେଇ ମହାପାତ୍ରେ ଅଙ୍କ କଷିଲେ। ଚଉବନ ହାତ ଗଭୀର ପର୍ଯ୍ୟନ୍ତ ବାଲି ଖୋଳାହେଲା। ଅଠରଟି ଦଳରେ ବିଭକ୍ତ ହୋଇ ପାଇଟିଆଳ କାମ କଲେ।

ଆମର ବିଶ୍ୱାସ ଅଛି ଚନ୍ଦ୍ରଭାଗା ନଦୀର ଗଣ୍ଡସ୍ଥଳରେ ଅର୍ଥାତ୍ ପଦ୍ମତୋଳା ଗଣ୍ଡରେ ମନ୍ଦିର ନିର୍ମାଣ ହୋଇଥିଲା। ଗଣ୍ଡରେ ଯଦି ହେଲା, ତେବେ ବାଲି ଖୋଳାଗଲା କିପରି? ବାସ୍ତବିକ ଗଣ୍ଡ ପୋତା ହୋଇଥିଲା। ମୂଳଦୁଆ ଖୋଳା ଆରମ୍ଭ ପୂର୍ବରୁ ଛଅ ବର୍ଷ ତିନି ମାସ ଧରି ପ୍ରସ୍ତୁତି କାର୍ଯ୍ୟ ଚାଲିଥିଲା। ପୋଥି ଲେଖକ ଲେଖିଛନ୍ତି– 'ମୁଁ ଏହି କାମ ଅର୍ଥାତ୍ ପୋଥିରେ ଯାହା ଯାହା ଲେଖିଛି, ତାହାକୁ ନିର୍ବାହ କରିବା ପାଇଁ ସତ୍ୟତା ଓ ସଚେତନତା ସହିତ କରିଛି। ସତ୍ୟ ଓ ଧର୍ମ ସହିତ କାର୍ଯ୍ୟ କରିଛି। ମୁଁ ନିଯୁକ୍ତି ପାଇଛି ବର୍ତ୍ତମାନ ଶ୍ରୀପଦ୍ମକେଶର ମନ୍ଦିରର 'ସାନ–ପରିଚ୍ଛା' ଭାବରେ। ପ୍ରଥମରୁ ୬ ବର୍ଷ ୩ ମାସ ପ୍ରସ୍ତୁତି ଚାଲିଥିବାବେଳେ ମୁଁ ଦାୟିତ୍ୱରେ ନ ଥିଲି, ଥିଲେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ମୁଖ୍ୟ ପରିଦର୍ଶକ। ମୋର ସେ ସମୟରେ କାମ ସମ୍ବନ୍ଧରେ କୌଣସି ଜ୍ଞାନ ନାହିଁ।

ଆମେ ଏହାକୁ ଲେଖିବାର କାରଣ: ସେଇ ୬ ବର୍ଷ ୩ ମାସ ମଧ୍ୟରେ ପୋତା ହୋଇଥିବା ପଦ୍ମତୋଳା ଗଣ୍ଡ ଉପରେ ହିଁ ମାପଚୁପ ହୋଇ ଚଉବନ ହାତ (ହାରାହାରି ୮୦ଫୁଟ) ମୂଳଦୁଆ ହୋଇଥିଲା। ମନେହୁଏ ହାତୀ ଟାଣୁଥିବା ଶଗଡ଼ ପୋତାବେଳେ ବ୍ୟବହାର ହୋଇଥିଲା। ପୋଥିରେ ୧୩ଟି ହାତୀ ଶଗଡ଼ ଓ ଶଗଡ଼ିଆଙ୍କ କଥା ଆମକୁ ମିଳେ। ମୂଳଦୁଆ ଗୋଡ଼ି କଙ୍କରରେ ପୂର୍ଣ୍ଣ କରିଥିଲେ ରଘୁ ଓଝା। ଭୂମି ତଳେ 'ଗର୍ଭ ରେଖା ବସାଣ' ରାଜଗୁରୁଙ୍କ ଦ୍ୱାରା ପୂଜା ହୋଇ ଆରମ୍ଭ ହୋଇଥିଲା। କାମ ଆରମ୍ଭ ପରେ ପ୍ରଥମେ କାମ ତଦାରଖ କରିବାକୁ ଆସିଥିଲେ ବଳଶ୍ରୀ ଜଳନ୍ଧର ଦେବରାଜା। 'ବୀରଶ୍ରୀ' ଉପାଧି ଭଳି ଯାଙ୍କର 'ବଳଶ୍ରୀ' ଉପାଧି ବ୍ୟବହାର ହେଉଥିଲା। କାମ ଦେଖି ସେ ଖୁସି ହୋଇ ୧୦୩ ମାଢ଼ ସୁନା ଶିଳ୍ପୀମାନଙ୍କୁ ଉପହାର ଦେଇଥିଲେ।

ବର୍ଣ୍ଣନାରୁ ଜଣାପଡୁଛି– ବଳଶ୍ରୀ କୋଣାର୍କରେ ଅବସ୍ଥାନ ପାଇଁ ଶିବିର ନିର୍ମାଣ ହୋଇଥିଲା। ସେ କୋଣାର୍କରେ ଥିବାବେଳେ – ୧) ଶିବେଇ ସାମନ୍ତରା ପୀଠର ସୀମା ଚିହ୍ନିତ କରି ରେଖା ବସାଣ କାର୍ଯ୍ୟ କରିଥିଲେ। ୨) ଗଦା ମହାପାତ୍ର ରଥାକୃତି ମନ୍ଦିରର 'ଚକ' ଗୁଡ଼ିକର ନକ୍ସା କରି ଦାଖଲ କରିଥିଲେ। ଆମେ ଯେଉଁ ମନ୍ଦିର ଚକାଗୁଡ଼ିକ ଦେଖୁଛେ, ତାହା ଗଦା ମହାପାତ୍ରଙ୍କ ପରିକଳ୍ପନା। ୩) ଦାମ ମହାରଣାଙ୍କୁ ଦାୟିତ୍ୱ ଦିଆଗଲା ୪୦ଜଣ ଶିଳ୍ପୀଙ୍କ ସହାୟତାରେ ପୀଠର ସୂକ୍ଷ୍ମ କାରୁକାର୍ଯ୍ୟ କରିବା ପାଇଁ। ୪) ଗଜପତିଙ୍କ ପରାମର୍ଶ ଅନୁଯାୟୀ ଖୋର୍ଦ୍ଧା ହଳଦିଆ ଗ୍ରାମର ବୈଦ୍ୟ ରାମଚନ୍ଦ୍ର ସାମନ୍ତଙ୍କୁ କୋଣାର୍କ ଅଣାଯାଇଥିଲା। ପ୍ରଥମେ ଔଷଧ ଗୋଦାମ ନିର୍ମାଣ ହୋଇ ଚିକିତ୍ସା ପାଇଁ ଶିବିର ବ୍ୟବସ୍ଥା ହୋଇଥିଲା। ତାଙ୍କୁ ସହଯୋଗ କରିବା ପାଇଁ ତେଲୁଗୁଭାଷୀ 'ବୈଦ୍ୟ ବୁଦ୍ଧଧର'ଙ୍କୁ ନିଯୁକ୍ତ କରାଗଲା। ସେମାନଙ୍କ ମାସିକ ପାଉଣା ଅଗ୍ରୀମ ୩୦ ମାଢ଼ ସୁନା ଦିଆଯାଇଥିଲା।

ଶିଳ୍ପୀ, ବଢ଼େଇ ଓ ପାଇଟିଆଳଙ୍କ ପାଇଁ ପ୍ରଥମରୁ ହିଁ ଚିକିତ୍ସା ସୁଯୋଗ ସୃଷ୍ଟି କରାଯାଇଥିଲା। ବଳଶ୍ରୀ ପ୍ରାଥମିକ ଭାବେ କିଛି କରିବା ପରେ କୋଣାର୍କରୁ ଫେରି ଯାଇଥିଲେ। ଏଥିସହ ତତ୍କାଳ ୨୦୦ ଶଗଡ଼ ଧାନ ନିଜ ଦୁର୍ଗରୁ କୋଣାର୍କକୁ ପଠାଇଥିଲେ।

ଗଜପତିଙ୍କ ଉଦ୍ଦେଶ୍ୟରେ 'ମହାଶ୍ରୀ' ଶବ୍ଦ ବ୍ୟବହାର ହୋଇଛି ପୋଥିରେ। 'ବଳଶ୍ରୀ' ଶବ୍ଦ ମଧ୍ୟ ଉପାଧି। ଶ୍ରେଷ୍ଠ ବୀରଙ୍କୁ ଦିଆଯାଉଥିଲା। ବଳଶ୍ରୀ ଜଳନ୍ଧର ଦେବ ଥିଲେ ବିଶାଳ କଳିଙ୍ଗ ସାମ୍ରାଜ୍ୟର ମହାମାତ୍ୟ ବା ମହାମନ୍ତ୍ରୀ। ସାମରିକ ବିଭାଗର ଅନ୍ୟତମ ମୁଖ୍ୟ ବିନ୍ଧାଣୀ।

ଆଲୋଚନାରୁ ଆମେ ଜାଣୁଛେ ସାମ୍ରାଜ୍ୟର ବିଭିନ୍ନ ପଦାଧିକାରୀମାନେ ମନ୍ଦିର ନିର୍ମାଣରେ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ଥିଲେ। କାର୍ଯ୍ୟ ସଫଳ ପାଇଁ କେତେକ ପଦକ୍ଷେପ ବି ନେଇପାରୁଥିଲେ। ଦ୍ୱିତୀୟ କଥାଟିଏ ଲକ୍ଷ୍ୟ କରିବା କଥା ଚିକିତ୍ସା ଶାସ୍ତ୍ର ଅଧ୍ୟୟନର ବ୍ୟବସ୍ଥା ଥିଲା। ଆୟୁର୍ବେଦ ବିଜ୍ଞାନରେ ଜ୍ଞାନ ଅର୍ଜନ କରିବା ପରେ 'ବୈଦ୍ୟ' ବା ବୈଦ୍ୟରାଜ ରୂପେ ରାଜ ପୃଷ୍ଠପୋଷକତାରେ ସମାଜର ସେବା କରୁଥିଲେ। ଆମକୁ ପଛୁଆ ରାଜ୍ୟ, ଅଶିକ୍ଷିତ ଓ ଅପାଠୁଆ ରାଜ୍ୟ ଭାବରେ ଯେଉଁ ଲେଖକମାନେ ଉପସ୍ଥାପନ କରିଛନ୍ତି, ସେମାନେ ଭାବିବା ଉଚିତ ଥିଲା ବହୁ ପ୍ରାଚୀନ କାଳରୁ ଏ ଜାତି ସବୁ ଦିଗରୁ ସମୁନ୍ନତ ଥିଲା। ଘରେ ଖାଇବାକୁ ନ ଥିଲେ ଭୋକ ଉପାସରେ କେହି କଳା–ସଂସ୍କୃତିର ବିଭବଟିଏ ଗଢ଼ିବା ପାଇଁ ଚିନ୍ତା କରିପାରିବ କି?

ଶିକ୍ଷା କ୍ଷେତ୍ରରେ ଆମେ ସେତିକି ଉନ୍ନତ ନ ଥିଲେ କୋଣାର୍କଠାରେ ମନ୍ଦିର ନିର୍ମାଣର ଶହ ଶହ ବର୍ଷ ପୂର୍ବରୁ ନାଳନ୍ଦା ବିଶ୍ୱବିଦ୍ୟାଳୟ କୁଳପତି ଓ ଧର୍ମାଧ୍ୟକ୍ଷ ପଦବୀ ଓଡ଼ିଆ ମଣ୍ଡନ କରିଥାନ୍ତେ କି?



କୋଣାର୍କ ମନ୍ଦିରର ଚକା। (ଗଦାଧର ମହାପାତ୍ର ଏହାର ନକ୍ସା କରିଥିଲେ।

**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**ସାର୍ବଜନିକ ସୂଚନା**

ଜନସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି । ଏହି ନିଲାମ ଦିନାଙ୍କ **22.12.2022** କୁ ସକାଳ/ସଂନ୍ଧ୍ୟା-10.00 ଘଟିକାରେ (ଠିକଣା) BUILDING NO.354,PURBANCHAL,KALIKAPUR,OPPOSITE OF SBI, CALCUTTA - 700078. ରେ ହେବ । ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି । ନିଲାମର ସୂଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି । ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ । ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି ।

**Loan Nos: BHUBANESWAR (BUU) -1957284**

For more details, please contact : **Mr. UMAKANTA BAG - 9937043634**

*(Reserves the right to alter the number of accounts to be auctioned &/ postpone / cancel the auction without any prior notice.)*

No.O-1455

**GOVERNMENT OF ORISSA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, RAYAGADA**
**Email: rw_rayagada@yahoo.co.in, Phone No.06856-222188**
**E-Procurement Notice**
**Bid Identification No.: EERWRGD-Online-08/2022-23**

No.3567 Date: 13.12.2022

1. Name of the work: Construction & maintenance of road works and repair of building works for the year 2022-23. 2. Total No. of works: 7 Nos. (Percentage rate tender). 3. Estimated cost: 3.38 to 58.60 lakhs. 4. Class of contractor: 'D', 'C' & 'B'. 5. Time of completion: Specified in DTCN. 6. Mode of submission of tender: Tender should be submitted only in online https://www.tendersodisha.gov.in. 7. Other details: Detailed tender condition specified in DTCN.

| Procurement Officer | Bid Identification No. | No. of works | Availability of tender online for bidding | | Date & time of opening of tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Rayagada | EERWRGD Online-08/2022-23 | 7 (Seven) Nos. | 26.12.2022 at 11.00 A.M. | 06.01.2023 upto 5.00 P.M. | 07.01.2023 at 11.00 A.M. |

Further details can be seen from the website: www.tendersodisha.gov.in

Sd./- Executive Engineer, R.W. Division, Rayagada
OIPR-25072/11/0015/2223

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 451/473 | 1270 | 0.17 | 0.14 | ଶାରଦ ଏକ | ଅଚ୍ୟୁତାନନ୍ଦ ଧଳ, ପି:ମାଧବ ଚନ୍ଦ୍ର ଧଳ, ଜା:ରଜକ, ବା:ନିଜଗାଁ |
| 451/482 | 1453/2699 | 0.69 | 0.06 | ଶାରଦ ଏକ | ଅସିତ କୁମାର ଦାଶ, ପି:ଲମ୍ବୋଦର ଦାଶ, ଜା:ବ୍ରାହ୍ମଣ, ବା:ନିଜଗାଁ |
| 451/487 | 1245 | 0.04 | 0.04 | ଶାରଦ ଜଳ ଏକ | ନିରଞ୍ଜନ ମହାପାତ୍ର, ସଞ୍ଜୟ କୁମାର ମହାପାତ୍ର, ସତ୍ୟ ରଞ୍ଜନ ମହାପାତ୍ର, ପି:ଆଦିକନ୍ଦ ମହାପାତ୍ର, ନିର୍ମଳ ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର,ପି:ଅନନ୍ତ ମହାପାତ୍ର, ଜା:ଖଣ୍ଡାୟତ,ବା:ମୁଗୁଡା |
| 451/505 | 66/2723 | 0.15 | 0.15 | ଡାହି ଦୁଇ | କାଙ୍ଗାଳି ବେହେରା, ପି:ମହେଶ୍ୱର ବେହେରା, ଜା:କୈବର୍ତ୍ତ, ବା:ସରାଶୁଳ |
| 451/510 | 59/2725 | 0.14 | 0.02 | ଡାହି ଦୁଇ | ବାଲେ ସିଂ, ପି:କଟି ସିଂ,ଜା:ଭୂମିଜ, ବା:ନିଜଗାଁ |
| 451/513 | 74/2726 | 0.22 | 0.22 | ଘରବାରୀ | ବସନ୍ତ କୁମାର ଧର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଧର ମହାପାତ୍ର, ପି:କୃତ୍ତିବାସ ଧର ମହାପାତ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ |
| 451/515 | 460 | 0.24 | 0.02 | ଆଶୁ | ମନୋଜ କୁମାର ତରେଇ, ସରୋଜ କୁମାର ତରେଇ, ବନଜ କୁମାର ତରେଇ,ପି:ପୂର୍ଣ୍ଣଚନ୍ଦ୍ର ତରେଇ, ଆଶାମଣି ତରେଇ, ସ୍ୱା:ପୂର୍ଣ୍ଣଚନ୍ଦ୍ର ତରେଇ, ଜା:କୈବର୍ତ୍ତ, ବା:ନିଜଗାଁ |
| 451/534 | 1216 | 0.49 | 0.10 | ଶାରଦ ଦୁଇ | ହରିଶ ଚନ୍ଦ୍ର ମହାନ୍ତ, ପି:ଆନନ୍ଦ ମହାନ୍ତ, ଜା:କୁଡୁମୀ, ବା:ଛୋଟରାଏପୁର |
| 451/545 | 1453 | 0.84 | 0.30 | ଶାରଦ ଏକ | ଦମୟନ୍ତୀ ଦାସ, ସ୍ୱା:ସୁଧୀର କୁମାର ଦାସ, ଜା:କରଣ, ବା:ସନ୍ୟାସୀ |

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 451/563 | 1248 | 0.69 | 0.40 | ଶାରଦ ଜଳ ଏକ | ଗୋପିନାଥ ଧଳ, ପି:ରୁଦ୍ରନାରାୟଣ ଧଳ, ଜା:ରଜକ,ବା:ନିଜଗାଁ |
| | 1284 | 0.24 | 0.12 | ଶାରଦ ଜଳ ଏକ | |
| | 1248/2769 | 0.10 | 0.10 | ଘରବାରୀ | |
| 451/565 | 1285 | 0.08 | 0.08 | ଶାରଦ ଜଳ ଦୁଇ | ଝାଡେଶ୍ୱର ଧଳ, ପି:ରୁଦ୍ରନାରାୟଣ ଧଳ, ଜା:ରଜକ,ବା:ନିଜଗାଁ |
| | 1284/2757 | 0.09 | 0.02 | ଶାରଦ ଜଳ ଏକ | |
| 451/566 | 1284/2758 | 0.43 | 0.03 | ଶାରଦ ଜଳ ଏକ | କାହ୍ନୁଚରଣ ଧଳ, ପି:ରୁଦ୍ରନାରାୟଣ ଧଳ, ଜା:ରଜକ,ବା:ନିଜଗାଁ |
| 451/580 | 1271 | 0.60 | 0.32 | ଶାରଦ ଏକ | ଦାମୋଦର ମହାପାତ୍ର, ପି: ଗୋକୁଳାନନ୍ଦ ମହାପାତ୍ର, ଜା:କମାର, ବା:ନିଜଗାଁ |
| 451/582 | 1267 | 3.12 | 0.04 | ଶାରଦ ଏକ | ଶରତ ମହାନ୍ତି, ପି:ସନ୍ତୋଷ କୁମାର ମହାନ୍ତି, ସନ୍ଧ୍ୟାରାଣୀ ମହାନ୍ତି, ସ୍ୱା:ଶରତ ମହାନ୍ତି, ବାସୁଦେବ ମହାନ୍ତି, ଶଙ୍କର୍ଷଣ ମହାନ୍ତି, ପି:ଶରତ ମହାନ୍ତି, ଜା:କରଣ,ବା/ଥା–ରାସଗୋବିନ୍ଦପୁର |
| 470/2 | 493 | 0.29 | 0.12 | ଶାରଦ ଦୁଇ | ଶ୍ରୀ ଗ୍ରାମ ଦେବତୀ ଗଡ ଚଣ୍ଡୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ବା: ଭୋଳା ବେହେରା, ପି:ଗଦା ବେହେରା, ଜା:ଦଣ୍ଡଛତ୍ର ମାଝୀ, ବା:ନିଜଗାଁ |
| 470/10 | 1258 | 0.56 | 0.22 | ଶାରଦ ଜଳ ଏକ | ଶଚିନ୍ଦ୍ର ନାଥ ଦାଶ, ତିଳୋତ୍ତମା ଦାଶ, ଲକ୍ଷ୍ମୀ ଦାଶ, ମନୋରମା ଦାଶ, ନିରୁପମା ଦାଶ, ପି– ଗୋପୀନାଥ ଦାଶ, ସୋମନାଥ ଦାଶ, ପି– ନରସିଂହ ଦାଶ, ବସନ୍ତ ଦାଶ, ଶିଶିର ଦାଶ, ପି– ଭାଗବତ ଦାଶ, ଲମ୍ବୋଦର ଦାଶ, ଗଦାଧର ଦାଶ, ପି– ପରମାନନ୍ଦ ଦାଶ, ରୁକ୍ମଣୀ ଦାଶ, ସ୍ୱା– ଗୋପୀନାଥ ଦାଶ, ଜା– ବ୍ରାହ୍ମଣ, ବା– ନିଜଗାଁ |

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 470/23 | 1828 | 0.33 | 0.26 | ଶାରଦ ଜଳ ଏକ | ମୋହନ ମହା ନାଏକ, ପୀତାମ୍ବର ମହା ନାଏକ, ପି– ଅକ୍ଷୟ ମହା ନାଏକ, ବା– ବାଛୁରୀପାଳ |
| ସମପରିମାଣ ଗୋଚର ପ୍ରତିବଦଳି | | | | | |
| 254 | 42 | 3.10 | 0.40 | ଡାହି ଏକ | ଫାଗୁ ମାଝୀ, ସୁର ମାଝୀ, ଗନା ମାଝୀ, ପି– ବୁଲା ମାଝୀ, ଭଗା ମାଝୀ, ବୁଦ୍ଧା ମାଝୀ, ପୁଷ୍ଟୁ ମାଝୀ, ଖେଚଡା ମାଝୀ, ପି– ଖାଣ୍ଡେ ମାଝୀ, ଗଙ୍ଗାଧର ମାଝୀ, ପି– କୁନା ମାଝୀ, ଜା– ସାନ୍ତାଳ, ବା– ସନ୍ୟାସି |
| 100 | 44 | 1.50 | 0.96 | ଡାହି ଏକ | ଗୋରା ମାଝୀ, ପି– ସିଦ୍ଧୁ ମାଝୀ, ଜା– ସାନ୍ତାଳ, ବା– ସନ୍ୟାସୀ |
| 319 | 45 | 2.97 | 1.66 | ଡାହି ଏକ | ମରା ମାଝୀ, ପାଗଡା ମାଝୀ, ପି– ନାନେ ମାଝୀ, ରସିକ ମାଝୀ, ପି– କଙ୍କା ମାଝୀ, ମୁନସି ମାଜୀ, ପି– ସୁଗୁଦା ମାଝୀ, ଚାନା ମାଝୀ, ଲାଲୁ ମାଝୀ, ପି– ଦରଗା ମାଝୀ, ଫୁଲମଣି ମାଝୀ, ସ୍ୱା– ଦରଗା ମାଝୀ, ଗିର୍ଥ ମାଝୀ, ସ୍ୱା– ଜମାଦାର ମାଝୀ, ବାଡୁ ମାଝୀ, କଙ୍କା ମାଝୀ, ପି– ଜମାଦାର ମାଝୀ, ଗୁରୁବାରୀ ମାଝୀ, ସ୍ୱା– ଭୀମ ମାଝୀ, ଚାନା ମାଝୀ, ମିଧୁ ମାଝୀ, ପି– ଭୀମ ମାଝୀ, ଜା– ସାନ୍ତାଳ, ବା– ସନ୍ୟାସୀ |
| 333 | 43 | 1.72 | 1.30 | ଡାହି ଏକ | ମାନ ମାଝୀ, ସିଦ ମାଝୀ, ପି– ଶ୍ୟାମ ମାଝୀ, ସାନସିଦ ମାଝୀ, ପି– ବଡପିଥ ମାଝି, ସାନପିଥ ମାଝୀ, ପି:ବୁଧୁରାୟ ମାଝୀ, ଜା– ସାନ୍ତାଳ, ବା– ନିଜଗାଁ |
| ମୋଟ | ୨୦୩ ପ୍ଲଟ | ଏ. ୧୨୪.୩୯ ଡେ.ମି | ଏ ୪୨.୭୮ ଡେ. | | |

Sd./- AMIN
Baripada Zona

Sd./- REV-INSPECTOR
ZONE-I,BARIPADA

Sd./- Zone Officer-cum-LA Collector,S.I.P., Baripada Zone
Sd./- Spl. Land Acquisition Officer S.I.P., Baripada

OIPR-24001/14/0163/2223

**ଆସନ୍ତା ବର୍ଷ ଶେଷ ସୁଦ୍ଧା ସବୁ ଗ୍ରାମକୁ ୪ଜି**

ନୂଆଦିଲ୍ଲୀ: ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ବର୍ତ୍ତମାନ ଦେଶର ସବୁ ଗ୍ରାମରେ ହାଇ-ସ୍ପିଡ୍ ଇଣ୍ଟରନେଟ୍ ସଂଯୋଗ ପହଞ୍ଚାଇବା ଉପରେ ବ୍ୟାପକ କାର୍ଯ୍ୟ କରୁଛି। ଏପରିକି ଆସନ୍ତା ବର୍ଷ ଶେଷ ସୁଦ୍ଧା ବିଏସ୍‌ଏନ୍‌ଏଲ୍ ତା'ର ୪ଜି ଇଣ୍ଟରନେଟ୍ ସେବାକୁ ଦେଶର ସବୁ ଗାଁରେ ପହଞ୍ଚାଇବ ବୋଲି ଟେଲିକମ୍ ସଚିବ କେ. ରାଜାରମଣ ମତ ପ୍ରକାଶ କରିଛନ୍ତି। କେବଳ ମୋବାଇଲ୍ ସେବା ନୁହେଁ, ଅପ୍ଟିକାଲ୍ ଫାଇବର ସଂଯୋଗ ସଂଖ୍ୟା ମଧ୍ୟ ବଢ଼ାଇବା ଉପରେ ସରକାର ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ସେହିଭଳି ସହରାଞ୍ଚଳରେ ଅପ୍ଟିକାଲ୍ ଫାଇବର ରହିଛି, ଗ୍ରାମାଞ୍ଚଳରେ ଭାରତନେଟ୍ ଜରିଆରେ ବର୍ତ୍ତମାନ ସୁଦ୍ଧା ୧.୮୯ ଲକ୍ଷ ଗାଁରେ ସଂଯୋଗ ପ୍ରଦାନ କରାଯାଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସତ୍ୟଜିତ୍ ପରିବାରବର୍ଗ


ଶ୍ରୀ ରାମ ପରିବାରବର୍ଗ


ସୋମ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# 'ଯୁବବର୍ଗ ଉଦ୍ୟୋଗ କ୍ଷେତ୍ରରେ ନେତୃତ୍ୱ ନେବା ଆବଶ୍ୟକ'

**ଭୁବନେଶ୍ୱର, ୧୮।୧୨**



ରାଜ୍ୟରେ ଯୁବ ଉଦ୍ୟୋଗୀ ସୃଷ୍ଟି କରିବା ସାଙ୍ଗକୁ ନୂଆ ନୂଆ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରି ଉଭୟ ବେକାରି ଦୂରୀକରଣ ଓ ଅର୍ଥନୈତିକ ବିକାଶ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଷ୍ଟାର୍ଟ ଅପ୍ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏପରିକି ସ୍ଥାନୀୟ ଚନ୍ଦକା ଶିଳ୍ପାଞ୍ଚଳସ୍ଥିତ ଓ-ହବ୍‌ଠାରେ ଷ୍ଟାର୍ଟଅପ୍ ଓଡ଼ିଶାର ଏକ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଉଦ୍ୟୋଗ କ୍ଷେତ୍ରରେ ଓଡ଼ିଶାକୁ ଭାରତ ମାନଚିତ୍ରରେ ପ୍ରତିଷ୍ଠିତ କରିବାକୁ ହେଲେ ଯୁବବର୍ଗ ଆଗେଇ ଆସିବାକୁ ହେବ। ଏପରିକି ଯୁବବର୍ଗ ତାଙ୍କର ସୃଜନଶୀଳ ପ୍ରତିଭା ଏବଂ ବୁଦ୍ଧିମତ୍ତାକୁ ପ୍ରୟୋଗ କରି ଉଦ୍ୟୋଗୀ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଷ୍ଟାର୍ଟଅପ୍ ଓଡ଼ିଶାର ନିର୍ବାହୀ ଅଧକ୍ଷ ଡ. ଓମ୍‌କାର ରାଏ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱରେ ଆଜି ଷ୍ଟାର୍ଟଅପ୍ ଓଡ଼ିଶା ରାଜ୍ୟରେ ଏକ ପ୍ରମୁଖ ଇନକ୍ୟୁବେଟର ପ୍ରତିଷ୍ଠା କରିବା ସହ ଏକ ଉତ୍ତମ ଷ୍ଟାର୍ଟଅପ୍ ପରିମଣ୍ଡଳ ସୃଷ୍ଟି ହୋଇ ପାରିଥିବା କହିଥିଲେ। ବର୍ତ୍ତମାନ ରାଜ୍ୟରେ ୧୪୫୦ଟି ଷ୍ଟାର୍ଟଅପ୍ ବିଭିନ୍ନ କ୍ଷେତ୍ରରେ ହୋଇପାରିଥିବା ବେଳେ ୨୫ଟି ଇନକ୍ୟୁବେଟର ପ୍ରତିଷ୍ଠା ହୋଇ ବିଭିନ୍ନ ପ୍ରକାରର ଉତ୍ପାଦ ତିଆରି କରି ପାରୁଥିବା ସେ ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଥିଲେ ଯେ ଷ୍ଟାର୍ଟଅପ୍‌ର ବିକାଶ ପାଇଁ ରାଜ୍ୟ ସରକାର ସବୁ ପ୍ରକାର ସାହାଯ୍ୟ ଦେବାକୁ ପ୍ରସ୍ତୁତ। ଆଗକୁ ଏକ ସ୍ୱଚ୍ଛ ନୀତି ପ୍ରଣୟନ କରାଯିବ, ଯାହା ଏହି ଉଦ୍ୟମକୁ ତ୍ୱରିତ ଭାବେ ଷ୍ଟାର୍ଟଅପ୍ ସୁସ୍ଥ ପରିମଣ୍ଡଳ ସୃଷ୍ଟି କରିପାରିବ ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ଓ-ହବ୍ ବୁକ୍‌ଲେଟ୍ ଉନ୍ମୋଚନ କରାଯାଇଥିଲା। ଉକ୍ତ ବୁକ୍‌ଲେଟ୍‌ରେ ବିଭିନ୍ନ କାର୍ଯ୍ୟକ୍ରମର ସଫଳ କାହାଣୀ ସହ ଓ-ହବ୍ ଦ୍ୱାରା କରାଯାଇଥିବା କାର୍ଯ୍ୟଗୁଡ଼ିକ ବିସ୍ତୃତ ଭାବେ ବ୍ୟାଖ୍ୟା କରାଯାଇଛି। ଏଥିସହିତ ମେଣ୍ଟର କନେକ୍ଟ ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରାଯାଇଥିଲା। ଫଳରେ ବିଶେଷଜ୍ଞମାନଙ୍କ ଦ୍ୱାରା ଉପଯୁକ୍ତ ସହଯୋଗ ମିଳିପାରିବ। ପରେ ଅତିଥିମାନେ ଉପସ୍ଥିତ ଷ୍ଟାର୍ଟଅପ୍, ଉଦ୍ୟୋଗୀ ଏବଂ ଇନକ୍ୟୁବେଟରମାନଙ୍କ ସହ ମତ ବିନିମୟ କରିଥିଲେ। ଯୁବ ଉଦ୍ୟୋଗୀମାନଙ୍କୁ ତାଙ୍କର ସୃଜନଶୀଳତାର ପରିପ୍ରକାଶ କରିବା, ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରାଇବା ଏବଂ ନୂତନ ଜ୍ଞାନକୌଶଳ ପ୍ରୟୋଗରେ ନୂଆ ଉପକରଣ ବିକଶିତ କରିବା ଆଦି ଲକ୍ଷ୍ୟ ରଖି ରାଜ୍ୟ ସରକାର ଭୁବନେଶ୍ୱରଠାରେ ଏକ ବିଶ୍ୱସ୍ତରୀୟ ଭିତ୍ତିଭୂମିର ବିକାଶ କରୁଛନ୍ତି। ଗତବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ-ହବ୍‌ର ଶୁଭ ଉଦ୍‌ଘାଟନ କରିଥିଲେ।

# 'ଏକତା ବଜାୟ ରଖିବାକୁ ଗୁରୁତ୍ୱାରୋପ'

**ଭୁବନେଶ୍ୱର, ୧୮।୧୨**

ନିଖିଳ ଓଡ଼ିଶା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ କର୍ମଚାରୀ ସଂଘର ୧୫ତମ ସମ୍ମିଳନୀ ରବିବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ଏପରିକି ସଂଘର ଉପସଭାପତି ଅରୁଣ ପଟ୍ଟନାୟକଙ୍କ ନାମରେ ନାମିତ ମଞ୍ଚରେ ଅଖିଳ ଭାରତ ପିଏନ୍‌ବି ମହାସଂଘର ସାଧାରଣ ସମ୍ପାଦକ ପୃଥୀରାଜ ମେହେଟ୍ଟା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରି ଦେଶର ଅର୍ଥନୀତି ତଥା ବ୍ୟାଙ୍କିଙ୍ଗ ଶିଳ୍ପର ଦୁରବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିବା ସହ ଶ୍ରମିକମାନଙ୍କୁ ଐକ୍ୟବଦ୍ଧ ହୋଇ ତା'ର ମୁକାବିଲା କରିବାକୁ ଆହ୍ୱାନ ଦେଇଥିଲେ। ବିଶେଷକରି ପିଏନ୍‌ବିରେ ସଂଘ କାର୍ଯ୍ୟକଳାପର ବିବରଣୀ ଦେବା ସହ ବ୍ୟାଙ୍କର କୌଣସି କର୍ମଚାରୀବିରୋଧୀ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ସେହିଭଳି ମହାସଂଘର ସଭାପତି ମହେନ୍ଦ୍ର ପାଲ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାରେ ୟୁନିୟନର ଐକ୍ୟବଦ୍ଧ ଆନ୍ଦୋଳନର ପ୍ରଶଂସା କରିବା ସହ ମହାସଂଘ ସର୍ବଦା ଓଡ଼ିଶାର ୟୁନିୟନ୍‌କୁ ସାହାଯ୍ୟ ସହଯୋଗ ପ୍ରଦାନ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଅଭ୍ୟର୍ଥନା ସମିତିର ଅଧକ୍ଷ ରାମକୃଷ୍ଣ ପଣ୍ଡାଙ୍କ ଅନୁପସ୍ଥିତିରେ ୟୁନିୟନ୍‌ର ଅଧକ୍ଷ ପଶୁପତିନାଥ ଚାଟାର୍ଜୀ ତାଙ୍କର ପ୍ରେରିତ ବାର୍ତ୍ତା ପାଠ କରିଥିଲେ। ଅପରପକ୍ଷରେ ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘର ଅନ୍ୟତମ ସମ୍ପାଦକ ଦେବାଶିଷ ରାୟ ଉକ୍ତ ସମ୍ମିଳନୀକୁ ଶୁଭେଚ୍ଛା ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ପଶ୍ଚିମବଙ୍ଗରୁ ପିଏନ୍‌ବି ୟୁନିୟନ୍ ସଭାପତି ଦୀପକ ହାଜରା, ସାଧାରଣ ସମ୍ପାଦକ ଜୟଜିତ ସରକାର, ଉପସଭାପତି ଆଶିଷ ବାନାର୍ଜୀ ଓ ଉପସାଧାରଣ ସମ୍ପାଦକ ସୁନୀତା ଗିରି ମଧ୍ୟ ଉକ୍ତ ସମ୍ମିଳନୀରେ ସାମିଲ ହୋଇ ଉଦ୍‌ବୋଧନ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ୟୁନିୟନ୍‌ର ମହିଳାସାଥୀମାନେ ଓଡ଼ିଶାର ଜାତୀୟ ସଙ୍ଗୀତ' ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମାନସିଂ ମଞ୍ଚ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ସଂଘର ସଭାପତି ଲମ୍ବୋଦର ମିଶ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା। ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୭୦୦ରୁ ଅଧିକ ପ୍ରତିନିଧି ଓ ପର୍ଯ୍ୟବେକ୍ଷକ ଯୋଗଦେଇଥିଲେ। ଉକ୍ତ ଅଧିବେଶନ ଶେଷରେ ଆଗାମୀ ବର୍ଷମାନଙ୍କ ପାଇଁ ଏକ ୩୨ଜଣିଆ କମିଟି ନିର୍ବାଚିତ ହୋଇଥିଲେ। ସୂଚନାଯୋଗ୍ୟ ଯେ ଲମ୍ବୋଦର ମିଶ୍ର ଅଧକ୍ଷ ହୋଇଥିବା ବେଳେ ବିଶୁଦ୍ଧ ଚନ୍ଦ୍ର ଦାସ ସଭାପତି ଏବଂ ରମେଶ ଚନ୍ଦ୍ର ମାନସିଂ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଏପରିକି ସଂଘକୁ ଦିଶା ଦେବା ପାଇଁ ଅବସରପ୍ରାପ୍ତ ୭ଜଣଙ୍କୁ ବରିଷ୍ଠ ସଦସ୍ୟଙ୍କୁ ନେଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଥିଲା।


## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ମୋବାଇଲ ଟାୱାର**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ 4G/5G ମୋବାଇଲ ଟାୱାର ଲଗାନ୍ତୁ।
* ଅଗ୍ରିମ 70 ଲକ୍ଷ
* ଭଡ଼ା- 50,000/-
* 01 ଚାକିରି
24 ଘଣ୍ଟାରେ ସର୍ଭେ କରାନ୍ତୁ।
ରେଜିଷ୍ଟ୍ରେଶନ୍ ଫିସ୍- 2850/-
ଏଜେଣ୍ଟ ଆମନ୍ତ୍ରିତ
Helpline:- 08901421291

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୟୁବିଓଆଇର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପୁରସ୍କୃତ

**ଭୁବନେଶ୍ୱର, ୧୮।୧୨**



ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଓଆଇ)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟକୁ ନିକଟରେ 'କ୍ଷେତ୍ରୀୟ ରାଜଭାଷା ପୁରସ୍କାର'ରେ ପୁରସ୍କୃତ କରାଯାଇଛି। ବିଶେଷକରି ୨୦୨୦-୨୧ ବର୍ଷ ପାଇଁ 'ଗ' କ୍ଷେତ୍ରରେ ଉତ୍କୃଷ୍ଟ ରାଜଭାଷା କାର୍ଯ୍ୟାନ୍ୱୟନ ନିମନ୍ତେ ଗୃହ ମନ୍ତ୍ରଣାଳୟ, ରାଜଭାଷା ବିଭାଗ, ଭାରତ ସରକାରଙ୍କ ପକ୍ଷରୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏପରିକି ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍-ଆଇଆଇଏମ୍‌ଟି ସମ୍ମିଳନୀ କକ୍ଷରେ ଆୟୋଜିତ ପୂର୍ବ ଓ ଉତ୍ତର ପୂର୍ବାଞ୍ଚଳର ସମ୍ମିଳିତ ରାଜଭାଷା ପୁରସ୍କାର ସମ୍ମିଳନୀ ଅବସରରେ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅଜୟ କୁମାର ମିଶ୍ର ୟୁବିଓଆଇ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ତୁଷାରକାନ୍ତ କରଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି କଟକ କ୍ଷେତ୍ରର ପୂର୍ବତନ ରାଜଭାଷା ପ୍ରଭାରୀ ଅଖିଳେଶ କୁମାର ଏ ସମ୍ବନ୍ଧୀୟ ପ୍ରଶଂସାପତ୍ର ମଧ୍ୟ ପ୍ରାପ୍ତ କରିଥିଲେ। ଉକ୍ତ ସମ୍ମିଳନୀରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର କ୍ଷେତ୍ର ମହାପ୍ରବନ୍ଧକ ସର୍ବେଶ ରଞ୍ଜନ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଅପରପକ୍ଷରେ କଟକ କ୍ଷେତ୍ରର ବର୍ତ୍ତମାନର ରାଜଭାଷା ପ୍ରଭାରୀ କୁନ୍ଦନ ଭଗତ, ଭୁବନେଶ୍ୱର ପ୍ରବନ୍ଧକ ସୁଶ୍ରୀ ପ୍ରୀତିଶ, କର୍ମଚାରୀ ପ୍ରଶିକ୍ଷଣ କେନ୍ଦ୍ରର ସହାୟକ ପ୍ରବନ୍ଧକ ସିଦ୍ଧାର୍ଥ ଶେଖରଙ୍କ ସମେତ ଅନ୍ୟ ରାଜଭାଷା ପ୍ରଭାରୀମାନେ ମଧ୍ୟ ଉକ୍ତ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ସମ୍ମିଳନୀ ସ୍ଥାନରେ ରାଜଭାଷା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା।

# 'ଇଣ୍ଡିପେଣ୍ଡେନ୍‌ସ'ର ବଜାର ପ୍ରବେଶ

**ନୂଆଦିଲ୍ଲୀ, ୧୮।୧୨**

ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ (ଆର୍‌ଆଇଏଲ୍)ର ସହଯୋଗୀ ସଂସ୍ଥା ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ (ଆର୍‌ଆର୍‌ଭିଏଲ୍)ର ନୂତନ ୟୁନିଟ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ (ଆର୍‌ସିପିଏଲ) ପକ୍ଷରୁ ନୂଆ ବ୍ରାଣ୍ଡ 'ଇଣ୍ଡିପେଣ୍ଡେନ୍‌ସ'ର ଶୁଭାରମ୍ଭ କରାଯାଇଛି। ନିକଟରେ କମ୍ପାନୀର ଉକ୍ତ ବ୍ରାଣ୍ଡକୁ ପରୀକ୍ଷାମୂଳକ ଭାବେ ମୁକେଶ ଅମ୍ବାନୀଙ୍କ ଘରୋଇ ରାଜ୍ୟ ଗୁଜରାଟରେ ଆନୁଷ୍ଠାନିକ ଭାବେ ଆରମ୍ଭ କରାଯାଇଛି, ପରବର୍ତ୍ତୀ ସମୟରେ ଉକ୍ତ ବ୍ରାଣ୍ଡକୁ ସାରାଦେଶରେ ବଜାର ପ୍ରବେଶ କରାଇବା ସହ କାରବାର ମଧ୍ୟ ଆରମ୍ଭ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।


# Classified Everyday 0674-2580101, 2549949


SALE

Scootypep Scooter, new tyre, Battery Tiptop urgent sale. Whatsapp- 8763839132. D-2284


REAL ESTATE
SALE

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9439832956, 9438056978. D-74164

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

Puri Kalingavihar Sipasarubali OSHC Beach land urgent sale. Whatsapp- 8763839132. D-2285

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

Yellowzone gharabari plot for sale, 2000sqft. (13Nos) at Mouza- Sankarpur, Ghatikia, Khandagiri in front of Tata Ariana, Vipul Garden backside, Bhubaneswar. Govt. road connected Internal Road-30ft. & road side Plantation. Immediately possession then registration. Water & Electricity available. NH-5 to 1KM. sqft.-2000/-. Ph- 8114744495, 8328943165. D-2273

New Cancer Hospital ନାଇଜର ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73669

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8926073614. D-74166


CONSTRUCTION

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2264

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ଜନ୍ମଦିନ ଶୁଭେଚ୍ଛା**

ସତ୍ୟପ୍ରକାଶ ପାତ୍ର (ସୋମ୍)
୪୨ ମୌଜା, କଟକ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ତୋର ବାପା, ବୋଉ, ମାମା, ପାପା, ଲିପୁ ପାପା, ମାନି ମାମା, ଭଉଣୀ, ଛୁଆପାପା ଓ ଅଜା, ଆଈ।
ଧ-୨୨୮୮

**ଓଡ଼ିଆ ଶିଶୁ ସାହିତ୍ୟରେ ଡକ୍ଟରେଟ୍ (Ph.D.) ଲାଭ**

ଡକ୍ଟର ସଂଯୁକ୍ତା ମଲ୍ଲିକ (ପରିଡ଼ା) ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱରରୁ ଓଡ଼ିଆ ଶିଶୁ ସାହିତ୍ୟରେ ଡକ୍ଟରେଟ୍ (Ph.D.) ଡିଗ୍ରୀ ଲାଭ କରିଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ରୁଦ୍ର ନାରାୟଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "ଓଡ଼ିଆ ଶିଶୁ ସାହିତ୍ୟକୁ ଡ. କୃତ୍ତିବାସ ନାୟକଙ୍କ ଅବଦାନ" ଶୀର୍ଷକ ସନ୍ଦର୍ଭ ଉପରେ ଗବେଷଣା କରି ଏହି ସମ୍ମାନଜନକ ଉପାଧି ଲାଭ କରିଛନ୍ତି। ଡକ୍ଟର ମଲ୍ଲିକ (ପରିଡ଼ା) ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର ସଡ଼ାଙ୍ଗୋଇ (ରତାପଡ଼ା)ସ୍ଥିତ ଶ୍ରୀଯୁକ୍ତ ହରିବନ୍ଧୁ ପରିଡ଼ା ଓ ଶ୍ରୀମତୀ ବୀଣାପାଣି ପରିଡ଼ାଙ୍କ ପୁତ୍ରବଧୂ ଅଟନ୍ତି। ସେ କେନ୍ଦ୍ରାପଡ଼ା ଜିଲ୍ଲାର ରାୟପୁର ଗ୍ରାମର ଶ୍ରୀଯୁକ୍ତ ଦିନବନ୍ଧୁ ମଲ୍ଲିକ ଏବଂ ଶ୍ରୀମତୀ ବନଲତା ମଲ୍ଲିକଙ୍କ ସୁକନ୍ୟା ଅଟନ୍ତି। ଡକ୍ଟର ମଲ୍ଲିକ (ପରିଡ଼ା) ଏହି ସଫଳତାର ଶ୍ରେୟ ତାଙ୍କ ସ୍ୱାମୀ ବିଶିଷ୍ଟ କ୍ରୀଡ଼ାବିତ ଶ୍ରୀ ରବି ନାରାୟଣ ପରିଡ଼ା ଏବଂ ପୁତ୍ର ସଂଗୀତ, ସବୁଜ ଓ ସମସ୍ତ ଭାଇମାନଙ୍କୁ ଦେଇଛନ୍ତି। ଏହି ଉପାଧି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତି ଅର୍ଘ୍ୟ ଅର୍ପଣ କରିଛନ୍ତି।
ଧ-୨୨୭୯

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Newly open full body massage ladies and gents. 8327740003, 8093860513. D-74616

Relax, Refresh your Body, Mind at Saikrupa Spa with best therapies. 8984068077. D-2230

Newly open health benefits SPA special offer@999/-, Nayapalli. 7846814019. D-73667

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74612

**AFFIDAVIT**
I, Rajashree Samantaray, D/o- Abhiram Samantaray and W/o- Surya Kanta Swain, aged about 28years, residing at Jagatsinghpur has changed my surname after marriage from Rajashree Samantaray to Rajashree Swain for all future purposes. D-2287




**ଏକାଦଶାହ ଉପଲକ୍ଷେ**

ସ୍ୱର୍ଗତ ଲମ୍ବୋଦର ପୃଷ୍ଟି
Retd. PA to Collector, Dhenkanal
ହାଟରୋଡ୍, ଷ୍ଟେଶନବଜାର, ଢେଙ୍କାନାଳ ଟାଉନ
ଆବିର୍ଭାବ: ୧୬।୦୩।୧୯୪୮
ତିରୋଧାନ: ୦୯।୧୨।୨୦୨୨
ଆପଣଙ୍କ ଆଦର୍ଶ, ସ୍ନେହ, ପରୋପକାରିତା ଆମ ଜୀବନରେ ସବୁଦିନ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସୁଷମାରାଣୀ, ପୁତ୍ର: ବିଭୂତି, ସୁଧାଂଶୁ ଭୂଷଣ, ସତ୍ୟ ଭୂଷଣ, ଝିଅ: ନିବେଦିତା, ବବି, ଜ୍ୱାଇଁ: ଡ. ଅଜୟ ମହାପାତ୍ର, ନାତି ନାତୁଣୀ: ଗୁଗୁଲ, ପୁପୁଲ, ସ୍ୱିଟି, ଗୁଡ୍ଡୁ, ଡୁଡୁଲ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୦୭୭

**IN OUR HEARTS FOREVER**

COL. J C MAHANTI (RETD)
17th JULY 1938- 15th DECEMBER-2022
We remember with deep respect in our hearts forever, who built our past, nourished our present and blessed our future.
Vignesh & Shruti, Bobby & Manoj, Aashna & Naman, Neha, Kuki & Adu.
ଧ-୨୨୮୬

**ଏକାଦଶାହ ଉପଲକ୍ଷେ**

ସ୍ୱର୍ଗତ ବ୍ରହ୍ମାନନ୍ଦ ସାହୁ
ପଦ୍ମବଜାର, ଢେଙ୍କାନାଳ ଟାଉନ
ଆବିର୍ଭାବ: ୨୫।୦୭।୧୯୫୧ (ବୁଧବାର)
ତିରୋଧାନ: ୦୯।୧୨।୨୦୨୨ (ଶୁକ୍ରବାର)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୭୪୦୭୮


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଭାରତ ଯୋଡ଼ୋ ଯାତ୍ରାରେ ୮୮ ବର୍ଷୀୟ

ଦାଉସା ,୧୮।୧୨

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରାକୁ ବିଭିନ୍ନ ମହଲରୁ ସମର୍ଥନ ବଢ଼ିବାରେ ଲାଗିଛି। ଏଥିରେ ଜଣେ ୮୮ ବର୍ଷୀୟ ବ୍ୟକ୍ତି ସାମିଲ ହୋଇ ହାତରେ ତ୍ରିରଙ୍ଗା ଧରି ବହୁ ମାଇଲ ପଥ ଅତିକ୍ରମ କରିଛନ୍ତି। କରୁଣା ପ୍ରସାଦ ମିଶ୍ର ନାମକ ଏହି ବୃଦ୍ଧ ଆଜିର ଭାରତର ଉଜ୍ଜ୍ୱଳ ବ୍ୟାବହାରିକତାକୁ ପୁରାତନ ଆଦର୍ଶବାଦ ସହ ଯୋଡ଼ିଛନ୍ତି। ଉଜ୍ଜୟିନୀରୁ ସେ ଯାତ୍ରାରେ ସାମିଲ ହୋଇଥିବାବେଳେ ଶ୍ରୀନଗରର ଲାଲ୍‌ଚୌକରେ ତ୍ରିରଙ୍ଗା ଉଡ଼ାଇବା ପର୍ଯ୍ୟନ୍ତ ପଦଯାତ୍ରା ଜାରି ରଖିବେ ବୋଲି ସଂକଳ୍ପ ନେଇଛନ୍ତି। ଏପରିକି କଂଗ୍ରେସ କର୍ମୀମାନେ ତାଙ୍କୁ କାର୍‌ରେ ବସିବାକୁ କହିଲେ ମଧ୍ୟ ସେ ବସୁନାହାନ୍ତି। ଏହା ବ୍ୟତୀତ ସେ ପୂର୍ବରୁ ପଶ୍ଚିମକୁ ଯାତ୍ରା କରିବେ ବୋଲି କହିଛନ୍ତି। କରୁଣା ପ୍ରସାଦ ଜଣେ କୃଷକ ଓ ସାମାଜିକ କର୍ମୀ। ତାଙ୍କୁ ଘରକୁ ଫେରାଇ ନେବା ଲାଗି ପରିବାର ଲୋକେ ରାଜସ୍ଥାନରୁ କୋଟାରୁ ମଧ୍ୟପ୍ରଦେଶର ସିଧିକୁ ଆସିଥିଲେ। ତେବେ ସେ ଫେରିବାକୁ ମନା କରିଦେଇଥିଲେ।


ଭାରତ ଯୋଡ଼ୋ ଯାତ୍ରାରେ ସାମିଲ୍ ହୋଇଥିବା ୮୮ ବର୍ଷୀୟ କରୁଣା ପ୍ରସାଦ ମିଶ୍ର।

# ପୁରୀରେ ବିଜେଡି ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସକୁ ନବୀନଙ୍କ ଅନୁମୋଦନ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

- ଜାନୁୟାରୀ ୧୦ ଭିତରେ ସବୁ ନିର୍ବାଚନମଣ୍ଡଳୀରେ ସାରିବେ ନେତା
- ବର୍ଷତମାମ କାର୍ଯ୍ୟକ୍ରମ ଲାଗି ଯୋଜନା କଲା ବିଜେଡି
- ପୁରୀ କାର୍ଯ୍ୟକ୍ରମରେ ଯୋଗଦେବେ ବ୍ଲକ, ଜିଲା, ସହରାଞ୍ଚଳର ନିର୍ବାଚିତ ପ୍ରତିନିଧି

ଆସନ୍ତା ୨୬ ତାରିଖରେ ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ। ଏହି ରୌପ୍ୟ ଜୟନ୍ତୀକୁ ଦଳ ବଡ଼ ଧୂମ୍‌ଧାମରେ ପାଳିବାକୁ ଯାଉଛି। ରାଜ୍ୟସ୍ତରୀୟ ସମାରୋହ ଶ୍ରୀକ୍ଷେତ୍ର ପୁରୀ ତାଳବଣିଆ ପଡ଼ିଆରେ ଆୟୋଜନ କରାଯାଉଛି। ଏଥିରେ ୫୦ ହଜାରରୁ ଅଧିକ କର୍ମୀ ଓ ସାଧାରଣ ଜନତା ଯୋଗଦେବେ। ଏହାପରେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ୧୫ ଦିନ ଧରି ପ୍ରତିଷ୍ଠା ଦିବସ ପାଳନ ହେବ। ଖାଲି ସେତିକି ନୁହେଁ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଦଳ ପକ୍ଷରୁ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ବ୍ୟାପକ ଆୟୋଜନ ମଧ୍ୟ ହୋଇଛି। ଏନେଇ ରବିବାର ନବୀନ ନିବାସରେ ଦଳୀୟ ନେତାମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଉପରୋକ୍ତ କାର୍ଯ୍ୟକ୍ରମ ଲାଗି ବିଜେଡିର ବରିଷ୍ଠ ନେତାମାନେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଆଣିଛନ୍ତି।

ସୂଚନା ଅନୁଯାୟୀ, ୨୬ ତାରିଖରେ ପୁରୀ ତାଳବଣିଆ ପଡ଼ିଆରେ ବିଶାଳ ସମାବେଶ ହେବ। ଏଥିରେ ସବୁ ବିଧାୟକ, ଏମ୍‌ପି, ରାଜ୍ୟ କର୍ମକର୍ତ୍ତା, ଛାମୁଆ ସଙ୍ଗଠନ ନେତାଙ୍କ ସମେତ ପ୍ରତି ପଞ୍ଚାୟତ ଓ ବ୍ଲକର ବରିଷ୍ଠ ନେତା ଏବଂ କର୍ମକର୍ତ୍ତା ଯୋଗଦେବେ। ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେବେ। ରାଜ୍ୟବାସୀଙ୍କ ସେବା ନିରନ୍ତର ଜାରି ରଖିବାକୁ ସେ ଦଳୀୟ ନେତା ଓ କର୍ମୀମାନଙ୍କୁ ସଂକଳ୍ପପାଠ କରାଇବା ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ଓ ଭୂମିକା ନେଇ ଆହ୍ୱାନ ଦେବେ। ୨୭ ତାରିଖରୁ ୧୫ ଦିନ ଧରି ବିଭିନ୍ନ ନିର୍ବାଚନମଣ୍ଡଳୀରେ ପ୍ରତିଷ୍ଠା ଦିବସ ପାଳନ ହେବ। ଜାନୁୟାରୀ ୧୦ ସୁଦ୍ଧା ସବୁ ନିର୍ବାଚନମଣ୍ଡଳୀରେ ଏହି କାର୍ଯ୍ୟକ୍ରମ ପାଳନ ହେବ। ନିର୍ବାଚନମଣ୍ଡଳୀସ୍ତରୀୟ ସବୁ ନେତା ଓ ଛାମୁଆ ସଙ୍ଗଠନଗୁଡ଼ିକ ଏଥିରେ ସାମିଲ ହେବେ। ଏହିଠୁ ବର୍ଷେ ବ୍ୟାପୀ ବିଭିନ୍ନ ଜୋନ୍‌ରେ ଦଳ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜାରି ରଖିବ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତୃଣମୂଳସ୍ତରରେ ସଙ୍ଗଠନକୁ ଆହୁରି ମଜଭୁତ୍ କରିବା ସହ ଲୋକଙ୍କ ସହ ସମ୍ପର୍କ ଯୋଡି ରଖିବା ଦଳର ମୁଖ୍ୟ ଉଦ୍ଦେଶ୍ୟ ହୋଇଛି। ଏନେଇ ରବିବାର ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦଳୀୟ ନେତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳର ପ୍ରତିଷ୍ଠା ଦିବସ ସମ୍ପର୍କିତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବାପରେ ଏହାର ଅନୁମୋଦନ ଆଣିବାକୁ କେତେଜଣ ବରିଷ୍ଠ ନେତା ନବୀନ ପଟ୍ଟନାୟକଙ୍କ ପାଖକୁ ଯାଇଥିଲେ।

ତେବେ ବରିଷ୍ଠ ନେତା ଦେବୀ ମିଶ୍ର କହିଛନ୍ତି, ଦଳକୁ ୨୬ ବର୍ଷ ପୂରଣ ହେଉଥିଲେ ମଧ୍ୟ କୋଭିଡ୍ ଯୋଗୁ ୨୫ତମ ପ୍ରତିଷ୍ଠା ଦିବସ ପାଳନ ହୋଇପାରି ନ ଥିଲା। ତେଣୁ ଜଗନ୍ନାଥଙ୍କ ଧାମରେ ୨୫ତମ ପୂର୍ତ୍ତି ପାଳନ ଲାଗି ଦଳ ତରଫରୁ ଯୋଜନା କରାଯାଇଛି। ସମସ୍ତ ପ୍ରକାର ଚୂଡାନ୍ତ ରୂପରେଖ ବରିଷ୍ଠ ନେତାମାନେ ଏକାଠି ହୋଇ ପ୍ରସ୍ତୁତ କରିବା ପରେ ଏହାକୁ ଦଳର ସଭାପତି ଅନୁମୋଦନ କରିଛନ୍ତି। ଏଥିରେ ଦଳର ସବୁ ଜିଲା, ବ୍ଲକ ଏବଂ ସହରାଞ୍ଚଳରେ ନିର୍ବାଚିତ ହୋଇଥିବା ପ୍ରତିନିଧିମାନେ ସାମିଲ ହେବେ। ଏହାର ୧୫ ଦିନ ମଧ୍ୟରେ ସବୁ ନିର୍ବାଚନମଣ୍ଡଳୀରେ ପ୍ରତିଷ୍ଠା ଦିବସ ପାଳନ ହେବ ବୋଲି ଦେବୀ କହିଛନ୍ତି।

# ଜାନୁୟାରୀ ୨୬ରୁ କଂଗ୍ରେସର 'ହାତ୍ ସେ ହାତ୍ ଯୋଡ଼ୋ' ଯାତ୍ରା

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

- ୨ମାସ ବ୍ୟାପୀ ଚାଲିବ କାର୍ଯ୍ୟକ୍ରମ
- ଏଆଇସିସି ନେତାଙ୍କୁ ନିମନ୍ତ୍ରଣ କରିବାକୁ ଦିଲ୍ଲୀ ଯିବ ଟିମ୍
- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ
- ବିଶୃଙ୍ଖଳାକାରୀଙ୍କୁ ଆଉ ବରଦାସ୍ତ କରାଯିବନି

ଦୀର୍ଘଦିନ ହେଲା ରାଜ୍ୟରେ କଂଗ୍ରେସ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରୁଛି। ଗଲା କିଛି ବର୍ଷ ମଧ୍ୟରେ ଦଳର ଭୋଟ ପ୍ରତିଶତ ମଧ୍ୟ ବହୁ ତଳକୁ ଖସି ଆସିଲାଣି। ରାଜ୍ୟରେ ଅନୁଷ୍ଠିତ ହୋଇଥିବା ଧାମନଗର ଏବଂ ପଦ୍ମପୁର ଉପନିର୍ବାଚନରେ ଦଳକୁ ୩ରୁ ସାଢେ ୩ ହଜାର ଭୋଟ ମିଳିବା ବି କଷ୍ଟକର ହୋଇଗଲାଣି। ଏହା ଭିତରେ ପଦ୍ମପୁର ଫଳାଫଳକୁ ନେଇ ଦଳର ନେତାମାନେ ମଧ୍ୟ ଖୋଲାଖୋଲି ଦଳ ବିରୋଧରେ ମୁହଁ ଖୋଲିଛନ୍ତି। ତେବେ ଆଗକୁ ଦଳର ଆଗଧାଡ଼ିର ନେତାମାନେ ଯେପରି ଗଣମାଧ୍ୟମ ସାମ୍ନାରେ କଂଗ୍ରେସକୁ କ୍ଷତି ପହଞ୍ଚାଇବା ଭଳି ମତାମତ ନ ଦେବେ ସେନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ଯିଏ ଦଳକୁ କ୍ଷତି ପହଞ୍ଚାଇବା ଭଳି ମତ ରଖିବ ତାଙ୍କୁ ଆଉ ନିସ୍ତାର ମିଳିବ ନାହିଁ। ବ୍ୟକ୍ତିଠାରୁ ଦଳ ବଡ଼। ଯିଏ ଆଜି ବିଧାୟକ, ମନ୍ତ୍ରୀ କିମ୍ବା ଏମ୍‌ପି ହୋଇଛନ୍ତି ସେମାନେ ସେସବୁ କଂଗ୍ରେସ ସକାଶେ ପାଇଛନ୍ତି। ତେଣୁ ଦଳକୁ କ୍ଷତି କରିବା ବିଷୟରେ କେହି ଚିନ୍ତା ନ କରନ୍ତୁ ବୋଲି ଶରତ କହିଛନ୍ତି। ଏହାସହ ଆଗାମୀ ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ କଂଗ୍ରେସ କିପରି ରାଜ୍ୟରେ ଶକ୍ତିଶାଳୀ ହେବ ସେନେଇ ରବିବାର ଦଳର ପ୍ରଭାରୀ ଚେଲ୍ଲା କୁମାରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନିଆଯାଇଛି। ଜାନୁୟାରୀ ୨୬ରୁ କଂଗ୍ରେସ ୨ ମାସବ୍ୟାପୀ 'ହାତ୍ ସେ ହାତ୍ ଯୋଡୋ' କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ସୂଚନା ଦେଇଛି।

କଂଗ୍ରେସ ଭବନଠାରେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବହୁ ବିଧାୟକ, ବିଧାୟକ ପ୍ରାର୍ଥୀ, ବରିଷ୍ଠ ନେତା, ଜିଲା ସଭାପତି, ଛାତ୍ର ସଭାପତି, ପୂର୍ବତନ ପିସିସି ସଭାପତି ପ୍ରମୁଖ ଯୋଗ ଦେଇଥିଲେ। ଦଳ ପକ୍ଷରୁ ଜାନୁୟାରୀ ୨୬ରୁ ହାତ୍ ସେ ହାତ୍ ଯୋଡୋ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ଦଳର ସବୁ ଶ୍ରେଣୀର ନେତା, କର୍ମୀଙ୍କୁ ସାମିଲ ହେବାକୁ ଆହ୍ୱାନ କରାଯିବ। ଯୁବ, ଛାତ୍ର ଏବଂ ମହିଳା କଂଗ୍ରେସ କର୍ମୀ ମଧ୍ୟ ଏଥିରେ ସାମିଲ ହେବେ। ୨ ମାସ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଗାଁ, ଗାଁରେ ପହଞ୍ଚାଇବା ଲାଗି ଦଳ ତରଫରୁ ନିଷ୍ପତ୍ତି ହୋଇଛି। ମୁଖ୍ୟତଃ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ଦଳ ଏହି କାର୍ଯ୍ୟକ୍ରମରେ ବୁଲିବୁଲି ଲୋକଙ୍କ ପାଖରେ ପହଞ୍ଚାଇବ। ଏହାସହ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ଚାର୍ଜଶିଟ୍ ମଧ୍ୟ କରିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି।

ଅନ୍ୟପଟେ ଦଳ ଏବେ ରାଜ୍ୟରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରୁଥିବା କଥାକୁ ମଧ୍ୟ ବରିଷ୍ଠ ନେତାମାନେ ସ୍ୱୀକାର କରିଛନ୍ତି। ତେଣୁ ଦଳ କିପରି ନିଜ ସ୍ଥିତି ଫେରିପାଇବ ସେନେଇ ଏବେ ନେତାମାନେ ଚିନ୍ତା କରିବା ଆରମ୍ଭ କରିଦେଇଛନ୍ତି। ଦଳର ଏକ ପ୍ରତିନିଧିମଣ୍ଡଳୀ ନିକଟରେ ଦିଲ୍ଲୀ ଗସ୍ତ କରିବେ ବୋଲି ଜଣାପଡ଼ିଛି। ଏହି ଅବସରରେ ସେମାନେ ହାତ୍ ସେ ହାତ୍ ଯୋଡ଼ୋ କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କୁ ଅନୁରୋଧ କରିବେ। କେବଳ ଏହି ୨ ନେତା ନୁହନ୍ତି ବରଂ କେନ୍ଦ୍ରର ଆହୁରି ଅନେକ ନେତା ଯେପରି ଏହି କାର୍ଯ୍ୟକ୍ରମ ସମୟରେ ଓଡ଼ିଶା ଆସି ଦଳକୁ ଶକ୍ତି ଦେବେ ସେନେଇ ଦଳ କାର୍ଯ୍ୟକ୍ରମର ରୂପରେଖ ଏବଂ କେଉଁ ନେତାଙ୍କୁ ନିମନ୍ତ୍ରଣ ଦିଆଯିବ ତା'ର ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ଦଳ ରାଜ୍ୟରେ ୨୦୨୪ ପୂର୍ବରୁ ନିଜର ସଙ୍ଗଠନ ସଜାଡ଼ିବାକୁ ଲକ୍ଷ୍ୟ ରଖିଛି ବୋଲି ପିସିସି ସଭାପତି କହିଛନ୍ତି। ତେବେ ଏହି କାର୍ଯ୍ୟକ୍ରମ ଦ୍ୱାରା ଦଳକୁ କେତେ ସଫଳତା ମିଳିବ ତାହା ଏବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

# କଂଗ୍ରେସରେ ଯୋଗଦେଲେ ପମି, ଗୁଡ୍‌ଲି



ସଙ୍ଗୀତକାର ଗୁଡ୍‌ଲି ରଥ ଏବଂ ଗାୟିକା ପମି ମିଶ୍ରଙ୍କୁ ରାଜ୍ୟ ପ୍ରଭାରୀ ଏ. ଚେଲ୍ଲା କୁମାର ଓ ପିସିସି ସଭାପତି ଶରତ ପଟ୍ଟନାୟକ ସ୍ୱାଗତ କରୁଛନ୍ତି।

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ବିଶିଷ୍ଟ ଓଡ଼ିଆ ସଙ୍ଗୀତକାର ଗୁଡ୍‌ଲି ରଥ ଏବଂ ଗାୟିକା ପମି ମିଶ୍ର ରବିବାର ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଇଛନ୍ତି। କଂଗ୍ରେସ ରାଜ୍ୟ ପ୍ରଭାରୀ ଏ. ଚେଲ୍ଲା କୁମାର ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଦୁଇ କଳାକାର ଦଳରେ ମିଶିଛନ୍ତି। ଦୁଇ ଜଣଙ୍କୁ ପୁଷ୍ପଗୁଚ୍ଛ ଦେଇ ପ୍ରଥମେ ଚେଲ୍ଲା କୁମାର ଦଳକୁ ସ୍ୱାଗତ କରିଥିଲେ। ଏହାପରେ କଂଗ୍ରେସରେ ଯୋଗଦେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଗୁଡ୍‌ଲି କହିଛନ୍ତି, ତାଙ୍କ ବାପା ଗଙ୍ଗାଧର ରଥ କଂଗ୍ରେସରେ ଥିଲେ। ତେଣୁ ସେ ଦଳରେ ସାମିଲ ହେବାର ଏହା ପ୍ରଥମ କାରଣ। ଦ୍ୱିତୀୟ କଥା ହେଉଛି ରାହୁଲ ଗାନ୍ଧୀଙ୍କ ପଦଯାତ୍ରା ତାଙ୍କୁ ଖୁବ୍ ପ୍ରେରଣା ଦେଇଛି। ପିସିସି ସଭାପତି ଶରତ ପଟ୍ଟନାୟକ ମଧ୍ୟ ତାଙ୍କୁ କଂଗ୍ରେସରେ ଯୋଗଦେବାକୁ ନିମନ୍ତ୍ରଣ କରିଛନ୍ତି। ସେହିପରି ଚଳିତ ବର୍ଷ କଂଗ୍ରେସ ପକ୍ଷରୁ ମେୟର ପ୍ରାର୍ଥୀ ହୋଇଥିବା ମଧୁସ୍ମିତା ଆଚାର୍ଯ୍ୟ ମଧ୍ୟ ତାଙ୍କୁ ଦଳରେ ଯୋଗଦେବା ଲାଗି କହିଛନ୍ତି। ତାଙ୍କ ଦ୍ୱାରା ଯାହା କିଛି ସମ୍ଭବ ହୋଇପାରିବ ସେ କଂଗ୍ରେସ ପାଇଁ ତାହା କରିବେ ବୋଲି କହିଛନ୍ତି।

## ଫୁର୍‌ସତ

# 'କିନ୍ନର' ନୱାଜୁଦ୍ଦିନ



ମୁମ୍ବାଇ

ବଲିଉଡ୍ ଅଭିନେତା ନୱାଜୁଦ୍ଦିନ୍ ସିଦ୍ଦିକି ତାଙ୍କ ଆଗାମୀ ଫିଲ୍ମ 'ହଡ୍ଡି'ରେ ନିଜ ଚରିତ୍ରର ଲୁକ୍ ଶେୟାର କରିଛନ୍ତି। ଫିଲ୍ମରେ ସେ ଜଣେ କିନ୍ନର ବେଶରେ ନଜର ଆସିଛନ୍ତି। ସେ ନାଲି ଶାଢ଼ି ସହ ଅଳଙ୍କାର ପିନ୍ଧିଛନ୍ତି। ଅକ୍‌ଶତ୍ ଅଜୟ ଶର୍ମାଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ହଡ୍ଡି' ୨୦୨୩ରେ ବଡ଼ ପରଦାରେ ରିଲିଜ୍ ହେବାକୁ ଯାଉଛି। ରିଭେଞ୍ଜ ଡ୍ରାମାକୁ ନେଇ ଏହି ଫିଲ୍ମର କାହାଣୀ ଆଧାରିତ। ନୱାଜୁଦ୍ଦିନଙ୍କ ଏହି ଲୁକ୍‌ରେ ଦର୍ଶକ ତାଙ୍କୁ ପସନ୍ଦ କରିଥିବାବେଳେ ଜଣେ ତାଙ୍କୁ ଓସ୍କାର ପାଇବାକୁ ଉପଯୁକ୍ତ ବୋଲି କହିଥିଲେ। ସିନେମାରେ ନୱାଜୁଦ୍ଦିନ ମୁଖ୍ୟ ଚରିତ୍ରରେ ନଜରକୁ ଆସୁଛନ୍ତି। ଏଥିରେ ନୱାଜୁଦ୍ଦିନ୍ କହିଛନ୍ତି, ଏହି ଚରିତ୍ର ତାଙ୍କ ପାଇଁ କୌତୂହଳ, ଅଦ୍ୱିତୀୟ ଏବଂ ସ୍ୱତନ୍ତ୍ର। ଉକ୍ତ ଭୂମିକାକୁ ସେ ଭଲଭାବେ ଦର୍ଶାଇବେ ବୋଲି କହିଛନ୍ତି।

# ୨ ଗ୍ରହ ଠାବ: ଜଳ ଥାଇପାରେ



ଗ୍ରହ, ଉପଗ୍ରହ ଏବଂ ତାରକା ସମ୍ପର୍କିତ ଅଧିକ ତଥ୍ୟ ହାସଲ ପାଇଁ ବିଭିନ୍ନ ଦେଶର ଜ୍ୟୋତିର୍ବିଜ୍ଞାନୀମାନେ ଗବେଷଣା ଜାରି ରଖିଛନ୍ତି। ମହାକାଶକୁ ପ୍ରେରଣ ଉପଗ୍ରହ ସାହାଯ୍ୟରେ ସ୍ପେସ୍ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇପାରୁଛି। ଅନ୍ୟପକ୍ଷେ ଉନ୍ନତ ଜ୍ଞାନକୌଶଳରେ ନିର୍ମିତ ଟେଲିସ୍କୋପ ଜରିଆରେ ମହାକାଶରେ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ବସ୍ତୁର ଚିହ୍ନଟ କରାଯାଇପାରୁଛି। ଏଭଳି ସ୍ଥିତିରେ କାନାଡାର ମୋଣ୍ଟ୍ରିଲ ୟୁନିଭର୍ସିଟିର ଜ୍ୟୋତିର୍ବିଜ୍ଞାନୀ ମହାକାଶରେ ଦୁଇଟି ନୂଆ ଗ୍ରହ ଠାବ କରିଛନ୍ତି। ଏହି ଦୁଇ ଅଜଣାଗ୍ରହ ପୃଥିବୀଠାରୁ ୨୧୮ ଆଲୋକବର୍ଷ ଦୂରରେ ଅବସ୍ଥିତ। ତେବେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା)ର ହବଲ ଏବଂ ସ୍ପିଜରର ଦୂରବୀକ୍ଷଣ ଯନ୍ତ୍ର ସହାୟତାରେ ଉକ୍ତ ଗ୍ରହ ଚିହ୍ନଟ କରାଯାଇଛି।

ଦୂରକୁ ଲାଲ୍ କ୍ଷୁଦ୍ର ତାରକା ଭଳି ଦୃଶ୍ୟମାନ ହେଉଥିବା ଏହି ଦୁଇ ଗ୍ରହରେ ଜଳ ଥିବା ନେଇ ଜ୍ୟୋତିର୍ବିଜ୍ଞାନିମାନେ ଦାବି କରିଛନ୍ତି। ବୈଜ୍ଞାନିକଭିତ୍ତିରେ ଏହି ଗ୍ରହର ଅଧିକାଂଶ ଭାଗରେ ଜଳ ମହଜୁଦ ଥିବା ସମ୍ପର୍କରେ ଗବେଷଣା କରୁଥିବା ଟିମ୍ ଲିଡର କାରୋଲନ ପିଆଉଲେଟ କହିଛନ୍ତି। ନାସାର ପ୍ରପୁଲେସନ ଲାବୋରେଟରି ଏବଂ କାରୋଲନଙ୍କ ଟିମ୍ ଟେଲିସ୍କୋପ ଦ୍ୱାରା କରିଥିବା ତର୍ଜମା ଅନୁସାରେ ଠାବ ହୋଇଥିବା ଗ୍ରହରେ ପର୍ଯ୍ୟାପ୍ତ ପରିମାଣର ଜଳ ସଂରକ୍ଷିତ ହୋଇ ରହିଛି। ଉକ୍ତ ଅଧ୍ୟୟନ ନେଇ ଜ୍ୟୋତିର୍ବିଜ୍ଞାନିମାନେ ରଫ୍ ପ୍ଲାନେଟ୍ କେପଲର-୧୩୮ସି ଏବଂ କେପଲର-୧୩୮ଡି'ର ସ୍ଥିତିରେ ତୁଳନା ନୂତନ ଭାବେ ଠାବ ଗ୍ରହ ସହ କରିଛନ୍ତି। ଅଧ୍ୟୟନରତ ଟିମ୍ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, କେପଲର ୧୩୮ଡି'ର ତାପମାତ୍ରା ୧୦୦ ଡିଗ୍ରୀ ସେଲସିୟସ୍‌ରୁ ଅଧିକ। ବାଷ୍ପ କାରଣରୁ ଏହାର ବାୟୁମଣ୍ଡଳ ଗଭୀର ବାଷ୍ପରେ ପୂର୍ଣ୍ଣ ଥିବା ବୈଜ୍ଞାନିକ ଆକଳନ କରିଛନ୍ତି। ହାଇ ପ୍ରେସରରେ ଜଳକଣା ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ଠାବ କରାଯାଇଥିବା ଦୁଇ ଅଜଣା ଗ୍ରହଗୁଡ଼ିକର ପ୍ରକୃତି ସମ୍ଭବତଃ ରଫ୍ ପ୍ଲାନେଟ୍ କେପଲର ସହ ସମାନ ହୋଇଥିବା ଯୋଗୁ ଏହି ଦୁଇ ଗ୍ରହରେ ପର୍ଯ୍ୟାପ୍ତ ଜଳ ଥିବା କାନାଡୀୟ ଜ୍ୟୋତିର୍ବିଜ୍ଞାନୀ ଦାବି କରିଛନ୍ତି।

# 'ଡୋନେଟ୍ ମି ଏ ଗର୍ଲଫ୍ରେଣ୍ଡ'

**ନୂଆଦିଲ୍ଲୀ:** ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଦିଲ୍ଲୀ ମେଟ୍ରୋରେ ଜଣେ ଯୁବକ ତାଙ୍କ ଜ୍ୟାକେଟ୍‌ରେ 'ଡୋନେଟ୍ ମି ଏ ଗର୍ଲଫ୍ରେଣ୍ଡ' ଲେଖାଥିବା ଏକ କାର୍ଡ ଲଗାଇ ବୁଲୁଥିବାର ଦେଖିବାକୁ ମିଳିଛି। ଷ୍ଟେଶନର ଶିଡ଼ିରେ ଯୁବକ ଜଣକ ଓହ୍ଲାଇଥିବାବେଳେ ତାଙ୍କୁ ଦେଖି ଅନେକ ଲୋକେ କାର୍ଡ ଦେଖି ହସିବାକୁ ଲାଗୁଛନ୍ତି। ଇନ୍‌ଷ୍ଟାଗ୍ରାମରେ ଏହି ଭିଡିଓକୁ ମୋହିତ ଗୌହର ନାମକ ଆକାଉଣ୍ଟରେ ଶେୟାର ହୋଇଛି। ଏହି ଭିଡିଓ ଦେଖି ଲୋକେ ମଜାଳିଆ ପ୍ରକାରର କମେଣ୍ଟ କରୁଛନ୍ତି। ଜଣେ ୟୁଜର୍ସ ଲେଖିଛନ୍ତି, ଅଧିକ କାର୍ଡ ଅଛି ମତେ ଗୋଟିଏ ଦିଅ। ଭିଡିଓକୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ୟୁଜର୍ସ ଦେଖିସାରିଥିବାବେଳେ ୮୬ ହଜାର ଲୋକ ଲାଇକ୍ କରିଛନ୍ତି।




# ୨ ଦିନରେ ୧୦୦ କୋଟି ଆୟ



ନୂଆଦିଲ୍ଲୀ

ଜେମ୍ସ କ୍ୟାମେରନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଅବତାର-୨'କୁ ନେଇ ଯୁବ ଦର୍ଶକଙ୍କ ମଧ୍ୟରେ କ୍ରେଜ୍ ବଢ଼ିବାରେ ଲାଗିଛି। ଭାରତରେ ରିଲିଜ୍‌ର ୨ ଦିନରେ ଏହି ଫିଲ୍ମ ୧୦୦ କୋଟି ଟଙ୍କା ଆୟ କରିଛି। ଅନ୍ୟପକ୍ଷେ ଆଡଭାନ୍ସ ଟିକେଟ୍ ବୁକିଂରେ ମଧ୍ୟ ଏହା ରେକର୍ଡ କରିଛି। ଏହାର ପ୍ରଥମ ସଂସ୍କରଣ 'ଅବତାର' ୨୦୦୯ରେ ରିଲିଜ୍ ହୋଇଥିଲା। ସେତେବେଳେ ଭିଏଫ୍‌ଏକ୍ସ୍ ଚଳଚ୍ଚିତ୍ରଗୁଡ଼ିକ ସେତେ ଅଧିକ ନିର୍ମାଣ ହେଉ ନ ଥିବାବେଳେ 'ଅବତାର'ର ଗ୍ରାଫିକ୍ସ ଦର୍ଶକଙ୍କୁ ଚକିତ କରିଥିଲା। ବିଶ୍ୱବ୍ୟାପୀ 'ଅବତାର' ପ୍ରାୟ ୩ ବିଲିୟନ୍ ଡଲାର ରୋଜଗାର କରିଥିଲା। ପ୍ରଥମ ପାର୍ଟ ରିଲିଜ୍ ପରେ ଦର୍ଶକ ଏହାର ଦ୍ୱିତୀୟ ପାର୍ଟକୁ ଅପେକ୍ଷା କରିଥିଲେ। ଦୀର୍ଘ ୧୩ ବର୍ଷ ପରେ ଚଳିତ ବର୍ଷ ଡିସେମ୍ବର ୧୬ ତାରିଖରେ ଏହା ମୁକ୍ତିଲାଭ କରିଛି। ପ୍ରଥମ ଦିନରେ ଏହା ପାଖାପାଖି ୪୦ କୋଟି ଟଙ୍କା ବ୍ୟବସାୟ କରିଥିବାବେଳେ ଦ୍ୱିତୀୟ ଦିନରେ ୧୦୦ କୋଟିରେ ପହଞ୍ଚିଛି। ଏହା ଆଗକୁ ଅନେକ ଫିଲ୍ମର ରେକର୍ଡ ଭାଙ୍ଗିବ ବୋଲି କୁହାଯାଉଛି। ଫିଲ୍ମ ନିର୍ମାଣରେ ୩୫୦ ମିଲିୟନ୍ ଡଲାର ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ହଲିଉଡ୍ ଚଳଚ୍ଚିତ୍ର ମାର୍ଭଲ୍‌ର 'ଆଭେଞ୍ଜର୍ସ: ଏଣ୍ଡ ଗେମ୍' ଭାରତରେ ପ୍ରଥମ ଦିନରେ ୫୩ କୋଟିରୁ ଅଧିକ ଆୟ କରିଥିଲା। ଏହି ଫିଲ୍ମ ୨୦୧୯ରେ ରିଲିଜ୍ ହୋଇଥିଲା।

# ବୃକ୍‌କ ବଦଳରେ ୧୦ ଲକ୍ଷର ଉପହାର

ଲଣ୍ଡନ: ଜଣେ ମହିଳା ତାଙ୍କ ପୁରୁଷ ବନ୍ଧୁଙ୍କ ଜୀବନ ବଞ୍ଚାଇଛନ୍ତି। ଏହା ବଦଳରେ ପୁରୁଷ ବନ୍ଧୁ ତାଙ୍କ ସ୍ୱପ୍ନ ପୂରଣ କରିଛନ୍ତି। ବ୍ରିଟେନ୍‌ର ପୋର୍ଟସ ମାଉଥ୍‌ରେ ରହୁଥିବା ମହିଳା ଏଲେନ୍ ଗାର୍ନର ତାଙ୍କ ପୁରୁଷ ବନ୍ଧୁଙ୍କ ଜୀବନ ବଞ୍ଚାଇବା ପାଇଁ ତାଙ୍କ ବୃକ୍‌କ ଦାନ କରିଛନ୍ତି। ରିପୋର୍ଟ ମୁତାବକ, ଜାଫ୍ରା ଶମ୍‌ଶୁଦିନ୍ ଏକ ଟେକ୍ କମ୍ପାନୀରେ କାର୍ଯ୍ୟ କରନ୍ତି। ସେତେବେଳେ ତାଙ୍କୁ ତାଙ୍କ ବୃକ୍‌କ ଖରାପ ହୋଇଥିବା ବାବଦରେ ଜଣାପଡିଥିଲା। ସେହି ସମୟରେ ତାଙ୍କ ସ୍ତ୍ରୀଙ୍କ ଭଉଣୀ ତଥା ସାଙ୍ଗ ଏଲେନ୍ ତାଙ୍କର ଏକ ବୃକ୍‌କ ଦାନ କରିଥିଲେ। ଅପରେଶନ ପରେ ଏବେ ଉଭୟ ସୁସ୍ଥ ଥିବା ଜଣାପଡିଛି। ଦୁହିଙ୍କର ପାରିବାରିକ ସମ୍ପର୍କ ଯୋଗୁ ସେ କିଛି ମାଗି ନ ଥିଲେ। କିନ୍ତୁ ଏଲେନ୍‌ଙ୍କୁ ଜାଫ୍ରା ତାଙ୍କ ପସନ୍ଦର ୮ ଲକ୍ଷ ଟଙ୍କାର ଏକ ବାଇକ୍ ଗିଫ୍ଟ କରିଛନ୍ତି। ଏଥିସହ ଦେଢଲକ୍ଷ ଟଙ୍କାର ଲକ୍‌ଜୁରୀ ନମ୍ବର ପ୍ଲେଟ୍ ମଧ୍ୟ ଦେଇଛନ୍ତି।



# ରଙ୍ଗାରଙ୍ଗ ଉଦ୍‌ଯାପନୀ

ଆରବ ଜଗତରେ ପ୍ରଥମଥର ପାଇଁ ସଫଳତାର ସହ ଆୟୋଜିତ ହୋଇଛି ଫିଫା ବିଶ୍ୱକପ। ନଭେମ୍ବର ୨୦ରୁ ଆରମ୍ଭ ହୋଇଥିବା ଏହି ଫୁଟବଲ ମହାକୁମ୍ଭ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମନ ମୋହିଥିବାବେଳେ ଆର୍ଜେଣ୍ଟିନା ଓ ଫ୍ରାନ୍ସ ମଧ୍ୟରେ ଫାଇନାଲ ବେଶ୍ ରୋମାଞ୍ଚକ ହୋଇଥିଲା। ଉଦ୍‌ଯାପନୀ ଦିବସରେ ବିଶ୍ୱର ବହୁ ବଡ଼ ନେତା ଯୋଗ ଦେଇଥିଲେ। କଳାକାରଙ୍କ ମଧ୍ୟରେ ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ନୋରା ଫତେହି ଆକର୍ଷଣର କେନ୍ଦ୍ରରେ ରହିଥିଲେ।



ଲୁସେଲ ଷ୍ଟାଡିୟମରେ ଉଦ୍‌ଯାପନୀ ଉତ୍ସବ।




ଉଦ୍‌ଯାପନୀ ଉତ୍ସବରେ ବିଶ୍ୱକପ୍ ପ୍ରତିକୃତି।



ଏମିରେଟ୍ କଣ୍ଠଶିଳ୍ପୀ ବାଲ୍‌କିସ୍ ଫାଥି।

## 'ଏ ନାଇଟ୍ ଟୁ ରିମେମ୍ବର'

ଫିଫା ବିଶ୍ୱକପ୍‌ର ଉଦ୍‌ଯାପନୀ ସମାରୋହ ମହାଆଡ଼ମ୍ବର ମଧ୍ୟରେ ଆୟୋଜିତ ହୋଇଛି। କେବଳ ମହିଳା କଳାକାରମାନେ ଫିଫା ବିଶ୍ୱକପ୍‌ର ଅନ୍ତିମ ସନ୍ଧ୍ୟାରେ ଆକର୍ଷଣୀୟ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିବା ବେଳେ ଏହାକୁ 'ଏ ନାଇଟ୍ ଟୁ ରିମେମ୍ବର' ନାମରେ ନାମିତ କରାଯାଇଥିଲା। ବଲିଉଡ୍ କଳାକାର ନୋରା ଫତେହୀ ରବିବାର ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିଥିଲେ। ନୋରା 'ଏ ନାଇଟ୍ ଟୁ ରିମେମ୍ବର' ଗୀତରେ ପ୍ରଦର୍ଶନ ମଧ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କଳାକାର ବଲକିଶ୍, ରାହମା ରିଆଦ୍ ଓ ମନାଲ ମଧ୍ୟ ପ୍ରଦର୍ଶନ କରିଥିଲେ। ଅରହବୋ ଗୀତକୁ ମିଳିତ ଭାବରେ ଗାଇଥିଲେ ଓଜୁନା ଓ ଗିମ୍‌ସ। ଆକର୍ଷଣୀୟ ଆଲୋକସଜ୍ଜା ଓ ସଙ୍ଗୀତ ମଧ୍ୟରେ ୮୮ ହଜାର ଦର୍ଶକଙ୍କ ଉପସ୍ଥିତିରେ ଲୁସେଲ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ ରାଷ୍ଟ୍ରର ଜାତୀୟ ପତାକାରେ ଚିତ୍ରିତ ବେଲୁନ୍ ଆକାଶରେ ଉଡୁଥିବା ବେଳେ ବିମାନ ମାଧ୍ୟମରେ ସାମରିକ କଳାକୌଶଳ ମଧ୍ୟ ପ୍ରଦର୍ଶନ କରଯାଇଥିଲା। ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍ ଓ ଅଭିନେତ୍ରୀ ଦୀପିକା ପାଦୁକୋନ୍ ନିଜ ଫିଲ୍ମ ପଠାନର ପ୍ରମୋଶନ୍ ପାଇଁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସ୍ପେନ୍ ଗୋଲରକ୍ଷକ ଇକାର କାସିଲାସ୍‌ଙ୍କ ସହିତ ଦୀପିକା ଷ୍ଟାଡିୟମରେ ଟ୍ରଫିକୁ ପ୍ରବେଶ କରାଇଥିଲେ। ସେହିପରି ଷ୍ଟୁଡିଓରୁ ୱେନ୍ ରୁନିଙ୍କ ସହିତ ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ ଶାହରୁଖ ଖାନ୍। ଏହି ମ୍ୟାଚ୍ ପାଇଁ ଜ୍ଲାଟାନ ଇବ୍ରାହାମୋଭିକ୍ ଓ ପଲ୍ ପୋଗ୍‌ବା ମଧ୍ୟ ଉପସ୍ଥିତ ଥିଲେ।



ବିଶ୍ୱକପ୍ ଟ୍ରଫି ସହିତ ସ୍ପେନର ପୂର୍ବତନ ଗୋଲକିପର ଇକାର କାସିଲାସ୍ ଓ ଦୀପିକା ପାଦୁକୋନ୍।



ଷ୍ଟାଡିୟମରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ (ଡାହାଣ)।




ମ୍ୟାଚ ପୂର୍ବରୁ ଲିଓନେଲ ମେସିଙ୍କ ସମର୍ଥକ।



ଏ ନାଇଟ୍ ଟୁ ରିମେମ୍ବର ଗୀତରେ ନୋରା ଫତେହୀ ଓ ଅନ୍ୟ କଳାକାରଙ୍କ ନୃତ୍ୟ ପରିବେଷଣ ।



ଲୁସେଲ ଷ୍ଟାଡିୟମରେ କାତାରର ଏମିର ଶେଖ୍ ତମିମ ବିନ୍ ହମାଦ।

# ବିସ୍ମୟ ପଦାର୍ଥ ଗ୍ରାଫିନ୍



ନିକୁଞ୍ଜ ବିହାରୀ ସାହୁ

ମନେ କରନ୍ତୁ ଆମ ପାଖରେ ଏପରି ଏକ ସ୍ମାର୍ଟ ଫୋନ୍ ଅଛି ଯାହାକୁ ଆମେ କାଗଜ ଭଳି ମୋଡି ପ୍ୟାଣ୍ଟ ପକେଟରେ ସହଜରେ ଭର୍ତ୍ତି କରିପାରିବା। ଆଉ ଆମ ପାଖରେ ଏପରି ଏକ ବ୍ୟାଟେରି ଅଛି ଯାହାଦ୍ୱାରା ଆମ ସ୍ମାର୍ଟ ଫୋନ୍‌କୁ ମାତ୍ର ପାଞ୍ଚ ମିନିଟରେ ଚାର୍ଜ କରି ହେବ । ଆମେ ସମୁଦ୍ର ମଧ୍ୟସ୍ଥ କୌଣସି ଏକ ଦ୍ୱୀପରେ ରହିଯାଇଛେ ଓ ଶୋଷରେ ତଣ୍ଟି ଶୁଖିଯାଉଛି: ଯଦି ଆମ ପାଖରେ ଏପରି ଏକ ପାଣିଛଣା ଯନ୍ତ୍ର ଅଛି ଯାହା ସଙ୍ଗେସଙ୍ଗେ ସମୁଦ୍ରର ଲୁଣପାଣିକୁ ଛାଣି ମଧୁର ଜଳରେ ପରିଣତ କରି ପାରିବ। ପୁଣି ମଧ୍ୟ ଯଦି ଆମ ପାଖରେ ଏପରି ଏକ ନିଶୁଣି ଥାନ୍ତା ଯେଉଁଥିରେ ଚଢି ଆମେ ଅନ୍ତରୀକ୍ଷକୁ ଯାତ୍ରା କରିପାରନ୍ତେ। ଏହା ସମ୍ଭବ ହେଉଥିଲେ ବାସ୍ତବ ଦୁନିଆରେ କେତେ ମଜା ହୁଅନ୍ତା ସତରେ ! ଅତୀତରେ ଯାହା ଥିଲା କବିର କଳ୍ପନା, ତାହା ଏବେ ଏକ ନୂତନ ପଦାର୍ଥର ଆବିଷ୍କାର ଦ୍ୱାରା ସମ୍ଭବ ହେବାକୁ ଯାଉଛି। ଏହି ବିସ୍ମୟ ପଦାର୍ଥର ନାମ ଗ୍ରାଫିନ୍। ହୀରାଠାରୁ ଟାଣ ତଥା ଇସ୍ପାତଠାରୁ ଯଥେଷ୍ଟ ମଜଭୁତ ଏବଂ ଗଠନରେ ଅତି ପତଳା ଗ୍ରାଫିନ୍ ହେଉଛି ଏକ ଚମତ୍କାର ପଦାର୍ଥ ଯାହା ଆଗାମୀ ଦିନରେ ବୈଜ୍ଞାନିକ ଅନୁସନ୍ଧାନ ତଥା ଆମର ଦୈନିକ ଜୀବନରେ ଏକ ବଡ଼ ବିପ୍ଳବ ଆଣିବାକୁ ଯାଉଛି।

**ଗଠନ**

ଗ୍ରାଫିନ୍ ପ୍ରକୃତରେ ହୀରା ଓ ଗ୍ରାଫାଇଟ୍ ଭଳି କାର୍ବନର ଏକ ରୂପଭେଦ। ଏହା ଗ୍ରାଫାଇଟ୍‌ରୁ ନିର୍ମିତ କାର୍ବନ୍ ପରମାଣୁରେ ଗଢ଼ା କେବଳ ଗୋଟିଏ ମାତ୍ର ସ୍ତର। ଅତି ପତଳା ହେଲେ ସୁଦ୍ଧା ଆମେ ଏହାକୁ ଦେଖି ପାରିବା ଏବଂ ହାତରେ ଧରି ପାରିବା। ଏହା ଦୁନିଆର କେବଳ ଗୋଟିଏ ମାତ୍ର ଦ୍ୱିମାତ୍ରୀୟ (Two dimensional) ପଦାର୍ଥ। ଏହା କେବଳ ଗୋଟିଏ ପରମାଣୁ ମୋଟେଇର ଏକ ପତଳା ପଦାର୍ଥ, ଯେଉଁଥିରେ କାର୍ବନ୍ ପରମାଣୁସବୁ ପରସ୍ପର ସହିତ ଏକ ଷଡ଼କୋଣୀୟ ସଂରଚନାରେ ସଂଯୋଜିତ ହୋଇଥାନ୍ତି। ପ୍ରତି କାର୍ବନ୍ ପରମାଣୁର ସମୁଦାୟ ଚାରୋଟି ସଂଯୋଜୀ ଇଲେକ୍ଟ୍ରନ୍ ରହିଥାନ୍ତି। ସେଥିମଧ୍ୟରୁ ତିନୋଟି ଇଲେକ୍ଟ୍ରନ୍ ଚତୁପାର୍ଶ୍ୱସ୍ଥ ଅନ୍ୟ ତିନୋଟି କାର୍ବନ୍ ପରମାଣୁ ସହିତ ସହସଂଯୋଜୀ ରାସାୟନିକ ବନ୍ଧ ଗଠନରେ ନିୟୋଜିତ ହେଉଥିଲାବେଳେ ଅନ୍ୟ ଗୋଟିଏ ଇଲେକ୍ଟ୍ରନ୍ ମୁକ୍ତ ଅବସ୍ଥାରେ ରହିଥାଏ, ଯାହା ବିଦ୍ୟୁତ ପରିବହନ କରିବାରେ ସହାୟକ ହୋଇଥାଏ।

"ଗ୍ରାଫିନ୍ ଦୁନିଆର ସବୁଠାରୁ ପତଳା ପଦାର୍ଥ। ଏହା ଏତେ ପତଳା ଯେ, ଯଦି ୩ ଲକ୍ଷ ଗ୍ରାଫିନ୍ ଚଦରକୁ ଗୋଟିକ ଉପରେ ଗୋଟିଏ ରଖାଯାଏ ତେବେ ସମୁଦାୟ ଥାକର ମୋଟେଇ ମାତ୍ର ଏକ ମିଲିମିଟର ହେବ। ଏହା ତାପ ଓ ବିଦ୍ୟୁତ ପରିବହନ କ୍ଷେତ୍ରରେ ତମ୍ବାଠାରୁ ୧ ଲକ୍ଷ ଗୁଣ ଅଧିକ ଦକ୍ଷ। କେବଳ ସେତିକି ନୁହେଁ, ଏହା ମଧ୍ୟ ହୀରାଠାରୁ ଅଧିକ ଟାଣ ଓ ଇସ୍ପାତଠାରୁ ୨୦୦ ଗୁଣ ଶକ୍ତ। ଏହା ମଧ୍ୟ ଦେଇ ଜଳ ଏକ ଜାଲି ଭଳି ଗୋଟିଏ ପଟରୁ ଅନ୍ୟ ପଟକୁ ସହଜରେ ପ୍ରବେଶ କରିଯାଉଥିଲେ ସୁଦ୍ଧା ଅନ୍ୟ ପଦାର୍ଥ ଅତିକ୍ରମ କରି ଯାଇପାରେ ନାହିଁ।"

**ବିଚିତ୍ର ଗୁଣାବଳୀ**

ଗ୍ରାଫିନ୍ ଦୁନିଆର ସବୁଠାରୁ ପତଳା ପଦାର୍ଥ। ଏହା ଏତେ ପତଳା ଯେ, ଯଦି ୩ ଲକ୍ଷ ଗ୍ରାଫିନ୍ ଚଦରକୁ ଗୋଟିକ ଉପରେ ଗୋଟିଏ ରଖାଯାଏ ତେବେ ସମୁଦାୟ ଥାକର ମୋଟେଇ ମାତ୍ର ଏକ ମିଲିମିଟର ହେବ। ଏହା ତାପ ଓ ବିଦ୍ୟୁତ ପରିବହନ କ୍ଷେତ୍ରରେ ତମ୍ବାଠାରୁ ୧ ଲକ୍ଷ ଗୁଣ ଅଧିକ ଦକ୍ଷ। କେବଳ ସେତିକି ନୁହେଁ, ଏହା ମଧ୍ୟ ହୀରାଠାରୁ ଅଧିକ ଟାଣ ଓ ଇସ୍ପାତଠାରୁ ୨୦୦ ଗୁଣ ଶକ୍ତ। ଏହା ମଧ୍ୟ ଦେଇ ଜଳ ଏକ ଜାଲି ଭଳି ଗୋଟିଏ ପଟରୁ ଅନ୍ୟ ପଟକୁ ସହଜରେ ପ୍ରବେଶ କରିଯାଉଥିଲେ ସୁଦ୍ଧା ଅନ୍ୟ ପଦାର୍ଥ ଅତିକ୍ରମ କରିଯାଇପାରେ ନାହିଁ। ସୁତରାଂ ଏହି ପଦାର୍ଥକୁ ଅଗାମୀ ଦିନରେ ପାଣି ଛାଣିବା ଯନ୍ତ୍ରରେ ପର୍ଦ୍ଦା ରୂପେ



ବ୍ୟବହାର କରାଯିବାର ବିପୁଳ ସମ୍ଭାବନା ରହିଛି। ଏହା ମଧ୍ୟ ଅତି ନରମ ଏବଂ ଏହାର ଚାଦରକୁ ଅତି ସହଜରେ ମୋଡା ଯାଇପାରେ। ଏହାର ବ୍ୟବହାର ଦ୍ୱାରା ଆମେ ଆଗାମୀ ଦିନରେ କାଗଜ ଭଳି ମୋଡି ହୋଇ ପାରୁଥିବା ମୋବାଇଲ ଫୋନ୍, କମ୍ପ୍ୟୁଟର ଟାବ୍ଲେଟ୍, ଲାପଟପ୍ ଇତ୍ୟାଦି ଉପକରଣ ଦେଖିବାକୁ ପାଇବା।



ବିଦ୍ୟୁତ ଓ ତାପର ସୁପରିବାହୀ ହେତୁ ଏହାକୁ ବୈଦ୍ୟୁତିକ ଯନ୍ତ୍ରାବଳିରେ ପ୍ରୟୋଗ କରାଯିବାର ବିପୁଳ ସମ୍ଭାବନ ରହିଛି। ଏହାର ପ୍ରୟୋଗ ଦ୍ୱାରା ଏପରି ବ୍ୟାଟେରି ବିକଶିତ ହୋଇପାରିବ ଯାହା ଅତି କମ୍ ସମୟ ମଧ୍ୟରେ ଆମ ସ୍ମାର୍ଟ ଫୋନ୍‌କୁ ଚାର୍ଜ କରିପାରିବ। ଏହାଦ୍ୱାରା ଏହି ସବୁ ଉପକରଣର ରକ୍ଷଣାବେକ୍ଷଣ ସହଜ ହେବା ସାଙ୍ଗକୁ ଏସବୁର ଗୁଣବତ୍ତା ଓ କାର୍ଯ୍ୟଦକ୍ଷତା ବହୁଗୁଣରେ ବୃଦ୍ଧି ପାଇବ। ଏହାକୁ ମଧ୍ୟ ବ୍ୟବହାର କରି ସୌର ରଶ୍ମିକୁ ଅବଶୋଷଣ ପୂର୍ବକ ସୌର ପ୍ୟାନେଲ ସଦୃଶ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିହେବ। ଏହା ଅତି ହାଲୁକା ହୋଇଥିବାରୁ ଏହାକୁ ବ୍ୟବହାର କରି ସୁଉଚ୍ଚ ନିଶୁଣି ନିର୍ମାଣ କରିହେବ, ଯାହା ସାହାଯ୍ୟରେ ଆମେ ଅନ୍ତରୀକ୍ଷକୁ ଯାତ୍ରା କରିପାରିବା। ଏହାର ବ୍ୟବହାର ଦ୍ୱାରା ମଧ୍ୟ ଅତି ହାଲୁକା ବିମାନ କିମ୍ବା ଅନ୍ତରୀକ୍ଷ ଯାନ ନିର୍ମାଣ କରିହେବ।

**ଆବିଷ୍କାର**

ଗ୍ରାଫିନ୍‌ର ଅସ୍ତିତ୍ୱ ବହୁ ପୂର୍ବରୁ ଜଣାଥିଲେ ସୁଦ୍ଧା ଏହାକୁ ସର୍ବପ୍ରଥମେ ଇଂଲଣ୍ଡର ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଦୁଇ ଜଣ ବୈଜ୍ଞାନିକ ଆଣ୍ଡ୍ରେ ଜିମ୍ ଓ କନ୍‌ଷ୍ଟାଣ୍ଟିନ୍ ନୋଭୋସେଲୋଭ୍( Andre Geim and Konstantin Novoselov) ୨୦୦୪ ଖ୍ରୀଷ୍ଟାବ୍ଦରେ ଆବିଷ୍କାର କରିଥିଲେ। ସେମାନେ ଏକ ସାଧାରଣ ଅଠାଫିତା ବ୍ୟବହାର କରି ଗ୍ରାଫାଇଟ୍ ଖଣ୍ଡରୁ ଗୋଟିକପରେ ଗୋଟିଏ ସ୍ତର ଟାଣି ଗ୍ରାଫିନ୍‌କୁ ପୃଥକୀକରଣ କରିଥିଲେ। ଏହି ପଦ୍ଧତିକୁ ସାଧାରଣତଃ ସ୍କଚ୍ ଟେପ୍ (Scotch Tape) ପଦ୍ଧତି କୁହାଯାଏ। ଏହି ମହତ୍ତ୍ୱପୂର୍ଣ୍ଣ ଆବିଷ୍କାର ପାଇଁ ପରବର୍ତ୍ତୀ ୨୦୧୦ ଖ୍ରୀଷ୍ଟାବ୍ଦରେ ଏହି ଦୁଇ ଜଣ ବୈଜ୍ଞାନିକଙ୍କୁ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ପରଠାରୁ ଅତି ଉଚ୍ଚମାନର ଗ୍ରାଫିନକୁ ସହଜରେ ପ୍ରସ୍ତୁତ କରିହେଲା।

ମାତ୍ର ଅବସୋସର ବିଷୟ ଯେ, ଗ୍ରାଫିନ୍ ଆବିଷ୍କାରର ପ୍ରାୟ ୧୮ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଆମ ଦୈନନ୍ଦିନ ଜୀବନରେ ଏହା ବହୁଳ ରୂପେ ପ୍ରବେଶ କରିପାରି ନାହିଁ। ଏହାର କାରଣ ହେଉଛି, ଗ୍ରାଫିନ୍‌ର ଉତ୍ପାଦନ ଏବେ କେବଳ ଅତି ସ୍ୱଳ୍ପ ପରିମାଣରେ ଗବେଷଣାଗାର ମଧ୍ୟରେ ସୀମିତ ଅଛି; ଏହାକୁ ଶିଳ୍ପ କ୍ଷେତ୍ରରେ ଆମର ଆବଶ୍ୟକ ମୁତାବକ ବହୁଳ ଉତ୍ପାଦନ କରିବା ସମ୍ଭବ ହୋଇନାହିଁ। ତେବେ ଆଗାମୀ ଦିନରେ ବିଜ୍ଞାନ ଓ ପ୍ରଯୁକ୍ତିର ଉନ୍ନତି ଦ୍ୱାରା ଆମେ ଯେ ଆମ ଦୈନନ୍ଦିନ ଜୀବନରେ ଏହି ବିସ୍ମୟ ପଦାର୍ଥ ଗ୍ରାଫିନ୍‌ର ବହୁଳ ବ୍ୟବହାର ଦେଖିବାକୁ ପାଇବା, ଏଥିରେ ସନ୍ଦେହ ନାହିଁ।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

## ଅଧିକ ଚା ପିଉଥିଲେ..



ଯଦି ଆପଣ ଆବଶ୍ୟକତାଠାରୁ ଅଧିକ ଚା ପିଉଛନ୍ତି ତେବେ ଏପରି ଅଭ୍ୟାସଠାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖନ୍ତୁ। କାରଣ ଭବିଷ୍ୟତରେ ଏଭଳି ଅଭ୍ୟାସ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏ ସମ୍ପର୍କରେ ସର୍ଭେ କରି ଏକଥା ଜାଣିପାରିଛନ୍ତି। ସବୁଠାରୁ ଖାସ୍ କଥା ହେଲା ଅଧିକ ଚା ପିଇଲେ ତାହାର ପ୍ରଭାବ ନିଦ୍ରା ଉପରେ ପଡିଥାଏ। ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତି ଭଲ ଭାବରେ ଶୋଇ ପାରନ୍ତି ନାହିଁ। ଅନ୍ୟପକ୍ଷରେ ଏହାଦ୍ୱାରା ଦାନ୍ତ ଉପରେ ହଳଦିଆ ରଙ୍ଗର ଏକ ଆସ୍ତରଣ ପଡ଼ିଯାଏ। ଚା'ରେ କୈଫିନ୍ ଟେନିନ୍ ନାମକ ଏକ ତତ୍ତ୍ୱ ରହିଛି, ଯାହା ଏସିଡିଟିର ମାତ୍ରାକୁ ବଢ଼ାଇଦିଏ। ଫଳରେ ପେଟଜନିତ ସମସ୍ୟା ଦେଖାଯିବାର ଆଶଙ୍କା ମଧ୍ୟ ରହିଛି। ପ୍ରତିଦିନ ଆବଶ୍ୟକତାଠାରୁ ଅଧିକ ଚା ପିଉଥିବା କେତେକ ବ୍ୟକ୍ତିଙ୍କ ଦୈନନ୍ଦିନ ଜୀବନଶୈଳୀକୁ ଭଲ ଭାବରେ ତର୍ଜମା କରିବା ପରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିପାରିଥିଲେ।

## ଦାନ୍ତ ବିନ୍ଧା ଓ କୋଷ



ଦାନ୍ତ ବିନ୍ଧାର ସେଲ୍ ବା କୋଷ ସହ ସମ୍ପର୍କ ରହିଛି। 'ଦାନ୍ତ ବିନ୍ଧା ଓ ସେଲ୍' ଶୀର୍ଷକ ବିଷୟକୁ ନେଇ ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣାରୁ ଏ କଥା ଜାଣିପାରିଛନ୍ତି। ଏହି ସମୟରେ ସେମାନେ 'ଆମେଲୋବ୍ଲାଷ୍ଟ' ନାମକ ଏକ କୋଷକୁ ଠାବ କରିଥିଲେ। ଉକ୍ତ କୋଷ ଭିତରେ ଥିବା ପ୍ରେଟ୍ରୋଷ୍ଟିଲିବେନ୍ ଏବଂ ବ୍ଲୁ ବେରିକ ନାମକ ତତ୍ତ୍ୱ ବଢ଼ିଗଲେ ଥଣ୍ଡା ଯୋଗୁ ଦାନ୍ତମୂଳ ବିନ୍ଧିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦାନ୍ତ ବିନ୍ଧା ପଛରେ ଥିବା ଅନ୍ୟ କାରଣଗୁଡ଼ିକୁ ଜାଣିବା ପାଇଁ ସେମାନେ ଏହି ଗବେଷଣା କରିଥିଲେ। କେବଳ ସେତିକି ନୁହେଁ, ଦାନ୍ତ ବିନ୍ଧା ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କର ସେଲ୍‌କୁ ତନ୍ନ ତନ୍ନ କରି ପରୀକ୍ଷା ମଧ୍ୟ କରାଯାଇଥିଲା। ଏପରି ସମସ୍ୟା ବିଷୟରେ ଜାଣିବାକୁ ପାଇଲେ ତାହାକୁ ଅବହେଳା କରିବା ଆଦୌ ଠିକ୍ ନୁହେଁ। ଲକ୍ଷଣ ଜାଣିବା ମାତ୍ରେ ଅଭିଜ୍ଞ ଦନ୍ତ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

## ସନ୍ତୁଳିତ ରହିବ କୋଲେଷ୍ଟରଲ ପରିମାଣ

ଆମ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ଏହାକୁ ସନ୍ତୁଳିତ ରଖିବାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଅଧିକ ସାମିଲ କରନ୍ତୁ। ଏହା ଆମ ଶରୀରରେ ଲାଲ ରକ୍ତ କୋଷିକା ଗଠନରେ ସାହାଯ୍ୟ କରିଥାଏ। ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ତା'ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଆମ ଶରୀରରେ ପିଟ୍ୟୁଟାରୀ ଗ୍ରନ୍ଥି ଏବଂ ଥାଏରଏଡ୍ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।



## ବ୍ୟବହାରକୁ ପ୍ରଭାବିତ କରେ ଭିଡିଓ ଗେମ୍

ଆଜିକାଲି କେବଳ ଛୋଟପିଲା ନୁହନ୍ତି ଯୁବପିଢ଼ି ଭିଡିଓ ଗେମ୍ ଖେଳୁଛନ୍ତି। କେତେକେ ଏହାକୁ ଏକ ଅଭ୍ୟାସରେ ପରିଣତ କରିସାରିଛନ୍ତି। ଭିଡିଓଗେମ୍ ଖେଳିବାରୁ ମୁକୁଳିବା ପ୍ରାୟ କଷ୍ଟକର। ତେବେ ଏହାଦ୍ୱାରା ସେମାନଙ୍କର ବ୍ୟବହାର ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ପ୍ରାୟ ନିୟମିତ ଅଧିକ ସମୟ ଭିଡିଓଗେମ୍ ଖେଳୁଥିବା କିଛି ପିଲାଙ୍କର ଜୀବନଶୈଳୀକୁ ସର୍ଭେ ସମୟରେ ତର୍ଜମା କରାଯାଇଥିଲା। ଏହି ସମୟରେ ସେମାନଙ୍କର କଥାବାର୍ତ୍ତା ଶୈଳୀ, ବ୍ୟବହାର କିପରି ରହୁଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରିଥିଲେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ସର୍ଭେ ପରିସରଭୁକ୍ତ ପିଲାମାନଙ୍କ ମଧ୍ୟରୁ ଅଧିକାଂଶ ପିଲାଙ୍କର ବ୍ୟବହାରରେ ପରିବର୍ତ୍ତନ ସେମାନେ ଦେଖିବାକୁ ପାଇଥିଲେ। ଏହାପଛରେ ଆବଶ୍ୟକତାଠାରୁ ଅଧିକ ସମୟ ଭିଡିଓଗେମ ଖେଳିବା ଦାୟୀ ବୋଲି ଏହି ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି।



## ବ୍ରେକ୍‌ଫାଷ୍ଟ

ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆ-ଏହା ଶରୀର ପାଇଁ କେତେକ ଉପକାରୀ ତାହା କହିବା ଅନାବଶ୍ୟକ। ତେବେ କେତେକ ବ୍ୟସ୍ତତା କାରଣରୁ ଏହାକୁ ଖାଇପାରି ନ ଥାନ୍ତି। ପ୍ରତିଦିନ ବ୍ରେକ୍‌ଫାଷ୍ଟ ସମୟ ନିର୍ଦ୍ଧାରଣ କରନ୍ତୁ। ସବୁବେଳେ ଯେମିତି ସେହି ସମୟରେ ବ୍ରେକ୍‌ଫାଷ୍ଟ କରିବେ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସବୁବେଳେ ହାଲକା ଖାଦ୍ୟ ହିଁ ଏହି ତାଲିକାରେ ସାମିଲ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଟଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍



ପିଅନ୍ତୁ। ବ୍ରେକଫାଷ୍ଟରେ କଦାପି ତେଲଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ, ତା' ସହ ମନରେ ସକାରାତ୍ମକ ଭାବନା ସୃଷ୍ଟି କରିବ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ ଏହାର କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଟଟକା ଫଳମୂଳ ଖାଆନ୍ତୁ। ଏହି ତାଲିକାରେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ଟଟକା ଫଳମୂଳ ବ୍ୟତୀତ ବ୍ରେଡ, ବିସ୍କୁଟ ବି ଖାଇପାରିବେ।

## ସୁସ୍ଥ କିଡ୍‌ନୀ ପାଇଁ...

ଆମ ଶରୀରର ଅନ୍ୟତମ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରଭାବିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। ହେଲେ, ଏଥିରେ କିଛି ସମସ୍ୟା ଦେଖାଗଲେ ତାହା ପରବର୍ତ୍ତୀ ସମୟରେ ଗମ୍ଭୀର ଆକାର ଧାରଣ କରିଥାଏ। ତେଣୁ କିଡ୍‌ନୀ ସମସ୍ୟାର ଲକ୍ଷଣ ଏବଂ ସେଥିପ୍ରତି କିପରି ସତର୍କ ରହିବେ ସେ ବିଷୟରେ ଜାଣିବା ନିହାତି ଦରକାର। ସୁସ୍ଥ କିଡ୍‌ନୀ ପାଇଁ ଆମକୁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ଶ୍ୱାସକ୍ରିୟାରେ ବାଧା ଉପୁଜେ। ତେଣୁ କିଡ୍‌ନୀକୁ ସୁସ୍ଥ



ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଇବା ଆବଶ୍ୟକ। କିଡ୍‌ନୀଜନିତ ରୋଗ ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଘିଅ, କ୍ଷୀର, ମାଛ, ମାଂସ, ପନିର, ସୋୟାବିନ୍ ଆଦିରେ ପ୍ରୋଟିନ୍ ଅଧିକ ଥାଏ। ଏହାକୁ ଖାଦ୍ୟ ତାଲିକାରେ ସାମିଲ୍ କରନ୍ତୁ। ନିଶାଦ୍ରବ୍ୟ ସେବନ ଅଭ୍ୟାସ ତ୍ୟାଗ କରନ୍ତୁ। କିଡ୍‌ନୀଜନିତ ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ଦୈନନ୍ଦିନ ଖାଦ୍ୟ ତାଲିକାରେ ଗାଜର ସାମିଲ କରନ୍ତୁ। ଏଥିରେ ପ୍ରଚୁର ଭିଟାମିନ ଭରି ରହିଛି। ଏହା ଚର୍ମକୁ ସତେଜ ରଖେ ଏବଂ କେଶ ଝଡ଼ିବାକୁ ଦେଇ ନଥାଏ।
- କଦାପି ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ । କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ଥିଲେ ପ୍ରଥମେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ସେ ରୋଗକୁ ଅନୁଧ୍ୟାନ କରି ଲେଖିଥିବା ଔଷଧ ହିଁ ଖାଆନ୍ତୁ।
- ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ।
- ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମହୁ ମିଶାଇ ପିଅନ୍ତୁ। ବିଶେଷ ଭାବରେ ଏହା ଥଣ୍ଡାରୁ ଉପଶମ ଦେଇଥାଏ।
- ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। କାରଣ ଏହା ନିଜକୁ ସୁସ୍ଥ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ।
- ଲୋଭର ବଶବର୍ତ୍ତୀ ହୋଇ କେତେକ ବାସି ଖାଦ୍ୟ ଖାଇଥାଆନ୍ତି। ଏଭଳି ଅଭ୍ୟାସରେ ପରିବର୍ତ୍ତନ ଆଣନ୍ତୁ। କାରଣ ବାସୀ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ। ଏହା ବେଳେବେଳେ ଏଭଳି ପେଟଜନିତ ସମସ୍ୟା ସୃଷ୍ଟି କରିଥାଏ ଯେଉଁଥିପାଇଁ ହସପିଟାଲ୍‌ରେ ଆଡମିଶନ ନେଇ ଚିକିତ୍ସିତ ହେବାକୁ ପଡ଼ିପାରେ।
- ଖାଇବା ସମୟରେ ଟିଭି ଦେଖନ୍ତୁ ନାହିଁ। କାରଣ ଏହାଦ୍ୱାରା ଏକାଗ୍ରତା ଭଙ୍ଗ ହେବା ସହ ଶାନ୍ତ ମନରେ ଖାଦ୍ୟ ଖାଇ ହୋଇ ନ ଥାଏ।



## ପ୍ରଥମ ଟେଷ୍ଟରେ ଭାରତର ବୃହତ୍ ବିଜୟ

**ଚଟ୍ଟୋଗ୍ରାମ,୧୮।୧୨(ପି.ଟି.)**

ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚକୁ ୧୮୮ ରନର ବୃହତ୍ ବ୍ୟବଧାନରେ ଜିତି ନେଇଛି ଭାରତ। ୫୧୩ ରନ ବିଶାଳ ଲକ୍ଷ୍ୟର ପିଛା କରୁଥିବା ବାଂଲାଦେଶ ୩୨୪ରନରେ ଅଲଆଉଟ ହେବା ସହିତ ଭାରତ ବିଜୟୀ ହୋଇଥିଲା। ଏହି ବିଜୟ ସହିତ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ପରାଜିତ ହେବା ସହିତ ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଦକ୍ଷିଣ ଆଫ୍ରିକା ତୃତୀୟ ସ୍ଥାନକୁ ଖସି ଆସିଛି। ଚତୁର୍ଥ ଦିନର

### ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନ

ଅସମାପ୍ତ ସ୍କୋର ୨୭୨/୬ରୁ ବାଂଲାଦେଶ ଖେଳ ଆରମ୍ଭ କରିଥିଲା। କୁଲଦୀପ ଯାଦବ ନିଜ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଥିବା ବେଳେ ଭାରତ ୧୮୮ ରନରେ ମ୍ୟାଚ ଜିତି ନେଇଥିଲା। ଭାରତ ପକ୍ଷରୁ ଅକ୍ଷର ପଟେଲ ୪ ଓ କୁଲଦୀପ ଯାଦବ ୩ ଉଇକେଟ ନେଇଥିଲେ। ବାଂଲାଦେଶ ପାଇଁ ଶାକିବ ଅଲ ହସନ ୮୪ ରନର ଲଢୁଆ ଇନିଂସ ଖେଳିଥିଲେ। ୧୦୮ ବଲ୍ ଖେଳି ସେ ୬ଟି ଲେଖାଏ ଛକା ଓ ଚୌକା ସହ ଏକାକୀ ଲଢେଇ ଜାରି ରଖିଥିଲେ। କୁଲଦୀପ ଯାଦବଙ୍କ ବଲରେ ସେ ଆଉଟ ହେବା ପରେ ଘରୋଇ ଦଳ ୪ ରନ୍ ମଧ୍ୟରେ ବାକି ଦୁଇ ଉଇକେଟ ହରାଇଥିଲା।

ପ୍ରଥମ ଇନିଂସରେ ଭାରତ ୩ ଅର୍ଦ୍ଧଶତକ ସହ ୪୦୪ ରନ୍ କରିଥିବା ବେଳେ କୁଲଦୀପ ଯାଦବଙ୍କ ୫ ଉଇକେଟ ସଫଳତା ବଳରେ ବାଂଲାଦେଶ ୧୫୦ ରନରେ ଅଲଆଉଟ ହୋଇଥିଲା। ଦ୍ୱିତୀୟ ଇନିଂସରେ ଶୁବମାନ ଗିଲ୍ ଓ ଚେତେଶ୍ୱର ପୂଜାରାଙ୍କ ଶତକ ବଳରେ ଭାରତ ୨୫୮/୨ ରେ ଇନିଂସ ଘୋଷଣା କରିଥିଲା। ପଦାର୍ପଣକାରୀ ଜାକିର ହସନଙ୍କ ଶତକ ବଳରେ ବାଂଲାଦେଶ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ୩୨୪ ରନରେ ଅଲଆଉଟ ହୋଇଥିଲା। କୁଲଦୀପ ଯାଦବଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।


ଉଇକେଟ ନେବା ପରେ କୁଲଦୀପ ଯାଦବଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୪୦୪/୧୦ ବାଂଲାଦେଶ ପ୍ରଥମ ଇନିଂସ ୧୫୦/୧୦। ଭାରତ ଦ୍ୱିତୀୟ ଇନିଂସ- ୬୧.୪ ଓଭରରେ ୨୫୮/୨ (ଶୁବମାନ ଗିଲ-୧୧୦, ଚେତେଶ୍ୱର ପୂଜାରା-୧୦୨*, ଲୋକେଶ ରାହୁଲ-୨୩, ଖାଲେଦ ଅହମଦ-୧/୫୨, ମେହିଦୀ ହସନ ମିରାଜ-୧/୮୧)। ବାଂଲାଦେଶ ଦ୍ୱିତୀୟ ଇନିଂସ: ୧୧୩.୨ ଓଭରରେ ୩୨୪/୧୦ (ଜାକିର ହସନ-୧୦୦, ଶାକିବ ଅଲ ହସନ-୮୪, ନଜମୋଲ ହୋସେନ୍ ଶନ୍ତୋ-୬୭, ଅକ୍ଷର ପଟେଲ-୪/୭୭, କୁଲଦୀପ ଯାଦବ-୩/୭୩, ଉମେଶ ଯାଦବ-୧/୨୭)।

## ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ଟେଷ୍ଟ ଦୁଇ ଦିନରେ ଶେଷ

**ବ୍ରିସ୍‌ବେନ, ୧୮।୧୨ (ଏପି)**

ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟ ଦୁଇ ଦିନରେ ଶେଷ ହୋଇଛି। ଗାବାଠାରେ ଅନୁଷ୍ଠିତ ଏହି ମ୍ୟାଚରେ ଦୁଇ ଦିନ ଭିତରେ ୩୪ ଉଇକେଟର ପତନ ଘଟିଛି। ଅଷ୍ଟ୍ରେଲିଆ ୬ ଉଇକେଟରେ ବିଜୟ ଲାଭ କରି ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ଗାବାର ପିଚ୍ ବୋଲରମାନଙ୍କୁ ଖୁବ୍ ସୁହାଇଥିଲା। ପ୍ରଥମ ଦିବସ ଭଳି ରବିବାର ଦ୍ୱିତୀୟ ଦିବସରେ ଉଇକେଟ ପରେ ଉଇକେଟ ପତନ ଘଟିବାରେ ଲଗିଥିଲା। ପୂର୍ବଦିନର ଅସମାପ୍ତ ସ୍କୋର ୧୪୫/୫ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଦିବସ ଖେଳ ମଧ୍ୟାହ୍ନଭୋଜନ ପୂର୍ବରୁ ୨୧୮ ରନରେ ଅଲଆଉଟ ହୋଇଯାଇଥିଲା। ଏଥିସହିତ ଦଳ ପ୍ରଥମ ଇନିଂସରେ ୯୯ରନର ଅଗ୍ରଣୀ ଲାଭ କରିଥିଲା। ପ୍ୟାଟ୍ କୁମିନ୍ସ ୫ ଉଇକେଟ ଅକ୍ତିଆରେ କରିଥିଲେ। ମ୍ୟାଚ ଯେପରି ଭାବେ ଗତି କରୁଥିଲା ମାତ୍ର ୩୪ରନର ବିଜୟ ଲକ୍ଷ୍ୟ ହାସଲ କରିବା ଲାଗି ଅଷ୍ଟ୍ରେଲିଆକୁ ୪ ଉଇକେଟ ହରାଇବାକୁ ପଡ଼ିଥିଲା। ମାର୍ନସ ଲାବୁସେନ ଓ କାମେରନ ଗ୍ରୀନ୍ ୮ମ ଓଭରର ଅନ୍ତିମ ବଲ୍‌ରେ ମ୍ୟାଚର ପରିମାପ୍ତି ଘଟାଇଥିଲେ। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ପତନ ଘଟିଥିବା ସମସ୍ତ ୪ ଉଇକେଟ କାଗିସୋ ରାବାଡା ନେଇଥିଲେ। ଉସ୍‌ମାନ ଖ୍ୱାଜା-୨, ଡେଭିଡ୍ ୱାର୍ନର-୩, ଷ୍ଟିଭେନ୍ ସ୍ମିଥ୍-୬ ଏବଂ ଟ୍ରାଭିସ୍ ହେଡ୍ ବିନା ରନରେ ପ୍ୟାଭିଲିୟନକୁ ଫେରିଥିଲେ। ଟ୍ରାଭିସ ହେଡ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲ। ଅଷ୍ଟ୍ରେଲିଆର ପ୍ରଥମ ଇନିଂସରେ ସେ ୯୨ ରନ ସଂଗ୍ରହ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୨। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୦.୩ ଓଭରରେ ୨୧୮ (ଟ୍ରାଭିସ୍ ହେଡ୍-୯୨, ଷ୍ଟିଭେନ ସ୍ମିଥ୍-୩୬; କାଗିସୋ ରାବାଡ଼ା-୪/୭୬, ମାର୍କୋ ଜାନ୍‌ସେନ୍-୩/୩୨)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୩୭.୪ ଓଭରରେ ୯୯ (ଖାୟା ଜୋଣ୍ଡୋ-୩୬ ; ପ୍ୟାଟ୍ କୁମିନ୍ସ-୫/୪୨, ସ୍କଟ ବୋଲାଣ୍ଡ-୨/୧୪, ମିଚେଲ ଷ୍ଟାର୍କ-୨/୨୬)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୭.୫ ଓଭରରେ ୩୫/୪ (କାଗିସୋ ରାବାଡା-୪/୧୩)।

## ସୌମ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୧୮।୧୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ପିପିଲିସ୍ଥିତ ମା' ଉତ୍ତରେଶ୍ୱରୀ ମନ୍ଦିର ହଲ୍‌ରେ ଆୟୋଜିତ ୫ମ ରାଜ୍ୟ ଓପନ୍ ରାପିଡ ଚେସ୍ ଟୁର୍ନାମେଣ୍ଟରେ ଟପ୍ ସିଡ୍ ଫିଡେମାଷ୍ଟର ସୌମ୍ୟରଞ୍ଜନ


ସୌମ୍ୟରଞ୍ଜନ ମିଶ୍ର

ମିଶ୍ର ଚାମ୍ପିୟନ ହୋଇଛନ୍ତି। ୬ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୬ ପଏଣ୍ଟ ପାଇଛନ୍ତି। ସୌମ୍ୟଙ୍କର ଏହା ୭୭ତମ ଓପନ ଟାଇଟଲ। ସଞ୍ଜୀବନ ନାୟକ ରନରଅପ୍ ହୋଇଥିବାବେଳେ ହର୍ଷିତ ରଞ୍ଜନ ସାହୁ, ରାଜେନ୍ଦ୍ର କୁମାର ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ରବୀନ୍ଦ୍ର ଓଝା, ସାହାନା ଲେଙ୍କା, ମାନସ ପରିଡ଼ା, ମାନସ ସିଂ ଓ ଅବିନାଶ ବଳିୟାରସିଂ ଟପ୍-୧୦ ଫିନିଶ୍ କରିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧ ଓ ୧୩ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବନିତା ଭୋଇ ଶ୍ରେଷ୍ଠ ମହିଳା ପ୍ରତିଯୋଗୀ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାର ସର୍ବକନିଷ୍ଠ ପ୍ରତିଯୋଗୀ ଥିଲେ ଲୋହିତାକ୍ଷ ପରିଡ଼ା (୫ ବର୍ଷ)। ବିଧାୟକ ରୁଦ୍ର ପ୍ରତାପ ମହାରଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ପ୍ରତିଯୋଗିତାର ସହଆୟୋଜକ ମା' ଉତ୍ତରେଶ୍ୱରୀ କ୍ଲବର ସମ୍ପାଦକ ମନୋରଞ୍ଜନ ପରିଡ଼ା ଓ ସଭାପତି ସୁଜିତ୍ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଜ୍ଞାନ ରଞ୍ଜନ ପ୍ରଧାନ ଓ ସୁବାସ ପରିଡ଼ା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

**ଭୁବନେଶ୍ୱର, ୧୮।୧୨ (କ୍ରୀଡ଼ା ପ୍ରତିନିଧି)**

ବନଦୁର୍ଗା କଲ୍‌ଚରାଲ ୟୁଥ୍ ଆସୋସିଏଶନ ଏବଂ ଜେନ୍-ନେଷ୍ଟ ୟୁଥ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୬ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ରବିବାର ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୧୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ଭୁବନେଶ୍ୱରରୁ ୮ଟି, କଟକରୁ ୬ଟି ଏବଂ ଖୋର୍ଦ୍ଧା, ସମ୍ବଲପୁର, ଝାରସୁଗୁଡ଼ା ଓ କେନ୍ଦୁଝରରୁ ଗୋଟିଏ ଲେଖାଏ ଦଳ ସାମିଲ। 'ଓଡ଼ିଶା ମୋ ପରିବାର'ର ଆବାହକ ଅରୂପ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ କର୍ପୋରେଟର ଶ୍ରୀଧର ବେହେରା ଓ ପୁଷ୍ପା ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବନଦୁର୍ଗା କଲ୍‌ଚରାଲ ୟୁଥ୍ ଆସୋସିଏଶନ ସମ୍ପାଦକ ଏ. ମଧୁସୂଦନ ରେଡ୍ଡୀ ଏବଂ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ଓ କ୍ରୀଡ଼ା ସମ୍ପାଦକ ତନ୍ମୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ